# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୮/୨୦୨୩ (୧୮ ପୃଷ୍ଠା) | Bhubaneswar, Friday, December 8/2023 | Page 18 | ₹ 7.00

୫୦ଶ ଭାଗ ୧୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 15 | ମୂଲ୍ୟ ₹୭/-



DSPL-446

## EMPOWERING FUTURE OF YOUTH WITH

# NUA Odisha

*Nutana Unnata Abhilasha*



- MoU with NIOS for **12th Class Certificate for ITI Students**
- Launch of **New Age Skilling Courses**
- MoU with NASSCOM for **Digital Skilling**
- Launch of **Decentralised Skilling Programs in Districts**

**8th December 2023**

**e-SKILLING OPPORTUNITIES FOR 1,00,000 YOUTHS EVERY YEAR**
Online Courses through industry leaders like Microsoft, IBM, Coursera, NASSCOM, etc.

**20,000+ STUDENTS IN ITI TO GET 12TH CLASS CERTIFICATE ANUALLY**
- Along with ITI Certificate students get 12th class pass certificate
- Open avenues for higher education

**DECENTRALISED SKILLING IN 30 DISTRICTS FOR LOCAL YOUTH THROUGHOUT THE YEAR**
Skilling at the doorstep through District Skill Center

**5000+ ITI STUDENTS TO BE UPSKILLED IN NEW AGE TRADES**
Short term courses in addition to regular courses to enhance employability

**WSC SHAKTI**
Creating women leader through Executive MBA Programme & CoE for Girl Students

REGISTER AT

nua.skillodisha.gov.in

#NUAOdisha
#OdishaOnTheMove

OIPR-44011/13/0027/2324



**SKILL DEVELOPMENT AND TECHNICAL EDUCATION DEPARTMENT, GOVT. OF ODISHA**

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ୭୯,୫୬୫ ଆବେଦନ

## ଯାଞ୍ଚ ପ୍ରକ୍ରିୟା ଆରମ୍ଭ

**ଭୁବନେଶ୍ୱର, ୭।୧୨ (ଅସମାପିକା ସାହୁ)**

'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ଅଧୀନ ୧୪ଟି ବିଭାଗରେ ପୁରସ୍କାର ପାଇଁ ଆବେଦନ ପ୍ରକ୍ରିୟା ଶେଷ ହୋଇଛି। ମୋଟ ୭୯,୫୬୫ଜଣ ଆବେଦନ କରିଥିବାବେଳେ ଏହାର ଯାଞ୍ଚ ମଧ୍ୟ ଆରମ୍ଭ ହୋଇଛି। ବିଭିନ୍ନ ସ୍ତରରେ ଯାଞ୍ଚ କରାଯାଇ ବିଭିନ୍ନ ବିଭାଗରେ ଶ୍ରେଷ୍ଠ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନକୁ ପୁରସ୍କାର ଦିଆଯିବ ବୋଲି ଗୁରୁବାର ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗର ସୂଚନାନୁସାରେ, ମାଧ୍ୟମିକ ବିଦ୍ୟାଳୟ ପୁରସ୍କାର ପାଇଁ ମୋଟ ୫,୦୨୫ଟି ବିଦ୍ୟାଳୟ ଆବେଦନ କରିଛନ୍ତି। ପ୍ରଧାନଶିକ୍ଷକ (ମାଧ୍ୟମିକ ବିଦ୍ୟାଳୟ) ପାଇଁ ୪,୩୦୪ ଜଣ ଓ ଶିକ୍ଷକ ପୁରସ୍କାର (ମାଧ୍ୟମିକ ବିଦ୍ୟାଳୟ) ପାଇଁ ୧୪,୨୬୨ ଜଣ ଶିକ୍ଷକ ଆବେଦନ କରିଛନ୍ତି। ପ୍ରାଥମିକ ବିଦ୍ୟାଳୟ ପୁରସ୍କାର ପାଇଁ ୧୦,୦୨୩ଟି ବିଦ୍ୟାଳୟ ଆବେଦନ କରିଥିବାବେଳେ ପ୍ରଧାନଶିକ୍ଷକ(ପ୍ରାଥମିକ ବିଦ୍ୟାଳୟ) ପୁରସ୍କାର ପାଇଁ ୮,୪୫୪ଜଣ ଓ ଶିକ୍ଷକ ପୁରସ୍କାର(ପ୍ରାଥମିକ ବିଦ୍ୟାଳୟ) ନିମନ୍ତେ ସାରା ରାଜ୍ୟରୁ ୩୦,୯୯୯ ଜଣ ଶିକ୍ଷକ ଆବେଦନ କରିଛନ୍ତି। ସେହିପରି ପୁରାତନ ଛାତ୍ରୀଛାତ୍ର କମିଟି ପୁରସ୍କାର ପାଇଁ ବିଭିନ୍ନ ବିଦ୍ୟାଳୟରୁ ମୋଟ ୩,୫୯୫ଟି କମିଟି ଆବେଦନ କରିଛନ୍ତି। ଅନ୍ୟପଟେ ଜିଲା ପୁରସ୍କାର ପାଇଁ ୨୩, ବ୍ଲକ ପୁରସ୍କାର ପାଇଁ ୧୩୮, ଜିଲା ଶିକ୍ଷାଧିକାରୀ ପୁରସ୍କାର ପାଇଁ ୨୪, ବ୍ଲକ୍ ଶିକ୍ଷାଧିକାରୀ ପୁରସ୍କାର ପାଇଁ ୧୦୩, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ(ଡିଆଇଇଟି) ପୁରସ୍କାର ପାଇଁ ୩୦, ଗ୍ରାମପଞ୍ଚାୟତ ପୁରସ୍କାର ପାଇଁ ୧,୨୧୭, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ(ସିଆର୍‌ସିସି) ପୁରସ୍କାର ପାଇଁ ୧,୩୬୮ଟି ଆବେଦନ ଆସିଛି। ବ୍ଲକ, ଜିଲା ଓ ରାଜ୍ୟସ୍ତରୀୟ କମିଟିରେ ଏହି ଆବେଦନର ଯାଞ୍ଚ କରାଯାଇ ବ୍ଲକ, ଜିଲା ଓ ରାଜ୍ୟସ୍ତରୀୟ ପୁରସ୍କାର ପାଇଁ ଚୟନ କରାଯିବ।

ଉଲ୍ଲେଖଯୋଗ୍ୟ, ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ସ୍କୁଲଗୁଡ଼ିକର ମେଧାବୀ ଛାତ୍ରୀଛାତ୍ର, ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଶିକ୍ଷୟିତ୍ରୀ ଶିକ୍ଷକ, ଶିକ୍ଷା ପ୍ରଶାସକ, ଶିକ୍ଷା ବ୍ୟବସ୍ଥା ସହ ଜଡ଼ିତ ଉଲ୍ଲେଖନୀୟ ବ୍ୟକ୍ତିବିଶେଷ ଓ ବିଭିନ୍ନ ଅନୁଷ୍ଠାନକୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର'ରେ ପୁରସ୍କୃତ କରାଯିବ। ରାଜ୍ୟସ୍ତରରେ ୧୯,୪୬୭ଟି ପୁରସ୍କାର ବାବଦରେ ୩୨,୧୭,୨୯,୦୦୦ ଟଙ୍କା ପ୍ରଦାନ କରାଯିବ। ସେହିପରି ଜିଲାସ୍ତରରେ ୪,୬୮୦ଟି ପୁରସ୍କାର ପାଇଁ ୨୪,୫୮,୫୦,୦୦୦ ଟଙ୍କା ପୁରସ୍କାର ରାଶି ଦିଆଯିବ। ବ୍ଲକ୍‌ସ୍ତରରେ ୩୪,୮୫୪ଟି ପୁରସ୍କାର ବାବଦକୁ ୫୯,୯୭,୪୦,୦୦୦ ଟଙ୍କା ପ୍ରଦାନ କରାଯିବ। ମହାନଗର ନିଗମ ସ୍ତରରେ ୫୦ଟି ଓ ସବ୍‌ଡିଭିଜନାଲ ସ୍ତରରେ ୫୮ଟି ପୁରସ୍କାର ପାଇଁ ୧୧,୬୦,୦୦୦ଟଙ୍କାର ପୁରସ୍କାର ରାଶି ଦିଆଯିବ।

# ମା' ତାରିଣୀଙ୍କ ହୁଣ୍ଡି ଗଣତି

## ୧୯ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା, ୮୬ ଗ୍ରାମ୍ ସୁନା ମିଳିଲା

**ଘଟଗାଁ,୭।୧୨ (ରାଜେନ୍ଦ୍ର କୁମାର ପଟ୍ଟନାୟକ)**

କେନ୍ଦୁଝର ଜିଲା ଘଟଗାଁବାସିନୀ ମା' ତାରିଣୀଙ୍କ ହୁଣ୍ଡି ଗୁରୁବାର ଖୋଲାଯାଇ ଗଣତି କରାଯାଇଛି। ବାହାର ଓ ଭିତରେ ଥିବା ମୋଟ ୧୩ ହୁଣ୍ଡିରୁ ୧୯ ଲକ୍ଷ ୬୧ ହଜାର ୪୯୦ ଟଙ୍କା, ୮୬ ଗ୍ରାମ୍ ୧୧୦ ମିଲିଗ୍ରାମ୍ ସୁନା, ୫୭୯ ଗ୍ରାମ ୯୭୦ ଗ୍ରାମ ରୁପା ମିଳିଛି। ମନ୍ଦିରର ବରିଷ୍ଠ କର୍ମଚାରୀ ଅବନୀ ଜେନା, ଶରତ ବେହେରା, ହରେକୃଷ୍ଣ ପଲେଇ, ମହେଶ୍ୱର ସାହୁ, ରଞ୍ଜନ ସାହୁ, ଅରୁଣ ନାୟକ, ଶ୍ରୀକାନ୍ତ ଦେହୁରୀ, ନବୀନ ମହାନ୍ତ, କାଳନ୍ଦୀ ମହାନ୍ତ, ତୁଷାରକାନ୍ତ ରାଉତ, ଲକ୍ଷ୍ମୀଧର ମହାନ୍ତ, ଦେବଦତ୍ତ ବଳ, ସନାତନ ନାଏକ, ତରଣୀସେନ ରାଉତ, ହରିହର ମହାନ୍ତ, ନାରାୟଣ ମୁଖି, ଚନ୍ଦନ ବେହେରା, ଚକ୍ରଧର ନାଏକ, ବିଷ୍ଣୁ ଚରଣ ନାଏକ, ସନିଆ ମୁଖି, ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ପାୟଲ ମଲ୍ଲିକ, ସିପୁନ ସାହୁ ପ୍ରମୁଖ ଉପସ୍ଥିତ ରହି ଗଣତି କରିଥିଲେ। ସମ୍ବଲପୁର ଦେବୋତ୍ତର ବିଭାଗ ଡିଭିଜନାଲ ଇନ୍ସପେକ୍ଟର ଦକ୍ଷିଣ କୁମାର ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ପୋଲିସ ଏଏସ୍‌ଆଇ ଉପେନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

ଅଭିନନ୍ଦନ
ସାରଙ୍ଗଧର ଦାସ ସେବା ସମ୍ମାନ, ଗୋପବନ୍ଧୁ ଦାସ ସେବା ସମ୍ମାନ ଯୁବ ପୁରସ୍କାର, ବିପଦର ବନ୍ଧୁ ସମ୍ମାନରେ ସମ୍ମାନିତ ସମାଜସେବୀ **ଶେଷଦେବ ରାଉତ** ସମ୍ପାଦକ ନିଉ ଇଣ୍ଡିଆ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜରିଆରେ ସାମାଜିକ କାମରେ ଦୀର୍ଘ ୨୭ ବର୍ଷରୁ ଊର୍ଦ୍ଧ୍ୱ ନିଜକୁ ନିୟୋଜିତ କରି ଧରିତ୍ରୀ ଓଡ଼ିଆ ଖବରକାଗଜର ୫୦ ବର୍ଷ ପାଳନ ଅବସରରେ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି।



ଅଭିନନ୍ଦନ
ଧରିତ୍ରୀର ୫୦ବର୍ଷ ପାଳନ ଉପଲକ୍ଷେ ସମସ୍ତ ପାଠକପାଠିକାଙ୍କୁ ଅଭିନନ୍ଦନ। ରାଜ୍ୟ ସରକାରଙ୍କ ସମସ୍ତ ପ୍ରକାର କୃଷକ ଓ କୃଷି ବିକାଶ ଯୋଜନାରେ ଚାଷୀଭାଇମାନେ ସାମିଲ ହୁଅନ୍ତୁ। କୃଷିର ବିକାଶ ହେଉ ଆମ ଅଞ୍ଚଳରେ।
ବ୍ଲକ କୃଷି କାର୍ଯ୍ୟାଳୟ
ସୋରଡ଼ା, ଗଞ୍ଜାମ

ଅଭିନନ୍ଦନ
ଧରିତ୍ରୀର ସ୍ୱନକ୍ଷତ୍ର ଦିବସରେ କେନ୍ଦ୍ରାପଡ଼ା ଜିଲ୍ଲାବାସୀଙ୍କୁ ପ୍ରଣାମ ଓ ଶୁଭେଚ୍ଛା।
ଅଂଶୁମାନ ମହାନ୍ତି
ପୂର୍ବତନ ବିଧାୟକ ତଥା ଜିଲ୍ଲା କଂଗ୍ରେସ ସଭାପତି



pnb
punjab national bank
ਪੰਜਾਬ ਨੈਸ਼ਨਲ ਬੈਂਕ
ଅଭିନନ୍ଦନ
ଧରିତ୍ରୀର ୫୦ ବର୍ଷ ପଦାର୍ପଣ ବର୍ଷରେ ପଟ୍ଟାମୁଣ୍ଡାଇସ୍ଥିତ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ, ପଟ୍ଟାମୁଣ୍ଡାଇ ସମେତ ୩ ବ୍ଲକ ଅଞ୍ଚଳରେ ଥିବା ୩୭ ଗ୍ରାହକ ସହଯୋଗ କେନ୍ଦ୍ରର ହିତାଧିକାରୀଙ୍କୁ ଶୁଭେଚ୍ଛା। ଏହି ବ୍ୟାଙ୍କ ଗ୍ରାହକଙ୍କୁ ଉପଯୁକ୍ତ ସେବା ଯୋଗାଇ ଦେବାକୁ ସର୍ବଦା ପ୍ରତିଶ୍ରୁତିବଦ୍ଧ।





ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଅନେକ ଶୁଭେଚ୍ଛା ଓ ଶୁଭକାମନା।
ଶ୍ରୀମତୀ ଟୁକୁନି ସାହୁ
ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ
ଓଡ଼ିଶା

ଅଭିନନ୍ଦନ
ଧରିତ୍ରୀର ୫୦ ବର୍ଷ ଜୟନ୍ତୀ ଉତ୍ସବ ପାଳନ ଅବସରରେ ଶୁଭେଚ୍ଛା।
ଶ୍ରୀମତୀ ଜୟନ୍ତୀ ପାତ୍ର
ପୌରାଧ୍ୟକ୍ଷା
ଢେଙ୍କାନାଳ ପୌରପରିଷଦ



ଅଭିନନ୍ଦନ
ଧରିତ୍ରୀର ସୁବର୍ଣ୍ଣଜୟନ୍ତୀ ଅବସରରେ ପଟ୍ଟାମୁଣ୍ଡାଇ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା।
ଅଜୟ କୁମାର ବେହେରା
ବିଜେପି, ପଟ୍ଟାମୁଣ୍ଡାଇ



ଧରିତ୍ରୀର ୫୦ ବର୍ଷ ଜୟନ୍ତୀ ଉତ୍ସବ ପାଳନ ଅବସରରେ ଶୁଭେଚ୍ଛା
HONDA
With Best Wishes From
SHREE GANAPATI AUTOMOBILE PVT LTD, DHENKANAL

ଅଭିନନ୍ଦନ
ସହଜ ମାସିକ କିସ୍ତିରେ, ଛାତ ଉପରେ ଲଗାନ୍ତୁ
ସଂପୂର୍ଣ୍ଣ ମାଗଣାରେ ସୂର୍ଯ୍ୟ କିରଣ ସଂଗ୍ରହ କରନ୍ତୁ ଓ ଜୀବନ ସାରା ପାୱାର କଟ୍ ଓ ଇଲେକ୍ଟ୍ରି ବିଲ ରୁ ମୁକ୍ତ ରୁହନ୍ତୁ।
UTL SOLAR
INDIA'S MOST PREFERRED
ଇନ୍‌ଭର୍ଟର ବ୍ୟାଟେରି ସୋଲାର ପ୍ୟାନେଲ
10 Points Before Buying Solar System for Your Home
ALMM APPROVED
For UTL Service +91 8510 885 885
ଶ୍ରୀ ଗଣେଶ ସୋଲାର
ମହିପାଳ, କେନ୍ଦ୍ରାପଡା
Mob : 9438701367 / 8249016034
ଧରିତ୍ରୀର ସୁବର୍ଣ୍ଣଜୟନ୍ତୀ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ

ଧରିତ୍ରୀର ୫୦ ବର୍ଷ ଜୟନ୍ତୀ ଉତ୍ସବ ପାଳନ ଅବସରରେ ଶୁଭେଚ୍ଛା।
PLOT & APARTMENT FOR SALE
DHENKANAL TOWN
Contact:
7504807573
8249485596

ଧରିତ୍ରୀ ଖବରକାଗଜର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଅଗଣିତ ପାଠକ-ପାଠିକାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ARUNA KUMAR PANDA
APR INFRASTRUCTURE, BALIPATANA

WITH BEST COMPLIMENTS FROM :
SHREE JAGANNATH HOSPITAL DHENKANAL
SHREE JAGANNATH HOSPITAL
An ISO 9001-2008 Certified Hospital
GOPABANDHU BAZAR, DHENKANAL, PIN-759013,ODISHA
Mob: 9938305723, 9861737627, Tel./Fax:06762-223358
E-mail:sreejagannath_hospital@yahoo.co.in
FACILITIES AVAILABLE:
- Ultrasound with TV Scan
- ECG (Computerised)
- Pathology (Computerised)
- All type of major operations Obst.& Gynecology Surgery
- Hospitalization Facilities with A/C, Non A/C Cabin
- ICU
- NICU
- 24 hour Ambulance Service

ଧରିତ୍ରୀ
DHARITRI
50 Years
ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୮/୨୦୨୩
Bhubaneswar, Friday, December 8/2023

# ପେଟ୍ରୋଲ ନିଆଁରେ ୩ ବର୍ଷର ଶିଶୁ ଦଗ୍ଧ

## ବରଯାତ୍ରୀଙ୍କ ବାଇକ୍‌ରେ ପେଟ୍ରୋଲ ଭରିବାକୁ ଆସିଥିଲା

- ୩ ଗୁରୁତର, ବିବାହ ବାତିଲ
- ୨ ବଖରା ସହ ଜଳିଗଲା ଟେଣ୍ଟ

ପଟ୍ଟାମୁଣ୍ଡାଇ, ୭।୧୨
(କଳ୍ପତରୁ ନାୟକ)

ବାହାଘର ପାଇଁ ବନ୍ଧୁବାନ୍ଧବ ଆସି ଘରେ ପହଞ୍ଚି ସାରିଥିଲେ। ବରକୁ ନେଇ ବରଯାତ୍ରୀ କନ୍ୟାଘରକୁ ଯିବାକୁ ପ୍ରସ୍ତୁତ ହେଉଥିଲେ। ସମସ୍ତେ ଏଥିପାଇଁ ପ୍ରସ୍ତୁତ ହେଉଥିବା ବେଳେ ଏକ ଅଭାବନୀୟ ଘଟଣା ସବୁ ଓଲଟପାଲଟ କରିଦେଇଥିଲା। ବରଯାତ୍ରୀଙ୍କ ଗାଡ଼ିରେ ପକାଯିବା ପାଇଁ ଆସିଥିବା ପେଟ୍ରୋଲରେ ହଠାତ୍ ନିଆଁ ଲାଗିବା ଓ ଏଥିରେ ଜଣେ ୩ ବର୍ଷର ଶିଶୁ ଜୀବନ୍ତ ଦଗ୍ଧ ହେବା ଘଟଣା ବିବାହ ଉତ୍ସବକୁ ଲୁହରେ ଭିଜାଇ ଦେଇଥିଲା। କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଡ଼ପଡ଼ା ଗ୍ରାମରେ ଗୁରୁବାର ଏହି ଦୁଃଖଦ ଘଟଣା ଘଟିଛି। ସେହି ନିଆଁରେ ଅନ୍ୟ ୩ ଜଣ ଗୁରୁତର ହୋଇଛନ୍ତି। ୨ ବଖରା ଘର ସହ ଟେଣ୍ଟ ମଧ୍ୟ ଜଳିଯାଇଛି। ଏଭଳି ଘଟଣା ପରେ ପରିବାର ପକ୍ଷରୁ ବିବାହକୁ ବାତିଲ କରି ଦିଆଯାଇଛି। କାନ୍ଦ ବୋବାଳିରେ ଗାଁ ଫାଟି ପଡୁଥିବା ବେଳେ ବଡ଼ପଡ଼ା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ବଡ଼ପଡ଼ା ଗ୍ରାମର ରତ୍ନାକର ମଳିକଙ୍କ ବଡ଼ପୁଅ ଜାଗେଶ୍ୱରଙ୍କ ଚଉଦକୁଲାଟ ଅଞ୍ଚଳରେ ବିବାହ ପାଇଁ ଗୁରୁବାର ତିଥି ଧାର୍ଯ୍ୟ ହୋଇଥିଲା। ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିଲା। ବରଯାତ୍ରୀ ବାଇକ୍‌ରେ ଯିବା ପାଇଁ ବର ଘର ପକ୍ଷରୁ ଏକ ପ୍ଲାଷ୍ଟିକ ଜାରରେ ପେଟ୍ରୋଲ ଆଣି ଘରେ ରଖାଯାଇଥିଲା। ବରଯାତ୍ରୀ କନ୍ୟାଘର ଅଭିମୁଖେ ଯିବା ପାଇଁ ପ୍ରସ୍ତୁତ ହୋଇ ସାରିଥିଲେ। ବର ଓ ବରଯାତ୍ରୀ କନ୍ୟାଘର ଅଭିମୁଖେ ବାହାରିବାର ୧୦ ମିନିଟ୍ ପୂର୍ବରୁ ଅଗ୍ନିକାଣ୍ଡ ଘଟିଗଲା। ପେଟ୍ରୋଲକୁ ଲାଗି ଏକ ହେଁସ ରଖାଯାଇଥିଲା। ତାହା ଉପରେ ବିଦ୍ୟୁତ୍ ତାର ଯାଇଥିଲା। ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ନିଆଁ ଝୁଲ ପଡ଼ି ରଖାଯାଇଥିବା ହେଁସ ଉପରେ ପଡ଼ି ପେଟ୍ରୋଲରେ ଲାଗି ଯାଇଥିଲା। ନିମିଷକେ ଏହି ନିଆଁ ଘରର ଚାରି ଆଡେ ବ୍ୟାପୀ ଯାଇଥିଲା। ଘରେ ବନ୍ଧୁ ବାନ୍ଧବ, ସ୍ତ୍ରୀ, ପିଲା, ଭର୍ତ୍ତି ହୋଇ ରହିଥିଲେ। ନିଆଁ ମଧ୍ୟରୁ ପଦାକୁ ବାହାରି ଆସିବା ପାଇଁ ହୋହଲ୍ଲା ହୋଇଥିଲା। ଠେଲାପେଲାରେ ଯିଏ ଯେମିତି ପାରିଲେ ପଦାକୁ ଦୌଡ଼ି ପଳାଇ ଆସିଥିଲେ। ହେଲେ ପିଉସୀ ଘରକୁ ବିବାହ ଉତ୍ସବରେ ଯୋଗ ଦେବାକୁ ଯାଇଥିବା ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ମାଟିଆ ଗ୍ରାମର ଅରବିନ୍ଦ ମଳିକ (ପପୁ)ଙ୍କ ପୁଅ ଗୁଗୁଲ (୩) ଘର ଭିତର ନିଆଁରୁ ବାହାରି ପାରି ନ ଥିଲେ। ଫଳରେ ଗୁଗୁଲୁ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ପୁତୁରା ଗୁଗୁଲକୁ ବଞ୍ଚାଇବାକୁ ଯାଇ ଦାଦା ଶିପୁ ମଳିକ(୧୪) ଗୁରୁତର ଆହତ ହୋଇଛନ୍ତି। ମୃତ ଓ ଆହତଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ☞ପୃଷ୍ଠା-୧୧

## ୧୧ରେ ଆସିବ ୩୭୦ ରାୟ

**ନୂଆଦିଲ୍ଲୀ,୭।୧୨:** ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ଅନୁଚ୍ଛେଦ ୩୭୦ ଉଚ୍ଛେଦ ନିଷ୍ପତ୍ତିର ସାମ୍ବିଧାନିକ ବୈଧତା ସମ୍ପର୍କିତ ରାୟ ଡିସେମ୍ବର ୧୧ରେ ଆସିବ। ୨୦୧୯ ଅଗଷ୍ଟ ୫ରେ କେନ୍ଦ୍ର ସରକାର ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ହଟାଇ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ୨୩ଟି ଆବେଦନ ସୁପ୍ରିମକୋର୍ଟରେ ଦାଖଲ ହୋଇଥିଲା। ୧୬ ଦିନର ମାରାଥନ ଶୁଣାଣି ପରେ ଶୀର୍ଷ ଅଦାଲତ ଗତ ସେପ୍ଟେମ୍ବର ୫ରେ ଏହି ରାୟ ସଂରକ୍ଷିତ ରଖିଥିଲେ। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ସୋମବାର ପ୍ରକାଶ କରିବାକୁ ଥିବା ଏହି ବହୁପ୍ରତୀକ୍ଷିତ ରାୟ ଉପରେ ଦେଶବାସୀଙ୍କ ନଜର ରହିବ।






ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଭାବେ ଗୁରୁବାର ଅନୁମୁଲା ରେଭନ୍ତ ରେଡ୍ଡୀ ଶପଥ ନେଉଛନ୍ତି।

## ୪ ବର୍ଷରେ ବାଘ ଆକ୍ରମଣରେ ୨୯୩ ମୃତ

ନୂଆଦିଲ୍ଲୀ,୭।୧୨

ଦେଶରେ ଗତ ୪ ବର୍ଷ ମଧ୍ୟରେ ବାଘ ଆକ୍ରମଣରେ ୨୯୩ ଜଣଙ୍କ ଜୀବନ ଯାଇଥିବାବେଳେ ହାତୀ ଆକ୍ରମଣରେ ୨,୬୫୭ ଜଣ ପ୍ରାଣ ହରାଇଛନ୍ତି। ରାଜ୍ୟ ସଭାରେ କେନ୍ଦ୍ର ସରକାର ଗୁରୁବାର ଏହି ତଥ୍ୟ ଦେଇଛନ୍ତି। ପରିବେଶ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଏହା କହିଛନ୍ତି। ୨୦୧୮ରେ ବାଘ ଆକ୍ରମଣରେ ୩୧ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୧୯ରେ ୪୯, ୨୦୨୦ରେ ୫୧, ୨୦୨୧ରେ ୫୯ ଏବଂ ୨୦୨୨ରେ ୧୦୩ ଜଣଙ୍କ ମୃତ୍ୟୁ ହୋଇଥିଲା। ସେହିପରି ୨୦୧୮-୧୯ ବର୍ଷରେ ହାତୀ ଆକ୍ରମଣରେ ୪୫୭ ଜଣ ପ୍ରାଣ ହରାଇଥିବାବେଳେ ୨୦୧୯-୨୦ରେ ୫୮୬, ୨୦୨୦-୨୧ରେ ୪୬୪ ଏବଂ ୨୦୨୧-୨୨ରେ ୫୪୫ ଲୋକଙ୍କ ଜୀବନ ଯାଇଛି।

**ଆଜିର ସମ୍ପାଦକୀୟ**
## ପ୍ରାକୃତିକ ଭିତ୍ତିଭୂମି

# ତେଲଙ୍ଗାନାରେ ରେଭନ୍ତ ସରକାର

## କ୍ୟାବିନେଟ୍‌ରେ ୧୧ ମନ୍ତ୍ରୀ ସାମିଲ

ହାଇଦ୍ରାବାଦ,୭।୧୨

ତେଲଙ୍ଗାନା ବିଧାନସଭାରେ କଂଗ୍ରେସକୁ ବଡ଼ ବିଜୟ ପ୍ରଦାନ କରିବାରେ ମୁଖ୍ୟ ଭୂମିକା ନିଭାଇଥିବା ପ୍ରଦେଶ କଂଗ୍ରେସ କମିଟି ସଭାପତି ଅନୁମୁଲା ରେଭନ୍ତ ରେଡ୍ଡୀ ଗୁରୁବାର ରାଜ୍ୟର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ହାଇଦ୍ରାବାଦର ଲାଲ୍‌ବାହାଦୁର ଶାସ୍ତ୍ରୀ ଷ୍ଟାଡ଼ିୟମରେ ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବରେ ରାଜ୍ୟପାଳ ତାମିଲିସାଇ ସୌନ୍ଦରାରାଜନ ରେଭନ୍ତଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କ କ୍ୟାବିନେଟରେ ୧୧ ଜଣ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ମାଲ୍ଲୁ ଭଟ୍ଟି ଭିକରମାର୍କା ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବାବେଳେ ପୂର୍ବତନ ପିସିସି ସଭାପତି ଏନ. ଉତ୍ତମ କୁମାର ରେଡ୍ଡୀ,ଶ୍ରୀଧର ବାବୁ, ପୋନମ ପ୍ରଭାକର, କୋମାଟିରେଡ୍ଡୀ ଭେଙ୍କଟ ରେଡ୍ଡୀ, ଦାମୋଦର ରାଜନରସିଂହା, ପୋଙ୍ଗୁଲେଟି ଶ୍ରୀନିବାସ ରେଡ୍ଡୀ, ଦନା ଅନସୂୟା, ତୁମ୍ମଲା ନାଗେଶ୍ୱର ରାଓ, କୋଣ୍ଡା ସୁରେଖା ଏବଂ ଜୁପାଲି କ୍ରିଷ୍ଣା ରାଓଙ୍କୁ ମନ୍ତ୍ରୀ ☞ପୃଷ୍ଠା-୧୧

# ଅର୍ଜୁନ ମୁଣ୍ଡା ନୂଆ କୃଷିମନ୍ତ୍ରୀ

ନୂଆଦିଲ୍ଲୀ,୭।୧୨



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର, ପ୍ରହ୍ଲାଦ ସିଂ ପଟେଲ ଓ ରେଣୁକା ସିଂ ସରୁତାଙ୍କ ଇସ୍ତଫାକୁ ଗ୍ରହଣ କରିଛନ୍ତି। ଏହି ୩ ଭାଜପା ନେତା ନିକଟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ବିଜୟୀ ହୋଇଛନ୍ତି। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ତୋମାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି କୃଷି ରାଷ୍ଟ୍ରମନ୍ତ୍ରୀ ଶୋଭା କରନ୍ଦଲାଜେଙ୍କୁ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟର ଅତିରିକ୍ତ ଭାର ପ୍ରଦାନ କରାଯାଇଛି। ଆଇଟି ରାଷ୍ଟ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖରଙ୍କୁ ଜଳଶକ୍ତି ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଭାରତୀ ପ୍ରବୀଣ ପାୱାରଙ୍କୁ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ରାଷ୍ଟ୍ରପତି ଭବନ ପକ୍ଷରୁ ପ୍ରକାଶିତ ଏକ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

# ପେନ୍‌କିଲର ମେଫଟାଲର ପାର୍ଶ୍ୱ ପ୍ରତିକ୍ରିୟା, ସତର୍କ କରାଇଲେ ସରକାର

ନୂଆଦିଲ୍ଲୀ,୭।୧୨



ସାଧାରଣତଃ ମହିଳାମାନଙ୍କ ଋତୁସ୍ରାବ ସମୟରେ ଏବଂ ଆଣ୍ଠୁଗଣ୍ଠି ଯନ୍ତ୍ରଣା ଉପଶମ ପାଇଁ ବ୍ୟବହାର ହେଉଥିବା ପେନ୍‌କିଲର 'ମେଫଟାଲ'ର ପ୍ରତିକୂଳ ପ୍ରତିକ୍ରିୟା ରହିଥିବା ନେଇ ଇଣ୍ଡିଆନ୍ ଫାର୍ମାକୋପୋଇଆ କମିଶନ (ଆଇପିସି) ସତର୍କତା ଜାରି କରିଛି। ଉକ୍ତ ଯନ୍ତ୍ରଣା ଉପଶମକାରୀ ଔଷଧର ପ୍ରତିକୂଳ ପ୍ରତିକ୍ରିୟାକୁ ☞ପୃଷ୍ଠା-୧୧



**ଆଜିର ମନ୍ତବ୍ୟ**

"ଭାରତ ଓ ରୁଷିଆ ମଧ୍ୟରେ ଥିବା ସମ୍ପର୍କ ଲଗାତର ସବୁ ଦିଗରେ ବିକଶିତ ହୋଇଚାଲିଛି। ଏହାର ମୁଖ୍ୟ ଗ୍ୟାରେଣ୍ଟି ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି। **-ଭ୍ଲାଡିମିର ପୁଟିନ୍, ରୁଷିଆ ରାଷ୍ଟ୍ରପତି**"

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡାଳି ମାଙ୍କୁଡ଼ି**
**ଏ ଡାଳ ସେ ଡାଳ ଡେଉଁଛି ଖାଲି।**

ସାଧାରଣତଃ ଗାଁ ଗହଳିରେ ଝିଅ ବୋହୂମାନେ ବରଗଛ ଓହଳରେ ଡାଳି ମାଙ୍କୁଡ଼ି ଖେଳ ଖେଳିଥାନ୍ତି। ପରୋକ୍ଷରେ ଚଞ୍ଚଳ ସ୍ୱଭାବ ବିଶିଷ୍ଟା ମହିଳାଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଡାଲି ବଘାରିଲି ରସୁଣ ପକାଇ**
**ବାହାର ଚୁଲିରେ ନେଇ**
**ଯଉବନ ଗଲା ମୁଖ ମଉଳିଲା**
**ପଚାରିବେ କାହିଁ ପାଇଁ।**

ଯୌବନ ଚିରସ୍ଥାୟୀ ହୋଇ ନ ଥାଏ। ଯୌବନାବସ୍ଥା ପରେ ଶରୀର କ୍ରମଶଃ ମଳିନ ପଡ଼ିଯିବା ସହ ବ୍ୟକ୍ତି ନିଜର ପୂର୍ବ ଚମକ ଓ ତେଜ ହରାଇ ବସିଥାଏ। ଏପରି ସ୍ଥିତିରେ ବ୍ୟକ୍ତି ଅନ୍ୟ ଆଖିରେ ନିଜର ଆକର୍ଷଣ ହରାଇ ବସିବା ସହ ଅଲୋଡ଼ା ହୋଇଯାଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ






ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୪,୮୦୪.୩୫ କୋଟିର ୧୯ ପ୍ରକଳ୍ପକୁ ଅନୁମୋଦନ




## ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ

- ସୃଷ୍ଟି ହେବ ୧୭,୫୫୩ ନିଯୁକ୍ତି ସୁଯୋଗ
- କେନ୍ଦ୍ରାପଡ଼ାରେ ସ୍ଥାପନ ହେବ ୨୦୦ କୋଟିର ବୟନଶିଳ୍ପ
- ଢେଙ୍କାନାଳରେ ହେବ ୯୯୧ କୋଟିର ପେଣ୍ଟ(କେମିକାଲ) କାରଖାନା

ଭୁବନେଶ୍ୱର,୭।୧୨(ଅନିଲ ଦାସ)

ରାଜ୍ୟ ସରକାର ୪,୮୦୪.୩୫ କୋଟି ଟଙ୍କାର ୧୯ଟିପ୍ରକଳ୍ପକୁମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହିସବୁ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ରାଜ୍ୟରେ ୧୭,୫୫୩ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଗୁରୁବାର ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି(ଏସ୍ଏଲ୍ଏସ୍ଡବ୍ଲ୍ୟୁସିଏ) ବୈଠକରେ ଏହି ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରାଯାଇଛି। ପୋଷାକ ଓ ବୟନଶିଳ୍ପ, ଇସ୍ପାତ ଡାଉନ୍ଷ୍ଟ୍ରିମ୍, ପେଣ୍ଟ(ରାସାୟନିକ), ପ୍ଲାଷ୍ଟିକ୍, ପ୍ୟାକେଜିଂ/ମେଟାଲ୍ ଡାଉନଷ୍ଟ୍ରିମ୍, ରସାୟନିକ, ଖାଦ୍ୟ ପ୍ରକ୍ରିୟାକରଣ, ପାନୀୟ ଓ ଆନୁଷଙ୍ଗିକ କ୍ଷେତ୍ର, ଇସ୍ପାତ(ଫେରୋ ଆଲୟେଜ୍), ଆଇଟି ଭିତ୍ତିଭୂମି, କୃଷି ପ୍ରକ୍ରିୟାକରଣ, ଅକ୍ଷୟ ଶକ୍ତି ଭଳି ପ୍ରମୁଖ କ୍ଷେତ୍ରରେ ଏହି ପୁଞ୍ଜିନିବେଶ ହେବ। ଏହି ପ୍ରକଳ୍ପ ଅନୁମୋଦନ ହେବା ଫଳରେ ରାଜ୍ୟରେ ପୁଞ୍ଜିନିବେଶ ସ୍ଥିତି ଆହୁରି ସୁଦୃଢ଼ ହୋଇଛି। ୧୦ଟି ଜିଲାରେ ଉକ୍ତ ଶିଳ୍ପଗୁଡ଼ିକ ସ୍ଥାପନ କରିବା ପ୍ରସ୍ତାବ ରହିଛି।

ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲାରେ ୱେଲସ୍ପନ୍ ଲିଭିଂ ଲିମିଟେଡ୍ ୨୦୦ କୋଟି ଟଙ୍କା ବିନିଯୋଗରେ ପୋଷାକ ଓ ବୟନ ଶିଳ୍ପ ସ୍ଥାପନ କରିବ। ଏଥିରେ ୨୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ସହ ଏହା ଆଞ୍ଚଳିକ ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ସହାୟକ ହେବ। ସେହିପରି ଟାଟା ଷ୍ଟିଲ୍ ଡାଉନଷ୍ଟ୍ରିମ୍ ପ୍ରଡକ୍ଟସ୍ ଲିମିଟେଡ୍ ପକ୍ଷରୁ ଯାଜପୁରର କଳିଙ୍ଗ ନଗରରେ ୧୦ ଲକ୍ଷ ମେଟ୍ରିକ୍ ଟନ୍ ଇସ୍ପାତ ସେବା କେନ୍ଦ୍ର ପ୍ରତିଷ୍ଠା କରାଯିବ । ଏଥିରେ ୭୩୫ କୋଟି ଟଙ୍କାର ପୁଞ୍ଜିନିବେଶ ହେବା ସହ ୩୩୫ ସମ୍ଭାବ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରୁଙ୍ଗଟା ପେଣ୍ଟସ୍ ଲିମିଟେଡ ପକ୍ଷରୁ ଢେଙ୍କାନାଳଠାରେ ୯୯୧ କୋଟି ଟଙ୍କା ବିନିଯୋଗରେ ଏକ ପେଣ୍ଟ(କେମିକାଲ) କାରଖାନା ସ୍ଥାପନ ହେବ। ଏଥିରେ ୭୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ।

ସେହିପରି ଯାଜପୁରର କଳିଙ୍ଗ ନଗରରେ ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲୟେଜ୍ ଲିମିଟେଡ୍ ୯୭୭.୪୩ କୋଟି ଟଙ୍କା ବିନିଯୋଗ କରି ୨ଲକ୍ଷ ୨୦ ହଜାର ମେଟ୍ରିକ୍ଟନ୍ ଫେରୋକ୍ରୋମ୍ ଏବଂ ୨୦ ମେଗାୱାଟ୍ ଡବ୍ଲ୍ୟୁଏଚ୍ଆରବି ପାୱାର ପ୍ଲାଣ୍ଟ ସ୍ଥାପନ କରିବ। ଏଥିରେ ୧୧୯୦ ଜଣଙ୍କ ପାଇ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଯାଜପୁରରେ ଜିନ୍ଦଲ ଷ୍ଟେନ୍ଲେସ୍ ଲିମିଟେଡ୍ ୧୫୦ କୋଟି ଟଙ୍କା ବିନିଯୋଗରେ ଇସ୍ପାତ ଶିଳ୍ପ ସ୍ଥାପନ କରିବ। ଏଥିରେ ୩୧୫ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। କେନ୍ଦୁଝରର ବଡବିଲରେ ୫୨,୮୦୦ ମେଟ୍ରିକ୍ ଟନ୍ ଇସ୍ପାତ କାଷ୍ଟିଂ ମିଲ୍ ଓ ରୋଲିଂ ମିଲ୍ ପ୍ରତିଷ୍ଠା ପାଇଁ କ୍ରାକର୍ସ ଇଣ୍ଡିଆ ଆଲୟେଜ୍ ଲିମିଟେଡ୍ ୧୦୧.୫୦ କୋଟି ଟଙ୍କା ବିନିଯୋଗ କରିବ। ଏହି ଇସ୍ପାତ ଶିଳ୍ପରେ ୨୪୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିପରି ସୁନ୍ଦରଗଡ଼ରେ ଏନ୍ଭାଇରୋକେୟାର ଇନ୍ଫ୍ରା ସଲ୍ୟୁଶନ୍ ପ୍ରାଇଭେଟ୍ ଲିମିଟେଡ୍ ୧୦୦ କୋଟି ଟଙ୍କା ବିନିଯୋଗରେ ୨,୮୮,୦୦୦ ଟିପିଏ କ୍ଷମତା ବିଶିଷ୍ଟ ଏକ ମାଇଲ୍ଡ ଷ୍ଟିଲ୍ ଷ୍ଟ୍ରିପ୍ ଏବଂ ପାଇପ୍ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିବ। ଏଥିରେ ଷ୍ଟିଲ୍ ଡାଉନଷ୍ଟ୍ରିମ୍ରେ ୨୯୫ ନିଯୁକ୍ତି ସୁଯୋଗ ପ୍ରଦାନ କରିବ। ବାଲେଶ୍ୱରର ବାଲିଆପାଳ ଶିଳ୍ପାଞ୍ଚଳରେ ମୋଭ୍ଲୁସ୍ ଓଲିଓକେମ୍ ଆଣ୍ଡ ସର୍ଫେକଣ୍ଟାସ୍ ପ୍ରାଇଭେଟ୍ ଲିମିଟେଡ୍ ୩୧୩.୫୧ କୋଟି ବିନିଯୋଗରେ ରାସାୟନିକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏଥିରେ ୩୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବା ସମ୍ଭାବନା ରହିଛି। ଟ୍ରାନ୍ସନୋଭା ଏକ୍ସପ୍ରେସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାଠାରେ ୧୨୦.୩୯ କୋଟି ଟଙ୍କା ନିବେଶ କରି ଏକ କେମିକାଲ୍ ହବ୍ ସ୍ଥାପନ କରିବ। ଏଥିରେ ବଲ୍କ ଇଣ୍ଡଷ୍ଟ୍ରିଆଲ୍ କେମିକାଲ ଷ୍ଟୋରେଜ୍, ରି-ପ୍ୟାକିଂ ଏବଂ ହ୍ୟାଣ୍ଡଲିଂ ସୁବିଧା ରହିବ। ଏହି ପ୍ରକଳ୍ପରେ ୨୫୮ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ବର୍ଜର ଏହାର ଦୁଇଟି ଆନୁଷଙ୍ଗିକ କମ୍ପାନୀ ମଧ୍ୟରୁ ପ୍ରଥମଟି ଗ୍ରୋ ମ୍ୟାକ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ପ୍ଲାଷ୍ଟିକ୍ ରଙ୍ଗ ବାଲ୍ଟି, ଡାଙ୍କୁଣି, ବୋତଲ ଓ ଡ୍ରମ୍ ଉତ୍ପାଦନ ୟୁନିଟ୍ ୫୪.୫୫ କୋଟି ଟଙ୍କା ବିନିଯୋଗରେ ସ୍ଥାପନ କରିବ। ଏହି କ୍ଷେତ୍ରରେ ୧୫୨ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ଦ୍ୱିତୀୟଟି ହେଉଛି ଅନୁପମ ପ୍ରଡକ୍ଟସ୍ ଲିମିଟେଡ୍, ଯାହା ଖୋର୍ଦ୍ଧାରେ ଖାଲି ମେଟାଲ ଟିଣ କଣ୍ଟେନର ପାଇଁ ୫୧ କୋଟି ଟଙ୍କାର ଉତ୍ପାଦନ ୟୁନିଟ୍ ସ୍ଥାପନ କରି ପ୍ୟାକେଜିଂ ଏବଂ ମେଟାଲ ଡାଉନଷ୍ଟ୍ରିମ୍ କ୍ଷେତ୍ରରେ ଦକ୍ଷତା ବୃଦ୍ଧି କରିବ । ଏଥିରେ ୨୩୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ରାଜଶ୍ରୀ ପଲିପ୍ୟାକ୍ ଲିମିଟେଡ୍ ଏବଂ କେଶବ ପ୍ଲାଷ୍ଟଟେକ୍ (ପି) ଲିମିଟେଡ୍ ଯଥାକ୍ରମେ ଖୋର୍ଦ୍ଧା ଓ ରେଙ୍ଗାଲି ସମ୍ବଲପୁର ଶିଳ୍ପାଞ୍ଚଳରେ ପ୍ଲାଷ୍ଟିକ୍ ୟୁନିଟ ସ୍ଥାପନ କରିବ। ଉଭୟ କମ୍ପାନୀ ପକ୍ଷରୁ ମିଳିତ ଭାବେ ଏଥିରେ ୧୦୨.୨୫ କୋଟି ଟଙ୍କା ବିନିଯୋଗ କରାଯିବ। ଏହି ଦୁଇଟି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ୫୫୪ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ୧୯୦ କୋଟି ଟଙ୍କା ବିନିଯୋଗ ଏବଂ ଭିତ୍ତିଭୂମି କ୍ଷେତ୍ରରେ ୧୬୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସମ୍ଭାବନା ଥିବା ସୁନ୍ଦରଗଡ଼ରେ ପିଏମ୍-ଗତି ଶକ୍ତି ମଲ୍ଟିମୋଡାଲ ଟର୍ମିନାଲ ଯୋଜନା ଅଧୀନରେ ଧନସର ଗ୍ରୁପ୍ ଏକ ଘରୋଇ ମାଲ ପରିବହନ ଟର୍ମିନାଲ(ପିଏଫ୍ଟି) ଆରମ୍ଭ କରିବ। ସେହିପରି କୈବଲ୍ୟା ଲଜିଷ୍ଟିକ୍ ପ୍ରାଇଭେଟ୍ ଲିମିଟେଡ୍ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକରେ ଥିବା ଏକ ମଲ୍ଟିମୋଡାଲ ଆଭ୍ୟନ୍ତରୀଣ କଣ୍ଟେନର ଡିପୋ (ଆଇସିଡି)ରେ ୧୧୦ କୋଟି ଟଙ୍କା ବିନିଯୋଗ କରିବ। ଏଥିରେ ୪୮୦ ନିଯୁକ୍ତି ସୁଯୋଗ ରହିଥିବା ବେଳେ ଏହା ଖାଦ୍ୟ ଉତ୍ପାଦ, ରପ୍ତାନି ପ୍ରକ୍ରିୟାକରଣ ଏବଂ ସୀମା ଶୁଳ୍କ କ୍ଲିୟରିଂ ସୁବିଧା ପାଇଁ ଭିତ୍ତିଭୂମି ପ୍ରଦାନ କରିବ। ଆଶୀର୍ବାଦ ଫୁଡ୍ ପ୍ରୋସେସିଂ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଯାଜପୁରରେ ୫୬.୩୫ କୋଟି ଟଙ୍କା ବିନିଯୋଗରେ ଏକ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ଅଟାକଳ ସ୍ଥାପନ ହେବ। ଏଥିରେ ୧୧୮ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ପ୍ରଦାନ କରିବ। ସୁମ୍ମା ରିୟଲ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାଠାରେ ୨୨୬.୫୭ କୋଟି ଟଙ୍କା ବ୍ୟୟରେ ଏକ ଆଇଟି ଭିତ୍ତିଭୂମି କମ୍ପ୍ଲେକ୍ସ ସ୍ଥାପନ କରିବ। ଏଥିରେ ୧୦ ହଜାର ଆଇଟି ପ୍ରଫେସନାଲ ନିଯୁକ୍ତି ସୁଯୋଗ ପାଇପାରିବେ। ଭବାନୀ ଷ୍ଟିଲ୍ ପ୍ରାଇଭେଟ୍ ଲିମିଟେଡ୍ ନୂଆପଡ଼ାରେ ଏକ ୫ ମେଗାୱାଟ୍ର କୋ-ଜେନ୍ ପାୱାର ପ୍ଲାଣ୍ଟ ସହିତ ଦୈନିକ ୨୦୦ କିଲୋଲିଟର ଶସ୍ୟଭିତ୍ତିକ ଇଥାନଲ୍ ପ୍ଲାଣ୍ଟ ସ୍ଥାପନ କରିବାକୁ ଯାଉଛି। ଏଥିରେ ୨୩୭.୮୦ କୋଟି ଟଙ୍କା ବିନିଯୋଗ ହେବ। ଏହା ବିଜୁ ଅର୍ଥନୈତିକ କରିଡରରେ କୃଷି ପ୍ରକ୍ରିୟାକରଣରେ ଉଲ୍ଲେଖନୀୟ ଯୋଗଦାନ ଦେବା ସହ ୧୫୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ସେହିପରି ଜିଏଆଇଏ ନିଓ ଏନର୍ଜି ପ୍ରାଇଭେଟ୍ ଲିମିଟେଡ୍ ୮୭ କୋଟି ଟଙ୍କା ବିନିଯୋଗରେ କଟକ ବାଙ୍କୀ-ଡମପଡ଼ାରେ ବାର୍ଷିକ ୩,୬୦୦ ମେଟ୍ରିକ୍ ଟନ୍ କ୍ଷମତାବିଶିଷ୍ଟ କମ୍ପ୍ରେସ୍ଡ ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ କରିବ। ଏଥିରେ ୭୬ ନିଯୁକ୍ତିସୁଯୋଗ ସୃଷ୍ଟିହେବ।

# ୨ ଜଣଙ୍କୁ ଦଳିଦେଲା ହାତୀ

### ଶରଧାପୁର, ଛେଳିଆପଡ଼ାରେ ଚାପା ଉତ୍ତେଜନା

ଅନୁଗୋଳ,୭।୧୨
(ଅମିତ କୁମାର ସାମଲ)

ଅନୁଗୋଳ ବନଖଣ୍ଡ ଅଧୀନ ଶରଧାପୁର ଓ ଛେଳିଆପଡ଼ାରେ ଗୁରୁବାର ରାତିରେ ହାତୀ ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଶରଧାପୁର ଗାଁର ଗୁରୁ ନାଏକ (୧୮) ଓ ଛେଳିଆପଡା ଗାଁର ଅଇଁଠୁ ସାହୁ (୫୫)। ଉଭୟଙ୍କୁ ଘର ନିକଟରେ ହିଁ ହାତୀ ଦଳି ମାରିଦେଇଥିବାରୁ ଏହାକୁ ନେଇ ସେଠାରେ ଚାପା ଉତ୍ତେଜନା ଦେଖାଦେଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ଘଟଣାସ୍ଥଳରେ ବନ ବିଭାଗର କର୍ମଚାରୀମାନେ ପହଞ୍ଚିନାହାନ୍ତି।

ପ୍ରକାଶ ଯେ, ରାତି ପ୍ରାୟ ୧୦ଟା ବେଳେ ଶରଧାପୁର ଗ୍ରାମର ଯୁବକ ଗୁରୁ ଘର ନିକଟରେ ବୁଲୁଥିବା ବେଳେ ହଠାତ୍ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ହାତୀ ତାଙ୍କୁ ଦଳି ଦେବାରୁ ଘଟଣାସ୍ଥଳରେ ହିଁ ଗୁରୁଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ଏହାପରେ ଉକ୍ତ ହାତୀ ଛେଳିଆପଡା ଗାଁକୁ ପଶି ଅଇଁଠୁଙ୍କୁ ଆକ୍ରମଣ କରିଥିଲା। ତାଙ୍କର ମଧ୍ୟ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ମାତ୍ର ଅଧଘଣ୍ଟା ମଧ୍ୟରେ ୨ଟି ଗାଁରେ ପଶି ହାତୀ ୨ ଜଣଙ୍କ ଜୀବନ ନେବା ଖବର ଜଣାପଡ଼ିବା ପରେ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଖବର ଦିଆଯାଇଥିଲେ ମଧ୍ୟ ବନ ବିଭାଗର କୌଣସି କର୍ମଚାରୀ ରାତି ୧୧ଟା ସୁଦ୍ଧା ଗାଁରେ ପହଞ୍ଚି ନ ଥିବାରୁ ଶରଧାପୁର ଓ ଛେଳିଆପଡ଼ାବାସୀଙ୍କ ମଧ୍ୟରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି। ଏ ନେଇ ଅନୁଗୋଳ ବନାଞ୍ଚଳ ଅଧିକାରୀ ହରମୋହନ ନାୟକ ହାତୀ ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ସ୍ୱୀକାର କରିଛନ୍ତି।

# ଉପକୂଳ ରାଜପଥ କାମ ଶୀଘ୍ର ଶେଷ ଲାଗି ମାନସଙ୍କ ଦାବି

ନୂଆଦିଲ୍ଲୀ,୭।୧୨



ମାନସ ମଙ୍ଗରାଜ

ଓଡ଼ିଶାରେ ଉପକୂଳ ରାଜପଥ ପ୍ରକଳ୍ପ ବିଳମ୍ବକୁ ନେଇ ବିଜେଡି ଏମ୍ପି ମାନସ ମଙ୍ଗରାଜ ଗୁରୁବାର ଚିନ୍ତାବ୍ୟକ୍ତ କରିବା ସହ ୩୪୬ କିଲୋମିଟର ଏହି ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ଶେଷ କରିବା ଦିଗରେ କେନ୍ଦ୍ର ସରକାର ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ରାଜ୍ୟ ସଭାରେ ଶୂନ୍ୟକାଳ ଆଲୋଚନା ବେଳେ ମାନସ ଉକ୍ତ ପ୍ରସଙ୍ଗ ଉଠାଇ କହିଥିଲେ, ଅନେକ ଜିଲାକୁ ସଂଯୋଗ କରୁଥିବା ଏହି ପ୍ରକଳ୍ପ ୨୦୧୫ରେ ଘୋଷଣା ହୋଇଥିଲା। ବାଣିଜ୍ୟ, ପର୍ଯ୍ୟଟନ, ଯୋଗାଯୋଗ ଏବଂ ଶିଳ୍ପ ବିକାଶରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବ। ଅଥଚ ପ୍ରକଳ୍ପର ବିକାଶରେ ଅହେତୁକ ବିଳମ୍ବ ହେଉଥିବାରୁ ଏହାର କାର୍ଯ୍ୟକାରିତା ସମ୍ପର୍କିତ ସବିଶେଷ ଷ୍ଟାଟସ୍ ରିପୋର୍ଟ ଉପସ୍ଥାପନ କରାଯାଉ ବୋଲି ବିଜେଡି ଏମ୍ପି କହିଛନ୍ତି। ପ୍ରକଳ୍ପ ରାମେଶ୍ୱରରୁ ରତନପୁର ଏବଂ ରତନପୁରରୁ ଦିଘା ପର୍ଯ୍ୟନ୍ତ ଦୁଇଭାଗରେ ବିଭକ୍ତ କରାଯାଇଛି। ଇତିମଧ୍ୟରେ ୮ ବର୍ଷ ବିତିଥିବାରୁ ଯଥାଶୀଘ୍ର ସମ୍ଭବ ଏହାକୁ ସମ୍ପୂର୍ଣ୍ଣ କରିବା ଦିଗରେ କେନ୍ଦ୍ର ଆବଶ୍ୟକ ପଦକ୍ଷେପ ନେବାକୁ ମାନସ ଦାବି କରିଛନ୍ତି।

# ଜନଶତାବ୍ଦୀ ଏକ୍ସପ୍ରେସ୍‌ରେ ନିଆଁ

କଟକ,୭।୧୨ (କାର୍ତ୍ତିକ ସାହୁ)



ଭୁବନେଶ୍ୱରରୁ ହାଓଡ଼ା ଯାଉଥିବା ଜନଶତାବ୍ଦୀ ଏକ୍ସପ୍ରେସ୍ ଟ୍ରେନ୍ (ନଂ-୧୨୦୭୪)ରେ ଗୁରୁବାର ସକାଳେ ଅଗ୍ନିକାଣ୍ଡ ଘଟିଛି। ହେଲେ ତ୍ୱରିତ ପଦକ୍ଷେପ ଯୋଗୁ ଯାତ୍ରୀମାନେ ସୁରକ୍ଷିତ ରହିବା ସହ କୌଣସି କ୍ଷତି ହୋଇନାହିଁ। ରେଲୱେ ପ୍ରୋଟେକ୍ଶନ୍ ଫୋର୍ସ (ଆର୍ପିଏଫ୍) ଓ ଅଗ୍ନିଶମ ବାହିନୀର ତତ୍ପରତା ହେତୁ କଟକ ରେଲଷ୍ଟେଶନରେ ଦୁର୍ଘଟଣାକୁ ରୋକାଯାଇପାରିଛି। ସୂଚନା ଅନୁସାରେ, ଜନଶତାବ୍ଦୀ ଏକ୍ସପ୍ରେସ୍ ଟ୍ରେନ୍ ଗୁରୁବାର ସକାଳ ପ୍ରାୟ ୬ଟା ୩୦ ମିନିଟ୍‌ରେ କଟକ ରେଲଷ୍ଟେଶନର ୧ ନମ୍ବର ପ୍ଲାଟ୍‌ଫର୍ମକୁ ପ୍ରବେଶ କଲାବେଳେ ଡି-୯ ବଗିରେ ଲାଗିଥିବା ବ୍ରେକ୍‌ରେ ନିଆଁ ଜଳୁଥିବା ଦେଖିବାକୁ ମିଳିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଯାତ୍ରୀମାନେ ଟ୍ରେନ୍ ଭିତରୁ ଓହ୍ଲାଇ ପଡ଼ିଥିଲେ। ପ୍ଲାଟ୍‌ଫର୍ମରେ କାର୍ଯ୍ୟରତ ଆର୍ପିଏଫ୍ କର୍ମଚାରୀମାନେ ତୁରନ୍ତ ଅଗ୍ନିନିର୍ବାପକ ଯନ୍ତ୍ର ସାହାଯ୍ୟରେ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ପରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ଏକ ବଡ଼ଧରଣର ଦୁର୍ଘଟଣାରୁ ଟ୍ରେନ୍‌ଟି ରକ୍ଷା ପାଇଯାଇଛି। ଏ ସମ୍ପର୍କରେ ପୂର୍ବତଟ ରେଳ ଡିଭିଜନ ପକ୍ଷରୁ କୁହାଯାଇଛି, ଟ୍ରେନ୍ ଚକା ସହ ବ୍ରେକ୍ ଚାପି ହୋଇ ରହିଯିବା ଓ ଚକାରୁ ବ୍ରେକ୍ ନ ଖୋଲିବା କାରଣରୁ ଅତ୍ୟଧିକ ଘର୍ଷଣ ହୋଇ ନିଆଁ ଲାଗିଥିଲା। ଚକାରୁ ବ୍ରେକ୍ ଖୋଲାଯିବା ପରେ ଟ୍ରେନ୍‌ଟି ନିରାପଦରେ ସକାଳ ୭ଟା ୧୫ ମିନିଟ୍‌ରେ ଗନ୍ତବ୍ୟ ପଥ ହାଓଡ଼ା ଅଭିମୁଖେ ଯାତ୍ରା କରିଥିଲା। କୌଣସି କୋଚ୍ ଭିତରେ ନିଆଁ ଲାଗିନାହିଁ। ଟ୍ରେନ୍ ଚକାରୁ ବ୍ରେକ୍ ନ ଖୋଲିବା କାରଣ ସମ୍ପର୍କରେ ତଦନ୍ତ କରାଯାଉଛି ବୋଲି ରେଲୱେ ପକ୍ଷରୁ କୁହାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପରିବହନ, କଳା, ସାହିତ୍ୟ, ସଙ୍ଗୀତାଦି ପ୍ରତି ରୁଚିବର୍ଦ୍ଧକ ହେବ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ ସୁଖ ମିଳିବ ଓ ଶାନ୍ତି ଫେରିଆସିବ। ଆତ୍ମୀୟମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଦୂରଯାତ୍ରା ପାଇଁ ପ୍ରସ୍ତୁତିରେ ସମସ୍ୟା ଦେଖାଦେବ। ଯାତ୍ରା ସମୟରେ ସତର୍କ ରୁହନ୍ତୁ।

**ବୃଷ** ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ସଫଳତା ହାସଲ କରିବେ। ଖଳ ଲୋକମାନଙ୍କ ପ୍ରରୋଚନାରେ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ଆଜିର ଯାତ୍ରା ପ୍ରଶାସନ, ଆଇନ, କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ପରୋକ୍ଷ ଭାବରେ ଶତ୍ରୁତା କରୁଥିବା ବ୍ୟକ୍ତିବିଶେଷଙ୍କ ନିକଟରୁ ଦୂରେଇ ରହିବା ଭଲ ହେବ।

**ମିଥୁନ** ଟିକିଏ ଟିକିଏ କଥାରେ କଳହ ଲାଗିପାରେ ଏଣୁ ଭାବିଚିନ୍ତି କଥାବାର୍ତ୍ତା କରିବା ଭଲ। କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ସନ୍ଧ୍ୟା ସମୟରେ ପରିଜନ ସହ ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ।

**କର୍କଟ** ଅର୍ଥଲାଭ ହେଲେ ମଧ୍ୟ ପାରିବାରିକ କ୍ଷେତ୍ର ବିପଦସଙ୍କୁଳ ହୋଇପାରେ। ଶୁକ୍ରଙ୍କ ପ୍ରଭାବରୁ ମନ ପ୍ରଫୁଲ୍ଲ ରହିବ ଓ ମନୋରଞ୍ଜନ ପ୍ରିୟ ହେବେ। ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ।

**ସିଂହ** ଆଜି ପାଖପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ସମ୍ପର୍କ ଯୋଡିବାରେ ସାହାଯ୍ୟ କରିବ। କର୍ମକ୍ଷେତ୍ରରେ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହେବାର ସୂଚନା ଦେଖାଦେଇପାରେ। ମାତ୍ର ଆପଣ ଉପସ୍ଥିତବୁଦ୍ଧି ଖଟାଇ କାର୍ଯ୍ୟସାଧନ କରପାରିବେ। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ।

**କନ୍ୟା** କର୍ମକ୍ଷେତ୍ରରେ ଉଚ୍ଚ ବର୍ଗର ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରିବେ ଫଳରେ ଲୋକ ସମ୍ପର୍କ ବୃଦ୍ଧି ପାଇବ। ଆବଶ୍ୟକତା ପୂରଣ କରିବା ସକାଶେ ଋଣ ସୂତ୍ରରେ ଅର୍ଥଲାଭ କରିବେ। ଶିଳ୍ପ, ବାଣିଜ୍ୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢିବ ତଥାପି ଉନ୍ନତ ଚିନ୍ତାରୁ ପ୍ରୀତ ହେବେ। ଅପରାହ୍ନେ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି।

**ତୁଳା** ଯାହା ପାଉଛନ୍ତି ସେତିକିରେ ସନ୍ତୁଷ୍ଟ ରହିବା ଭଲ। ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ଆଜିର ଯାତ୍ରା ଶୁଭପ୍ରଦ ହେବ ମାତ୍ର ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି।

**ବିଛା** ଯାହା ଭାବୁଥିବେ କାମ କରିବା ବେଳକୁ ତାହା ଠିକ୍ ଓଲଟା ହୋଇଯିବ। କର୍ମ କ୍ଷେତ୍ରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ସଫଳତା ହାସଲ କରିପାରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି। କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ନୂତନ କର୍ମାରମ୍ଭରେ ପ୍ରଥମେ ପ୍ରଥମେ ସଂକଟର ସମ୍ମୁଖୀନ ହେବେ। ବନ୍ଧୁମାନଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। ବୈବାହିକ କର୍ମ ସକାଶେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହବ। ନିର୍ମାଣ ତଥା ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ।

**ମକର** ପରିବାରରେ ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ଓ ମନରେ ସନ୍ଦେହଜନିତ ଅଶାନ୍ତି ଭାବନା ସୃଷ୍ଟି ହୋଇପାରେ। ଯାତ୍ରା ସମୟରେ ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡିବେ। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ଅର୍ଥସଂକଟକୁ ବନ୍ଧୁ ଜଣେ ସମାଧାନ କରିବାରେ ସଫଳ ହେବେ।

**କୁମ୍ଭ** ମିତ୍ରମାନେ ମଧ୍ୟ ଆକସ୍ମିକ ଭାବରେ ଶତ୍ରୁ ପାଲଟି ଯିବାର ଆଶଙ୍କା ରହିଛି। ଅବଶ୍ୟ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢିପାରେ। ଅଧିକ ବୁଲାବୁଲି କାରଣରୁ ଶିରପୀଡାଜନିତ ଅସୁସ୍ଥତା ଦେଖାଦେବ।

**ମୀନ** ସକାଳୁ ସକାଳୁ ଖୁସି ଖବରଟିଏ ପାଇବେ ଯାହାକି ମନରେ ଉତ୍ସାହ ଭରିଦେବ। ଆଜିର କାମଗୁଡିକ ଠିକ୍ ଭାବରେ ସମ୍ପନ୍ନ ହେବାରୁ ମାନସିକ ଶାନ୍ତି ବୃଦ୍ଧିପ୍ରାପ୍ତ ହେବ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ।

ଆଜି ମାର୍ଗଶିର କୃଷ୍ଣ ଏକାଦଶୀ ଶୁକ୍ରବାର, ଡିସେମ୍ବର ୮ ତାରିଖ, ରାଶି ନକ୍ଷତ୍ର- ଦିବା ଘ.୦୮।୫୨ ଗତେ ଚିତ୍ରା/କନ୍ୟା, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୧୨ମି ଗତେ ଘ.୦୬।୫୬ମି. ମଧ୍ୟେ, ଘ.୦୭।୩୯ ମି. ଗତେ ଘ.୦୮।୫୫ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୧୬ ମି. ଗତେ ଘ.୧୧।୩୮ମି.ମଧ୍ୟେ ରାହୁକାଳ।




# ଯେତେ ଖୋଜିଲେ, ସେତେ ମିଳୁଛି

## ମଦ ସାମ୍ରାଜ୍ୟ ଉପରେ ଚଢ଼ାଉ ଜାରି

## ୨ଦିନରେ ଜବତ ହେଲାଣି ୨୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା

**ବଲାଙ୍ଗୀର/ଭୁବନେଶ୍ୱର (ବୀରେନ୍ଦ୍ର କୁମାର ଝାଙ୍କର/ ସତ୍ୟଜିତ୍ ରାଉତ), ୭।୧୨**

ରାଜ୍ୟରେ ବିଭିନ୍ନ ମଦ ବ୍ୟବସାୟୀ ସଂସ୍ଥା ଏବଂ ବ୍ୟବସାୟୀଙ୍କ ଉପରେ ଦୁଇଦିନ ହେଲା ଆୟକର ବିଭାଗ ପକ୍ଷରୁ ବଡ଼ଧରଣର ଚଢ଼ାଉ ଜାରି ରହିଛି। ଯେତେ ଖୋଜିଲେ ଅନୁମାନଠାରୁ ଅଧିକ ମିଳୁଛି। ଗୁରୁବାର ଖବର ଲେଖାହେବା ପର୍ଯ୍ୟନ୍ତ ୨୫୦ କୋଟିରୁ ଊର୍ଦ୍ଧ୍ୱ ନଗଦ ଟଙ୍କା ଜବତ କରାଗଲାଣି। ଏହାକୁ ନେଇ ସବୁଆଡ଼େ ଚର୍ଚ୍ଚାର ବିଷୟ ହୋଇଛି। ଏଭଳିସ୍ଥିତିରେ ଆୟକର ବିଭାଗ ଡିଜି ସଞ୍ଜୟ ବାହାଦୁର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ସେ ବରିଷ୍ଠ ଅଧିକାରୀଙ୍କ ସହ ଚଢ଼ାଉ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି।

ବଲାଙ୍ଗୀର ଜିଲା ସୁଦପଡ଼ା ମଦ ଭାଟିରେ ଚଢ଼ାଉ ବେଳେ ଆଲ୍‌ମିରା ଭର୍ତ୍ତି ବିଡ଼ା ଟଙ୍କା ଜବତ ହୋଇଛି। ଏହାକୁ ଦେଖି ଆୟକର ଅଧିକାରୀମାନେ ଚକିତ ହୋଇଯାଇଥିଲେ। ଦୁଇଟି ଆଲ୍‌ମିରାରେ ଥିବା ଏହି ଟଙ୍କାକୁ ୧୫୬ଟି ଅଖା ଓ ବ୍ୟାଗରେ ଭର୍ତ୍ତି କରାଯାଇ ବଲାଙ୍ଗୀର ଏସ୍‌ପି ଅଫିସ ସାମ୍ନା ଏସ୍‌ବିଆଇ ଶାଖାକୁ ନିଆଯାଇ ଗଣାଯାଉଛି। ମଦଭାଟି


ଆଲ୍‌ମିରା ଭର୍ତ୍ତି ଟଙ୍କା

ଦାୟିତ୍ୱରେ ଥିବା ରାଜେଶ ସାହୁଙ୍କୁ ଟିମ୍ ଉଠାଇ ନେଇ ପଚରାଉଚରା କରୁଛି। ଏଠାରେ କାମ କରୁଥିବା ୩୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ କେଉଁଆଡ଼େ ନ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୁଦପଡ଼ା ମଦଭାଟି ମ୍ୟାନେଜର ରାଜେଶ ସାହୁ ଓ ବଣ୍ଟି ସାହୁଙ୍କ ଉପସ୍ଥିତିରେ ଟଙ୍କା ଗଣା ଚାଲିଛି। ଗୁରୁବାର ସନ୍ଧ୍ୟା ସୁଦ୍ଧା ୧୦ଟି ବ୍ୟାଗର ଟଙ୍କା ଗଣାଯାଇଥିବା ଜଣାପଡ଼ିଛି। ଏହି ଟଙ୍କା ଗଣତି ପାଇଁ ଆହୁରି ୨ରୁ ୩ଦିନ ଲାଗିବ ବୋଲି କୁହାଯାଉଛି। ସେହିପରି ଆୟକର ଟିମ୍ ସମ୍ବଲପୁର ଧନୁପାଲିସ୍ଥିତ ମହାବୀରପଡ଼ା ☞ପୃଷ୍ଠା-୧୧

# ଏନ୍‌ସିଇଆର୍‌ଟି ବହିରେ 'ଜୟଦେବ' ବେଙ୍ଗଲର

## ଭୁଲ୍ ତଥ୍ୟକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା

**ଭୁବନେଶ୍ୱର, ୭।୧୨ (ଅସମାପିକା ସାହୁ)**

ଛାତ୍ରୀଛାତ୍ରଙ୍କୁ ଭୁଲ୍ ତଥ୍ୟ ଦେଉଛି ନ୍ୟାଶନାଲ କାଉନ୍‌ସିଲ୍ ଅଫ୍ ଏଜୁକେଶନାଲ ରିସର୍ଚ୍ଚ ଆଣ୍ଡ୍ ଟ୍ରେନିଂ (ଏନ୍‌ସିଇଆର୍‌ଟି)। ଏନ୍‌ସିଇଆର୍‌ଟି ପକ୍ଷରୁ ୨୦୨୨ରେ ଇଂଲିଶ ଭାଷାରେ ପ୍ରକାଶିତ ସପ୍ତମ ଶ୍ରେଣୀ ଇତିହାସ ବହିରେ ଓଡ଼ିଆ କବି ତଥା ପ୍ରସିଦ୍ଧ କାବ୍ୟ ଗୀତ ଗୋବିନ୍ଦର ରଚୟିତା ଜୟଦେବଙ୍କୁ ବେଙ୍ଗଲର ବୋଲି ଉଲ୍ଲେଖ କରାଯାଇଛି। ଉକ୍ତ ବହି (Social science : Our Pasts – II , Textbook of History for Class VII)ର ୭୨ ନମ୍ବର ପୃଷ୍ଠାରେ ଲେଖାଯାଇଛି ଯେ, Jayadeva of Bengal composed Gita Govinda in Sanskrit। ଏପରି


An important contribution of Bhakti saints was towards the development of music. Jayadeva of Bengal composed the Gita Govinda in Sanskrit, each song composed in a particular raga and tala. A significant impact that these saints had on music was the use of bhajan, kirtan and abhang. These songs which emphasised on emotional experience had a tremendous appeal to the common people.

devoted to Krishna and composed innumerable *bhajans* expressing her intense devotion. Her songs also openly challenged the norms of the "upper" castes and became popular with the masses in Rajasthan and Gujarat.

A unique feature of most of the saints is that their works were composed in regional languages and could be sung. They became immensely popular and were handed down orally from generation to generation. Usually the poorest, most deprived communities and women transmitted these songs, often adding their own experiences. Thus the songs as we have them today are as much a creation of the saints as of generations of people who sang them. They have become a part of our living popular culture.

ଗୁରୁତର ତ୍ରୁଟିକୁ ନେଇ କୋଣାର୍କ ଅଞ୍ଚଳର ସଂସ୍କୃତିପ୍ରେମୀ ତଥା ଆଇନଜୀବୀ ସଞ୍ଜୟ କୁମାର ବରାଳ ନିଜ ଫେସ୍‌ବୁକ୍ ପେଜ୍‌ରେ ପୋଷ୍ଟ କରିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଓଡ଼ିଆ ଜାତିର ସ୍ୱାଭିମାନ ଓ ଓଡ଼ିଆ ଜାତିର ଅସ୍ମିତାକୁ ଧ୍ୱଂସ କରିବା ପାଇଁ ଏନ୍‌ସିଇଆର୍‌ଟି ଉଦ୍ୟମ କରୁଥିବା ସେ କହିଛନ୍ତି। ☞ପୃଷ୍ଠା-୧୧



> ମଧ୍ୟଯୁଗରେ ସନ୍ନ୍ୟାସୀମାନେ ନାରୀକୁ ଘୃଣାର ପାତ୍ରୀ ବୋଲି ଭାବୁ ଥିଲେ। ସେମାନେ ଭାବୁଥିଲେ- ଭଗବାନ ସନ୍ନ୍ୟାସୀମାନଙ୍କୁ ପ୍ରଲୁବ୍ଧ କରିବାକୁ ନାରୀମାନଙ୍କୁ ସୃଷ୍ଟି କରିଛନ୍ତି। ଭଗବାନଙ୍କ ସମ୍ବନ୍ଧେ ଓ ନାରୀ ସମ୍ବନ୍ଧେ ଆଉ ଟିକିଏ ଉଚ୍ଚ ଧରଣା କରିବା ନିଶ୍ଚୟ ଅନ୍ୟାୟ ହେବ ନାହିଁ। **-ଶ୍ରୀଅରବିନ୍ଦ**

# ପ୍ରାକୃତିକ ଭିତ୍ତିଭୂମି



ଏରିକ୍ ବେର୍ଗଲୋଫ୍

ସହସ୍ର ବର୍ଷ ଧରି ନଦୀ, ଆର୍ଦ୍ରଭୂମି, ଉପକୂଳ ଅଞ୍ଚଳ, ବାଲୁକା ସ୍ତୂପ ଏବଂ ଜଙ୍ଗଲ ଭଳି ପ୍ରାକୃତିକ ଭିତ୍ତିଭୂମି ମାନବ ସଭ୍ୟତା ବିକାଶରେ ସହଯୋଗ କରିଆସିଛି। ଅବଶ୍ୟ ଖାଦ୍ୟଠାରୁ ଆରମ୍ଭ କରି ପାନୀୟଜଳ ଏବଂ ବାତ୍ୟାରୁ ସୁରକ୍ଷା ଓ ବନ୍ୟା ପ୍ରଭାବ ହ୍ରାସ ଲାଗି ଆମେ ଏହିସବୁ ଭିତ୍ତିଭୂମିକୁ ଅତ୍ୟଧିକ ଉପଯୋଗ କରିଆସୁଛୁ। ଏହା ମଧ୍ୟ ଆମ ଭବିଷ୍ୟତ ଜୀବନ ପାଇଁ ପ୍ରମୁଖ ଭୂମିକା ନେବ। ଅତ୍ୟାଧୁନିକ ଜ୍ଞାନକୌଶଳ ଏହି ଭିତ୍ତିଭୂମିର ବିବର୍ତ୍ତନକୁ ଗତିଶୀଳ କରିଛି। ସବୁଜ ଭୂମି କଂକ୍ରିଟ, କେବଲ, ଇସ୍ପାତ, ଶକ୍ତି, ଯୋଗାଯୋଗ ଏବଂ ପରିବହନ ଯୋଗୁ ନିଷ୍ପ୍ରଭ ବା ଫିକା ହୋଇଯାଉଛି। ଏହାକୁ ନେଇ ଅପ୍ରତ୍ୟାଶିତ ଅଭିବୃଦ୍ଧି ଓ ବିକାଶର ଲକ୍ଷ୍ୟରେ ସବୁଜ ଭିତ୍ତିଭୂମି ସତ୍ତା ହରାଉଛି। ତେବେ ଦ୍ରୁତ ଆଧୁନିକୀକରଣ ଅକଳନୀୟ ସମୃଦ୍ଧି ଆଣୁଥିବାବେଳେ ଏହାର ଗମ୍ଭୀର ଅନପେକ୍ଷିତ ପରିଣାମ ରହିଆସିଛି। ଏହା କେବଳ ପରିବେଶର ଅଧୋଗତି ଘଟାଉନାହିଁ, ବରଂ ଅତ୍ୟଧିକ ସବୁଜଗୃହ ବାଷ୍ପ ନିର୍ଗମନ ଯୋଗୁ ଆମର ଏବକାର ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି କରିଚାଲିଛି।

ପ୍ରଶ୍ନ ହେଉଛି, ସବୁଜ ଗୃହ ବାଷ୍ପ ନିର୍ଗମନକୁ ହ୍ରାସ କରିବା ଏବଂ ଜୈବ ବିବିଧତାର ସୁରକ୍ଷା ଓ ପୁନରୁଦ୍ଧାର କରିବା, ବିକାଶଶୀଳ ଅର୍ଥନୀତିକୁ ସେମାନଙ୍କର ବୈଧ ଅଭିବୃଦ୍ଧି ଆକାଂକ୍ଷା ପୂରଣ କରିବାରେ ସକ୍ଷମ କରାଯିବା ଭଳି ଜରୁରୀ ପରିବେଶଗତ ଲକ୍ଷ୍ୟ କେମିତି ହାସଲ କରାଯିବ। ଏସୀୟ ଭିତ୍ତିଭୂମି ନିବେଶ ବ୍ୟାଙ୍କର ଏକ ସଦ୍ୟ ରିପୋର୍ଟରୁ ଏହାର ଉତ୍ତର ମିଳେ। ଏଥିରେ ଦର୍ଶାଯାଇଛି ଯେ, ଏହି ଲକ୍ଷ୍ୟ ହାସଲ ଲାଗି ପ୍ରକୃତିକୁ ଏକ ଭିତ୍ତିଭୂମି ଭାବରେ ସ୍ୱୀକାର କରି ପ୍ରଥମେ କାର୍ଯ୍ୟ ଆରମ୍ଭ କରିବା ସବୁଠୁ ଭଲ ଉପାୟ। ପ୍ରକୃତିକୁ ଭିତ୍ତିଭୂମି ଭାବରେ ଦେଖିବା ଏକ ପରିବର୍ତ୍ତନଶୀଳ ଦୃଷ୍ଟିକୋଣକୁ ଦର୍ଶାଏ। କାରଣ ଏହା ଆମକୁ ଅଧିକ ବ୍ୟବସ୍ଥିତ ଢଙ୍ଗରେ ଚିନ୍ତା କରିବାକୁ ବାଧ୍ୟ କରିଥାଏ। ଆମେ ଅଭିବୃଦ୍ଧି ଏବଂ ବିକାଶକୁ ଅନୁସରଣ କରୁଛୁ। ଅତ୍ୟାବଶ୍ୟକ ସେବା ଯୋଗାଇବାରେ ପ୍ରକୃତିର ବ୍ୟାପକ ଶକ୍ତିକୁ ବ୍ୟବହାର କରୁଥିବାରୁ ଆମେ କେବଳ ପ୍ରକୃତିର କ୍ଷତିକୁ ରୋକିବାରେ ସୀମିତ ନ ରହି ବରଂ ପ୍ରକୃତି ସକାରାତ୍ମକ ନିବେଶ ମାଧ୍ୟମରେ ଏହାକୁ ମଜଭୁତ ଏବଂ ସମୃଦ୍ଧ କରିବା ଆବଶ୍ୟକ।

ଜୀବବିଜ୍ଞାନୀମାନେ ଅବକ୍ଷୟ ହୋଇଥିବା ଜମିକୁ କିପରି ପୁନରୁଦ୍ଧାର କରିବେ, ତାହାର ମାନକ ସ୍ଥିର କରି ସେମାନଙ୍କ କାର୍ଯ୍ୟ କରିସାରିଲେଣି। କିନ୍ତୁ ଅର୍ଥନୀତିଜ୍ଞମାନେ ପ୍ରକୃତି ଦିଗରେ ପୁଞ୍ଜିର ମୂଲ୍ୟ ଓ ଜଟିଳତା ନିର୍ଣ୍ଣୟ କରିବା ଲାଗି ସେମାନଙ୍କର କାର୍ଯ୍ୟରେ ବିକାଶ ଆଣିବା ଦରକାର। ଉଦାହରଣ ସ୍ୱରୂପ, ଜୈବବିବିଧତା କେବଳ ପ୍ରଜାତିଗୁଡ଼ିକର ସଂଖ୍ୟା ନୁହେଁ, ବରଂ ତାହା ସେମାନଙ୍କର ଆନୁବାଂଶିକ ବିବିଧତା ଏବଂ କାର୍ଯ୍ୟଗୁଡ଼ିକର ବିବିଧତାକୁ ମଧ୍ୟ ଅନ୍ତର୍ଭୁକ୍ତ କରେ। ଜୈବବିବିଧତାର ଅନ୍ୟ ଏକ ଦିଗ ହେଉଛି, ପ୍ରଜାତିର ଜଟିଳ ବିବର୍ତ୍ତନର ଇତିହାସ। ଜୈବବିବିଧତା ଏସବୁ ବିଷୟରେ ଆମର ଗଭୀର ବିଚାର ଦ୍ୱାରା ହିଁ ପ୍ରକୃତିର ପୂର୍ଣ୍ଣ ଶକ୍ତି ଏବଂ ଏହା ଉପରେ ଆମର ପ୍ରଭାବକୁ ହୃଦୟଙ୍ଗମ କରିପାରିବା। ଏହି ଜ୍ଞାନ ପୂରା ସ୍ୱତନ୍ତ୍ର। ଏହାକୁ ହାସଲ କରିବା ପାଇଁ ବୈଜ୍ଞାନିକ ଏବଂ ସ୍ଥାନୀୟ ଜନସାଧାରଣଙ୍କ ଅବଦାନ ଆବଶ୍ୟକ। ଭଲ ଖବର ହେଉଛି, ଏଭଳି ସହଯୋଗ ପାଇଁ ପୂର୍ବରୁ ଅନେକ ମଡେଲ ରହିଛି। ଉତ୍ତର ଚାଇନାରେ ଦୁଇଟି ବୃହତ୍ ମରୁଭୂମି ମିଶ୍ରଣକୁ ରୋକିବା ପାଇଁ ଉଦ୍ଦିଷ୍ଟ ବୃହତ୍ ସାନବେଇ ବୃକ୍ଷରୋପଣ ପ୍ରକଳ୍ପ ଆରମ୍ଭରେ ଏକ ତ୍ରୁଟିପୂର୍ଣ୍ଣ ପ୍ରୟାସ ଥିଲା, ଯେଉଁଥିରେ ଗୋଟିଏ ପ୍ରକାର ଗଛ ଲଗାଯାଇଥିଲା। କିନ୍ତୁ ଦୁଇ ଦଶନ୍ଧି ମଧ୍ୟରେ ସ୍ଥାନୀୟ ପରିବେଶ ବିଷୟରେ ଗଭୀର ଜ୍ଞାନ ଏବଂ ସ୍ଥାନୀୟ ସମ୍ପ୍ରଦାୟର ଅଂଶଗ୍ରହଣ ଏହାକୁ ସଫଳ କରାଇଲା।



ପ୍ରାକୃତିକ ଭିତ୍ତିଭୂମିର ଯତ୍ନ ଏବଂ ସୁରକ୍ଷା ପାଇଁ ଶାସନ ତଥା ପ୍ରୋତ୍ସାହନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଇଣ୍ଡୋନେସିଆରେ ମ୍ୟାନ୍‌ଗ୍ରୋଭଗୁଡ଼ିକ ଦୀର୍ଘଦିନ ହେଲା ଜନସମୁଦାୟ ବିଶେଷକରି ଅତି ଗରିବ ପରିବାରଗୁଡ଼ିକୁ ଭୟଙ୍କର ଜୁଆର ବନ୍ୟାରୁ ସୁରକ୍ଷା ଦେଇ ଆସିଛି। କିନ୍ତୁ ଦୁର୍ବଳ ଶାସନ ବ୍ୟବସ୍ଥା ଯୋଗୁ ସେହି ଅଞ୍ଚଳରେ ସେମାନଙ୍କ ସଂଖ୍ୟା କମିବାରେ ଲାଗିଛି। ଅନ୍ୟପଟେ ଇଜିପ୍ଟରେ ମ୍ୟାନ୍‌ଗ୍ରୋଭର ପୁନରୁଦ୍ଧାର ପ୍ରୟାସକୁ ଇକୋ-ଟୁରିଜମ ଏବଂ ମହୁଚାଷ ଆୟ ସାହାଯ୍ୟ କରିଥାଏ। ମହୁଚାଷରେ ମହୁ ଉତ୍ପାଦନ ହେବା ସହ ସେହି ଅଞ୍ଚଳରେ ଗୁରୁତ୍ୱପୂର୍ଣ୍ଣ ପରାଗ ରେଣୁ କାର୍ଯ୍ୟ ମଧ୍ୟ ସମ୍ପାଦିତ ହୋଇଥାଏ। ପ୍ରକୃତିକୁ ଭିତ୍ତିଭୂମି ଭାବେ ବିଚାର କରିବାର ଦୃଷ୍ଟିକୋଣ ଦାବି କରେ ଯେ, ଅତ୍ୟାଧୁନିକ ବିକାଶ ଉପରେ ବିଚାର କରିବା ପୂର୍ବରୁ ପ୍ରକୃତି କ'ଣ ଦେଇପାରିବ ସେ ସମ୍ପର୍କରେ ଆମେ ଆକଳନ କରିବା ଦରକାର। ଏହା ପରିବେଶ ସହନୀୟ ପଦ୍ଧତିରେ ଥିବା ଭିତ୍ତିଭୂମି ସମ୍ବନ୍ଧିତ ବାଧା ଦୂର କରିବାରେ ଦେଶଗୁଡ଼ିକୁ ସାହାଯ୍ୟ କରିବ। କିନ୍ତୁ ଅଭିବୃଦ୍ଧି ଓ ବିକାଶ ପାଇଁ ଆଧୁନିକ ବିକାଶ ସବୁବେଳେ ଆବଶ୍ୟକ। ହେଲେ ଆମକୁ ପରିବେଶ ଉପରେ ଏହାର ପ୍ରଭାବକୁ ହ୍ରାସ କରିବା ଲାଗି ଅତ୍ୟାଧୁନିକ ଭିତ୍ତିଭୂମି ନିର୍ମାଣକୁ ପରିବେଶ ଉପଯୋଗୀ କରିବାକୁ ହେବ। ଆଧୁନିକ ବିକାଶ କ୍ଷେତ୍ରଗୁଡ଼ିକରେ ଆଉ କେତୋଟି ସହାୟକ ଭିତ୍ତିଭୂମି ଯୋଡ଼ିବା (ଯେପରିକି ବନ୍ୟଜନ୍ତୁ ରାଜପଥ ଅତିକ୍ରମ କରିବା, ସହରରେ ସବୁଜ କ୍ଷେତ୍ର ଏବଂ ପ୍ରକୃତି-ପୁନରୁଦ୍ଧାର ବିକଳ୍ପ ବ୍ୟବସ୍ଥା) ସିଦ୍ଧାନ୍ତ ପରିବେଶଗତ ପ୍ରଭାବକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ।

ଅବଶ୍ୟ ପାଣ୍ଠି ଯୋଗାଣ ଏଥିରେ ଏକ ଆହ୍ୱାନ ସୃଷ୍ଟି କରିପାରେ। ଏକ ବର୍ଷ ପୂର୍ବେ କୁନ୍ମିଂ-ମଣ୍ଟ୍ରିଆଲ ବୈଶ୍ୱିକ ଜୈବବିବିଧତା ଢାଞ୍ଚା ଏହା ଉପରେ ଏକମତ ହୋଇଥିଲା। ଏହାର ଆକଳନ ଅନୁଯାୟୀ, ଜୈବବିବିଧତା ପାଣ୍ଠିର ଅଭାବ ଦୂର କରିବା ପାଇଁ ୨୦୩୦ ସୁଦ୍ଧା ବାର୍ଷିକ ୫୯୮-୮୨୪ ବିଲିୟନ ଡଲାର ଆବଶ୍ୟକ ହେବ। ପ୍ରକୃତିର ସୁରକ୍ଷା ଏବଂ ତା'ପରେ ପୁନଃ ସଂରକ୍ଷଣ ପାଇଁ ଆବଶ୍ୟକ ହେଉଥିବା ଏହି ପରିମାଣର ପାଣ୍ଠି କେବଳ ପ୍ରକୃତିର ଉଚିତ ମୂଲ୍ୟାୟନ ଏବଂ ଘରୋଇ ଓ ଆନୁଷ୍ଠାନିକ ପୁଞ୍ଜି ସଂଗ୍ରହ ପାଇଁ ଉପଯୁକ୍ତ ବଜାର ସୃଷ୍ଟି ଦ୍ୱାରା ସମ୍ଭବ ହେବ। ଏଥିପାଇଁ ନୂତନ ପଦ୍ଧତି ଏବଂ ଆର୍ଥିକ ଉପକରଣ ବ୍ୟବହାର କରି ଭିତ୍ତିଭୂମି ଭାବରେ ପ୍ରକୃତିକୁ ଏକ ସମ୍ପତ୍ତି ଭାବି ତାହାକୁ ବିକଶିତ କରିବା ଆବଶ୍ୟକ। ପ୍ରକୃତିର ସେବାଗୁଡ଼ିକର ଉନ୍ନତ ମୂଲ୍ୟ ଆବଶ୍ୟକ କରିବ। ବ୍ୟକ୍ତିଗତସ୍ତରୀୟ ବଜାର ନୀତିସବୁ ଅନ୍ୟ ଆର୍ଥିକ ପଦ୍ଧତିର ବିକାଶକୁ ସମର୍ଥନ କରିବ ଏବଂ ପରିଶେଷରେ ବଜାରଗୁଡ଼ିକ କାର୍ଯ୍ୟଦକ୍ଷତା ସମ୍ପର୍କିତ ବଣ୍ଡ, ନୀତି-ଆଧାରିତ ଋଣ ଏବଂ ପ୍ରକୃତ ଆଧାରିତ ଋଣ ଦ୍ୱାରା ପ୍ରକୃତି କ୍ଷେତ୍ରକୁ ଅଧିକ ପାଣ୍ଠି ଆସିପାରିବ। ଅତୀତର ଭୁଲ୍‌ଗୁଡ଼ିକର ପୁନରାବୃତ୍ତି ନ ହେବା ପାଇଁ ଅଙ୍ଗାରକାମ୍ଳ ବଜାରରୁ ପାଇଥିବା ଶିକ୍ଷା ପ୍ରତି ଧ୍ୟାନ ଦେବା ଉଚିତ।

ସ୍ୱଳ୍ପ ଆୟକାରୀ ଦେଶଗୁଡ଼ିକ ପ୍ରତି ବିଶେଷ ଧ୍ୟାନ ଦିଆଯିବା ଆବଶ୍ୟକ। ଏମାନଙ୍କ ମଧ୍ୟରୁ ଅନେକ ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶୀୟ ଅବକ୍ଷୟ ପାଇଁ ଅତ୍ୟଧିକ ଅସୁରକ୍ଷିତ ସ୍ଥିତିରେ ଅଛନ୍ତି। କିନ୍ତୁ ଏହି ଦେଶଗୁଡ଼ିକରେ ସମୃଦ୍ଧ ପ୍ରାକୃତିକ ସମ୍ପଦ ରହିଛି, ଯାହାର ଉପଯୁକ୍ତ ମୂଲ୍ୟାୟନ ହେବା ଉଚିତ। ବହୁପକ୍ଷୀୟ (ବିଭିନ୍ନ ଦେଶରେ ଥିବା) ବିକାଶ ବ୍ୟାଙ୍କଗୁଡିକ ପ୍ରକୃତି-ଭିତ୍ତିଭୂମି ଆଭିମୁଖ୍ୟକୁ ଅନୁକରଣ କରିବା ସହ ସେମାନଙ୍କର ସମସ୍ତ କାର୍ଯ୍ୟରେ ତାହା ଅନ୍ତର୍ଭୁକ୍ତ ହୋଇଛି ବୋଲି ନିଶ୍ଚିତ କରିପାରିବେ। ପରିଶେଷରେ, ଏହି ଦୃଷ୍ଟିକୋଣ ବ୍ୟକ୍ତିଗତ ଭିତ୍ତିଭୂମି ପ୍ରକଳ୍ପ ଏବଂ ଜାତୀୟ ଅଭିବୃଦ୍ଧି ରଣନୀତିକୁ ମଧ୍ୟ ମାର୍ଗଦର୍ଶନ କରିବା ଉଚିତ। ଏବେ ଆମେ ଗ୍ରହଣ କରୁଥିବା ଭିତ୍ତିଭୂମି ନିଷ୍ପତ୍ତିଗୁଡ଼ିକର ପରିଣାମ ଆଗାମୀ ଦିନରେ ଅନୁଭବ କରିବା। କେବଳ ସବୁଜ କ୍ଷେତ୍ରରେ ନିବେଶର ପ୍ରତିଶ୍ରୁତି ଦେଇ ଏବଂ ଅତ୍ୟାଧୁନିକ ଉନ୍ନତି କରି ଏକ ସୁନ୍ଦର, ଅଧିକ ସ୍ଥାୟୀ ଏବଂ ସମାବେଶୀ ବୈଶ୍ୱିକ ଅର୍ଥ ବ୍ୟବସ୍ଥା ପାଇଁ ମୂଳଦୁଆ ପକାଇବୁ ବୋଲି ଆମେ କ'ଣ ନିଶ୍ଚିତ କରିପାରିବା!

**ମୁଖ୍ୟ ଅର୍ଥନୀତିଜ୍ଞ, ଏସିଆନ୍ ଇନଫ୍ରାଷ୍ଟ୍ରକ୍ଚର ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କ**

# ପ୍ରହସନ ନୁହେଁ ତ



ସୌଭାଗ୍ୟ ରଞ୍ଜନ ମହାନ୍ତି

ନିକଟରେ ରାଜ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ରାଜ୍ୟର ବ୍ଲକସ୍ତରରୁ ଆରମ୍ଭ କରି ଲୋକସେବା ଭବନରେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କଠାରୁ ସଚିବ, ମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତେ ଦୁର୍ନୀତି ନ କରିବା ଲାଗି ଶପଥ ନେଇଛନ୍ତି। ମାତ୍ର ଦୁର୍ନୀତି କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। ସବୁଠୁ ଉଦ୍‌ବେଗର ଘଟଣା ହେଉଛି ଯେ, ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ରାଜ୍ୟରେ ଲାଞ୍ଚ ନେବା ଏବଂ ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କଠାରୁ ଆରମ୍ଭ କରି ଇଞ୍ଜିନିୟର, କିରାଣି ପର୍ଯ୍ୟନ୍ତ ୬ଜଣ କର୍ମଚାରୀଙ୍କୁ ଭିଜିଲାନ୍ସ ଧରିବା ସହ କୋଟି କୋଟି ଟଙ୍କାର ବେଆଇନ ସମ୍ପତ୍ତି ଜବତ କରିଛି। ଗତ ୨୦୧୮ରୁ ୨୦୨୩ ମଧ୍ୟରେ ଅର୍ଥାତ୍ ୫ ବର୍ଷ ମଧ୍ୟରେ ଦୁର୍ନୀତିରେ ଲିପ୍ତ ଥିବା ଅଭିଯୋଗରେ ଅଢ଼େଇ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବାବେଳେ ୯୦୦ରୁ ଊର୍ଦ୍ଧ୍ୱ ଗିରଫ ହୋଇଛନ୍ତି। ସେମାନଙ୍କଠାରୁ ପ୍ରାୟ ୫୯୭ କୋଟିରୁ ଅଧିକ ଟଙ୍କାର ବେଆଇନ ସମ୍ପତ୍ତି ଜବତ ହୋଇଛି। ସେହିପରି ଚଳିତ ବର୍ଷ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ଗତ ୧୦ମାସ ମଧ୍ୟରେ ୩୦୫ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଯେଉଁମାନଙ୍କ ମଧ୍ୟରେ ୩୮ ପ୍ରଥମ ଶ୍ରେଣୀ କର୍ମଚାରୀ, ୩୭ ଜଣ ଦ୍ୱିତୀୟ ଶ୍ରେଣୀ, ୧୬୧ ଜଣ ତୃତୀୟ ଶ୍ରେଣୀ ଓ ୭ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ଅନ୍ତର୍ଭୁକ୍ତ। ଆହୁରି ମଧ୍ୟ ୪୮ଜଣ ଅନ୍ୟାନ୍ୟ ସରକାରୀ କର୍ମଚାରୀ ଅର୍ଥାତ୍ ଇଞ୍ଜିନିୟର ଏବଂ ୭୪ଜଣ ବାହାର ବ୍ୟକ୍ତି ଅଛନ୍ତି। ଏଥିରୁ ଦୁର୍ନୀତିର ଚେର ଯେ ତଳସ୍ତରରୁ ଉପରସ୍ତର ପର୍ଯ୍ୟନ୍ତ ବ୍ୟାପିଛି, ଏହା ନିଃସନ୍ଦେହରେ କୁହାଯାଇପାରେ।

ରାଜ୍ୟରେ ବିଭିନ୍ନ ସ୍ତରରେ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ଭିଜିଲାନ୍ସଠାରୁ ଆରମ୍ଭ କରି ବହୁ ସଂସ୍ଥା ରହିଛି। ଆଇନ ମଧ୍ୟ ଅଛି। ଏହା ସତ୍ତ୍ୱେ ଦୁର୍ନୀତି ବଢ଼ିଚାଲିଛି। ଆଇନକୁ ଯେପରି ସେମାନଙ୍କର ପରବାୟ ନାହିଁ। ରାଜ୍ୟ ସରକାର ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତାର ପ୍ରଦର୍ଶନ କରିବା ସହ ଗତ ୫ ବର୍ଷ ମଧ୍ୟରେ ୧୧ଶହ ସରକାରୀ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଥିବା ବେଳେ କେତେକଙ୍କ ଅବସରକାଳୀନ ପେନ୍‌ସନ ଏବଂ ସରକାରୀ ସୁବିଧା ସୁଯୋଗ ବନ୍ଦ କରିଦିଆଯାଇଛି। ଏହା ସତ୍ତ୍ୱେ ଦୁର୍ନୀତିଗ୍ରସ୍ତଙ୍କ ଉପରେ ଆଇନ କିମ୍ବା ସରକାରଙ୍କର କଠୋର ଆଭିମୁଖ୍ୟର କୌଣସି ପ୍ରଭାବ ପଡୁଥିବା ମନେ ହୁଏ ନାହିଁ। ଦିନକୁ ଦିନ ଦୁର୍ନୀତିଗ୍ରସ୍ତଙ୍କ ସଂଖ୍ୟା ବଢ଼ିଚାଲିଛି। ଏହା ନିଶ୍ଚିତ ଯେ, ଦୁର୍ନୀତିଗ୍ରସ୍ତଙ୍କ ସଂଖ୍ୟା ଯେଉଁ ମାତ୍ରାରେ ବଢୁଛି, ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍ସ)ର ଚଢ଼ାଉ ଅଭିଯାନ ମଧ୍ୟ ସେତିକି ତୀବ୍ର ହେଉଛି। ଭିଜିଲାନ୍ସର ଚଢ଼ାଉ ଏବେ ଦୈନିକ ଗଣମାଧ୍ୟମର ମୁଖ୍ୟ ଶିରୋନାମା ପାଲଟିଛି କହିଲେ ଭୁଲ୍ ହେବ ନାହିଁ। ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ ମାମଲା ରୁଜୁ କରୁଛି, ସେମାନଙ୍କୁ ଗିରଫ କରି ଜେଲ ହାଜତକୁ ପଠାଇ ଦେଉଛି। ସେମାନଙ୍କ ଦ୍ୱାରା ଅର୍ଜିତ କୋଟି କୋଟି ଟଙ୍କାର ବେଆଇନ ସମ୍ପତ୍ତି ଜବତ କରୁଛି। ମାତ୍ର ଅଦାଲତରେ ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ ଦଣ୍ଡବିଧାନ ହାର ଅତିନଗଣ୍ୟ, ଅଦାଲତରେ ମଧ୍ୟ ଭିଜିଲାନ୍ସର ବଳିଷ୍ଠ ପ୍ରମାଣ ଅଭାବରୁ ବହୁ ଦୁର୍ନୀତିଗ୍ରସ୍ତ ନିର୍ଦ୍ଦୋଷରେ ଖଲାସ ହୋଇଯାଉଛନ୍ତି। ଏକ ପରିସଂଖ୍ୟାନରୁ ଜଣାଯାଇଛି ଯେ, ଦୁର୍ନୀତିଗ୍ରସ୍ତଙ୍କ ପ୍ରତି ଦଣ୍ଡବିଧାନ ହାର ମାତ୍ର ୩ ପ୍ରତିଶତ ରହିଛି। ଅଥଚ ଦୁର୍ନୀତିଗ୍ରସ୍ତଙ୍କଠାରୁ ଚଢ଼ାଉ ସମୟରେ ଜବତ ବେଆଇନ ସମ୍ପତ୍ତି ରିପୋର୍ଟରେ ଆଖିଖୋସି ହୋଇଯାଉଛି। କେତେକ କ୍ଷେତ୍ରରେ ମଧ୍ୟ ଭିଜିଲାନ୍ସ ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ଅଦାଲତରେ ଅଭିଯୋଗ ଫର୍ଦ୍ଦ (ଚାର୍ଜସିଟ୍) ଦାଖଲ କରି ନ ପାରିବା ଯୋଗୁ ମାମଲା ଖାରଜ ହୋଇଥିବା ବହୁ ନଜୀର ରହିଛି। ଭିଜିଲାନ୍ସର ଚଢ଼ାଉ ଓ ଲାଞ୍ଚୁଆ ସରକାରୀ କର୍ମଚାରୀଙ୍କୁ ଗିରଫ କରି ସେମାନଙ୍କୁ ଜେଲକୁ ପଠାଇବା ସ୍ୱାଗତଯୋଗ୍ୟ। ମାତ୍ର ଅଦାଲତରେ ସେମାନଙ୍କୁ ଦୋଷୀସାବ୍ୟସ୍ତ କରିବ ପାଇଁ ବଳିଷ୍ଠ ପ୍ରମାଣ ସହ ତତ୍ପରତା ପ୍ରକାଶ ନ କରିବା ରହସ୍ୟ କ'ଣ ବୁଝାପଡୁନାହିଁ। ଭିଜିଲାନ୍ସ ଯଦି ଲୋକଦେଖାଣିଆ ଭାବେ କେବଳ ଚଢ଼ାଉ କରେ, ମାତ୍ର ଅଦାଲତରେ ସେମାନଙ୍କୁ ଦଣ୍ଡିତ କରିବାରେ ବିଫଳ ହୁଏ, ଦୁର୍ନୀତି ବଢ଼ିବ ସିନା କମିବ ନାହିଁ ଏବଂ ଦୁର୍ନୀତି ନିବାରଣ ସପ୍ତାହ ପାଳନ, ଶପଥ ଗ୍ରହଣ କେବଳ ପ୍ରହସନ ବୋଲି କହିଲେ ହୁଏତ ଅତିରଞ୍ଜିତ ହେବ ନାହିଁ।

**ମୋ:୯୪୩୭୯୯୪୩୭୯**

## ଏଇ ଭାରତରେ

ଶିକ୍ଷାରେ କିଭଳି ଅଧିକରୁ ଅଧିକ ପିଲା ସାମିଲ ହେବେ ତାହାର ଏକ ଅଭିନବ ଉପାୟ ଆପଣାଇଛନ୍ତି ପଶ୍ଚିମବଙ୍ଗର ଦୀପ୍ ନାରାୟଣ ନାୟକ। ସେ ରାସ୍ତାରେ ଏବେ ୧୦,୦୦୦ ଅସହାୟ ପିଲାଙ୍କୁ ପଢ଼ାଇବାର ବ୍ୟବସ୍ଥା କରିଛନ୍ତି। ଘରର ମାଟିକାନ୍ଥକୁ କଳାପଟା କରି ଅସହାୟ ପିଲାଙ୍କ ମାତାପିତା, ଜେଜେ କିମ୍ବା ଜେଜମା'ଙ୍କୁ ବି ପଢ଼ାଇବା ଜାରି ରଖିଛନ୍ତି। ଏହା ଦ୍ୱାରା ଘରଲୋକେ ଶିକ୍ଷା ଉପରେ ସଚେତନ ହେବା ଯୋଗୁ ଡ୍ରପ୍‌ଆଉଟ ହ୍ରାସ ପାଉଛି। ସେ ପିଲାମାନଙ୍କୁ ଆବଶ୍ୟକ ପାଠ୍ୟ ଉପକରଣ ମାଗଣାରେ ଯୋଗାଉଛନ୍ତି। ଜାମୁରିଆ ଜିଲା ସମେତ ଅନ୍ୟ ୭ଟି ଜିଲା ଏପରିକି ଝାଡ଼ଖଣ୍ଡରେ ବି ସେ ଏହି କାର୍ଯ୍ୟ ଚଳାଇଛନ୍ତି। ତାଙ୍କ ଟିମ୍‌ରେ ଏବେ ୫୦ ଜଣ ଶିକ୍ଷକ ଓ ୧୫୦ ସହଯୋଗୀ ରହିଛନ୍ତି। ସେମାନେ ବିଭିନ୍ନ ଗାଁକୁ ଯାଇ ସେଠାରେ ଶିକ୍ଷିତ ପିଲାଙ୍କୁ ପ୍ରଶିକ୍ଷଣ ଦେଇ ପିଲାମାନଙ୍କୁ ପଢାଇବାର ବ୍ୟବସ୍ଥା କରୁଛନ୍ତି। ଦୀପ୍‌ଙ୍କୁ 'ରାସ୍ତାର ମାଷ୍ଟର' ବା ରାସ୍ତାର ଶିକ୍ଷକ ବୋଲି ଲୋକେ ସମ୍ବୋଧନ କରୁଛନ୍ତି। ଜାମୁରିଆ ଜିଲାର ନନ୍ଦିଗାଁଓ ଗ୍ରାମର ବାସିନ୍ଦା ଦୀପ୍ ନାରାୟଣ ପିଲାଦିନେ ଅଭାବ ଭିତରେ ବଢ଼ିଛନ୍ତି ଓ ପଢ଼ିଛନ୍ତି। ତାଙ୍କ ପିତା ଥିଲେ ଦିନମଜୁରିଆ। ସେ ବିଜ୍ଞାନରେ ଡିଗ୍ରୀ ହାସଲ କରି ଶିକ୍ଷକତା କରୁଥିଲେ। ପରେ ଅସହାୟ ପିଲାମାନଙ୍କୁ ଶିକ୍ଷାଦେବା ଲାଗି ନିଜ ଜୀବନକୁ ସମର୍ପିତ କରିଦେଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୮ ଡିସେମ୍ବର ୧୯୭୪

- ପଣ୍ଡିଚେରୀଠାରେ ଶ୍ରୀ ଅରବିନ୍ଦ ଆଶ୍ରମ ପକ୍ଷରୁ ନିର୍ମିତ ହେଉଥିବା ଆନ୍ତର୍ଜାତିକ ନଗରୀ ଅରୋଭିଲ ପାଇଁ ଅର୍ଥ ସାହାଯ୍ୟ ପ୍ରସ୍ତାବ ୟୁନେସ୍କୋ ଦ୍ୱାରା ଅନୁମୋଦିତ।
- ନରୋରେ ପ୍ରସ୍ତୁତ ୧୩ ଦଫା କାର୍ଯ୍ୟକ୍ରମ ରାଜ୍ୟରେ ତୁରନ୍ତ କାର୍ଯ୍ୟକାରୀ କରାଯିବା ନେଇ ପ୍ରଦେଶ କଂଗ୍ରେସ କମିଟିର ଉଚ୍ଚସ୍ତରୀୟ ନେତୃ ସମାବେଶରେ ନିଷ୍ପତ୍ତି।
- ୟୁରୋପୀୟ ନିରାପତ୍ତା ପାଇଁ ତୁଙ୍ଗ ସମ୍ମିଳନୀ ଡକାଇବା ନିମନ୍ତେ ରୁଷ୍ ପ୍ରସ୍ତାବକୁ ଫ୍ରାନ୍ସର ସମର୍ଥନ।

## su|do|ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | 1 | | | |
| | 5 | | 2 | | | | 3 | |
| 1 | | | 5 | 4 | | | | |
| | | | | | 4 | | | |
| 2 | 7 | | | | | | | 9 |
| | | 8 | | | | 4 | 5 | 6 |
| | | | 3 | 5 | | | 2 | 8 |
| | | 1 | | | 9 | | | |
| 3 | | | | | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 1 | 5 | 9 | 4 | 3 | 6 | 7 | 2 |
| 9 | 4 | 6 | 7 | 2 | 1 | 5 | 8 | 3 |
| 7 | 2 | 3 | 6 | 5 | 8 | 4 | 9 | 1 |
| 6 | 3 | 7 | 2 | 9 | 4 | 1 | 5 | 8 |
| 2 | 9 | 4 | 1 | 8 | 5 | 3 | 6 | 7 |
| 5 | 8 | 1 | 3 | 7 | 6 | 9 | 2 | 4 |
| 4 | 7 | 2 | 5 | 1 | 9 | 8 | 3 | 6 |
| 3 | 5 | 8 | 4 | 6 | 7 | 2 | 1 | 9 |
| 1 | 6 | 9 | 8 | 3 | 2 | 7 | 4 | 5 |

ଗତକାଲିର ଉତ୍ତର

# ସ୍ପିଡ୍ ବ୍ରେକର



ଦ୍ୱିତୀ ଚନ୍ଦ୍ର ସାହୁ

ରାସ୍ତାରେ ଆପଣ ଯାଉଥିବେ। ହଠାତ୍ ଆପଣ ଛେଚିହେବେ ନିଜ ବସିବା ସ୍ଥାନରେ। ବିରକ୍ତି ହେବେ ପ୍ରଥମେ। ତା'ପରେ ଜାଣିବେ ରାସ୍ତାରେ ସ୍ପିଡ୍ ବ୍ରେକର ଥିଲା, ତେଣୁ ଡ୍ରାଇଭର ବ୍ରେକ୍ କଷିବାରୁ ଧକ୍କା ଖାଇବାକୁ ପଡ଼ିଲା। ଆପଣ ନିଜେ ଗାଡ଼ି ଚଲେଇ ଯାଉଛନ୍ତି। ବ୍ୟସ୍ତ ଭିତରେ ଥିବେ। ଅପ୍ରତ୍ୟାଶିତ ଭାବେ ଆଗରେ ଦେଖିବେ ସ୍ପିଡ୍ ବ୍ରେକର ଅଛି। ଗାଡ଼ିର ଗତି କମେଇବେ ତ ନିଶ୍ଚିତ, ତା'ସହିତ ନିଜେ ମନେ ମନେ ଦି'ଚାରି ପଦ ଶୋଧିବେ ରାସ୍ତା ତିଆରି କରିଥିବା ବିଚରା ଲୋକଟି ଉପରେ, ଯଦିଓ ଇଞ୍ଜିନିୟରଙ୍କ ନିର୍ଦ୍ଦେଶକ୍ରମେ ନିର୍ମାଣ ହୋଇଥିବ ସ୍ପିଡ୍ ବ୍ରେକର। ଗାଡ଼ିର ଗତି କମାଇବା ଲାଗି, ଟ୍ରାଫିକ୍ ସୁବ୍ୟବସ୍ଥିତ କରିବା ପାଇଁ, ଜନଗହଳିପୂର୍ଣ୍ଣ ରାସ୍ତାରେ ଦୁର୍ଘଟଣା କମାଇବା ପାଇଁ ଅବା ଚାରିଛକରେ ମୁହାଁମୁହିଁ ଧକ୍କା ନ ହେବା ଭଳି ଅନେକ କାରଣ ହେତୁ ରାସ୍ତାରେ ନିର୍ଦ୍ଦିଷ୍ଟ ମାପ ଅନୁଯାୟୀ ସ୍ପିଡ୍ ବ୍ରେକର ଲାଗିଥାଏ। ଏହା ଅବଶ୍ୟ ଚାଳକ ତଥା ଯାତ୍ରୀଙ୍କ ପାଇଁ ଅସହ୍ୟ ହେଲେ ବି ସୁରକ୍ଷା ଯୋଗାଇଥାଏ। ଏସବୁ ସତ୍ତ୍ୱେ ଏଇ ସ୍ପିଡ୍ ବ୍ରେକର ଯୋଗୁ ବର୍ଷକୁ ହାରାହାରି ଦଶହଜାର ବେପରୁଆ ଚାଳକଙ୍କ ମୃତ୍ୟୁ ହେଉଥିବା ବି ଆକଳନ କରାଯାଇଛି। ଆଗରେ ସ୍ପିଡ୍ ବ୍ରେକର ଥିବା ସତ୍ତ୍ୱେ ଦ୍ରୁତଗତିରେ ଗାଡ଼ି ଚଲେଇବାର ଅଭ୍ୟାସ ହେତୁ ବାଡ଼େଇ ହୋଇ ଦୁର୍ଘଟଣା ଘଟେ। ଚାଲି ନ ଜାଣିଲେ ବାଟର ଦୋଷ ଭଳି ଅନେକ ସମୟରେ ରାସ୍ତାକୁ ଦୋଷ ଦେଉ। ଅଥଚ ନିଜ ଦୋଷ ପ୍ରତି ଅଣଦେଖା କରୁ।

ଜୀବନ ବି ଗୋଟେ ଲମ୍ବା ରାସ୍ତା। ଏହାକୁ ଛୋଟ କରିଦେଉ ଆମେ। ବ୍ୟସ୍ତତା ଓ କ୍ଷିପ୍ରଗତିରେ ଯିବାର ଆବେଗରେ ବେଳେବେଳେ ପହଞ୍ଚିବା ଅପେକ୍ଷା ଆଦୌ ନ ପହଞ୍ଚିବା ଭଳି ସ୍ଥିତି ସୃଷ୍ଟିକରୁ। ଜୀବନର ଏଇ ଅନୁଭବମୟ ଦୀର୍ଘରାସ୍ତା ବାସ୍ତବରେ ଖୁବ୍ ସୁନ୍ଦର। ଏଠି ନିଜେ ଚାଲି ହୁଏ ଏବଂ ଅନ୍ୟକୁ ଚଲାଇ ହୁଏ। ଏଠି ଶିଖି ହୁଏ ପୁଣି ଅନ୍ୟକୁ ଶିଖାଇ ହୁଏ। କିଏ କିଏ ଅନ୍ୟକୁ ଦେଖି ଶିଖି ବି ପାରନ୍ତି। ତଥାପି ଜୀବନ ପ୍ରତି ଆମର ଅଭିଯୋଗ ଅନେକ। ଜୀବନର ମହତ୍ତ୍ୱକୁ ନ ବୁଝି ଅନେକ ପରାମର୍ଶ ନିଜେ ଜୀବନକୁ ଦେଇପାରୁ। ଜୀବନ କିନ୍ତୁ ନିଜ ବାଟରେ ଚାଲେ। କେବେ କେବେ ବିନା ଡ୍ରାଇଭରରେ। ଆଉ କେବେ ଜୀବନଧାରଣ କରିଥିବା ବ୍ୟକ୍ତି ଚାଳକ ସାଜେ। ସୁବ୍ୟବସ୍ଥିତ ଭାବେ ଜୀବନ ଚାଲିବାକୁ ଚାହେଁ। ସେ ନିଜପଣରେ ଆଗକୁ ବଢ଼େ। ସେଇକ୍ରମରେ ଆମକୁ ଯିବାକୁ ହୁଏ। ଏଥିରେ ଆମର ବ୍ୟତିକ୍ରମ ବହୁତ। କିଏ ଧୀମା ଯିବାକୁ ଇଚ୍ଛା କରେ ତ କିଏ ପୁଣି ଦୌଡ଼ି ଦୌଡ଼ି ପହଞ୍ଚିବାକୁ ଆଗ୍ରହ ଅଧିକ ରଖେ। ସଫଳତା ପ୍ରାପ୍ତିର ବିଭୋରପଣ ବସ୍ତୁତଃ ମଣିଷକୁ କ୍ଷିପ୍ର କରେ। ଆତୁରପଣ ଜୀବନର ଗତିପଥକୁ ବଢ଼େଇବାକୁ ଚାହେଁ। କେବେ କେବେ ବଳ ପ୍ରୟୋଗପୂର୍ବକ ଗତିକୁ ବଢ଼େଇଦିଏ। ସେତିକିବେଳେ ଧକ୍କା ଖାଇବାର ସମ୍ଭାବନା ଅଧିକ ଥାଏ। ଏଇ ଅନିୟନ୍ତ୍ରଣ ଆବେଗ ଓ ଦୌଡ଼ିବାର ନିଶା ମଣିଷକୁ ପଥଭ୍ରଷ୍ଟ କରାଏ। ଏସବୁକୁ ସୁଧାରିବାକୁ ଜୀବନରେ ସ୍ପିଡ୍ ବ୍ରେକରର ଆବଶ୍ୟକତା ଥାଏ। ରାସ୍ତାରେ ଥିବା ଭିନ୍ନ ଭିନ୍ନ କିସମର ସ୍ପିଡ୍ ବ୍ରେକର ଭଳି ବ୍ୟକ୍ତିଗତ ଜୀବନରେ ସ୍ପିଡ୍ ବ୍ରେକର ଭିନ୍ନ ଭିନ୍ନ ଢଙ୍ଗରେ ଉଭା ହୁଅନ୍ତି। ଆମ ଭିତରେ ଅଧିକ ଚଗଲାମି ବଢ଼ିଗଲେ କିମ୍ବା ବେଶି ସିଆଣିଆ ହୋଇ ଅଧିକ ଉତ୍ପାତ ହେଲେ ଆମ ମା'ବାପା, ଗୁରୁଜନ ସେଥିରୁ କ୍ଷାନ୍ତ ହେବାକୁ ପରାମର୍ଶ ଦିଅନ୍ତି। ସ୍ପିଡ୍ ବ୍ରେକର ଭଳି ନିଜ ଅନୁଭୂତିକୁ ପାଥେୟକରି ରୁଚିକର ପରାମର୍ଶ ଦିଅନ୍ତି। ସେସବୁକୁ ଅନେକ ସମୟରେ ଅଣଦେଖା କରି ଆଗକୁ ସେମିତି ବଢ଼ିବାକୁ ଆଗ୍ରହ ରଖୁ। ମୂଲ୍ୟହୀନ ପରାମର୍ଶ କୋଉ କାମକୁ ନୁହଁ ବୋଲି ବିଚାରବୋଧ କରିଦେଉ। ଗୁରୁଜନଙ୍କ ମହତ୍ ବାଣୀରୂପକ ନାଲି ସିଗ୍‌ନାଲକୁ ଭ୍ରୁକ୍ଷେପ ନ କରି ଥେଇ ଥେଇ ହେଲେ ବିପଦର ସମ୍ମୁଖୀନ ହେଉ। ତା'ପରେ ହିଁ ଗୁରୁଜନଙ୍କ କଥାର ଓଜନକୁ ବୁଝିପାରୁ।



ଆଜିକା ସମାଜରେ ଗୁରୁଜନଙ୍କ ପ୍ରତି ପରପିଢ଼ିଙ୍କ ହେୟ ମନୋଭାବ ଯୋଗୁ ଅକାରଣରେ ଜୀବନକୁ ଦୁଃଖମୟ ଆଡ଼କୁ ଟାଣିନେଉ। ଗୁରୁଜନ ସବୁବେଳେ ଆମ ପାଇଁ ସ୍ପିଡ୍ ବ୍ରେକର। ଉଚିତ୍ ସମୟରେ ସତର୍କ କରାଇ ଦିଅନ୍ତି ଆଗତ ବିପଦ ସମ୍ପର୍କରେ। ଜୀବନ ପୁଣି ଜଞ୍ଜାଳମୟ ଓ ସମସ୍ୟାବହୁଳ ବୋଲି ପ୍ରାୟତଃ ଅଭିଯୋଗ ଶୁଣିବାକୁ ମିଳେ। ଜୀବନ ରାସ୍ତାରେ ସମସ୍ୟା ହେଉଛି ସ୍ପିଡ୍ ବ୍ରେକର। ତାକୁ ଧୀରସ୍ଥିରରେ ପାରି କରିବାକୁ ହେବ। ଜୀବନ ରାସ୍ତାରେ ଆଗକୁ ବଢ଼ିବାକୁ ହେବ। ସମସ୍ୟା ମଣିଷକୁ ବ୍ୟତିବ୍ୟସ୍ତ କରାଏ ସତ, କିନ୍ତୁ ସମସ୍ୟା ମଣିଷକୁ ସଚେତନ କରାଇଦିଏ। ଜିଇବାକୁ ଏବଂ ବଢ଼ିବାକୁ ଉଚିତ୍ ଶିକ୍ଷା ଦିଏ। ବିପଦ ପୂର୍ବର ସୂଚନା ଭଳି ସ୍ପିଡ୍ ବ୍ରେକର ଜୀବନରେ ରହିଆସିଛି। ଧୋକା ଖାଇବା, ଠକି ହେବା, ବିପଦର ସମ୍ମୁଖୀନ ହେବା, ବିଫଳତା ଲଭିବା, ଦୁର୍ଘଟଣାର ଶିକାର ହେବା ଏସବୁ ଏକପ୍ରକାର ଜୀବନର ସ୍ପିଡ୍ ବ୍ରେକର ଜୀବନକୁ ବୁଝିବାକୁ ଓ ହେଜିବାକୁ ସୁଯୋଗ ଦିଏ। ସେଥିରୁ ଶିଖି ଆଗକୁ ବଢ଼ିଲେ ଜୀବନର ଗତିପଥ ବଦଳିଯାଏ। ଅନ୍ୟଥା ଜୀବନ ଦୁର୍ବିସହ ହୋଇପଡ଼େ।

ପରିବେଶ ଦିଗରେ ବି ମଣିଷକୁ ପ୍ରତି ମୁହୂର୍ତ୍ତରେ ପ୍ରକୃତି ସ୍ପିଡ୍ ବ୍ରେକର ଭଳି ଚେତାବନୀ ଦେଇଚାଲିଛି। କରୋନା ଭଳି ମହାବିପତ୍ତି ମାଡ଼ି ଆସି ସମଗ୍ର ବିଶ୍ୱକୁ ସ୍ତବ୍ଧ କରିଦେଇଛି। ବିଶ୍ୱତାପନ ଆମ ପରି ସ୍ଥାନ ପ୍ରତି ଚରମ ଆହ୍ୱାନ ଭାବେ ଉଭା ହୋଇଛି। ଏସବୁରୁ ଅନେକ କଥା ବୁଝିବାର ବେଳ ମଣିଷ ନିକଟରେ ଆସି ପହଞ୍ଚି ସାରିଛି। ନିଜକୁ ନିୟନ୍ତ୍ରଣ କରିବାକୁ ପଡ଼ିବ ଓ ବିକାଶକୁ ସାଥୀକରି ବଢ଼ିବାକୁ ହେବ। ପରିବେଶ ଓ ପ୍ରକୃତିର ସଂରକ୍ଷଣ ଏବଂ ସୁରକ୍ଷା ଦିଗରେ ବିଭିନ୍ନ ସଂସ୍ଥା ସ୍ପିଡ୍ ବ୍ରେକର ସାଜିବା ଦରକାର। ବଦଳୁଥିବା ପରିବେଶକୁ ନେଇ ଲୋକଙ୍କୁ ସଚେତନ ଓ ଜାଗ୍ରତ କରାଇବା ଆବଶ୍ୟକ। ଓଡ଼ିଶାବାସୀ ତଥା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ପ୍ରକୃତି ସୁରକ୍ଷା ଦିଗରେ ଅନେକ କାମ କରିବାର ଆବଶ୍ୟକତା ମନେହେଉଛି।

ମନୋବିଜ୍ଞାନ ଦୃଷ୍ଟିରୁ ମଣିଷ ସେତେବେଳ ଯାଏ ସଚେତନ ହୋଇ ନ ଥାଏ ଯେତେବେଳ ଯାଏ ତା' ସାମ୍ନାରେ ଉତ୍ପ୍ରେରକଟିଏ ନ ଥାଏ। ଉତ୍ପ୍ରେରକକୁ ସାମ୍ନା କଲେ ମଣିଷର ସ୍ୱାଭାବିକ କ୍ରିୟାରେ ପରିବର୍ତ୍ତନ ଆସିଯାଏ। ସେ ଜୀବନ ସମସ୍ୟା ହେଉ ଅବା ସ୍ପିଡ୍ ବ୍ରେକର ଜୀବନର ଉତ୍ତମ ଉତ୍ପ୍ରେରକ, ଏଇଠୁ ଜୀବନକୁ ସୁସଂହତ କରିବା ଆବଶ୍ୟକ। କିନ୍ତୁ ଭଙ୍ଗା ସ୍ପିଡ୍ ବ୍ରେକରର ଖାଲି ଅଂଶ ଦେଇ ଗାଡ଼ିକୁ ଦ୍ରୁତଗତିରେ ଚଲାଇବା ଭଳି ଜୀବନକୁ ସବୁବେଳେ ଫାଙ୍କ ଦେଇ ଆଗକୁ ବଢ଼େଇବାକୁ ଦିଆ ନ ଯାଉ। କିଏ କହିବ ଭଙ୍ଗା ସ୍ପିଡ୍ ବ୍ରେକରର ସେପଟେ ବଡ଼ ବିପଦ ଥିବ ଏବଂ ସେଇଠି ସବୁକିଛି ଶେଷ ହୋଇଯିବ। ଏଣିକି ବିଚାର ଆପଣଙ୍କର!

**ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା**
**ମୋ: ୯୪୩୭୯୦୯୬୭୧**

## ପାଠକ ଶ୍ରେଷ୍ଠ ବିଚାରକ

### ମାଗଣା ଚାଉଳ କେବଳ ଭୋଟ ପାଇଁ

ମହାଶୟ,

ଲୋକ ସଭା ଭୋଟ ଆଉ ମାତ୍ର ପାଞ୍ଚ ଛଅ ମାସ ରହିଲା। ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ କେନ୍ଦ୍ର ସରକାର ଆଜିଠୁ ଯୋଜନାମାନ କଲେଣି। ମାଗଣାରେ ଚାଉଳ ଦେବା କଥା କହିଲେଣି। ଏହା କେବଳ ଭୋଟ ପାଇଁ କରୁଛନ୍ତି। କେନ୍ଦ୍ର ସରକାର ଦେଶରେ ୮୦କୋଟି ଗରିବ ଅଛନ୍ତି ବୋଲି ପ୍ରମାଣ ଦେଉଛନ୍ତି। ଏଥିରୁ ସ୍ପଷ୍ଟ ବାରି ହୋଇପଡୁଛି ଯେ, ସରକାର ଗରିବଙ୍କ ସଂଖ୍ୟା କମାଉ ନାହାନ୍ତି ବରଂ ସେମାନଙ୍କ ସଂଖ୍ୟା କାଗଜ କଲମରେ ବଢାଇ ସାହାଯ୍ୟ ଦେବା ବାହାନାରେ ଯୋଜନାମାନ କରୁଛନ୍ତି। ବିଭିନ୍ନ ଯୋଜନା ମାଧ୍ୟମରେ ଅର୍ଥ ଆତ୍ମସାତ କରି ନିଜ ଫାଇଦା ପାଇଁ ଆଦାନୀ, ଅମ୍ବାନୀଙ୍କ ପରି ପୁଞ୍ଜିପତିମାନଙ୍କୁ ସୃଷ୍ଟି କରୁଛନ୍ତି। ଯୋଜନାରେ ଖାଲି ଶୋଷଣ ଆଉ ଶୋଷଣ। ଲୋକଙ୍କର କହିବାର ଅଧିକାର ନାହିଁ। ଏହା କେତେ ଦିନ ?

**-ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସିକ୍ତ କରି ରିକ୍ତ ମାଟି ରକ୍ତ ଊର୍ମି ଉଠଇ ଉଜାଣି
ଚଳଇ ଧରଣୀ ପରେ ମରଣ ନିର୍ଭୀକ
ଦୃପ୍ତପଦେ ଦୁନିଆର ଅନ୍ତନାଡି ଦନ୍ତେ ଦୃଢ଼େ ଟାଣି
ନାଚି ଉଠେ ଶତାବ୍ଦୀର ଶୋଣିତ ସୈନିକ।
-(ଶତାବ୍ଦୀ-ସୈନିକ)

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**

Govt. of Uttarakhand
75 Azadi Ka Amrit Mahotsav

*Uttarakhand on the rise*
*A land of peace, potential and prosperity*

DESTINATION UTTARAKHAND
GLOBAL INVESTORS SUMMIT 2023
Peace To Prosperity
8th - 9th December | Dehradun

# UTTARAKHAND
## Global Investors Summit 2023



**Pushkar Singh Dhami**
Chief Minister of Uttarakhand

*Inauguration*

by



**Narendra Modi**
Prime Minister

# Narendra Modi
Prime Minister

in the august presence of



## Pushkar Singh Dhami
Chief Minister, Uttarakhand

**Date: 08 December, 2023**

**Time: 9 AM | Venue: FRI, Dehradun**



Memorandum of Understanding (MoU) worth more than ₹3 lakh crore signed under Uttarakhand Global Investors Summit 2023.

More than 5,000 business representatives and ambassadors from different countries will participate.

Ground-Breaking Ceremony of projects worth more than ₹44,000 crore.

More than 27 investor-friendly policies implemented in all areas of the state. Promotion of state investment through competitive incentives, subsidies and favorable business environment.

**To register visit URL** www.destinationuttarakhand.co.in/investorsummit/visitors/visitor-register

or scan the QR code

/ukgis2023

**Toll Free No. 1800-309-7225**

Watch the live telecast of the program on DD News

Issued in Public Interest by Information & Public Relations Department, Uttarakhand | www.uttarainformation.gov.in | DIPR_UK | UttarakhandDIPR | UttarakhandDIPR

# ଆର୍‌ଆଇଙ୍କ ଅନୁପସ୍ଥିତିକୁ ନେଇ ହୋହଲ୍ଲା

ନିରାକାରପୁର,୭।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଏସ୍‌ଇବିସି ସାର୍ଟିଫିକେଟ ଠାରୁ ଆରମ୍ଭ କରି ରେସିଡେଣ୍ଟ ଏପରିକି ଆୟ ପ୍ରମାଣପତ୍ର ଆବେଦନ ପାଇଁ ରାଜସ୍ୱ ନିରୀକ୍ଷକଙ୍କ ଦସ୍ତଖତ ଆବଶ୍ୟକ ହୋଇଥାଏ। କେତେଜଣ ହିତାଧିକାରୀ ସାର୍ଟିଫିକେଟ ପାଇଁ ରାଜସ୍ୱ କାର୍ଯ୍ୟାଳୟକୁ ଆସୁଥିଲେ ମଧ୍ୟ କାର୍ଯ୍ୟ ହୋଇପାରୁ ନାହିଁ। ଅନ୍ୟପଟେ ୧୫ଦିନ ହେବ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟକୁ ଆସୁ ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁବାର ସ୍ଥାନୀୟ ଅଞ୍ଚଳର କେତେଜଣ ହିତାଧିକାରୀ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ହୋହଲ୍ଲା କରିଥିଲେ। ଏଭଳି ଦୃଶ୍ୟ ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଗୋଳବାଇ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି। ଓରବରସିଂ ପଞ୍ଚାୟତ ଅଞ୍ଚଳର ଦୁର୍ଗାପ୍ରସାଦ ଦଳେଇଙ୍କ


ଗୋଳବାଇ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଲୋକେ ହୋହଲ୍ଲା କରୁଛନ୍ତି।

ଅଭିଯୋଗ ଅନୁଯାୟୀ, ସେ ଗତ ୨୨ତାରିଖରୁ ଇଡବ୍ଲ୍ୟୁଏସ ଓ ଏସ୍‌ଇବିସି ସାର୍ଟିଫିକେଟ ପାଇଁ ଅନଲାଇନରେ ଆବେଦନ କରିଛନ୍ତି। ଏହାର ଅବଧି ସାରିବାକୁ ବସିଥିଲେ ସୁଦ୍ଧା କାର୍ଯ୍ୟାଳୟରେ ଆର୍‌ଆଇଙ୍କ ଦେଖାମିଳୁ ନାହିଁ କିମ୍ବା ଫୋନ ଉଠାଉନାହାନ୍ତି। ସେହିପରି ଗୋଳବାଇ ଅଞ୍ଚଳର ସନ୍ତୋଷ ରାଉତ କହିଛନ୍ତି, ସରକାରୀ ଚାକିରି ଆବେଦନ ନିମନ୍ତେ ରେସିଡେଣ୍ଟ ସାର୍ଟିଫିକେଟ ଆବଶ୍ୟକ ଥିବାବେଳେ କାର୍ଯ୍ୟାଳୟକୁ ବାରମ୍ବାର ଆସିଥିଲେ ମଧ୍ୟ ଆର୍‌ଆଇଙ୍କ ଦେଖାମିଳୁ ନାହିଁ। ସୁବଳପାଟଣାର ପ୍ରଦୀପ ନାୟକ ଓ ବିଜୟାନନ୍ଦ ସ୍ୱାଇଁ ରେସିଡେଣ୍ଟ ସାର୍ଟିଫିକେଟ ଓ ଏସ୍‌ଇବିସି ସାର୍ଟିଫିକେଟ ପାଇଁ ଗତ ୨୯ତାରିଖରୁ କାର୍ଯ୍ୟାଳୟକୁ ଆସୁଥିଲେ ମଧ୍ୟ ଆର୍‌ଆଇଙ୍କ ଅନୁପସ୍ଥିତି ଯୋଗୁ ଦସ୍ତଖତ ମିଳିପାରୁନାହିଁ ବୋଲି ସେମାନେ କହିଛନ୍ତି। ଗୁରୁବାର କେତେଜଣ ହିତାଧିକାରୀ କାର୍ଯ୍ୟାଳୟରେ ହୋହଲ୍ଲା କରିବାରୁ ଖବରପାଇ ରାଜସ୍ୱ ନିରୀକ୍ଷକ ରାକେଶ କୁମାର ବେହେରା ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏନେଇ ରାଜସ୍ୱ ନିରୀକ୍ଷକ ରାକେଶ କହିଛନ୍ତି, ଅଫିସ କାମରେ ବାହାରକୁ ଯିବାକୁ ପଡୁଛି। ବିଶେଷକରି ଗାଁକୁ ଗାଁ କ୍ୟାମ୍ପ କୋର୍ଟ ଓ ଲ୍ୟାଣ୍ଡ ଷ୍ଟାଟସ କାର୍ଯ୍ୟରେ ବ୍ୟସ୍ତ ରହୁଛି ବୋଲି ସେ ପ୍ରକାଶ କରିଛନ୍ତି।

### ୧୫ ଦିନ ହେବ କାର୍ଯ୍ୟାଳୟକୁ ଆସୁନାହାନ୍ତି

## ସଂକ୍ଷେପରେ

### ଭୁଶୁଡ଼ିଲା ବାସଗୃହ, ବର୍ତ୍ତିଲେ ପରିବାର

ବୋଲଗଡ଼,୭।୧୨(ଦେବବ୍ରତ ହୋତା)
ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ଅନ୍ତର୍ଗତ ଖଲିକୋଟ ଗ୍ରାମର ସୁରେନ୍ଦ୍ର ମହାପାତ୍ରଙ୍କ ବାସଗୃହ ଗୁରୁବାର ହଠାତ୍ ଭୁଶୁଡି ପଡିଛି। ବର୍ଷାରେ ମାଟିକାନ୍ଥ ସହ ଘରର ଛପର ଭାଙ୍ଗି ତଳେ ପଡିଛି। ଭୁଶୁଡିବା ସମୟରେ ଘର ଭିତରେ କେହି ପରିବାର ଲୋକ ନ ଥିବାରୁ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ପରିବାରଲୋକେ ଏବେ କେଉଁଠାରେ ମୁଣ୍ଡ ଗୁଞ୍ଜିବେ ଚିନ୍ତାରେ ପଡିଛନ୍ତି। ଅନ୍ୟପକ୍ଷରେ ଆବାସ ଯୋଜନାରେ ଘର ପାଇଁ ଆବେଦନ କରୁଥିଲେ ମଧ୍ୟ ସୁଫଳ ପାଇପାରିନାହାନ୍ତି ବୋଲି ସୁରେନ୍ଦ୍ର କହିଛନ୍ତି। ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ଡାଇରେକ୍ଟର ପ୍ରକାଶ ଚନ୍ଦ୍ର ରାଉତରାୟ ଖବରପାଇ ଗ୍ରାମରେ ପହଞ୍ଚିବା ସହ ସୁରେନ୍ଦ୍ରଙ୍କ ପରିବାରଙ୍କୁ ଭେଟି ସମବାୟ ସମିତି ମାଧ୍ୟମରେ ବଳରାମ ଯୋଜନାରେ ଋଣ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ମଦ ଜବତ, ବେପାରୀ ଗିରଫ

ବେଗୁନିଆ,୭।୧୨(ହର ପ୍ରସନ୍ନ ପଣ୍ଡା)
ବେଆଇନ ଭାବେ ଦେଶୀ ମଦ ବିକ୍ରି କରିବା ଅଭିଯୋଗରେ ବେଗୁନିଆ ପୋଲିସ ଗୁରୁବାର ଜଣେ ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଗୋଡ଼ିପାଟଣା ଗ୍ରାମର ରଙ୍କ ଦଳେଇ (୪୫)। ତାଙ୍କ ନିକଟରୁ ୩୦ଲିଟର ଦେଶୀ ମଦ ଜବତ ହୋଇଛି। ସୂଚନା ମୁତାବକ, ବେଗୁନିଆ ପୋଲିସ ପକ୍ଷରୁ ଭୋରରୁ ପାଟ୍ରୋଲିଂ ଚାଲିଥିଲା। ଏହି ସମୟରେ ଗୋଡିପାଟଣା ଗ୍ରାମ ନିକଟ ରାସ୍ତାର ଏକ ନିଛାଟିଆ ସ୍ଥାନରେ ମଦ ବିକ୍ରି ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ପୋଲିସ ଉକ୍ତ ସ୍ଥାନରେ ଚଢ଼ାଉ କରି ରଙ୍କଙ୍କୁ ଗିରଫ କରିଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୪୨୬/୨୩) ରୁଜୁକରି ତଦନ୍ତ ଚଳାଇଛି।

### ବନ ବିଭାଗ ପକ୍ଷରୁ ମିଳିଲା ସହାୟତା

ଟାଙ୍ଗୀ,୭।୧୨(ରଘୁନାଥ ସାହୁ)
ବିଲରେ ଧାନ ଫସଲ ଜଗିଥିବା ବେଳେ ଗତ ୩ ତାରିଖରେ ହାତୀ ଆକ୍ରମଣରେ ଦୁଇଜଣ ଚାଷୀଙ୍କ ମୃତ୍ୟୁ ଘଟିଥିଲା। ମୃତକଦ୍ୱୟ ହେଲେ ରାମଚନ୍ଦ୍ରପୁର ପଞ୍ଚାୟତ ବରିକୋ ଗ୍ରାମର ଲକ୍ଷ୍ମୀ ଧର ବେହେରା ଓ ପାରିଓରଡ ପଞ୍ଚାୟତ ଜରିଟାପୁ ଗ୍ରାମର କୃଷ୍ଣଚନ୍ଦ୍ର ପ୍ରଧାନ। ଏନେଇ ଟାଙ୍ଗୀ ଥାନାରେ ପୃଥକ୍ ଭାବେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଗତ ୫ ତାରିଖରେ ରେଡକ୍ରସ ପକ୍ଷରୁ ମୃତ ଚାଷୀଦ୍ୱୟଙ୍କ ପରିବାରକୁ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିବା ବେଳେ ଗୁରୁବାର ଖୋର୍ଦ୍ଧା ଡିଏଫ୍‌ଓ କାର୍ଯ୍ୟାଳୟ ପକ୍ଷରୁ ୬୦ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଇଛି।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଟାଙ୍ଗୀ,୭।୧୨(ରଘୁନାଥ ସାହୁ)
ଅବସରପ୍ରାପ୍ତ ଶିକ୍ଷକ ଉଦୟ ନାଥ ସ୍ୱାଇଁଙ୍କ ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା। ସେ ଟାଙ୍ଗୀ ସରକାରୀ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଶିକ୍ଷକ ଭାବେ କାର୍ଯ୍ୟ କରି ଅବସର ନେଇଥିଲେ। ତାଙ୍କର ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

# ଆଜିଠୁ ରାଜସୁନାଖଳା ମହୋତ୍ସବ

ବୋଲଗଡ଼,୭।୧୨(ଦେବବ୍ରତ ହୋତା)

ରାଜସୁନାଖଳା ମହୋତ୍ସବ କାଉଁରୀ-୨୦୨୩ ର ପଞ୍ଚମ ସଂସ୍କରଣ ଶୁକ୍ରବାର ଆରମ୍ଭ ହେବ। ଏନେଇ ରାଜସୁନାଖଳା ଅଞ୍ଚଳ ଚଳଚଞ୍ଚଳ ହୋଇପଡ଼ିଛି। ମହୋତ୍ସବ କମିଟି ସଦସ୍ୟ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଭିଡ଼କୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ତୋରଣ ନିର୍ମାଣ, ଷ୍ଟଲ ଆବଣ୍ଟନ, ଅଭ୍ୟର୍ଥନା, ସ୍ଥାନୀୟ କଳାକାର ଚୟନ ଓ ବହିରାଗତ କଳାକାର ଦଳ ନିମନ୍ତ୍ରଣ, ଅତିଥି ଚୟନ ଓ ନିମନ୍ତ୍ରଣ, ସ୍ମରଣିକା ଓ ସମ୍ବର୍ଦ୍ଧନା ଆଦି ବିଭାଗ ପାଇଁ ବିଭିନ୍ନ କମିଟିର କାର୍ଯ୍ୟ ଚୁଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମହୋତ୍ସବ ପାଞ୍ଚଦିନ ପାଳନ ହେବାକୁ ଥିବା ବେଳେ ସ୍ଥାନୀୟ ଲୋକକଳାକୁ ଉଜ୍ଜୀବିତ କରିବା ସହ ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ପ୍ରଚାର ପାଇଁ ଉଦ୍ଦିଷ୍ଟ ମହୋତ୍ସବର ମୁକ୍ତାକାଶ

### ଉଦ୍‌ଘାଟନ କରିବେ ରାଜ୍ୟପାଳ



ରଙ୍ଗମଞ୍ଚ ପ୍ରସ୍ତୁତ ହୋଇଛି। ରାଜ୍ୟପାଳ ରଘୁବର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ମହୋତ୍ସବକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟପାଳ ରାଜସୁନାଖଳା ମହୋତ୍ସବ ପଡ଼ିଆରେ ସନ୍ଧ୍ୟା ୬ ଟା ୩୦ରେ ପହଞ୍ଚିବା ପରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଏଠାରେ ଏକଘଣ୍ଟା ଅବସ୍ଥାନ କରି ଫେରିଯିବେ ବୋଲି କମିଟି ଅଧ୍ୟକ୍ଷ ଆର୍ତ୍ତତ୍ରାଣ ପ୍ରଧାନ ଓ ସମ୍ପାଦକ ଚିତ୍ତରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

# ଗ୍ରାମ ପରିକ୍ରମା କରି ସଡ଼କ ସୁରକ୍ଷା ବାର୍ତ୍ତା



ଜିରୋ ଫାଟାଲିଟି ୱିକ୍ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବିଦ୍ୟାର୍ଥୀ ଏବଂ ଅନ୍ୟମାନେ।

ବୋଲଗଡ଼,୭।୧୨(ଦେବବ୍ରତ ହୋତା)
ଖୋର୍ଦ୍ଧା ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇଙ୍କ ନିର୍ଦ୍ଦେଶକ୍ରମେ ସଂପୁର ସ୍ଥିତ ଚତୁର୍ଭୁଜ ଉଚ୍ଚ ବିଦ୍ୟାଳୟରେ ଜିରୋ ଫାଟାଲିଟି ୱିକ୍ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ପୌରୋହିତ୍ୟ ଓ ସ୍ମିତାସିନ୍ଧୁ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ବିଚିତ୍ର କୁମାର ଘଡ଼େଇ ଏବଂ ଶିକ୍ଷୟିତ୍ରୀ ଶ୍ରୋତାଲିନୀ ସାହୁଙ୍କ ତତ୍ତ୍ୱାବଧାନରେ ଏହି ସଚେତନତା କାର୍ଯ୍ୟକ୍ରମରେ ବିଦ୍ୟାଳୟ ନିରାପତ୍ତା କମିଟିର ସମସ୍ତ ସଭ୍ୟାସଭ୍ୟ, ସ୍କାଉଟ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବେପରୁଆ ଗାଡ଼ିଚାଳନା, ମାଦକ ଏବଂ ନିଶାଦ୍ରବ୍ୟ ସେବନ କରି ଗାଡ଼ିଚାଳନା,ସିଟ ବେଲ୍ଟ ନ ବାନ୍ଧି ଗାଡି ଚଳାଇବା, ହେଲମେଟ ପରିଧାନ ନ କରିବା, ବ୍ରେକ ଓ ଟାୟାର ଠିକ ନ ଥିଲେ, ଅଣ ତାଲିମପ୍ରାପ୍ତ ବ୍ୟକ୍ତି ଯାନ ଚଳାଇଲେ, ଟ୍ରାଫିକ ନିୟମ ଉଲଂଘନ କଲେ, ଦ୍ରୁତଗତିରେ ଗାଡି ଚଳାଇଲେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ହୋଇଥାଏ ବୋଲି ବିଦ୍ୟାର୍ଥୀମାନଙ୍କୁ ଅବଗତ କରାଯାଇଥିଲା। ଶିକ୍ଷୟିତ୍ରୀ ଶୈବାଳିକ ମଲ୍ଲିକ ଓ ସୌଦାମିନୀ ସୁବୁଦ୍ଧିଙ୍କ ତତ୍ତ୍ୱାବଧାନରେ ବିଦ୍ୟାର୍ଥୀମାନେ ବ୍ୟାନର ଓ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ବିଭିନ୍ନ ସାହି ପରିକ୍ରମା କରି ସଚେତନ କରିଥିଲେ। ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପ୍ରଧାନ, ସୌଦାମିନୀ ପରିଡା, ସ୍ନେହଲତା ପାଇକରାୟ, ଶିକ୍ଷକ ବିଶ୍ୱଜିତ ସରୋଜ କୁମାର ସହଯୋଗ କରିଥିଲେ। ଶିକ୍ଷକ ବିଭୁପ୍ରସାଦ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ମନ୍ଦିର ପ୍ରତିଷ୍ଠା ଉତ୍ସବ

କୃଷ୍ଣପ୍ରସାଦ,୭।୧୨(କୈଳାସ ଚନ୍ଦ୍ର ପଟ୍ଟନାୟକ)
ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ କୁରୁପାଳ ଗ୍ରାମବାସୀଙ୍କ ପକ୍ଷରୁ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ଚିଲିକା ତଟଦେଶରେ ଅବସ୍ଥିତ ବୁଢ଼ୀମା ଓ ମା'ପାଦୁକାଇ ଗ୍ରାମ ଦେବତୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହେଉଛି। ଏଥିନିମନ୍ତେ ଗ୍ରାମ ପୁଷ୍କରିଣୀରୁ କଳସ ଶୋଭାଯାତ୍ରାରେ ଜଳ ଆଣି ମଣ୍ଡଳ ସ୍ଥାପନ କରାଯାଇଥିଲା। ପଣ୍ଡିତ ଟୁକୁନା କରଙ୍କ ନେତୃତ୍ୱରେ ଯଜ୍ଞ କାର୍ଯ୍ୟ ପରିଚାଳନା ନିମନ୍ତେ ୭ଜଣ ବ୍ରାହ୍ମଣ ନିୟୋଜିତ ହୋଇଛନ୍ତି। ସ୍ଥାନୀୟ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ପରିବେଷଣ କରୁଥିବା ବେଳେ ପ୍ରତ୍ୟହ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ସନ୍ଧ୍ୟାରେ ସମରକଳା ପାଇକଆଖଡା ପ୍ରଦର୍ଶନ ହେଉଥିବା ବେଳେ ଗ୍ରାମ୍ୟ କମିଟ ସଭାପତି ସାଧୁ ଚରଣ ସ୍ୱାଇଁ, ସମ୍ପାଦକ ଅଭୟ ମହାରଣା, ଦିଗମ୍ବର ଜେନା, ବିଦ୍ୟାଧର ଜେନା, ଭରତ ଚନ୍ଦ୍ର ଜେନା, ପ୍ରବୀର କୁମାର ଖୁଣ୍ଟିଆଙ୍କ ସମେତ ଗ୍ରାମବାସୀ ଉତ୍ସବ ପାଳନରେ ସହଯୋଗ କରୁଛନ୍ତି।

# ବର୍ଷା ପ୍ରଭାବରେ ଧାନଫସଲ ନଷ୍ଟ


ଅଧିକାରୀମାନେ ଧାନଫସଲ କ୍ଷୟକ୍ଷତିର ଆକଳନ କରୁଛନ୍ତି।

ଟାଙ୍ଗୀ,୭।୧୨(ରଘୁନାଥ ସାହୁ)
ବାତ୍ୟା ପ୍ରଭାବରେ ଓଡ଼ିଶାରେ ବର୍ଷା ଲାଗି ରହିବା ଫଳରେ ଧାନ ଚାଷ ବ୍ୟାପକ କ୍ଷୟକ୍ଷତି ହୋଇଛି। ଯାହା ଫଳରେ ଚାଷୀଙ୍କୁ ଚିନ୍ତା ଘାରିଛି। ଅନ୍ୟପଟେ ରାଜ୍ୟ ସରକାର ଧନାଫସଲର କ୍ଷୟକ୍ଷତି ସମ୍ପର୍କରେ ଆକଳନ କରି ରିପୋର୍ଟ ପ୍ରଦାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଟାଙ୍ଗୀ ବ୍ଲକରେ ଟାଙ୍ଗୀ ଜିଲା କୃଷି ଅଧିକାରୀ ପ୍ରସନ୍ନ କୁମାର ମିଶ୍ର ବିଭାଗୀୟ କର୍ମଚାରୀଙ୍କ ସହିତ ନିରାକାରପୁର, ବଡପୋଖରିଆ, ଟାଙ୍ଗୀ ଅଞ୍ଚଳ ବୁଲି ଧାନ ଫସଲର କ୍ଷୟକ୍ଷତି ଆକଳନ କରିଛନ୍ତି। ଟାଙ୍ଗୀ ବ୍ଲକରେ ୯ ହଜାର ୮ ଶହ ହେକ୍ଟର ଜମିରେ ଧାନଫସଲ ହୋଇଛି। ଆକଳନ ପରେ କ୍ଷୟକ୍ଷତିର ପରିମାଣ ଜଣାପଡ଼ିବ ବୋଲି କୃଷି ଅଧିକାରୀ ମିଶ୍ର ସୂଚନା ଦେଇଛନ୍ତି।

# ‘ପ୍ରତିଯୋଗିତା ଲୁକ୍କାୟିତ ପ୍ରତିଭାକୁ ବିକଶିତକରେ’

ବେଗୁନିଆ,୭।୧୨(ହର ପ୍ରସନ୍ନ ପଣ୍ଡା)
ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ସ୍ଥିତ ହାଟକେଶ୍ୱର ମହିଳା ମହାବିଦ୍ୟାଳୟ ପରିସରରେ ଗୁରୁବାର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଭଗବାନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଂସ୍କୃତିକ ସମାରୋହରେ ମୁଖ୍ୟ ଅତିଥିଭାବେ ବାଘମାରୀ ଥାନା ଅତିରିକ୍ତ ଏଏସଆଇ ରଣଜିତ୍ ନାୟକ ଯୋଗଦେଇ ଶୁଭାରମ୍ଭ କରିଥିଲେ। କ୍ରୀଡା, ସଂସ୍କୃତି ଓ ସାମାଜିକ ବିକାଶ ଉପରେ ପ୍ରତିଯୋଗିତା ଆୟୋଜିତ ହେବା ଦ୍ୱାରା ପିଲାମାନଙ୍କ ଠାରେ ରହିଥିବା ଲୁକ୍କାୟିତ ପ୍ରତିଭାକୁ ବିକଶିତ କରେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ସଞ୍ଜୁକ୍ତା ସାମଲ, ଡ.ବିଜୟ ଲକ୍ଷ୍ମୀ ସାହୁ, ପ୍ରତିଭା ଦାସ, ଯଶଲକ୍ଷ୍ମୀ ପାଇକରାୟ, ଆନନ୍ଦ ଶଙ୍କର ପଲେଇ, ଆନନ୍ଦ ଚନ୍ଦ୍ର ସାହୁ, ପବିତ୍ର କୁମାର ସାହୁ, ପ୍ରଭାତ କୁମାର ମହାନ୍ତି, ବିନୋଦ ବିହାରୀ ମାର୍ଥା, ଦିଲ୍ଲୀପ କୁମାର ପଣ୍ଡା, ପବିତ୍ର ମୋହନ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭାଜପା ନେତାଙ୍କ ମାତୃ ବିୟୋଗ

ବୋଲଗଡ଼,୭।୧୨(ଦେବବ୍ରତ ହୋତା)
ବୋଲଗଡ଼ ଅଞ୍ଚଳର ଭାଜପା ନେତା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁନାଥ ଷଡ଼ଙ୍ଗୀଙ୍କ ମାତା ଚନ୍ଦ୍ରମଣି ଷଡ଼ଙ୍ଗୀ(୮୦)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସେ ଜଣେ ଧର୍ମ ପରାୟଣା,ସ୍ନେହୀ, ମିଷ୍ଟଭାଷୀ ଓ ପରୋପକାରୀ ମହିଳା ଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ନିଜ ଗ୍ରାମ ଘୋରାଡିଆ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ରଘୁନାଥ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଭାଜପା ନେତା ପ୍ରକାଶ ବିଜୁଳି, ଲୋତକ ପଟ୍ଟନାୟକ, ଆର୍ତ୍ତବନ୍ଧୁ ପ୍ରଧାନ, କଂଗ୍ରେସ ବ୍ଲକ ସଭାପତି ସଞ୍ଜୟ କୁମାର ସୁବୁଦ୍ଧି, ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ରବୀନ୍ଦ୍ର କୁମାର ପରିଡ଼ା, ଗୋପୀନାଥ ଖାଡଙ୍ଗା, ବିଜେଡି ନେତା ଶୁଭେନ୍ଦୁ ସାହୁ, ପ୍ରମୋଦ ମାନ୍ଧାତା, ତପନ ବେବର୍ତ୍ତା ପଟ୍ଟନାୟକ, ଅଶୋକ ରାଉତଙ୍କ ସମେତ ଅଞ୍ଚଳର ସରପଞ୍ଚ, ସମିତିସଭ୍ୟ ଶୋକ ପ୍ରକାଶ କରିଛନ୍ତି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା


ଜନସମ୍ପର୍କ ପଦଯାତ୍ରାରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୭।୧୨(ପ୍ରଭାତ ପାଣିଗ୍ରାହୀ)
ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କଁପୁର ପଞ୍ଚାୟତରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ନେତୃତ୍ୱରେ ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ପର୍ଯ୍ୟବେକ୍ଷକ ଶ୍ରୀମୟୀ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ଓ କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଖୋର୍ଦ୍ଧା ଜିଲା ପରିଷଦ ସଭାପତି ରୂପଶ୍ରୀରାଣୀ ଗୁମାନସିଂହ, ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ କୈଳାସ ଚନ୍ଦ୍ର ପାତ୍ର, ସହ ପର୍ଯ୍ୟବେକ୍ଷକ ଶୁଭ୍ରାଂଶୁ ମିଶ୍ର, ବିଜୁ ଜନତା ଦଳ ଜିଲା ଉପସଭାପତି ଦିଲ୍ଲୀପ ହୋତା, ଖୋର୍ଦ୍ଧା ପୌରାଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି, ବ୍ଲକ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ଜିଲାପରିଷଦ ସଭ୍ୟ ବିଜୟ ପାଲଟାସିଂହ, ପ୍ରଫୁଲ୍ଲ ଦଳାଇ, ଛାତ୍ର ଜନତା ଦଳ ମହାସଚିବ ଇପ୍‌ସିତା ସାହୁଙ୍କ ସମେତ ବହୁ ବିଜେଡି କର୍ମୀ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।

# ଶିକ୍ଷକପଦବୀ ଖାଲି, ପାଠପଢ଼ା ବାଧାପ୍ରାପ୍ତ

ଖୋର୍ଦ୍ଧା,୭।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଅଧୀନ କେରଙ୍ଗ ଗ୍ରାମର ଜୟଦୁନ ନିଶା ସରକାରୀ ଉଚ୍ଚବିଦ୍ୟାଳୟରେ ଖାଲିପଡ଼ିଥିବା ଶିକ୍ଷକ ପଦବୀ ପୂରଣ ପାଇଁ ମୋ ସ୍କୁଲ କମିଟି ଏବଂ ଏସ୍‌ଏମ୍‌ସି କମିଟି ପକ୍ଷରୁ ଗୁରୁବାର ଜିଲାପାଳଙ୍କୁ ଲିଖିତଭାବେ ଅନୁରୋଧ କରାଯାଇଛି। ବିଦ୍ୟାଳୟରେ ବିଜ୍ଞାନ, କଳା ଓ ଖେଳ ଶିକ୍ଷକ ପଦବୀ ଖାଲିପଡ଼ିଥିବା ଜଣାପଡ଼ିଛି। କମିଟି ସଦସ୍ୟଙ୍କ କହିବା ଅନୁଯାୟୀ, ୧୯୬୬ ମସିହାରେ ଏହି ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ଏହି ଉଚ୍ଚବିଦ୍ୟାଳୟର ଅନେକ ଛାତ୍ରୀଛାତ୍ର ରାଜ୍ୟ ତଥା ଦେଶ ବିଦେଶରେ ନାଁ କରିଛନ୍ତି। ବିଶେଷକରି ଖେଳକୁଦରେ କେରଙ୍ଗ ଗ୍ରାମ ନାଁ ଅର୍ଜନ କରିଥିବା ବେଳେ ଏହି ଖେଳକୁଦ ଓ ବ୍ୟାୟାମ ଯୋଗୁ ଅନେକ ପିଲା ସେନାରେ ଚାକିରି କରି ଭାରତମାତାର ସେବା କରିବା ସୁଯୋଗ ପାଇଛନ୍ତି। ତେବେ ଏହି ବିଦ୍ୟାଳୟରେ ଏବେ ୪ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପାଠପଢୁଥିବା ବେଳେ ଏଠାରେ ବିଜ୍ଞାନ, କଳା ଓ କ୍ରୀଡ଼ା ଶିକ୍ଷକ ଶିକ୍ଷକ ପଦବୀ ଖାଲିପଡ଼ିଛି। ଫଳରେ ପାଠପଢ଼ା ବାଧାପ୍ରାପ୍ତ ହେବା ସହ ଛାତ୍ରୀଛାତ୍ରମାନେ କ୍ରୀଡ଼ାକୁ ଭୁଲିବାରେ ଲାଗିଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ସହ ତୁରନ୍ତ ଖାଲିପଡ଼ିଥିବା ଶିକ୍ଷକ ପଦବୀ ପୂରଣ ପାଇଁ ଦାବି ହୋଇଛି।

### ଜିଲାପାଳଙ୍କୁ ଭେଟିଲା ଏସ୍‌ଏମ୍‌ସି ଓ ମୋ ସ୍କୁଲ କମିଟି



# ଛାତ୍ରୀଛାତ୍ରଙ୍କ ମନୋବଳ ବଢ଼ାଏ ପ୍ରତିଯୋଗିତା

ବେଗୁନିଆ,୭।୧୨(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ମହାବିଦ୍ୟାଳୟ ପରିସରରେ ଗୁରୁବାର ସମନ୍ୱିତ ଯୁବ ବିକାଶ ସମାରୋହ ଏବଂ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଦାୟିତ୍ୱରେ ଥିବା ବ୍ରଜେନ୍ଦ୍ର କୁମାର ପାଲଟାସିଂହ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ କାର୍ଯ୍ୟକ୍ରମର ସଂଯୋଜକ ବିଧୁଭୂଷଣ ରାଉତ ଯୋଗଦେଇ ଆୟୋଜିତ ସମାରୋହର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ବିଦ୍ୟାଳୟରେ ଆୟୋଜିତ ପ୍ରତିଯୋଗିତା ପିଲାମାନଙ୍କୁ ଉତ୍ସାହିତ କରିବା ସହ ମନୋବଳ ଦୃଢ଼ କରିଥାଏ। ପରେ ଜୟକୃଷ୍ଣ ପାଣିଗ୍ରାହୀଙ୍କ ସଂଯୋଜନାରେ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଯୁକ୍ତ ୩ ଓ ଯୁକ୍ତ ୨ବର୍ଷର ଛାତ୍ରୀଛାତ୍ରମାନେ ଇଂରାଜୀ ଏବଂ ଓଡ଼ିଆ ତର୍କ, ଓଡ଼ିଆ ଓ ଇଂରାଜୀ ପ୍ରବନ୍ଧ, ସୃଜନାତ୍ମକ ଲିଖନ ଏବଂ ମେହେନ୍ଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଯୁକ୍ତ ୩ ବର୍ଷର ରୋଜାଲିନ ରଥ, ସଙ୍ଗୀତା ଦାସ, ନୁର ଜାହାନ ବେଗମ, ସୀମା ବେହେରା, ଜଗନ୍ନାଥ ମହାପାତ୍ର, ସୁଶ୍ରୀ ସୋନମ ମହାନ୍ତି, ରାଜେଶ୍ୱରୀ ସାହୁ, ଯୁକ୍ତ ୨ ବିଭାଗର ଅର୍ଚ୍ଚିତା ସାହୁ, ମଧୁସ୍ମିତା ବେହେରା, ସ୍ୱାଗତିକା ରଥ, ବୀରକିଶୋର ପ୍ରଧାନଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ। ବିଚାରକଭାବେ ପଙ୍କଜ କୁମାର କର, ସଲିଳ କୁମାର ବଡଜେନା, ତପନ କୁମାର ପଟ୍ଟଯୋଶୀ, ଆରାଧନା ମହାପାତ୍ର, ଦାମୋଦର ସାହୁ, ନମିତାରାଣୀ ମହାରଣା, ଦେବଜାନୀ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ। ଯୁକ୍ତ ୨ବର୍ଷର ଛାତ୍ରୀଛାତ୍ରଙ୍କ ପ୍ରତିନିଧି ଭାବେ ଠାକୁର ପ୍ରସାଦ ସାହୁ, ବିଶ୍ୱଜିତ ସାହୁ, ପ୍ରିୟଦର୍ଶିନୀ ବେହେରା, ଗାୟତ୍ରୀ ସାହୁ ଏବଂ ଯୁକ୍ତ ୩ବର୍ଷର ଛାତ୍ରୀଛାତ୍ରଙ୍କ ପ୍ରତିନିଧିଭାବେ ଜ୍ୟୋତିରାଣୀ ଗନ୍ତାୟତ, ସୁପ୍ରଭା ପାତ୍ର, ବୋବଲ ପଟ୍ଟନାୟକ, ଉତ୍ପୋଳ ସ୍ୱାଇଁ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ସ୍ମୃତିମୟୀ ବସନ୍ତିଆ, ଆଦିତ୍ୟ ସେନାପତି, ପ୍ରିୟମ୍ବଦା ବେହେରା ଦିବ୍ୟଜ୍ୟୋତି ରାୟ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଛାତ୍ରଛାତ୍ର।

# ଶ୍ରୀମନ୍ଦିର ଐଶାନ୍ୟ କୋଣରେ ହେବ ଯଜ୍ଞ

**ପୁରୀ, ୭।୧୨(ଅଜିତ୍ ମହାନ୍ତି):** ଆସନ୍ତା ଜାନୁୟାରୀ ୧୭ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଉତ୍ସବକୁ ସଫଳ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଏବଂ ପୁରୀ ଜିଲା ପ୍ରଶାସନ ପକ୍ଷରୁ ବାରମ୍ବାର ସମୀକ୍ଷା ବୈଠକ କରାଯାଉଛି। ଏହି ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗୁରୁବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋକାର୍ପଣ ଉତ୍ସବରେ କେଉଁ କେଉଁ ଅତିଥି ଆସିବେ, କେଉଁଠାରେ ବସିବେ, କିପରି ଆଧ୍ୟାତ୍ମିକ ପରିବେଶରେ ପୂଜାବିଧି ଅନୁଷ୍ଠିତ ହେବ ଏବଂ ଉତ୍ସବକୁ ଆକର୍ଷଣୀୟ କରାଯିବ ସେନେଇ ବୈଠକରେ ଆଲୋଚନା ହୋଇଛି। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା, ପୋଲିସ ଅଧିକାରୀ, ଟାଟା ଏବଂ ଓବିସିସିର ଅଧିକାରୀ, ପୂଜାବିଧିରେ ଯୋଗଦେବାକୁ ଥିବା ଆଚାର୍ଯ୍ୟ ଓ ବ୍ରାହ୍ମଣମାନେ ଉପସ୍ଥିତ ଥିଲେ। ପରେ ପ୍ରତିନିଧି ମଣ୍ଡଳୀ ଶ୍ରୀମନ୍ଦିର ଐଶାନ୍ୟ କୋଣକୁ ଯାଇ ପ୍ରସ୍ତୁତି ଦେଖିଥିଲେ। ସେହିପରି କେଉଁ ସ୍ଥାନରେ ଯଜ୍ଞ ହେବ,



ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଏବଂ ଅନ୍ୟମାନେ କାର୍ଯ୍ୟକ୍ରମ ସ୍ଥଳ ଅନୁଧ୍ୟାନ କରୁଛନ୍ତି।

ଅତିଥି ଓ ସାଧୁସନ୍ଥମାନେ ବସିବେ ଏବଂ ଶ୍ରୀମନ୍ଦିର ଚାରିଦ୍ୱାରରେ କିଭଳି ବେଦପାଠ କାର୍ଯ୍ୟକ୍ରମ ହେବ ସେନେଇ ସ୍ଥାନ ଚିହ୍ନଟ କରିଥିଲେ।

ସୂଚନାଯୋଗ୍ୟ, ଜାନୁୟାରୀ ୧୨ତାରିଖରୁ ପୂଜାବିଧି ଆରମ୍ଭ ହେବ। ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ଅଙ୍କୁରାରୋପଣ ପୂଜା, ୧୫ରୁ ୧୭ ତାରିଖ ଯାଏ ତିନିଦିନ ଧରି ମହାଯଜ୍ଞ ଅନୁଷ୍ଠିତ ହେବ। ୧୭ ତାରିଖରେ ଗଜପତି ମହାରାଜା ପୂର୍ଣ୍ଣାହୂତି ଦେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଭକ୍ତଙ୍କ ଉଦ୍ଦେଶ୍ୟରେ ପରିକ୍ରମା ପ୍ରକଳ୍ପକୁ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ୨୦୨୧ ନଭେମ୍ବର ୨୪ରେ ଯେଉଁଭଳି ଭବ୍ୟ ସମାରୋହରେ ଶିଳାନ୍ୟାସ ହୋଇଥିଲା, ସେହିପରି ପ୍ରତିଷ୍ଠା ଉତ୍ସବ ଆୟୋଜନ କରାଯିବ। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ସମୀକ୍ଷା ବୈଠକରେ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ପରେ ଯଜ୍ଞସ୍ଥଳ ଅନୁଧ୍ୟାନ ସହ ଶ୍ରୀମନ୍ଦିର ଚାରିଦ୍ୱାରରେ ବେଦପାଠ ପାଇଁ ସ୍ଥାନ ନିରୂପଣ ହୋଇଛି। ଶ୍ରୀମନ୍ଦିର ଐଶାନ୍ୟ କୋଣରେ ଯଜ୍ଞସ୍ଥଳ ହେବ। ସେହିପରି ପୂର୍ବଦ୍ୱାରରେ ଋକ୍‌ବେଦ ମଣ୍ଡପ, ପଶ୍ଚିମ ଦ୍ୱାରରେ ଶ୍ୟାମବେଦ ମଣ୍ଡପ, ଉତ୍ତର ଦ୍ୱାରରେ ଅଥର୍ବ ବେଦ ମଣ୍ଡପ ଓ ଦକ୍ଷିଣ ଦ୍ୱାରରେ ଯଜୁର୍ବେଦ ପାରାୟଣ ମଣ୍ଡପ କରାଯିବ। ନିମନ୍ତ୍ରିତ ଅତିଥି ଓ ସାଧୁସନ୍ଥଙ୍କ ରହଣି ପାଇଁ ବ୍ୟବସ୍ଥା ହେଉଛି। ଏହି ଅବସରରେ ପ୍ରକଳ୍ପ ପାଇଁ ଭୂମିଦାନ କରିଥିବା ବ୍ୟକ୍ତି, ବିଭିନ୍ନ ନିଯୋଗର କର୍ମକର୍ତ୍ତା, ସହଯୋଗ କରିଥିବା ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିବେ। ସେଥିପାଇଁ ମଙ୍ଗୁମଠ ନିକଟରେ ଏକ ମଣ୍ଡପ ନିର୍ମାଣ କରାଯିବ। କାର୍ଯ୍ୟକ୍ରମକୁ ବିଭିନ୍ନ ପୀଠ ଓ ଚାରିଧାମକୁ ନିମନ୍ତ୍ରଣ କରାଯାଇଛି। ଭିଡିଓ ଡିସ୍ ପ୍ଲେ ଜରିଆରେ ଉତ୍ସବର ସିଧା ପ୍ରସାରଣ କରାଯିବ। ଫଳରେ ଅତିଥିମାନେ ଏହି କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ପାଇପାରିବେ। କେଉଁମାନେ କେଉଁ ଦାୟିତ୍ୱରେ ରହିବେ ସେ ନେଇ ଆଲୋଚନା କରାଯାଇଛି। ନିୟମିତ ବ୍ୟବଧାନରେ ଏଭଳି ବୈଠକ ଅନୁଷ୍ଠିତ ହେବ ବୋଲି ଦାସ କହିଛନ୍ତି।

**ପରିକ୍ରମା ପ୍ରକଳ୍ପ ନେଇ ସମୀକ୍ଷା ବୈଠକ**

- ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ସ୍ଥାନ ନିରୂପଣ ହେଲା
- ଭିଡିଓ ଡିସ୍ ପ୍ଲେରେ ହେବ ଉତ୍ସବର ସିଧା ପ୍ରସାରଣ

## ସଂକ୍ଷେପରେ

### କଣାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା

**କଣାସ, ୭।୧୨(ବିଭୂତି ଭୂଷଣ ତ୍ରିପାଠୀ):** କଣାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହାକୁ ବିଦ୍ୟାଳୟର ଅଧ୍ୟକ୍ଷ ବନବିହାରୀ ସାହୁ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ଖେଳ ଶିକ୍ଷକ ବଟକୃଷ୍ଣ ଜେନା ଓ କଣାସ ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳଶିକ୍ଷକ ବିଭୂତି ଭୂଷଣ ରାଉତ ଖେଳ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ସଂଜୁ ପଟ୍ଟନାୟକ, ଅଧ୍ୟାପକ ବୃନ୍ଦାବନ ପାତ୍ର, ଅଧ୍ୟାପକ ବିପିନ ବିହାରୀ ବାରିକ, ଅଧ୍ୟାପକ ପ୍ରଶାନ୍ତ କୁମାର ପଲାଇ, ମହେନ୍ଦ୍ର କୁମାର ବିଶ୍ୱାଳ, ପ୍ରଭାସ କୁମାର ମଙ୍ଗରାଜ ପ୍ରତିଯୋଗୀମାନଙ୍କୁ ଜର୍ସି ବଣ୍ଟନ କରିଥିଲେ। ଅଧ୍ୟାପକ ପ୍ରଭାସ କୁମାର ମଙ୍ଗରାଜ ଧନ୍ୟବାଦ ଦେଇଥିଲେ।

### ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ପୁରୀ, ୭।୧୨(ଅଜିତ୍ ମହାନ୍ତି):** ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ବିଦ୍ୟାଳୟସ୍ତରୀୟ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଦୁର୍ଘଟଣାଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ ପାଳନ ପରିପ୍ରେକ୍ଷୀରେ ସୁଖଲତା ସ୍ମୃତି ଉଚ୍ଚ ବିଦ୍ୟାଳୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାଜ୍ୟ ପରିବହନ ପ୍ରାଧିକରଣ ଦ୍ୱାରା ପ୍ରସ୍ତୁତ ହୋଇଥିବା ଛୋଟ ସଚେତନତା ବାର୍ତ୍ତାମୂଳକ ଭିଡିଓମାନ ସ୍ମାର୍ଟ କ୍ଲାସ୍ ରୁମ୍‌ରେ ବିଦ୍ୟାର୍ଥୀମାନଙ୍କୁ ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ ଅଧିକାରୀ ରବିନ୍ ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ର ଙ୍କୁ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଇନ୍ କାନୁନ୍ ସମ୍ବନ୍ଧରେ ବୁଝାଇବା ସହ ରାସ୍ତାଘାଟରେ କିପରି ସୁରକ୍ଷିତ ଭାବେ ଯାତ୍ରା କରିପାରିବେ ସେ ବିଷୟରେ କହିଥିଲେ। ଛାତ୍ରୀଛାତ୍ରମାନେ ସଡ଼କ ସୁରକ୍ଷା ବିଷୟରେ ସଚେତନ ହେଲେ ଦେଶ ତଥା ପରିବାରର ମଙ୍ଗଳ ହୋଇଥାଏ ବୋଲି ସେ କହିଥିଲେ। ସଭା ପରେ ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସମ୍ବନ୍ଧିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ଆସୋସିଏଶନ୍ ଅଫ୍ ଟୁଇଟର ଆକ୍ଟିଭିଷ୍ଟସ୍‌ର ସଦସ୍ୟମାନେ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ସୁଖଲତା ସ୍ମୃତି ଉଚ୍ଚ ବିଦ୍ୟାଳୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ ।

### ଘରୁ ସୁନାଗହଣା ଚୋରି

**ଅସ୍ତରଙ୍ଗ,୭।୧୨(ପ୍ରଦୀପ୍ତ ଦୀକ୍ଷିତ୍):** ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ନୂଆଗଡ଼ ସାମୁଦ୍ରିକ ଥାନା ଅଧୀନ ନୂଆଗଡ଼ ଗ୍ରାମର ସୁଧାଂଶୁ ଶେଖର ବାରିକ୍‌ଙ୍କ ଘରୁ ସୁନା ଅଳଙ୍କାର ଚୋରି ହୋଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ଏନେଇ ପୋଲିସ ୩୪/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ସୁଧାଂଶୁଙ୍କ ଘରେ କେହି ନ ଥିବା ସୁଯୋଗରେ ଦୁର୍ବୃତ୍ତ ସିଡ଼ି ଘର ତାଲା ଭାଙ୍ଗି ଘର ଭିତରେ ପଶିଥିଲେ। ଗୋଦରେଜ ଭାଙ୍ଗି ୧୦ଟା କାନଫୁଲ ସହ ୨୫ହଜାର ଟଙ୍କା ନେଇଯାଇଛନ୍ତି, ଯାହାର ଆନୁମାନିକ ମୂଲ୍ୟ ୭୫ହଜାର ଟଙ୍କା ହେବ। ମଙ୍ଗଳବାର ସକାଳେ ସୁଧାଂଶୁ ଆସି ପହଞ୍ଚିବା ପରେ ଘରେ ଚୋରି ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ।

# ପ୍ରଶାସନ ପକ୍ଷରୁ ନରେନ୍ଦ୍ର ମହଲା ଉଚ୍ଛେଦ



**ପୁରୀ, ୭।୧୨(ଅଜିତ୍ ମହାନ୍ତି):** ଶ୍ରୀନଅର ନିକଟରେ ଥିବା ନରେନ୍ଦ୍ର ମହଲାକୁ ଗୁରୁବାର ପୁରୀ ଜିଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ବଡ଼ଦାଣ୍ଡ ପାର୍ଶ୍ୱରେ ଶ୍ରୀନଅର ଓ ବାଗେଡ଼ିଆ ଧର୍ମଶାଳା ମଝିରେ ଥିବା ନରେନ୍ଦ୍ର ମହଲାକୁ ଭାଙ୍ଗିବା ପାଇଁ କିଛିଦିନ ତଳେ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଥିଲା। ତେବେ ଦୁଇମହଲା ବିଶିଷ୍ଟ ନରେନ୍ଦ୍ର ମହଲା ତଳେ ଦୋକାନ କରିଥିବା ବ୍ୟବସାୟୀମାନେ ଦୋକାନ ଖାଲି କରିନଥିଲେ। ଫଳରେ ପ୍ରଶାସନ ପକ୍ଷରୁ ଦୁଇଦିନ ତଳେ ବିଦ୍ୟୁତ ସଂଯୋଗ କାଟିଦିଆଯାଇଥିଲା। ପରେ ଦୋକାନୀମାନେ ଦୋକାନ ଖାଲି କରିଥିଲେ। ଗୁରୁବାର ସକାଳେ ଉପଜିଲାପାଳ ଓ ମାଜିଷ୍ଟ୍ରେଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନରେନ୍ଦ୍ର ମହଲା ଭଙ୍ଗାଯାଇଛି। ଉଚ୍ଛେଦ ସମୟରେ ଏକ ପ୍ଲାଟୁନ ପୋଲିସ ଫୋର୍ସ, ଅଗ୍ନିଶମ ବାହିନୀ, ବିଦ୍ୟୁତ୍ କର୍ମଚାରୀ ମୁତୟନ ଥିଲେ। ବଡ଼ଦାଣ୍ଡରେ ଏହି ଉଚ୍ଛେଦ ହେଉଥିବାରୁ ଜନଗହଳିକୁ ଦୃଷ୍ଟିକୁ ରଖି ସମ୍ପୃକ୍ତ ଅଞ୍ଚଳକୁ ସିଲ୍ କରି ବ୍ୟାରିକେଡ୍ କରାଯାଇଥିଲା। ନରେନ୍ଦ୍ର ମହଲା ଉଚ୍ଛେଦ ଦ୍ୱାରା ପ୍ରାୟ ୨୫ ଡିସିମିଲ ଜମି ମିଳିବ। ବର୍ତ୍ତମାନ ଯାତ୍ରୀ ପରିକ୍ରମା ପ୍ରକଳ୍ପ ଓ ଭକ୍ତଙ୍କ ପାଇଁ ସ୍ଥାୟୀ ଶେଡ୍ ନିର୍ମାଣ ନିମନ୍ତେ ପ୍ରକ୍ରିୟା ଜୋରସୋରରେ ଚାଲିଥିବା ବେଳେ ନରେନ୍ଦ୍ର ମହଲା ଉଚ୍ଛେଦ ସ୍ଥାନରେ ଆଗାମୀ ଦିନରେ ପୋଲିସ ଓ ଅଗ୍ନିଶମ ବାହିନୀ ପାଇଁ କୋଠା, ପ୍ରାଥମିକ ଚିକିତ୍ସା କେନ୍ଦ୍ର, ସ୍ୱେଚ୍ଛାସେବୀ କେନ୍ଦ୍ର ଓ ସୂଚନା କେନ୍ଦ୍ର ଇତ୍ୟାଦି ନିର୍ମାଣ ହେବ ବୋଲି କୁହାଯାଉଛି।

# ୧୨ ଜାଗା ଆଖଡ଼ାର ବିକାଶ ପାଇଁ ଭୂମିପୂଜା

**ପୁରୀ,୭।୧୨(ଅଜିତ୍ ମହାନ୍ତି):** ପୁରୀ ସହରରେ ଥିବା ୩୫ଟି ଜାଗା ଆଖଡ଼ାର ବିକାଶ ନିମନ୍ତେ ବହୁମୁଖୀ ବ୍ୟାୟାମଶାଳା ଓ ଭିତ୍ତିଭୂମି ଉନ୍ନୟନ ପାଇଁ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ଜିଲା ପ୍ରଶାସନ ପଦକ୍ଷେପ ନେଇଛି। ଏହି ପରିପ୍ରେକ୍ଷୀରେ ଜାଗା ଆଖଡ଼ାଗୁଡିକର ଭିତ୍ତିଭୂମି ପୂଜନ କରାଯାଉଛି। ଦ୍ୱିତୀୟ ଦିନରେ ଗୁରୁବାର ପୁରୀ ସହରର ୧୨ଟି ଜାଗାର ବିକାଶ ପାଇଁ ଭୂମି ପୂଜା କରାଯାଇଛି। ପୁରୀ ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ନୂଆ ତୋଟା ଜାଗା, ଜଗୁ ତିଆଡ଼ି ଜାଗା, ଅଡ଼ଙ୍ଗ ତିଆଡ଼ି, ଖାସ୍ ଜାଗା, କୁଶନ ଖୁଣ୍ଟିଆ ଜାଗା, ମୁଦୁଲି ଜାଗା, ଧ୍ୱଜଗଡ଼ ଜାଗା, ଜମି ଖୁଣ୍ଟିଆ ଜାଗା, ବାରବାଟୀ ଜାଗା, ନୃସିଂହ ବଲ୍ଲଭ ଜାଗା ଓ ଶଙ୍ଖତୋଟା ଜାଗାରେ ପହଞ୍ଚି ଭୂମିପୂଜା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲା କ୍ରୀଡ଼ା ସଂସଦର ପୂର୍ବତନ ସାଧାରଣ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ଉପସଭାପତି ରାମଦାସ ମହାପାତ୍ର, ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ସମ୍ପାଦକ ନାରାୟଣ ମହାସୁଆର, ବାଲିସାହି ଆଖଡ଼ା ସମ୍ପାଦକ ନରେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ପୁନଃ ଭୋଟ ଗଣତି ପାଇଁ ପିପିଲି କୋର୍ଟ ଗଲା ବାଲଟ ପେପର



**ଡେଲାଙ୍ଗ,୭।୧୨(ରଶ୍ମିରଞ୍ଜନ ପ୍ରଧାନ):** ରେଙ୍ଗଳ ପଞ୍ଚାୟତ ନିର୍ବାଚନରେ ବ୍ୟବହୃତ ବାଲଟ ପେପରକୁ ସାଲିକନା ଓ ଜଉମୁଦା ବାକ୍ସରେ ଗୁରୁବାର ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟରୁ ପିପିଲି କନିଷ୍ଠ ବର୍ଗ ଦେୱାନୀ ଅଦାଲତକୁ ପଠାଯାଇଛି। ଅଦାଲତ ନିର୍ଦ୍ଦେଶ ଅନୁଯାୟୀ, ୬ ରୁ ୧୨ନଂ ୱାର୍ଡ ପର୍ଯ୍ୟନ୍ତ ବୁଥ୍‌ର ବ୍ୟବହୃତ ବାଲଟ ପେପର ଓ ଗଣତି ବିବରଣୀ ଆଦି ଦାଖଲ କରାଯାଇଛି। ଅତିରିକ୍ତ ତହସିଲଦାର ରାଜେନ୍ଦ୍ର ପ୍ରସାଦ ମହାରଣା, ବିଡିଓ କ୍ଷିତିଶ ବେହେରା, ଅତିରିକ୍ତ ବିଡିଓ ପ୍ରଦୀପ୍ତ ନାୟକ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରତିକାନ୍ତ ସାହୁ, ଡେଲାଙ୍ଗ ଆଇଆଇସି ଦେବାଶିଷ ମହାନ୍ତି, ପରାଜୟ ପ୍ରାର୍ଥୀ ସ୍ୱର୍ଣ୍ଣଲତା ରାଉତରାୟ, ନିର୍ବାଚିତ ସରପଞ୍ଚ ସାଗରିକା ବଡ଼ଜେନାଙ୍କ ଉପସ୍ଥିତିରେ ଷ୍ଟ୍ରଙ୍ଗରୁମ୍ ତାଲା ଖୋଲାଯାଇ ବାଲଟ ପେପର ପଠାଯାଇଛି। ଶୁକ୍ରବାର ପୁନଃଗଣତି କରାଯିବ ବୋଲି ଅଦାଲତ ଆଦେଶରେ ଉଲ୍ଲେଖ ରହିଛି। ଏହି ପଞ୍ଚାୟତର ମୋଟ ୪୭୬୫ ଜଣ ମତଦାତା ଥିବା ବେଳେ ୪୦୪୯ ଜଣ ମତଦାନ ଦେଇଥିଲେ। ବ୍ଲକ କାର୍ଯ୍ୟାଳୟ ପରିସରରେ ଭୋଟ ଗଣତିରେ ସାଗରିକା ବଡ଼ଜେନା ୧୫୨୫ ଖଣ୍ଡ ଭୋଟ ପାଇ ଥିବାବେଳେ ପ୍ରତିଦ୍ୱନ୍ଦ୍ୱୀ ସ୍ୱର୍ଣ୍ଣଲତା ରାଉତରାୟ ୧୫୦୭ ଖଣ୍ଡ ଭୋଟ ପାଇଥିଲେ। ନିର୍ବାଚନରେ ମୋଟ ୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଭୋଟ ଗଣତିରେ ୧୫୬ ଖଣ୍ଡ ଭୋଟ ନାକଚ ହୋଇଥିବାବେଳେ ବଡ଼ଜେନା ମାତ୍ର ୧୮ ଖଣ୍ଡ ଭୋଟରେ ବିଜୟୀ ହୋଇଥିଲେ।

# ଅଦାଲତ ଗୃହ ନିର୍ମାଣ ସ୍ଥାନାନ୍ତରକୁ ନେଇ ଉତ୍ତେଜନା

**କଣାସ, ୭।୧୨(ବିଭୂତି ଭୂଷଣ ତ୍ରିପାଠୀ):** ରାଜ୍ୟ ସରକାର ଜନସାଧାରଣଙ୍କ ସୁବିଧା ପାଇଁ ପ୍ରତ୍ୟେକ ବ୍ଲକରେ ଅଦାଲତ୍ ଖୋଲି ଜନସାଧାରଣଙ୍କୁ ଆଇନ ସେବା ଯୋଗାଦେବାକୁ ଉଦ୍ୟମ କରୁଛନ୍ତି। ଏହି କ୍ରମରେ କଣାସ ବ୍ଲକରେ ଅଦାଲତ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଗତ ଦୁଇବର୍ଷ ହେଲା କଣାସ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅସ୍ଥାୟୀ ଭାବେ ଅଦାଲତ କାର୍ଯ୍ୟ ଚାଲୁଛି। ସ୍ଥାୟୀ ଗୃହ ନିର୍ମାଣ ପାଇଁ କଣାସ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯିବା ପରେ ସେ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରୁ ମାତ୍ର ୧ କିମି ଦୂର ପଣିଆପଡ଼ା ମୌଜାରେ ୩ ଏକର ଜଗା ଚିହ୍ନଟ କରି ଆଇନ୍ ମନ୍ତ୍ରାଳୟ ନାମରେ ପଟା କରିଦେଇଥିଲେ। ତେବେ କାହା ପ୍ରରୋଚନାରେ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରୁ ୧୫ କିମି ଦୂର ରାଧାକୃଷ୍ଣପୁର ମୌଜାରେ ଲୁଣାନଦୀ ଗର୍ଭରେ ଅଦାଲତ ଗୃହ ନିର୍ମାଣ କରିବା ପାଇଁ ନିର୍ଦ୍ଦେଶ ଆସିଥିବାରୁ କଣାସ ଅଞ୍ଚଳରେ ଅସନ୍ତୋଷ ଓ ଉତ୍ତେଜନା ଦେଖାଦେଇଛି। ବିଭିନ୍ନ ସଂଗଠନ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବା ପାଇଁ ସଜବାଜ ହେଉଥିବା ଜଣାପଡିଛି। ସରକାରୀ ନିୟମ ମୁତାବକ, ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରୁ ୨କିମି ଦୂରତ୍ୱ ମଧ୍ୟରେ ଅଦାଲତ୍ ନିର୍ମାଣ କରିବାକୁ ନିୟମ ଥିବାବେଳେ କିପରି ଓ କାହା ପ୍ରରୋଚନାରେ କଣାସ ବ୍ଲକର ଶେଷଭାଗ ଓ ଲୁଣାନଦୀ ଗର୍ଭରେ ଅଦାଲତ୍ ଗୃହ ନିର୍ମାଣ କରାଯିବ ତାହା ଆଲୋଚନାର ବିଷୟବସ୍ତୁ ହୋଇଛି। ପଞ୍ଚାୟତ ସମିତି ନିକଟବର୍ତ୍ତୀ ଚାନ୍ଦପଡା, ରାଣିପଡା, ତିପୁରୀ ମୌଜାରେ ଅନାବାଦି ଜାଗା ଥିବାବେଳେ କାହିଁକି ଏତେ ଦୂରରେ ଅଦାଲତ୍ ନିର୍ମାଣ କରାଯାଉଛି ସେନେଇ ଜନସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଅସ୍ତରଙ୍ଗ ପୂର୍ବତନ ସାମରିକ କର୍ମଚାରୀ ସଂଘ ପକ୍ଷରୁ ସଶସ୍ତ୍ର ସେନା ପତାକା ଦିବସ

**ଅସ୍ତରଙ୍ଗ,୭।୧୨(ପ୍ରଦୀପ୍ତ ଦୀକ୍ଷିତ):** ପୁରୀ ଜିଲା ଅସ୍ତରଙ୍ଗ ପୂର୍ବତନ ସାମରିକ କର୍ମଚାରୀ ସଂଘ ପକ୍ଷରୁ ସଶସ୍ତ୍ର ସେନା ପତାକା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ବସରରେ ଶହୀଦ ଯବାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପୂର୍ବତନ ସାମରିକ କର୍ମଚାରୀ ସଂଘର ୨୭ତମ ଜନ୍ମମହୋତ୍ସବ ପାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ସଭାପତି ସୁରେଶ ସ୍ୱାଇଁ, ସମ୍ପାଦକ ନରେନ୍ଦ୍ର ସ୍ୱାଇଁ, ସୁରେଶ ପରିଡ଼ା, କେଦାର ମୁରୁଣୀ, ପ୍ରଫୁଲ୍ଲ ପରିଡ଼ାଙ୍କ ସହ ଶତାଧିକ ଅବସରପ୍ରାପ୍ତ ପୂର୍ବତନ ସାମରିକ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରଥମେ ପ୍ରତିରକ୍ଷା ମନ୍ତ୍ରାଳୟ କମିଟି ଦ୍ୱାରା ଫ୍ଲାଗ ଡେ ଫଣ୍ଡ (ପତାକା ଦିବସ ପାଣ୍ଠି)୧୯୪୯ରେ ଗଠନ କରାଯାଇଥିଲା। ଦେଶର ଏକତା ଓ ଅଖଣ୍ଡତା ପାଇଁ ଶହୀଦ ଯବାନଙ୍କୁ ସ୍ମରଣ କରି ସହ ସୈନିକ ପରିବାର, ଆଘାତପ୍ରାପ୍ତ ସୈନିକଙ୍କର କଲ୍ୟାଣ ନିମନ୍ତେ ପାଣ୍ଠି ସଂଗ୍ରହ କରାଯାଇଥାଏ। ଏହି ଦିନ ଲୋକଙ୍କୁ ପତାକା ବଣ୍ଟାଯାଇ ପ୍ରତି ବଦଳରେ ପାଣ୍ଠି ସଂଗ୍ରହ କରାଯାଏ।

# ବସ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁକୁ ନେଇ ରାସ୍ତାରୋକୋ

**ପିପିଲି,୭।୧୨ (ଦୁର୍ଗାମାଧବ ମିଶ୍ର/ପ୍ରଭାତ ମହାପାତ୍ର)** ପୁରୀ– ଭୁବନେଶ୍ୱର ୩୧୬ ନଂ ଜାତୀୟ ରାଜପଥ ମଙ୍ଗଳପୁର ବଜାର ଉପରେ ବସ୍ ଧକ୍କାରେ ଗୁରୁବାର ଜଣଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପିପିଲି ଥାନା ଅଧୀନ ମାଳିକପାଳି ଗ୍ରାମର ଫଗୁନାଥ ବେହେରା (୬୫)। ପ୍ରକାଶ ଯେ, ପ୍ରାତଃ ସମୟରେ ଫଗୁନାଥ ଚା’ ପିଇବାକୁ ମଙ୍ଗଳପୁର ବଜାରକୁ ଯାଇଥିଲେ। ସେଠାରୁ ଫେରିବା ସମୟରେ ପଦ୍ମାବତୀ ନାମକ ଏକ ପାସେଞ୍ଜର ବସ୍ ଭୁବନେଶ୍ୱରରୁ ପୁରୀ ଯାଉଥିବାବେଳେ ନିୟନ୍ତ୍ରଣ ହରାଇ ବୃଦ୍ଧଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବେହେରାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। କିଛି ସମୟ ପାଇଁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ। ପିପିଲି ଥାନା ଆଇଆଇସି ଦୀପକ ଖଣ୍ଡାୟତ ରାୟ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବାରୁ ରାସ୍ତା ଅବରୋଧ ହଟିଥିଲା। ତେବେ ଘଟଣାସ୍ଥଳରୁ ବସ୍ ଫେରାର ହୋଇଯାଇଥିଲା। ପରେ ବସ୍ ସାତଶଙ୍ଖ ପାଣ୍ଠିରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଥିଲା। ପୋଲିସ ଉକ୍ତ ବସ୍‌କୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ୧୨ରେ ‘ଦି ବେଲ୍’ ପକ୍ଷରୁ ମହୋଦଧି ଦିବସ

**ପୁରୀ, ୭।୧୨(ଅଜିତ୍ ମହାନ୍ତି):** ପୁରୀ ଜିଲା ସ୍ୱେଚ୍ଛାସେବୀ ସଙ୍ଗଠନ ସାମ୍ମୁଖ୍ୟ ‘ଦି ବେଲ୍’ ପକ୍ଷରୁ ତୃତୀୟ ମହୋଦଧି ଦିବସ ଆସନ୍ତା ୧୨ତାରିଖରେ ପାଳନ କରାଯିବ। ସମୁଦ୍ରକୂଳିଆ ଲୋକଙ୍କୁ ସମୁଦ୍ର ବିଷୟରେ ଜଣାଇବା ଓ ସଚେତନ କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯିବ। ଚଳିତବର୍ଷ ମହୋଦଧି ଦିବସର ଥିମ୍ ରହିଛି ‘ସାମୁଦ୍ରିକ ଜୀବନରେ ସୁରକ୍ଷା’। ଏନେଇ ଗୁରୁବାର ଅନୁଷ୍ଠାନ ପକ୍ଷରୁ ଏକ ଘରୋଇ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ମହୋଦଧି ଦିବସ ପାଳନ ଅବସରରେ ପ୍ରଥମ ଥର ପାଇଁ ଲାଇଫ ସେଭିଂ ସ୍ପୋର୍ଟସ, ବିଚ୍ ୱାକ୍, ବିଚ୍ ଫଟୋଗ୍ରାଫି, ମ୍ୟୁଜିକ ଓ ଆର୍ଟ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଏଥିସହ ଗବେଷଣା ପାଇଁ ଶ୍ରୀ ଶ୍ରୀ ୟୁନିଭର୍ସିଟିର ଅଧ୍ୟାପକ ଡ. ଆଶୁତୋଷ ମହାନ୍ତିଙ୍କୁ ମହୋଦଧି ସମ୍ମାନ -୨୦୨୩ ପ୍ରଦାନ କରାଯିବ। ଭୂଭାଗର ୭୦ ପ୍ରତିଶତ ଜଳ ଓ ଏହାର ୯୭ ପ୍ରତିଶତ ସମୁଦ୍ର। ଜଳବାୟୁ ଉପରେ ସମୁଦ୍ର ଓ ସାମୁଦ୍ରିକ ଜୀବନର ପ୍ରଭାବ ଗଭୀର ଭାବରେ ରହିଛି। ଅଧିକାଂଶ ଲୋକେ ସମୁଦ୍ରକୁ ମନୋରଞ୍ଜନ ଓ ଜୀବନ ଜୀବିକା ପାଇଁ ବ୍ୟବହାର କରୁଥିଲେ ମଧ୍ୟ ଏହାର ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତି ନାହିଁ। ମହୋଦଧି ଦିବସ ପାଳନ ଅବସରରେ ଏନେଇ ସ୍ଥାନୀୟ ବାସିନ୍ଦା ଓ ପର୍ଯ୍ୟଟକଙ୍କୁ ସଚେତନ କରାଯିବ । ଏହି ଅବସରରେ ଇଭେଣ୍ଟ ପ୍ରମୋଶନାଲ୍ ପୋଷ୍ଟର ରିଲିଜ୍ କରାଯାଇଥିଲା। ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ସୁକାନ୍ତ ପଣ୍ଡା, ବନିତା ଦୀକ୍ଷିତ, ସତ୍ୟ ନାରାୟଣ ସାହୁ, ସଞ୍ଜୟ ପ୍ରଧାନ, ବ୍ରଜ କିଶୋର ସାହୁ ଏବଂ ଦେବରାଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**ଆଶୁତୋଷ ମହାନ୍ତି ପାଇବେ ମହୋଦଧି ସମ୍ମାନ**




ଇଭେଣ୍ଟ ପ୍ରମୋଶନାଲ୍ ପୋଷ୍ଟର ରିଲିଜ୍ କରାଯାଉଛି ।

# ଏସ୍‌ବିଆଇ ଗ୍ରାହକ ସମାବେଶରେ ଡିଜିଟାଲ ବ୍ୟାଙ୍କିଙ୍ଗକୁ ଗୁରୁତ୍ୱ

**ପିପିଲି,୭।୧୨(ଦୁର୍ଗାମାଧବ ମିଶ୍ର):** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ଏକ ଗ୍ରାହକ ସମାବେଶ ‘ଟାଉନ ହଲ୍ ମିଟିଂ’ ବୁଧବାର ପିପିଲିରେ ଅନୁଷ୍ଠିତ ହୋଇଯାଇଛି। ଏସ୍‌ବିଆଇର ପିପିଲି ଶାଖା ପକ୍ଷରୁ ସ୍ଥାନୀୟ କୃଷି ବିଭାଗ କାର୍ଯ୍ୟାଳୟ ସଭାଗୃହରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଏସ୍‌ବିଆଇର ପୁରୀ ଆଞ୍ଚଳିକ ପ୍ରବନ୍ଧକ ସୌରଭ ରଥ, ଭୁବନେଶ୍ୱର ମଣ୍ଡଳ ଏଜିଏମ୍ ରମେଶ ବେହେରା, ପୁରୀ ଆଞ୍ଚଳିକ କାର୍ଯ୍ୟାଳୟ ଚିଫ୍ ମ୍ୟାନେଜର(ଅପରେସନ) ଦେବକାନ୍ତ ନାୟକ, ଚିଫ୍ ମ୍ୟାନେଜର(ସେଲ୍ସ) ପ୍ରଦୀପ ନାହାକ ପ୍ରମୁଖ ଅଧିକାରୀ ଅତିଥି ଭାବେ ଯୋଗଦେଇ ବ୍ୟାଙ୍କର ଗ୍ରାହକ ସେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଯେକୌଣସି ସମୟରେ ସାଇବର ଠକେଇର ଶିକାର ହେଲେ ତତ୍କାଳ ଟୋଲ ଫ୍ରି ନମ୍ବରରେ ସୂଚନା ଦେବାକୁ ପରାମର୍ଶ ଦେଇଥିଲେ। ସେଥିପାଇଁ ଉଦ୍ଦିଷ୍ଟ ୨ଟି ଫୋନ ନମ୍ବର ଗ୍ରାହକଙ୍କୁ ଦେଇଥିଲେ। ସାଇବର ଠକେଇଙ୍କଠାରୁ ସୁରକ୍ଷିତ ରହିବା ସହିତ ଗ୍ରାହକଙ୍କ ମଧ୍ୟରେ ଡିଜିଟାଲ ବ୍ୟାଙ୍କିଂ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ବ୍ୟାଙ୍କର ଏସ୍‌ବିଆଇ ୟୋନୋ ମୋବାଇଲ ଆପ୍ ଓ ହ୍ୱାଟ୍ସଆପ ବ୍ୟାଙ୍କିଂର ବ୍ୟବହାର ସମ୍ପର୍କରେ ଅବଗତ କରାଇଥିଲେ। ସମାବେଶରେ ଶାଖାର ସଫଳ ଗ୍ରାହକଙ୍କୁ ଅଧିକାରୀମାନେ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଗ୍ରାହକ ସମାବେଶରେ ପିପିଲି ଶାଖାର ବିଭିନ୍ନ ବର୍ଗର ଗ୍ରାହକ ଉପସ୍ଥିତ ଥିଲେ। ପିପିଲି ଶାଖା ମୁଖ୍ୟ ପ୍ରବନ୍ଧକ ହିମାଂଶୁ ଶେଖର ଦାସ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦାଣ୍ଡମୁକୁନ୍ଦପୁର ଶାଖା ପ୍ରବନ୍ଧକ ବେଦ ପ୍ରକାଶ ସାହାଣୀ, ପିପିଲି ଶାଖା ଡେପୁଟି ବ୍ରାଞ୍ଚ ମ୍ୟାନେଜର ରାଜଶ୍ରୀ ରଥ, କାଜଲ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ପିପିଲି ଶାଖାର ଅନ୍ୟ କର୍ମଚାରୀଙ୍କ ମଧ୍ୟରେ ମୁଷା ମଲ୍ଲିକ, ଅଭିମନ୍ୟୁ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମର ଶୃଙ୍ଖଳିତ ପରିଚାଳନାରେ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଏସ୍‌ବିଆଇ ଅଧିକାରୀମାନେ ।

# ଗଙ୍ଗୁଆ, ଦୟା ନଦୀର ସଂଯୋଗ ସ୍ଥଳରେ ହେବ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ

## ୫-ଟି ଅଧକ୍ଷଙ୍କ ସମୀକ୍ଷା

- ସବୁ ଘର ସହ ସଂଯୁକ୍ତ ହେବ ସ୍ୱେରେଜ
- ପ୍ରଦୂଷଣ ଉପରେ ନଜର ରଖିବେ ବିଏମ୍‌ସି, ଏସ୍‌ପିସିବି, ୱାଟ୍‌କୋ
- ଭୁବନେଶ୍ୱର ନର୍ଦ୍ଦମା ପାଣିର ବୈଷୟିକ ଯାଞ୍ଚ ହେବ

ଭୁବନେଶ୍ୱର,୭।୧୨(ଅନିଲ ଦାସ)

ଦୟାନଦୀ ପାଣିକୁ ପ୍ରଦୂଷଣମୁକ୍ତ ରଖାଯିବା ଉପରେ ୫-ଟି ତଥା ନବୀନ ଓଡ଼ିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ଗୁରୁତ୍ୱାରୋପ କରିଛନ୍ତି। ଏ ସମ୍ପର୍କରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ସେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ନଗର ଉନ୍ନୟନ ବିଭାଗ ଏବଂ ଭୁବନେଶ୍ୱର ମହାନଗର ନିଗମକୁ ନିର୍ଦ୍ଦେଶ ଦେଇଛନ୍ତି। ଦୟା ନଦୀର ଜଳକୁ ବିଶୁଦ୍ଧ ରଖିବା ସଂକ୍ରାନ୍ତରେ ଗୁରୁବାର ପାଣ୍ଡିଆନଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ଭୁବନେଶ୍ୱର ସହର ନର୍ଦ୍ଦମା ପାଣିର ନିୟମିତ ବୈଷୟିକ ଯାଞ୍ଚ ହେବ । ମହାନଗର ନିଗମ ଅଞ୍ଚଳରେ ଥିବା ବିଭିନ୍ନ ପ୍ରତିଷ୍ଠାନର ଦୂଷିତ ଜଳକୁ ସ୍ୱେରେଜ ଲାଇନ୍ ସହିତ ସଂଯୋଗ କରିବା ପାଇଁ ବାଧ୍ୟତାମୂଳକ କରାଯାଇଛି। ଏଥିସହିତ ବିଏମ୍‌ସିର ସବୁ ଘର ଯେପରି ସ୍ୱେରେଜ ଲାଇନ୍ ସହିତ ଶୀଘ୍ର ସଂଯୁକ୍ତ ହୋଇପାରିବ ସେ ଦିଗରେ ମଧ୍ୟ ସଚେତନତା ସୃଷ୍ଟି କରିବା ପାଇଁ ପାଣ୍ଡିଆନ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱରରେ ୱାଟ୍‌କୋ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ସ୍ୱେରେଜ କାମ ଚାଲିଛି। ବିଭିନ୍ନ ଏଜେନ୍ସି ସହ ସମନ୍ୱୟ ରକ୍ଷାକରି କାମ କଲେ ଜନସାଧାରଣଙ୍କ ବିଶେଷ ଅସୁବିଧା ହେବ ନାହିଁ ବୋଲି ପାଣ୍ଡିଆନ କହିଛନ୍ତି। ସ୍ୱେରେଜ କାମ ତ୍ୱରାନ୍ୱିତ କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବା ଏବଂ ବସ୍ତି ସମେତ ସହରର ସବୁ ଅଞ୍ଚଳ ଯେପରି ସ୍ୱେରେଜ ବ୍ୟବସ୍ଥା ସହିତ ସଂଯୁକ୍ତ ହେବ ସେଦିଗରେ ପଦକ୍ଷେପ ନେବା ପାଇଁ ସେ ୱାଟ୍‌କୋକୁ ନିର୍ଦ୍ଦେଶ ଦେଇଛନ୍ତି। ଦୟା ନଦୀର ଜଳକୁ ବିଶୁଦ୍ଧ କରିବା ପାଇଁ ଦୟା ଓ ଗଙ୍ଗୁଆର ସଂଯୋଗ ସ୍ଥଳରେ ୱାଟ୍‌କୋ ପକ୍ଷରୁ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳଯୁକ୍ତ ଏକ ବିଶୋଧନ ପ୍ଲାଣ୍ଟ ନିର୍ମାଣ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି।

ଭୁବନେଶ୍ୱର ସହରରେ ବିଭିନ୍ନ ଶିଳ୍ପାନୁଷ୍ଠାନ ମଧ୍ୟ ରହିଛି। ସେମାନଙ୍କର ବର୍ଜ୍ୟବସ୍ତୁ ଓ ଜଳର କିପରି ଉପଯୁକ୍ତ ବିଶୋଧନ କରାଯାଇପାରିବ ସେଥିପାଇଁ ଇଡ୍‌କୋ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ଓ ବିଏମ୍‌ସି ପକ୍ଷରୁ ନିୟମିତ ଯାଞ୍ଚ କରାଯିବ। ଭୁବନେଶ୍ୱର ସହରର ବିଭିନ୍ନ ନର୍ଦ୍ଦମା ଜଳ ବିଶୋଧନ ପ୍ଲାଣ୍ଟରେ ପହଞ୍ଚିବା ପୂର୍ବରୁ ସେଗୁଡ଼ିକର ୱାଟ୍‌କୋ ଏବଂ ଏସ୍‌ପିସିବି ପକ୍ଷରୁ ନିୟମିତ ବୈଷୟିକ ଯାଞ୍ଚ ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଦୟା ନଦୀର ଜଳକୁ ବିଶୁଦ୍ଧ ରଖିବା ପାଇଁ ବିଏମ୍‌ସି ଅଞ୍ଚଳର ବର୍ଜ୍ୟବସ୍ତୁ ସୃଷ୍ଟିକାରୀ ଶିଳ୍ପ ତଥା ଅନ୍ୟ ପ୍ରତିଷ୍ଠାନଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖି ଏହାର ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବାକୁ ବିଏମ୍‌ସିକୁ ପାଣ୍ଡିଆନ ନିର୍ଦ୍ଦେଶ ଦେଇଛନ୍ତି। ବିଡିଏ ଉପାଧକ୍ଷ ବଲୱନ୍ତ ସିଂଙ୍କ ଅଧକ୍ଷତାରେ ଗଠିତ ଦୟା ଟାସ୍କଫୋର୍ସ ଦୟା ନଦୀ ପାଣିକୁ ବିଶୁଦ୍ଧ ରଖିବା ପାଇଁ ବିଭିନ୍ନ ଏଜେନ୍ସି ସହିତ ସମନ୍ୱୟ ରଖି ପଦକ୍ଷେପ ନେଇଛି । ବୈଠକରେ ବଲବନ୍ତ ସିଂ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଏକ ରିପୋର୍ଟ ଉପସ୍ଥାପନ କରିଥିଲେ।

## ମୋ ବସ୍‌ଷ୍ଟାଣ୍ଡରେ ବିପ୍ ସାଉଣ୍ଡ ବ୍ୟବସ୍ଥା ପାଇଁ ଦାବି

ପୁରୁଣା ଭୁବନେଶ୍ୱର,୭।୧୨(ସୁବାସ ଚନ୍ଦ୍ର ପ୍ରଧାନ): ଜନସାଧାରଣଙ୍କ ଯାତାୟାତ ନିମନ୍ତେ ରାଜ୍ୟ ସରକାର ସ୍ମାର୍ଟନଗରୀ ଭୁବନେଶ୍ୱରରେ ମୋ ବସ୍ ସେବାରେ ବ୍ୟବସ୍ଥା କରିଛନ୍ତି। ହେଲେ ଦୃଷ୍ଟିବାଧିତଙ୍କ ପାଇଁ କୌଣସି ସୁବିଧା ନ ଥିବାରୁ ହଇରାଣ ହେଉଛନ୍ତି। ମୋ ବସ୍‌ଷ୍ଟାଣ୍ଡକୁ ସେମାନେ କିଭଳି ଜାଣିପାରିବେ ସେ ନେଇ ବିଭିନ୍ନ ମତପ୍ରକାଶ ପାଇଛି। ମୋ ବସ୍ ଷ୍ଟାଣ୍ଡରେ ବିପ୍ ସାଉଣ୍ଡ ବ୍ୟବସ୍ଥା କରାଗଲେ ଦୃଷ୍ଟିବାଧିତଙ୍କ ପାଇଁ ବସ୍ ଷ୍ଟାଣ୍ଡ ଚିହ୍ନଟ କରିବା ସହଜ ହେବ। ଭୁବନେଶ୍ୱରରେ ଥିବା ପ୍ରତିଟି ମୋ ବସ୍ ଷ୍ଟାଣ୍ଡରେ ବିପ୍ ସାଉଣ୍ଡ ବ୍ୟବସ୍ଥା କରିବା ପାଇଁ ରାଜ୍ୟର ପ୍ରଥମ ଦୃଷ୍ଟିବାଧିତ ପାରାସେଲର ବାପିନା ନାୟକ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଚିଠି ମାଧ୍ୟମରେ ଦାବି କରିଛନ୍ତି।

## ସଂକ୍ଷେପରେ

### ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ବାରଙ୍ଗ,୭।୧୨(ଲିଙ୍ଗରାଜ ରାଉତ): କୁଞ୍ଜବିହାରୀ ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ପ୍ରତାପ ସ୍ୱାଇଁ ଏଥିରେ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ବାଣିଜ୍ୟ ଓ ପରିବହନ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ତପନ ମିଶ୍ର, କଟକ ସଡ଼କ ପରିବହନ ଅଧିକାରୀ ସଞ୍ଜୟ ବେହେରା ଓ ରାଜ୍ୟ ସଡ଼କ ସୁରକ୍ଷା ସଦସ୍ୟ ବିମଳ ସିଂ ଯୋଗଦେଇ ସଡ଼କ ସୁରକ୍ଷା ଓ ଏହାର ନିରାକରଣ ସହ ପ୍ରାଥମିକ ଚିକିତ୍ସାର ବିଭିନ୍ନ ବିଷୟରେ ଆଲୋକପାତ କରିଥିଲେ। ସଂଯୋଜକ ଡ.ସନ୍ତୋଷ ମିଶ୍ର ଓ ଅଧାପକ ଅନିଲ ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଶତାଧିକ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ। ଡ. ସୁଜାତା ହୋତା, ଡ. ଲିପିପୁଷ୍ପା ନାୟକ, ଡ. ଜୟଶ୍ରୀ ନନ୍ଦ, ଡ. ପ୍ରବୀର ମହାନ୍ତି, ସୁକାନ୍ତ ରାଉତ, ପ୍ରକାଶ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଶୋଇବା ଘରେ ବୃଦ୍ଧାଙ୍କୁ ହତ୍ୟା ଘଟଣାରେ ୩ ଅଟକ

ବାରଙ୍ଗ,୭।୧୨(ଲିଙ୍ଗରାଜ ରାଉତ): ବାରଙ୍ଗ ଥାନା ଅଧୀନ ମଧୁପୁର ଗ୍ରାମର ବୃଦ୍ଧା ସୁଚିତ୍ରାଙ୍କୁ ମଙ୍ଗଳବାର ରାତିରେ ଶୋଇବା ଘରେ ହତ୍ୟା କରାଯାଇଥିବା ଘଟଣାରେ ପୋଲିସ ଗୁରୁବାର ୩ ଜଣଙ୍କୁ ଅଟକ ରଖି ପଚରାଉଚରା ଆରମ୍ଭ କରିଛି। ପୋଲିସ ୪୬୬/୨୩ରେ ଏକ ମାମଲା ରୁଜୁ କରି ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହ ତଦନ୍ତ କରୁଛି। ପ୍ରକାଶ ଯେ, ଗ୍ରାମର ଚତୁର୍ଭୁଜ ସାହୁଙ୍କ ପୁଅ ସରୋଜ ମଙ୍ଗଳବାର ରାତିରେ ଘରେ ନ ଥିବାରୁ ସୁଚିତ୍ରା ତାଙ୍କ ବୋହୂଙ୍କୁ ତାଙ୍କ ପାଖରେ ଶୋଇବାକୁ ଡାକିଥିଲେ। ପରେ ବୋହୂ ସେଠାରୁ ପଳାଇଥିଲେ। ଶ୍ୱଶୁର ଦାଣ୍ଡପଟ ଘରେ ଶୋଇଥିଲେ। ସକାଳେ ଶାଶୁଙ୍କର ରକ୍ତ ଜୁଡୁବୁଡୁ ଅବସ୍ଥାରେ ଶୋଇବା ଘରୁ ମୃତଦେହ ମିଳିଥିଲା। ପୋଲିସ ସନ୍ଦେହରେ ବୋହୂ, ବୋହୂଙ୍କ ଭିଣୋଇ ଓ ଅନ୍ୟ ଜଣଙ୍କୁ ସକାଳୁ ଥାନାକୁ ଆଣି ପଚରାଉଚରା କରୁଥିବା ଜଣାପଡ଼ିଛି।

# ମେୟର, କମିଶନରଙ୍କୁ ଭେଟିଲେ ୟୁଏସ୍ କନ୍‌ସଲ ଜେନେରାଲ



ଭୁବନେଶ୍ୱର, ୭।୧୨(ଅନୁରାଧା ମହାରଣା)

ହାଇଦ୍ରାବାଦ୍‌ରେ ଅବସ୍ଥାପିତ ୟୁନାଇଟେଡ୍ ଷ୍ଟେଟ୍‌ସର କନ୍‌ସଲ୍ ଜେନେରାଲ ଜେନିଫର ଲାର୍ସନଙ୍କ ନେତୃତ୍ୱରେ ଓଡ଼ିଶା ଆସିଥିବା ୫ ଜଣିଆ ପ୍ରତିନିଧି ଦଳ ଗୁରୁବାର ମେୟର ସୁଲୋଚନା ଦାସ ଓ କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟିଛନ୍ତି। ସେମାନେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ପରିଚାଳନା ଅଭ୍ୟାସ, ପ୍ରାକୃତିକ ସମ୍ବଳର ସୁବିନିଯୋଗ, ସ୍ମାର୍ଟ ସିଟିକୁ ରୂପାନ୍ତରୀକରଣ ପାଇଁ ପଦକ୍ଷେପ ଏବଂ ୟୁନାଇଟେଡ୍ ଷ୍ଟେଟ୍‌ସର ବିଭିନ୍ନ ସହର ସହିତ ବିଏମ୍‌ସିର ପୁରୁଣା ଅଂଶୀଦାରିତା ସଂପର୍କରେ ପ୍ରତିନିଧିମାନେ ଆଲୋଚନା କରିଥିଲେ। ମେୟର ଉକ୍ତ ପ୍ରତିନିଧି ଦଳକୁ କୃତଜ୍ଞତା ଜଣାଇବା ସହ ବିଏମ୍‌ସି ସହରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରିବା ପାଇଁ ନେଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ବିଏମ୍‌ସି ପକ୍ଷରୁ ପ୍ରାକୃତିକ ସମ୍ବଳର ସୁବିନିଯୋଗ ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ସମ୍ପର୍କରେ ୟୁଏସ୍ ଜେନେରାଲ ଜେନିଫର ଓ ତାଙ୍କ ଟିମ୍ ଜାଣିବା ସହ ବିଏମ୍‌ସିର ଦୂରଦର୍ଶିତା ଓ ଗୋଷ୍ଠୀ ସହଭାଗିତା ନୀତିକୁ ଉଚ୍ଚ ପ୍ରଶଂସା କରିଥିଲେ। ଭୁବନେଶ୍ୱର ମହାନଗର ନିଗମ ପ୍ରାଚୀନ ଐତିହ୍ୟ ଓ ଆଧୁନିକ ଭିତ୍ତିଭୂମି ମହାମିଳନର ଏକ ନିଦର୍ଶନ ବୋଲି ଜେନିଫର କହିଛନ୍ତି। ଏହି ଆଲୋଚନା ସମୟରେ ଉକ୍ତ ପ୍ରତିନିଧି ଦଳ ଓ ବିଏମ୍‌ସି ମଧ୍ୟରେ ବିଭିନ୍ନ ସହରୀକରଣ ବିକାଶ ବାବଦରେ ଭାବର ଆଦାନ ପ୍ରଦାନ ହୋଇଥିଲା। ଏହି ପ୍ରତିନିଧି ଦଳରେ ୟୁଏସ୍‌ର ପଲିଟିକାଲ ଆଣ୍ଡ୍ ଇକୋନୋମିକ୍ ଅଫିସର ଫ୍ରାଙ୍କ ତାଲୁଟୋ, ପ୍ରମୁଖ ବାଣିଜ୍ୟିକ ଅଧିକାରୀ ରାଘବନ ଶ୍ରୀନିବାସନ, ଆର୍ଥିକ ଉପଦେଷ୍ଟା ଶିବପ୍ରସାଦ ତ୍ରିପାଠୀ, ୟୁଏସ୍‌ଏଆଇଡି ଉପଦେଷ୍ଟା ଅମ୍ରିତା ଗୋସ୍ୱାମୀ ପ୍ରମୁଖ ରହିଥିଲେ। ବିଏମ୍‌ସି ପକ୍ଷରୁ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ ଉପସ୍ଥିତ ଥିଲେ ।

## ଭାରତର ସାମାଜିକ ବିପ୍ଳବରେ ଆମ୍ବେଡକରଙ୍କ ପ୍ରମୁଖ ଭୂମିକା ରହିଛି

ଭୁବନେଶ୍ୱର,୭।୧୨(ଶର୍ମିଷ୍ଠା ପାଣିଗ୍ରାହୀ)

ଉତ୍କଳ ବିଶ୍ୱବିଦ୍ୟାଳୟର ଆମ୍ବେଡକର ଅଧ୍ୟୟନ କେନ୍ଦ୍ର ପକ୍ଷରୁ ଡ. ବାବା ସାହେବ ଆମ୍ବେଡକରଙ୍କ ୬୭ତମ ପରିନିର୍ବାଣ ଦିବସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାରତର ସାମାଜିକ ବିପ୍ଳବ ଓ ଆମ୍ବେଡକରଙ୍କ ଭୂମିକା ପ୍ରସଙ୍ଗରେ ଏକ ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଥିଲା। ଭାରତରତ୍ନ ଡ. ଆମ୍ବେଡକରଙ୍କ ଜୀବନ ଦର୍ଶନ, ବିଭିନ୍ନ ସାମାଜିକ ବିପ୍ଳବ, ଶିଳ୍ପ ବିପ୍ଳବ ଓ ବୈଷୟିକ ବିକାଶ ସଂପର୍କରେ କେନ୍ଦ୍ରର ନିର୍ଦ୍ଦେଶକ ଡ. ରବୀନ୍ଦ୍ର କୁମାର ଗରଡ ସ୍ୱାଗତ ଅଭିଭାଷଣରେ ଦର୍ଶାଇଥିଲେ। ମୁଖ୍ୟବକ୍ତା ପ୍ରଫେସର ଧନେଶ୍ୱର ସାହୁ ଭାରତର ସାମାଜିକ ବିପ୍ଳବରେ ଆମ୍ବେଡକରଙ୍କ ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ। ମୁଖ୍ୟ ଅତିଥି ପ୍ରଫେସର ବସନ୍ତ କୁମାର ମଲ୍ଲିକ ଆମ୍ବେଡକରଙ୍କ ଜୀବନ ଆଦର୍ଶ, ଶିକ୍ଷା, ପୁନାଚୁକ୍ତି ବିଷୟରେ ଶ୍ରୋତାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅଧାପକ ଆନପା ମାରାଣ୍ଡି, ଦୀନବନ୍ଧୁ ସାହୁ ଏବଂ ଗବେଷକ ଅମୂଲ୍ୟ ସାହୁ, ପଞ୍ଚାନନ ଦୀପ, ଶୁଭସ୍ମିତା ଭୋଇ, କୃଷ୍ଣା ସାହାଣୀ ଓ ଲୋକେଶ ଜଗତ ପ୍ରମୁଖ ଏହି ସଂପାନରେ ଉପସ୍ଥିତ ଥିଲେ। ଡ . ରମେଶଚନ୍ଦ୍ର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଭିଯୁକ୍ତ କାହ୍ନା ନାୟକଙ୍କୁ ଆଜୀବନ ଜେଲ

ଭୁବନେଶ୍ୱର,୭।୧୨(ସୂର୍ଯ୍ୟକାନ୍ତ ବେହେରା)

ବହୁ ଚର୍ଚ୍ଚିତ ଚନ୍ଦୁ ହତ୍ୟା ମାମଲା



କ୍ୟାପିଟାଲ ଥାନା ଅଞ୍ଚଳରେ ଘଟିଥିବା ବହୁ ଚର୍ଚ୍ଚିତ ପି. ସୁବ୍ରତ ରାଓ ଓରଫ ଚନ୍ଦୁ ହତ୍ୟା ମାମଲାର ଗୁରୁବାର ଭୁବନେଶ୍ୱର ଅତିରିକ୍ତ ଜିଲା ଦୌରାଜଜ୍-୨ କୋର୍ଟରେ ରାୟ ପ୍ରକାଶ ପାଇଛି। ମାମଲାର ଶୁଣାଣି କରି ବିଚାରପତି ବନ୍ଦନା କର ଅଭିଯୁକ୍ତ କାହ୍ନା ନାୟକଙ୍କୁ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଅପରପକ୍ଷେ ସହଯୋଗୀ ରଞ୍ଜୁ ନାୟକ ଉଚ୍ଚ ନ୍ୟାୟାଳୟରୁ ଜାମିନ ପାଇ ଜେଲରୁ ମୁକୁଳିଥିଲେ ମଧ୍ୟ ଶୁଣାଣି ବେଳେ କୋର୍ଟରେ ହାଜର ନ ହେବାରୁ ତାଙ୍କ ବିରୋଧରେ ଦଣ୍ଡ ବିଧାନ ଶୁଣାଣି ସ୍ଥଗିତ ରଖାଯାଇଛି। ତେବେ ୩୩ଜଣ ସାକ୍ଷୀଙ୍କ ବୟାନ ଓ ବିଭିନ୍ନ ଦସ୍ତାବିଜକୁ ଆଧାର କରି ଅଦାଲତ ଏହି ରାୟ ଶୁଣାଇଛନ୍ତି।

ସୂଚନାନୁସାରେ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଭୁବନେଶ୍ୱର ୟୁନିଟ-୮ ନାରାୟଣ ବସ୍ତିରେ ଚନ୍ଦୁ ଓରଫ ପି ସୁବ୍ରତ ରାଓଙ୍କୁ ସେହି ବସ୍ତିରେ ରହୁଥିବା ରଞ୍ଜୁ ଓ ତାଙ୍କ ସ୍ୱାମୀ କାହ୍ନା ଗତବର୍ଷ ସେପ୍ଟେମ୍ବର ୯ ରାତିରେ ବିଭିନ୍ନ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଚନ୍ଦୁଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ପଡ଼ୋଶୀମାନେ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଚନ୍ଦୁଙ୍କ ଭାଇ ଶିବାନନ୍ଦ ରାଓ କ୍ୟାପିଟାଲ ଥାନାରେ ଅଭିଯୋଗ କରିବାରୁ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣାର ୫ ଦିନ ପରେ ରଞ୍ଜୁ ଓ ତାଙ୍କ ସ୍ୱାମୀ କାହ୍ନାଙ୍କୁ ପୋଲିସ ଗିରଫ କରିବା ସହ ଅପରାଧରେ ବ୍ୟବହୃତ ବହ୍ଲା (କାଠ) କୁ ମଧ୍ୟ ଜବତ କରିଥିଲା। ତଦନ୍ତ ପରେ ପୋଲିସ ଗତ ଫେବୃୟାରୀରେ ଉଭୟଙ୍କ ବିରୋଧରେ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ସଲିଳ ପ୍ରଧାନ ମାମଲା ପରିଚାଳନା କରିଥିଲେ।

## ବାଲିଯାତ୍ରା ଖର୍ଚ୍ଚରେ ଦୁର୍ନୀତି ଗନ୍ଧ

### ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

କଟକ,୭।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ବାଲିଯାତ୍ରା ଖର୍ଚ୍ଚରେ ଦୁର୍ନୀତି ହୋଇଥିବା ନେଇ ବିଜେଡି କଟକ ନଗର କମିଟି ଅଭିଯୋଗ କରିଛି। ଏ ନେଇ କମିଟିପକ୍ଷରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁରୁବାର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଜରିଆରେ ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି, ବାଲିଯାତ୍ରା ଖର୍ଚ୍ଚରେ ଦୁର୍ନୀତି ହୋଇଛି। ଦେଢ କୋଟି ଟଙ୍କାର କାର୍ଯ୍ୟକୁ ସାଢେ ତିନିକୋଟି ଟଙ୍କାରେ ସମ୍ପୂର୍ଣ୍ଣ ହୋଇଛି ବୋଲି ସିଏମ୍‌ସି ପକ୍ଷରୁ ୱାର୍କ୍ସ କମିଟି ଅଧକ୍ଷ ତଥା କର୍ପୋରେଟର ପ୍ରଦୀପ୍ତ ଖୁଣ୍ଟିଆ ଅଭିଯୋଗ ଆଣିଥିଲେ। ଏ ସମ୍ପର୍କିତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ତାଙ୍କ ଅଭିଯୋଗ ଆଧାରରେ ସିଏମ୍‌ସି ପକ୍ଷରୁ ବିଭାଗୀୟ ତଦନ୍ତ କମିଟି ଗଠନ ହୋଇଛି। ଉକ୍ତ କମିଟିରେ ଥିବା ଅଭିଯୋଗକାରୀ ଏବଂ ସିଏମ୍‌ସିର ବିଭାଗୀୟ ଯନ୍ତ୍ରୀ ତଦନ୍ତ କରିବା କେତେଦୂର ସମୀଚୀନ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାଦ୍ୱାରା ସରକାରଙ୍କ ସ୍ୱଚ୍ଛ ଭାବମୂର୍ତ୍ତି କ୍ଷୁଣ୍ଣ ହେବାର ଆଶଙ୍କା ପ୍ରକାଶ ପାଇଛି। ତେଣୁ ସ୍ୱଚ୍ଛତା ଦୃଷ୍ଟିରୁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ତଦନ୍ତକାରୀ ସଂସ୍ଥା ଦ୍ୱାରା ନିରପେକ୍ଷ ତଦନ୍ତ କରିବା ଆବଶ୍ୟକ ବୋଲି ସେମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନବେଳେ କଟକ ନଗର କମିଟିର ସାଧାରଣ ସମ୍ପାଦକ ତାପସ ମହାନ୍ତି, ଉପସଭାପତି ରାଜେନ୍ଦ୍ର ରଣା, ଦିଲୀପ କୁମାର ଜେନା, ଅକ୍ଷୟ କୁମାର ପଣ୍ଡା, ବିଭୂତି ସ୍ୱାଇଁ, ଲୋକନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏ ନେଇ ସିଏମ୍‌ସି କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଛାତ୍ରୀଛାତ୍ର ନିଜ ଲକ୍ଷ୍ୟ ରଖି ଆଗକୁ ବଢ଼ନ୍ତୁ

ବାଲିଅନ୍ତା,୭।୧୨(ନୀଳମାଧବ ସାହୁ)

ବାଲିଅନ୍ତାସ୍ଥିତ ଜବାହରଲାଲ ନେହେରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଗୁରୁବାର ଏକ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଜୟନ୍ତୀବାଳା ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ଯୋଗଦେଇଥିଲେ। ଛାତ୍ରୀଛାତ୍ର ନିଜ ଲକ୍ଷ୍ୟ ରଖି ଆଡ଼କୁ ବଢନ୍ତୁ। ଏଥିପାଇଁ ଶୃଙ୍ଖଳା, ପରିଶ୍ରମ ଦରକାର ବୋଲି ବିଧାୟକ ଢାଲି କହିଥିଲେ। ସଭାରେ ସ୍ମୃତି ସାଗରିକା କାନୁନ୍‌ଗୋ, ରେଡ୍‌କ୍ରସ ସୋସାଇଟିର ଡ. ବିକାଶ ପ୍ରସାଦ ଓ ଇତିଶ୍ରୀ ସୁନ୍ଦରା ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। କାର୍ଯ୍ୟକ୍ରମର



କାର୍ଯ୍ୟକ୍ରମରେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲିଙ୍କ ସହ ଅନ୍ୟ ଅତିଥି।

ନୋଡାଲ ଅଧିକାରୀ ଜଗତ ମାନସିଂ ପ୍ରାରମ୍ଭିକ ସୂଚନା ଓ ଅଧାପିକା ରଶ୍ମି ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧାପକ ପୀତାମ୍ବର ପାତ୍ର ଓ ରଶ୍ମି ରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଧାୟକ ଢାଲିଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ନିର୍ମିତ ମୁକ୍ତାକାଶ ମଞ୍ଚ ଉଦ୍‌ଘାଟିତ ହୋଇଥିଲା। ପରେ ଛାତ୍ରୀଛାତ୍ରଙ୍କୁ ପ୍ରାଥମିକ ଚିକିତ୍ସା ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଅଧାପକ ଜ୍ଞାନ ରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଆଜି କେସିଓର ଷ୍ଟାଣ୍ଡ୍ ଅପ୍ କମେଡ଼ି ଶୋ

ଭୁବନେଶ୍ୱର,୭।୧୨(ଶର୍ମିଷ୍ଠା ପାଣିଗ୍ରାହୀ)




ଦିନକୁ ଦିନ ଷ୍ଟାଣ୍ଡ ଅପ୍ କମେଡ଼ି ଶୋ' ଲୋକପ୍ରିୟତା ହାସଲ କରୁଛି। ବିଶେଷକରି ଏ କ୍ଷେତ୍ରରେ ଯୁବପିଢ଼ିଙ୍କର ଅଧିକ ଆଗ୍ରହ ଦେଖିବାକୁ ମିଳୁଛି। ଫଳରେ ଅନେକ ମଧ୍ୟ ସୋସିଆଲ ମିଡିଆରେ ଷ୍ଟାଣ୍ଡଅପ୍ କମେଡ଼ି କରି ଲୋକଙ୍କୁ ହସାଉଛନ୍ତି। ହସି ହସାଇବାରେ ନୂଆ ପରିକଳ୍ପନା ଷ୍ଟାଣ୍ଡ ଅପ୍ କମେଡ଼ିକୁ ନେଇ ପ୍ରଥମଥର ପାଇଁ କମେଡ଼ି କ୍ଲବ ଅଫ୍ ଓଡ଼ିଶା(କେସିଓ)ପକ୍ଷରୁ ଶୁକ୍ରବାର ସନ୍ଧ୍ୟା ୬ଟା ୩୦ରେ ଭଞ୍ଜକଳା ମଣ୍ଡପରେ ଏକ ସ୍ୱତନ୍ତ୍ର ଶୋ 'ଓଡ଼ିଆ କମେଡି ଫେଷ୍ଟ' ଅନୁଷ୍ଠିତ ହେବ। ଲୋକଙ୍କୁ ପାରମ୍ପରିକ ଜୀବନ ଶୈଳୀ ଭିତରୁ ବାହାର କରି ସେମାନଙ୍କ ମୁହଁରେ ହସ ଭରିବା ଏହି କ୍ଲବର ଉଦ୍ଦେଶ୍ୟ ବୋଲି ଏହାର ସମ୍ପାଦକ ରିତେନ ପଟ୍ଟନାୟକ କହିଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶାର ବଛା ବଛା ଷ୍ଟାଣ୍ଡ୍ ଅପ୍ କମେଡ଼ି କରୁଥିବା କଳାକାରଙ୍କ ଦ୍ୱାରା ପରିଚାଳିତ ହେବ। ରିତେନ ପଟ୍ଟନାୟକ, ବିଶାଲ ମହାନ୍ତି, ମଳୟ ରଞ୍ଜନ ପରିଡ଼ା, ଚିରଞ୍ଜୀବୀ, ସୁଜିତ, ଷ୍ଟାଲିନ, ଅଭିଜିତ ପ୍ରମୁଖ କମେଡି କରିବେ।

## ଗୃହପାଳିତ, ବନ୍ୟଜନ୍ତୁଙ୍କ ସୁରକ୍ଷା ଚିକିତ୍ସାକୁ ଗୁରୁତ୍ୱ

### ଓୟୁଏଟିରେ ଭାରତୀୟ ଭେଟେରିନାରି କଂଗ୍ରେସ ଅଧିବେଶନ

ଭୁବନେଶ୍ୱର, ୭।୧୨(ଅନୁରାଧା ମହାରଣା)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ସ୍ଥିତ ଭେଟେରିନାରି ସର୍ଜରି ଓ ରେଡିଓଲୋଜି ବିଭାଗ ପକ୍ଷରୁ ତିନିଦିନିଆ ଭାରତୀୟ ଭେଟେରିନାରି କଂଗ୍ରେସ ଅଧିବେଶନ ସ୍ୱାମୀନାଥନ୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ଗୋକୁଳଚନ୍ଦ୍ର ପତି, ସୋଆର ପୂର୍ବତନ କୁଳାଧିପତି ତଥା ଏମ୍‌ସର ପୂର୍ବତନ ଉପନିର୍ଦ୍ଦେଶକ ପ୍ରଫେସର ଡ. ଅଶୋକ କୁମାର ମହାପାତ୍ର, ଗୁଜରାଟ କାମଧେନୁ ବିଶ୍ୱ ବିଦ୍ୟାଳୟ କୁଳପତି ଡ. ଏଚ୍.ଏନ୍. କେଲାୱାଲା, ନିର୍ଦ୍ଦେଶକ ଡ. ଡି.ବି. ପାଟିଲ ଯୋଗଦେଇ ଭାରତରେ ଆଧୁନିକ ବିଜ୍ଞାନ ସମ୍ମତ ଭେଟେରିନାରି ଶଲ୍ୟ, ସର୍ଜରୀ ଉପରେ ଆଲୋଚନା କରିଥିଲେ। ଏଥିସହ ଗୃହପାଳିତ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ଓ ଚିକିତ୍ସା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ କଲେଜ୍ ଡିନ୍ ପ୍ରଫେସର ସୁଶେନ କୁମାର ପଣ୍ଡା ବିବରଣୀ ପ୍ରଦାନ କରିଥିବାବେଳେ ଅର୍ଗାନାଇଜିଙ୍ଗ ସେକ୍ରେଟାରି ତଥା ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ଇନ୍ଦ୍ରମଣିନାଥ ସୋସାଇଟିର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଭାରତର ୩୫ରୁ ଉର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟର ୬୦୦ରୁ ଅଧିକ ଭେଟେରିନାରି ବୈଜ୍ଞାନିକ ଯୋଗଦେଇଥିବା ଡ. ଦେବପ୍ରସାଦ ମଲ୍ଲିକ ସୂଚନା ଦେଇଛନ୍ତି।



ଓୟୁଏଟିଠାରେ ଭାରତୀୟ ଭେଟେରିନାରି କଂଗ୍ରେସ ଅଧିବେଶନରେ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଓ ଅନ୍ୟ ଅତିଥିମାନେ।

## ବାଲିଆପାଳ ଝୋଟ ସଂଗ୍ରହ କେନ୍ଦ୍ରକୁ କାର୍ଯ୍ୟକ୍ଷମ କରାଯାଉ

### 'ଭାରତୀୟ ଝୋଟ ନିଗମ ଓଡ଼ିଶାରୁ ଝୋଟ କିଣୁ

ଭୁବନେଶ୍ୱର, ୭।୧୨(ଅସମାପିକା ସାହୁ)

ପ୍ଲାଷ୍ଟିକ୍‌ର ବିକଳ୍ପ ରୂପେ ଝୋଟ ତନ୍ତୁରୁ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀର ବଜାର ଚାହିଦା ବଢୁଛି। ଫଳରେ ରାଜ୍ୟରେ ଝୋଟଚାଷ ପ୍ରତି ଚାଷୀଙ୍କ ମଧ୍ୟରେ ଆଗ୍ରହ ପରିଲକ୍ଷିତ ହେଉଛି। ରାଜ୍ୟରେ ଝୋଟ ଚାଷର ପର୍ଯ୍ୟାପ୍ତ ସୁଯୋଗ ଥିବାବେଳେ ଝୋଟ ତନ୍ତୁରୁ ବିଭିନ୍ନ ମୂଲ୍ୟଯୁକ୍ତ ଦ୍ରବ୍ୟ ପ୍ରସ୍ତୁତ କରିବା ଓ ଏଥିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଅଧିକ ସଂଖ୍ୟାରେ ସାମିଲ କରାଯିବା ଉପରେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟରେ ଝୋଟଚାଷର ସ୍ଥିତିକୁ ନେଇ କୃଷି ଭବନଠାରେ ଆୟୋଜିତ ସମୀକ୍ଷା ବୈଠକରେ ମନ୍ତ୍ରୀ କହିଲେ, ଝୋଟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବୃଦ୍ଧିର ଆବଶ୍ୟକତା ରହିଛି। ଭାରତୀୟ ଝୋଟ ନିଗମ ଓଡ଼ିଶାର ଝୋଟଚାଷୀଙ୍କଠାରୁ ଏମ୍‌ଏସ୍‌ପି ଦରରେ ଝୋଟ କିଣିବାର ବ୍ୟବସ୍ଥା କରିବା ସହ ବାଲିଆପାଳ ଝୋଟ ସଂଗ୍ରହ କେନ୍ଦ୍ରକୁ ତୁରନ୍ତ କାର୍ଯ୍ୟକ୍ଷମ କରୁ। ଆଗାମୀ ବର୍ଷରେ ରାଜ୍ୟରେ ଦ୍ୱିଗୁଣିତ ଜମିରେ ଝୋଟ ଚାଷ କରାଯିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଥିବା ମନ୍ତ୍ରୀ କହିଛନ୍ତି। ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ କହିଲେ, ଝୋଟର ଉତ୍ପାଦନ ବୃଦ୍ଧି ନିମନ୍ତେ ବିଭାଗ ପକ୍ଷରୁ ଚାଷୀମାନଙ୍କୁ ଅଧିକ ଅମଳକ୍ଷମ ଝୋଟ ବିହନ ଯୋଗାଇ ଦିଆଯିବା ସହିତ ଅନେକ ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି। ନଳିତାରୁ ଝୋଟତନ୍ତୁ ବାହାର ନିମନ୍ତେ ଆବଶ୍ୟକ ଅସମ୍ପୂର୍ଣ୍ଣ ରେଟିଙ୍ଗ୍ ଟ୍ୟାଙ୍କଗୁଡ଼ିକୁ ଜାନୁୟାରୀ ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ସେ ନିର୍ଦ୍ଦେଶ ଦେବା ସହ ସମସ୍ତ ବିଭାଗୀୟ ତାଲିମ୍ କାର୍ଯ୍ୟକ୍ରମରେ ଝୋଟ ଉତ୍ପାଦକୁ ଗୁରୁତ୍ୱ ଦେବାକୁ ଡ. ପାଢ଼ୀ ପରାମର୍ଶ ଦେଇଥିଲେ। ବୈଠକରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ, ଓଡ଼ିଶା ରାଜ୍ୟ ବିହନ ନିଗମର ପରିଚାଳନା ନିର୍ଦ୍ଦେଶକ ଭବେଶ କୁମାର ନାୟକଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ, ଭାରତୀୟ ଝୋଟ ନିଗମର ଜୋନାଲ ଓ ଆଞ୍ଚଳିକ ପ୍ରବନ୍ଧକ ଏବଂ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଝୋଟ ଚାଷ ହେଉଥିବା ଜିଲାର ମୁଖ୍ୟ ଜିଲା କୃଷି ଅଧିକାରୀମାନେ ଭର୍ଚୁଆଲରେ ଯୋଗ ଦେଇଥିଲେ।



ସମୀକ୍ଷା ବୈଠକରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ବନ ସୁରକ୍ଷା ସମିତିର ସମୀକ୍ଷା ବୈଠକ

ମଙ୍ଗୁଳି-ଜଗତପୁର,୭।୧୨ (ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ମଙ୍ଗରାଜପୁର କଲ୍ୟାଣମଣ୍ଡପ ପରିସରରେ ବନ ସୁରକ୍ଷା ସମିତିର ବିଭିନ୍ନ କାର୍ଯ୍ୟ ସମ୍ପର୍କିତ ସମୀକ୍ଷା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀଙ୍କ ପ୍ରତିନିଧି ଶେଖ୍ ସାହାଜାନ୍‌ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଜଙ୍ଗଲ ଓ ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ବନ ସୁରକ୍ଷା ସମିତି ଗୃହ ନିତାନ୍ତ ଆବଶ୍ୟକତା ରହିଛି। ସେଥିପାଇଁ ଆମିଳିଝରି, ମଙ୍ଗରାଜପୁର, କୋଚିଲା ନୂଆଗାଁ, ବେରଣା, ରାମଚନ୍ଦ୍ରପୁର ଗ୍ରାମର ୫ଟି ସମିତିକୁ ବନ ସୁରେକ୍ଷା ସମିତି ଗୃହ ନିର୍ମାଣ ପାଇଁ ୫୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଏହି ବୈଠକରେ ଟାଙ୍ଗୀ-ଚୌଦ୍ୱାର ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ, ବିଡ଼ିଓ ହେମନ୍ତ କୁମାର ମହନ୍ତଙ୍କ ସମେତ କଟକ ଡିଏଫ୍‌ଓ, ବୈରୀ ରେଞ୍ଜର ଉପସ୍ଥିତ ଥିଲେ। ପରେ ଶଙ୍କରପୁରସ୍ଥିତ ଗୋଖଲେ ଆଦର୍ଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ମୋ କଲେଜ କାର୍ଯ୍ୟକ୍ରମରେ ଯୋଗଦେଇ କଲେଜ ରୂପାନ୍ତରଣ ପାଇଁ ୫୦ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ।

### ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଘାଟିତ

କଣ୍ଟାପଡା, ୭।୧୨(ସୁରନାରାୟଣ ସାହୁ)

ଗୋବିନ୍ଦପୁର ଜୁନିୟର ଓ ଡିଗ୍ରୀ କଲେଜ ପରିସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ 'ନୂଆ-ଓ' ଯୁବ ଓଡ଼ିଶା, ନବୀନ ଓଡ଼ିଶା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ. ଗଗନ ବିହାରୀ ବେଉରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ନିଆଳି ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ କାଳନ୍ଦୀ ପାଇକରାୟ, ପୂର୍ବତନ ସଭାପତି ଦ୍ୱିଜବର ସାଥୁଆ, ଜୁନିୟର କଲେଜର ପୂର୍ବତନ ଅଧ୍ୟକ୍ଷ ଅଭିଳାଷ ଚନ୍ଦ୍ର ବେଉରା, ସାମାଜିକ କର୍ମୀ ଅକ୍ଷୟ ମହାନ୍ତି, ଜିଲା ପରିଷଦ ସଭ୍ୟ ପ୍ରଦୀପ କୁମାର ଭୋଇ, ଏମ୍‌ପିଙ୍କ ନୋମିନୀ ବିମାନ ବିହାରୀ ବେହେରା, ସରପଞ୍ଚ ସୁମିତ୍ରା ପାଢ଼ୀ, ସମିତିସଭ୍ୟା ସନ୍ଧ୍ୟାରାଣୀ ଦାସ, ଜୁନିୟର କଲେଜ ଅଧ୍ୟକ୍ଷ ଅମିୟ କୁମାର ସାହୁ ଯୋଗଦେଇଥିଲେ। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ, ଖେଳକୁଦ ଓ ଅନ୍ୟାନ୍ୟ ପ୍ରତିଯୋଗୀତା ଆୟୋଜନ ହେବ। ଯୁବ ରେଡ୍‌କ୍ରସ ଓ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ସର୍ବଭାରତୀୟ ପେନ୍‌ସନଭୋଗୀ ସଂଘ ପୂର୍ବାଞ୍ଚଳ ଶାଖାର ଅଧିବେଶନ

କଟକ,୭।୧୨(ଶିଲ୍ପା ପ୍ରିୟଦର୍ଶିନୀ)

ସର୍ବଭାରତୀୟ ପେନ୍‌ସନଭୋଗୀ ସଂଘ କଟକ ପୂର୍ବାଞ୍ଚଳ ଶାଖାର ତୃତୀୟ ଦ୍ୱିବାର୍ଷିକ ଅଧିବେଶନ କଟକ ରେଳ ଷ୍ଟେଶନ ନିକଟସ୍ଥ ନିଜସ୍ୱ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଜନ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଅଧିବେଶନରେ ମୁଖ୍ୟ ଅତିଥି ଭାବେ କଟକ ରେଲୱେ ଚିକିତ୍ସାଳୟର ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧୀକ୍ଷକ ଡା. ଏସ୍.କେ. ସାହୁ, ମୁଖ୍ୟବକ୍ତା ସହକାରୀ ମଣ୍ଡଳ ଯନ୍ତ୍ରୀ ଗୌରବ କୁମାର ଯାଦବ, ଅନ୍ୟତମ ଅତିଥି ସଂଘର କେନ୍ଦ୍ରୀୟ ସଭାପତି ଜୟକୃଷ୍ଣ ଆଚାର୍ଯ୍ୟ, କେନ୍ଦ୍ରୀୟ ସାଧାରଣ ସମ୍ପାଦକ ଅଭିମନ୍ୟୁ ନାୟକ, ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ସଂଘର ପତାକା ଉତ୍ତୋଳନ କରିଥିଲେ। ସଭାରେ କେନ୍ଦ୍ରୀୟ ସଂଘର କାର୍ଯ୍ୟକାରୀ ସଭାପତି ନିର୍ମଳେନ୍ଦୁ ଗୁପ୍ତ, ବିଜୟରାମ ମହାନ୍ତି, ଖୋର୍ଦ୍ଧା ଶାଖାର ସଭାପତି ଭୈରବ କୁମାର ସାମଲ, ଆକାଶବାଣୀ କଟକର ଅନୁବାଦକ ପ୍ରକାଶ ଦବେ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶାଖା ସମ୍ପାଦକ ସୁରେନ୍ଦ୍ର କୁମାର ବେହେରା ବିବରଣୀ ପାଠ ଓ କୋଷାଧ୍ୟକ୍ଷ ହରିନାରାୟଣ ବେବର୍ତ୍ତା ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ଏଥିରେ କେନ୍ଦ୍ରୀୟ ସଙ୍ଗଠନ ସମ୍ପାଦକ ଟି. ସୁବାରାଓ, ଲୋକସମ୍ପର୍କ ସମ୍ପାଦକ ବସନ୍ତ କୁମାର ମହାନ୍ତି, ସମ୍ପାଦକ ସୁରେନ୍ଦ୍ର କୁମାର ବେହେରା, ସହସମ୍ପାଦକ ଶିବନାରାୟଣ ବେହେରା, ହୃଦାନନ୍ଦ ନାଏକ, ପି.କେ. ଜେନା ଓ ପ୍ରମୋଦ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହିଥିଲେ।

# ରାସ୍ତା ସମ୍ପ୍ରସାରଣ ପାଇଁ ହେବ ବସ୍ତି ଉଚ୍ଛେଦ

କଟକ,୭।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

- ଖାନ୍‌ନଗର ବସ୍ତିବାସିନ୍ଦା ଯିବେ ନରଣପୁର
- ରିଂବନ୍ଧ ପାଇବ ନୂଆରୂପ

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସହରରେ ପୁଣି ଥରେ ବସ୍ତି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବ। ଖାନ୍‌ନଗର କାଠଯୋଡି ନଦୀକୂଳ ବସ୍ତି, ବରହମପୁରିଆ ବସ୍ତି, ଜଗତ୍‌ପୁର ଅଞ୍ଚଳର ବସ୍ତି, ପେଟାନାଳ ପାର୍ଶ୍ୱ ଅଞ୍ଚଳରୁ ବସ୍ତି ଉଚ୍ଛେଦ କରାଯିବ। ସହରର ଉନ୍ନତୀକରଣ ପାଇଁ ପୂର୍ବରୁ ବିଭିନ୍ନ ସ୍ଥାନରୁ ବସ୍ତି ଉଚ୍ଛେଦ କରାଯାଇ ବାଲିସାହି, ନିମପୁର ଆଦି ସ୍ଥାନରେ ବାସିନ୍ଦାମାନଙ୍କୁ ଥଇଥାନ କରାଯାଇଥିଲା। ପାର୍ବଣ ଋତୁ ଓ ବାଲିଯାତ୍ରା ପାଇଁ ଉଚ୍ଛେଦ କାର୍ଯ୍ୟ ବନ୍ଦ ରହିଥିଲା। ପୁଣିଥରେ ଏହି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବ। କଟକ ନେତାଜୀ ବସ୍ ଟର୍ମିନାଲ(ସିଏନ୍‌ବିଟି) ପାଇଁ ଖାନ୍‌ନଗର ରିଂବନ୍ଧ ରାସ୍ତା କାମ ଜାରି ରହିଛି। ନିର୍ମାଣ ହେବାକୁଥିବା ରାସ୍ତାପାର୍ଶ୍ୱ କାଠଯୋଡି କୂଳରେ ଏକ ବସ୍ତି ରହିଛି। ଉକ୍ତ ବସ୍ତିରୁ କେତେଜଣ ବାସିନ୍ଦାଙ୍କୁ ପୂର୍ବରୁ ଅନ୍ୟତ୍ର ଥଇଥାନ କରାଯାଇଥିଲେ ମଧ୍ୟ ଆହୁରି ୧୨୦ ପରିବାର ସେଠାରେ ରହିଛନ୍ତି। ଆସନ୍ତା ସପ୍ତାହରେ ଖାନ୍‌ନଗରଠାରୁ ବସ୍ତି ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହେବ। ସେଠାରେ ଥିବା ବାସିନ୍ଦାଙ୍କୁ ନରଣପୁରଠାରେ ସ୍ୱଳ୍ପ ଆୟ ଗୋଷ୍ଠୀଙ୍କ ପାଇଁ ନିର୍ମିତ ଗୃହରେ ଥଇଥାନ କରାଯିବ। ହେଲେ ଏଥିପାଇଁ ସେମାନଙ୍କୁ ୧ ଲକ୍ଷ ୮୦ ହଜାର ଟଙ୍କା ଦେବାକୁ ପଡିବ। ବସ୍ତିବାସିନ୍ଦାଙ୍କୁ ଥଇଥାନ କରାଯିବା ପରେ ରାସ୍ତା କାର୍ଯ୍ୟ ଆଗକୁ ବଢିବ ବୋଲି ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତି କହିଛନ୍ତି। ମଲାଚଣ୍ଡିଆ ଛକଠାରୁ ଖାନ୍‌ନଗର ଆଡକୁ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଛି। କଟକ ନେତାଜୀ ବସ୍ ଟର୍ମିନାଲରୁ ବସ୍ ଚଳାଚଳ ନିମନ୍ତେ ରିଂରୋଡକୁ ୬ ଥାକିଆ କରିବା ପାଇଁ ସରକାର ଘୋଷଣା କରିଥିଲେ। ୪ ଲେନ୍ ରାସ୍ତା ପାଇଁ ଜମି ଉପଲବ୍ଧ ଥିବାବେଳେ ଅବଶିଷ୍ଟ ୨ ଲେନ୍ ରାସ୍ତା ନିମନ୍ତେ କାଠଯୋଡ଼ି ନଦୀରେ ବ୍ରିଜ୍ ନିର୍ମାଣ କରାଯାଉଛି। ମଲାଚଣ୍ଡିଆ ଛକଠାରେ ଗୋଲେଇ ଛକ ନିର୍ମାଣ ଶେଷ ହୋଇଛି। ବର୍ତ୍ତମାନ ଖାନ୍‌ନଗର ଅରୁଣୋଦୟ ନଗର ଗଡା ସମ୍ମୁଖ ନଦୀବନ୍ଧରେ କାର୍ଯ୍ୟ ଜାରି ରହିଛି। ଅପରପକ୍ଷରେ ଖାନ୍‌ନଗର ଜଗନ୍ନାଥ ମନ୍ଦିର ଭଙ୍ଗା ହେବ ନାହିଁ। ମନ୍ଦିର ପାର୍ଶ୍ୱରୁ ରାସ୍ତା ଯିବ। ସେହିପରି ନଦୀ ପାର୍ଶ୍ୱରେ ରିଭର ଭ୍ୟୁ ପଏଣ୍ଟ ରହିବ। ଲୋକମାନେ ଏଠାରେ ବସି ପ୍ରାକୃତିକ ସୌନ୍ଦର୍ଯ୍ୟର ମଜା ନେଇପାରିବେ। ବ୍ରିଜ୍ ତଳେ ବସିବା ଏବଂ ଚାଲିବା ପାଇଁ ବ୍ୟବସ୍ଥା କରାଯିବ। ରାସ୍ତାର ଉଭୟ ପାର୍ଶ୍ୱରେ ବିଦ୍ୟୁତ୍‌ଚାଳିତ ଗାଡ଼ି ନିମନ୍ତେ ଚାର୍ଜିଂ ପଏଣ୍ଟ, ୨/୪ ଚକିଆ ଗାଡ଼ି ରହଣି ପାଇଁ ସୁବିଧା କରାଯିବ। ମଲାଚଣ୍ଡିଆ ଛକ, ଲିଙ୍କ୍‌ରୋଡ୍ ଏବଂ ଜାତୀୟ ରାଜପଥ ନିକଟରେ ଉନ୍ନୟନ କାର୍ଯ୍ୟ ୩ଟି ପର୍ଯ୍ୟାୟରେ ହେବ। ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ରିଂରୋଡ୍ ପାର୍ଶ୍ୱରେ ଥିବା ବସ୍ତିକୁ ଉଚ୍ଛେଦ କରାଯିବ ବୋଲି ସିଏମ୍‌ସି ପକ୍ଷରୁ ସୂଚନା ମିଳିଛି।



ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିବା ମେଢ଼।

# ଭସାଣିରେ ୨୧ ମେଢ଼ ସାମିଲ

ମଙ୍ଗୁଳି-ଜଗତପୁର/ଚୌଦ୍ୱାର,୭।୧୨ (ମାନସ ସାମଲ/ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ନଖରା ମେଳଣ ପଡିଆରେ ୨ ଦିନ ଧରି ଅନୁଷ୍ଠିତ ହୋଇଥିବା ଅଷ୍ଟମୀ ଯାତ୍ରା ଓ ଭସାଣି ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ନଖରା, ଶାଳଗାଁ, ଆଗ୍ରାହାଟ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ୨୧ଟି ଦେବଦେବୀଙ୍କ ପ୍ରତିମା ସାମିଲ ହୋଇଥିଲା। ମେଳଣ ପଡିଆରେ ବିଭିନ୍ନ ଷ୍ଟଲ ପଡିଥିଲା। ଲୋକମାନେ ଚଟ୍‌ପଟି ଖାଦ୍ୟ ଖାଇବା ସହ ଘରକରଣା ସାମଗ୍ରୀ କିଣିଥିଲେ। ଗୁରୁବାର ପୂର୍ବାହ୍ନରେ ଯାତ୍ରା କମିଟିଠାରୁ ଛନ୍ଦା ନେବା ପରେ ମେଢଗୁଡିକ କ୍ରମାନ୍ୱୟରେ ଶୋଭାଯାତ୍ରାରେ ନିଆଯାଇ ବିଭିନ୍ନ ପୋଖରୀରେ ବିସର୍ଜନ କରାଯାଇଥିଲା। ବିଧାୟକ ସୌଭିକ୍ ବିଶ୍ୱାଳ ଓ ରାଧାମାଧବ ସେବକ ସଂଘର ଉପଦେଷ୍ଟା ପ୍ରଦୀପ ବେହେରା ଯୋଗଦେଇ ମେଢ ମାଲିକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶାଳଗାଁ ସରପଞ୍ଚ ପବିତ୍ର ଉପାଧ୍ୟାୟ, ପୂର୍ବତନ ସରପଞ୍ଚ ପ୍ରବୀର କୁମାର ଦାସ, ନଖରା କାର୍ତ୍ତିକେଶ୍ୱର ପୂଜା କମିଟି ସଭାପତି ଭୀମସେନ ତ୍ରିପାଠୀ, ବିଶ୍ୱନାଥ ଶତପଥୀ, ମନୋଜ ମହାରଣା ଭସାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଜୋନ୍-୧ ଏସିପି ଅରୁଣ ସ୍ୱାଇଁଙ୍କ ନେତୃତ୍ୱ ଓ ଚୌଦ୍ୱାର ଆଇଆଇସି ବିଶ୍ୱରଞ୍ଜନ ସାହୁଙ୍କ ପରିଚାଳନାରେ ୫ଜଣ ଇନ୍ସପେକ୍ଟର, ୧୦ ଜଣ ଅଧିକାରୀ ଏବଂ ୧୦ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିଲେ।

# 'ସମାଜକୁ ଦକ୍ଷ ମାନବ ସମ୍ବଳ ଆବଶ୍ୟକ'

କଟକ,୭।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

**ଆଇଏମ୍‌ଆଇଟିରେ ଆର୍-ପ୍ରୋଗ୍ରାମିଂ କର୍ମଶାଳା**

କଟକସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଇନଫର୍ମେଶନ ଟେକ୍ନୋଲୋଜି (ଆଇଏମ୍‌ଆଇଟି)ରେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍‌ସ ଅଫ୍ ଟେକ୍ନିକାଲ ଟିଚର୍ସ ଟ୍ରେନିଂ ଆଣ୍ଡ ରିସର୍ଚ୍ଚ (ଏନ୍‌ଆଇଟିଟିଟିଆର୍) କୋଲକାତା ଆନୁକୂଲ୍ୟରେ ସପ୍ତାହବ୍ୟାପୀ ଆର୍-ପ୍ରୋଗ୍ରାମିଂ କର୍ମଶାଳା ଗୁରୁବାର ଉଦ୍‌ଘାଟିତ ହୋଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ମାନସ ରଞ୍ଜନ କବାଟ ସଭାପତିତ୍ୱ କରିଥିଲେ। ଏନ୍‌ଆଇଟିଟିଟିଆର୍ କୋଲକାତାର କର୍ମଶାଳା ସଂଯୋଜକ ଡ. କିସ୍ଲୁକ ଗିରି ଏହି କର୍ମଶାଳାରେ ତାଲିମ ପ୍ରଦାନ କରିବେ। କମ୍ପ୍ୟୁଟର ସାଇନ୍ସ ଓ ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ଡ. ଶୁଭେନ୍ଦ୍ର କୁମାର ଜୟସିଂ କର୍ମଶାଳା ବିଷୟରେ ବିବରଣୀ ଦେଇଥିଲେ। କଟକ ଭୁବନାନନ୍ଦ ସ୍କୁଲ ଅଫ୍ ଇଞ୍ଜିନିୟରିଂର ଅଧ୍ୟକ୍ଷ ଡ. ହୃଷୀକେଶ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାରେ ଭାଗ ନେଇଥିବା ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା, ମେଶିନ ଲର୍ଣ୍ଣିଂ ଏବଂ ଆର-ପ୍ରୋଗ୍ରାମିଂର ଉପକାରିତା ଉପରେ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଯୁଗ୍ମ ସଚିବ ରୋଜିନା ଦାଶ ଯୋଗଦେଇ ସମାଜ ପାଇଁ ଦକ୍ଷ ମାନବ ସମ୍ବଳ ଆବଶ୍ୟକ ବୋଲି କହିଥିଲେ। ଉତ୍କଳ ରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ରଜତ କୁମାର ବଳିୟାରସିଂ, ସତ୍ୟ ପ୍ରକାଶ ସ୍ୱାଇଁ, ସୁଜାତା ରାୟ, ସ୍ମୃତିପ୍ରଜ୍ଞା ସ୍ୱାଇଁ, କୁମାର ଜନାର୍ଦ୍ଦନ ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ସମେତ ଅନ୍ୟମାନେ।

ଚୌଦ୍ୱାର,୭।୧୨(ଆଶୁତୋଷ ଦାସ)

ଚୌଦ୍ୱାରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ସଟାଇଲ ଟେକ୍ନୋଲୋଜି(ଆଇଟିଟି) ଶିକ୍ଷାନୁଷ୍ଠାନରେ ରାଜ୍ୟ ସରକାରଙ୍କ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଗତମାସ ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଆଇଟିଟିର ଅଧ୍ୟକ୍ଷ କାହ୍ନୁଚରଣ ଦାସଙ୍କ ପୌରୋହିତ୍ୟରେ ସ୍ଥାନୀୟ ଗୋପବନ୍ଧୁ ଖେଳପଡିଆରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବିଧାୟକ ସୌଭିକ୍ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନ୍‌ସିଲର ରଙ୍ଗଲତା ସାହୁ, ବିନୋଦିନୀ ରାଉତରାୟ, ଯୁବନେତା ଅର୍ଜ୍ଜୁନ ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ନୋଡାଲ ଅଫିସର ସତ୍ୟଜିତ୍ ପାଣି, ମାନସ କୁମାର ସାହୁ, ଶ୍ରୀକାନ୍ତ କୁମାର ପାଣିଗ୍ରାହୀଙ୍କ ସମେତ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ସହକାରୀ ଅଧ୍ୟକ୍ଷ ଗୌତମ ଭଟ୍ଟାଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

### ବାଲିଯାତ୍ରାରେ ବ୍ୟବସାୟୀଙ୍କୁ ଖାଦ୍ୟ ବଣ୍ଟନ

କଟକ, ୭।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ବାଲିଯାତ୍ରା ମଙ୍ଗଳବାର ଶେଷ ହୋଇଛି। ହେଲେ ବୁଧବାର ବାତ୍ୟା ପ୍ରଭାବରେ ବର୍ଷା ହେବାରୁ ବ୍ୟବସାୟୀମାନେ ଜିନିଷ ନେଇ ଘରକୁ ଫେରିପାରି ନ ଥିଲେ। ଫଳରେ ଅନେକ ଛୋଟବଡ ବ୍ୟବସାୟୀ ସେଠାରେ ମୁଣ୍ଡ ଗୁଞ୍ଜିଥିଲେ। ଏହାକୁ ଦୃଷ୍ଟିରେ ରଖି କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଓ କଟକ ମହାନଗର ନିଗମ(ସିଏମ୍‌ସି) ମିଳିତ ସହାୟତାରେ ଗୁରୁବାର ପ୍ରାୟ ୪୦୦ ବ୍ୟବସାୟୀଙ୍କୁ ଖାଦ୍ୟ ବଣ୍ଟନ କରାଯାଇଛି। ସିଡିଏ ଅଧିକାରୀ ପରେଶ ନାୟକ ଏହାର ନେତୃତ୍ୱ ନେଇଥିଲେ। ସକାଳେ ସିଡିଏ ପକ୍ଷରୁ ଖାଦ୍ୟ ଦିଆଯାଇଥିବାବେଳେ ସିଏମ୍‌ସି ପକ୍ଷରୁ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯାଇଥିଲା।

# ନଦୀରୁ ଯୁବକଙ୍କ ମୃତଦେହ ଜବତ

ଫୁଲନଖରା,୭।୧୨(ସତ୍ୟ ରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅଧୀନ ସିଡୁଆ ନଦୀରୁ ଗୁରୁବାର ସକାଳେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ସ୍ଥାନୀୟ ଖର୍ଲଦ୍ଦା ଗ୍ରାମର ରଶ୍ମିରଞ୍ଜନ ବାରିକ। ପୋଲିସ ସୂତ୍ରରୁ ପ୍ରକାଶ, ରଶ୍ମିରଞ୍ଜନ ସୋମବାର ଘରୁ କେଉଁଆଡ଼େ ଚାଲି ଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କର ପତ୍ତା ପାଇ ନ ଥିଲେ। ଗୁରୁବାର ସକାଳୁ ସିଡୁଆ ନଦୀରେ ରଶ୍ମିରଞ୍ଜନଙ୍କ ମୃତଦେହ ଭାସୁଥିବା ଲୋକମାନେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫୮/୨୩) ରୁଜୁ ହୋଇଛି।

### କବିତା ପାଠୋତ୍ସବ

କଟକ,୭।୧୨(ଶିଲ୍ପା ପ୍ରିୟଦର୍ଶିନୀ)

କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ରାଧାନାଥ ଫାଉଣ୍ଡେଶନ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ, ଲୋକସେବକ ମଣ୍ଡଳର ପୂର୍ବତନ ସଭାପତି, ସାମ୍ବାଦିକ, ସାହିତ୍ୟିକ, କବି, ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ଜୟନ୍ତୀ ଉତ୍ସବ ଅବସରରେ କବିତା ପାଠୋତ୍ସବ ଗୁରୁବାର ଅନୁଷ୍ଠିତ ହୋଯାଇଛି। ସାହିତ୍ୟିକ ତଥା ଅଧ୍ୟାପିକା ଡ. ପ୍ରଭାବତୀ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସାହିତ୍ୟିକ ମୀରା ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବି ବାସନ୍ତୀ ପ୍ରଧାନ, ରାଜୀବ ଷଡ଼ଙ୍ଗୀ, ସଞ୍ଜୟ ପରିଜା, ଶୁଭଶ୍ରୀ ସିଂହ, ସନ୍ଧ୍ୟା ଶତପଥୀ, ସୁନ୍ନି ଦାସ, ସଚ୍ଚିଦାନନ୍ଦ କର, ମଧୁସ୍ମିତା ମିଶ୍ର, ସୁରଭି ଦ୍ୱିବେଦୀ, ସୁରେନ୍ଦ୍ର ମହାପାତ୍ର, ଜ୍ୟୋତ୍ସ୍ନାମୟୀ ପାଣି, ଭଗବତୀ ଖଟୁଆଙ୍କ ସମେତ ଅନ୍ୟମାନେ କବିତା ପାଠ କରିଥିଲେ। କବି ବସନ୍ତ ନନ୍ଦ ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବିଜୟ ନାଥ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଟ୍ରଷ୍ଟର ଯୁଗ୍ମ ସମ୍ପାଦକ ପଣ୍ଡିତ ରଞ୍ଜନ ମହାପାତ୍ର ପରିଚାଳନା କରିଥିଲେ। ଟ୍ରଷ୍ଟର ଉପସଭାପତି ଡ. ସତ୍ୟ ରାୟ ଓ ସାଧାରଣ ସମ୍ପାଦକ ତଥା ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଉପସ୍ଥିତ ରହି କବିମାନଙ୍କୁ ଉତ୍ସାହିତ କରିଥିଲେ।

# ଲୋକଙ୍କ ସମସ୍ୟା ବୁଝିଲେ ବିଧାୟକ



ଜନସମ୍ପର୍କ ପଦଯାତ୍ରାରେ ବିଧାୟକ ମହମ୍ମଦ ମୋକିମ୍ ଓ ଅନ୍ୟମାନେ।

କଟକ,୭।୧୨(ଶିଲ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୩୦ନଂ. ୱାର୍ଡରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ରାଜାବଗିଚା, ଝାଞ୍ଜିରୀମଙ୍ଗଳା, ହରିଜନ ସାହି, ବାଙ୍କିସାହି, କୁସୁନପୁର ଆଦି ଅଞ୍ଚଳରେ ପଦଯାତ୍ରା କରି ସ୍ଥାନୀୟ ଜନସାଧାରଣଙ୍କୁ ଭେଟିଥିଲେ। ସ୍ଥାନୀୟ ମୁରବି, ବରିଷ୍ଠ ନାଗରିକ, ଯୁବକ ଓ ମହିଳାମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କ ସହିତ ଆଲୋଚନା କରିଥିଲେ। ୱାର୍ଡ ଅଞ୍ଚଳର କଂଗ୍ରେସ କର୍ମୀମାନେ ଜନସାଧାରଣଙ୍କୁ ମୌଳିକ ସେବା ଯୋଗାଇବାରେ ସାହାଯ୍ୟ, ସହଯୋଗ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଏଥିସହ ସେ ଉନ୍ନୟନ ପାଣ୍ଠିରୁ ହେଉଥିବା କାର୍ଯ୍ୟର ତଦାରଖ କରିଥିଲେ। ଏହି ଅବସରରେ ୱାର୍ଡ ଅଞ୍ଚଳରେ ଥିବା ସମସ୍ତ ପୂଜା ମଣ୍ଡପ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଟକ ନଗର କଂଗ୍ରେସ କମିଟି ପୂର୍ବତନ ସଭାପତି ଗିରିବାଳା ବେହେରା, ଅମ୍ରିତା ଦାସ, କେଦାର ପୃଷ୍ଟି, ରାଜାବଗିଚା ସାହି କମିଟି ସଭାପତି ଛନ୍ଦା ମହାପାତ୍ର, ସମ୍ପାଦକ ବିଶ୍ୱଜିତ୍ ମହାପାତ୍ର, ବାଙ୍କିସାହି ଅଧିକାରୀ ପ୍ରତାପ ଦାସ, ସୁନୀଲ ରାଜ, ସାଗର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

କଟକ,୭।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

**ବାଲିଯାତ୍ରା ଖର୍ଚ୍ଚରେ ଦୁର୍ନୀତି**

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ବାଲିଯାତ୍ରା ଖର୍ଚ୍ଚରେ ଦୁର୍ନୀତି ହୋଇଥିବା ନେଇ ବିଜେଡି କଟକ ନଗର କମିଟି ଅଭିଯୋଗ କରିଛି। ଏ ନେଇ କମିଟି ପକ୍ଷରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁରୁବାର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଜରିଆରେ ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି, ବାଲିଯାତ୍ରା ଖର୍ଚ୍ଚରେ ଦୁର୍ନୀତି ହୋଇଛି। ଦେଢ କୋଟି ଟଙ୍କାର କାର୍ଯ୍ୟକୁ ସାଢେ ତିନିକୋଟି ଟଙ୍କାରେ ସମ୍ପୂର୍ଣ୍ଣ ହୋଇଛି ବୋଲି ସିଏମ୍‌ସି ପକ୍ଷରୁ ୱାର୍କ୍ସ କମିଟି ଅଧ୍ୟକ୍ଷ ତଥା କର୍ପୋରେଟର ପ୍ରଦୀପ୍ତ ଖୁଣ୍ଟିଆ ଅଭିଯୋଗ ଆଣିଥିଲେ। ଏ ସମ୍ପର୍କିତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ତାଙ୍କ ଅଭିଯୋଗ ଆଧାରରେ ସିଏମ୍‌ସି ପକ୍ଷରୁ ବିଭାଗୀୟ ତଦନ୍ତ କମିଟି ଗଠନ ହୋଇଛି। ଉକ୍ତ କମିଟିରେ ଥିବା ଅଭିଯୋଗକାରୀ ଏବଂ ସିଏମ୍‌ସିର ବିଭାଗୀୟ ଯନ୍ତ୍ରୀ ତଦନ୍ତ କରିବା କେତେଦୂର ସମୀଚୀନ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାଦ୍ୱାରା ସରକାରଙ୍କ ସ୍ୱଚ୍ଛ ଭାବମୂର୍ତ୍ତି କ୍ଷୁଣ୍ଣ ହେବାର ଆଶଙ୍କା ପ୍ରକାଶ ପାଇଛି। ତେଣୁ ସ୍ୱଚ୍ଛତା ଦୃଷ୍ଟିରୁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ତଦନ୍ତକାରୀ ସଂସ୍ଥା ଦ୍ୱାରା ନିରପେକ୍ଷ ତଦନ୍ତ କରିବା ଆବଶ୍ୟକ ବୋଲି ସେମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନବେଳେ କଟକ ନଗର କମିଟିର ସାଧାରଣ ସମ୍ପାଦକ ତାପସ ମହାନ୍ତି, ଉପସଭାପତି ରାଜେନ୍ଦ୍ର ରଣା, ଦିଲୀପ କୁମାର ଜେନା, ଅକ୍ଷୟ କୁମାର ପଣ୍ଡା, ବିଭୂତି ସ୍ୱାଇଁ, ଲୋକନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ସିଏମ୍‌ସି କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଜଳ ସମ୍ପଦ ବିଭାଗ କିଣିବ ୪୫ ଏକର ଜମି

କଟକ ସଦର,୭।୧୨(ସୁଶାନ୍ତ କୁମାର ଜେନା)

**ଶୁକପାଇକା ନଦୀ ମୁହାଣ ପୁନଃ ଖନନ ଯୋଜନା**



କଟକ ସଦର ବ୍ଲକ ଅନ୍ତର୍ଗତ ଆୟଓପୁରଠାରେ ମହାନଦୀର ଶାଖା ଶୁକପାଇକା ନଦୀ ମୁହାଣକୁ ପୁନଃ ଖନନ ପାଇଁ ଜଳସମ୍ପଦ ବିଭାଗ ନିଷ୍ପତ୍ତି ନେଇ କାର୍ଯ୍ୟ ଆରମ୍ଭ କରିଛି। ଦୀର୍ଘ ବର୍ଷ ତଳେ ବନ୍ଦ ହୋଇଥିବା ମୁହାଣ ଖୋଲିବା ପାଇଁ ୪୯ କୋଟି ୬୭ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। କିନ୍ତୁ ମୁହାଣ ବନ୍ଦ ହୋଇଯିବା ପରେ ରାଜସ୍ୱ ବିଭାଗ ଅଧୀନରେ ଥିବା ପ୍ରାୟ ୪୫ ଏକର ନଦୀ ଧାର ଓ ପଠା କିସମ ଜମିକୁ ବନ୍ଦୋବସ୍ତ ଏବଂ ଚକବନ୍ଦୀବେଳେ ଚଣ୍ଟକତା କରାଯାଇ ଘରୋଇ ମାଲିକାନାକୁ ଟେକି ଦିଆଯାଇଥିଲା। ଏବେ ସେହି ଜମିକୁ କିଣିବା ପାଇଁ ଜଳସମ୍ପଦ ବିଭାଗ ନିଷ୍ପତ୍ତି ନେଇଛି। ଏଥିପାଇଁ ସମ୍ପୃକ୍ତ ଜମି ମାଲିକଙ୍କଠାରୁ ସମ୍ମତି ପତ୍ର ସଂଗ୍ରହ କରାଯାଇଛି। କଟକ ଡ୍ରେନେଜ ଡିଭିଜନ ତରଫରୁ ବଜାର ଦରରେ ଜମି କିଣିବା ପାଇଁ ଆବଶ୍ୟକ ଅର୍ଥ ସରକାରଙ୍କୁ ମଗାଯାଇଛି। କଟକ ସଦର ତହସିଲ ଅନ୍ତର୍ଗତ ବ୍ରାହ୍ମଣବାଡ, ଦାମୋଦରପୁର, ଦଣ୍ଡୁଆସିପଡ଼ା, ଅଲାରପୁର ମୌଜାରୁ ୨୨ ଏକର ୬୬ ଡିସିମିଲ ଜମି ଲୋକଙ୍କଠାରୁ କିଣାଯିବ। ସେହିପରି କିଶନ ନଗର ତହସିଲ ଅଞ୍ଚଳରୁ ୨୧ ଏକର ୯୪ ଡିସିମିଲ ଜମି କିଣାଯିବ। ଜମି କିଣା କାର୍ଯ୍ୟ ଶେଷ ହେଲା ପରେ ନଦୀ ମୁହାଣ ଖୋଲିବା କାମ ଆରମ୍ଭ ହେବ ବୋଲି ଡ୍ରେନେଜ ଡିଭିଜନର ନିର୍ବାହୀ ଯନ୍ତ୍ରୀ ସୌରଭ କୁମାର ସାହୁ ସୂଚନା ଦେଇଛନ୍ତି। ଉଭୟ ଜଳ ସମ୍ପଦ ଓ ରାଜସ୍ୱ ବିଭାଗର ଯୁଗ୍ମ ସର୍ଭେବେଳେ କିଶନ ନଗର ତହସିଲ ଅଞ୍ଚଳରେ ୨୫୭ ଏକର ୬୮ ଡିସିମିଲ ଓ କଟକ ସଦର ଅଞ୍ଚଳରେ ୫୩ ଏକର ୪୯ ଡିସିମିଲ ଜମି ସରକାରୀ ଖାତାରେ ରହିଥିବା ଜଣାପଡିଥିଲା। ମାତ୍ର ଘରୋଇ ଲୋକଙ୍କ ଅଧୀନକୁ ଏତେ ପରିମାଣର ଜମି କିପରି ଗଲା ତାହାର ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

୧୯୫୧ରେ ଶୁକପାଇକା ନଦୀ ମୁହାଣ ବନ୍ଦ କରାଯାଇଥିଲା। ଏହାପରେ ବହୁ ଲୋକ ନଦୀ କିସମ ଜମିକୁ ନିଜ ଅଧୀନକୁ ନେଇ ଚାଷ କରିଥିଲେ। ୧୯୭୪ ମସିହା ବନ୍ଦୋବସ୍ତବେଳେ ଏହି ଜମିକୁ ରାଜସ୍ୱ ବିଭାଗ ରେକର୍ଡରେ ବେଆଇନ ଦଖଲ ଦର୍ଶାଯାଇଥିଲା। ପରବର୍ତ୍ତୀ ସମୟରେ ଚକବନ୍ଦୀ ଆସିବାରୁ ଏହି ଜମି ସ୍ଥିତିବାନ ହୋଇଗଲା। ୧୯୩୧ ମସିହା ବନ୍ଦୋବସ୍ତବେଳେ ଏହି ଜମି ବ୍ରିଟିଶ ସରକାରଙ୍କ ଅଧୀନରେ ଥିଲା। ପରବର୍ତ୍ତୀ ସମୟରେ ସରକାର ଏନେଇ କୌଣସି ପଦକ୍ଷେପ ନେଲେ ନାହିଁ। ଏବେ ଏହି ଜମିକୁ ଟଙ୍କା ଦେଇ ସରକାର କିଣିବା ପାଇଁ ବାଧ୍ୟ ହେଉଛନ୍ତି। ବେଆଇନ କାର୍ଯ୍ୟର ପ୍ରମାଣ ଜିଲାପାଳଙ୍କ ରେକର୍ଡ ରୁମ୍‌ରେ ଥିବା ଖତିୟାନାରୁ ମିଳିପାରନ୍ତା। ମାତ୍ର ଦେୱାନି ଅଦାଲତରେ ମାମଲା ହୋଇ କାମ ବନ୍ଦ ହେବା ଭୟରେ ଟଙ୍କା ଦେଇ ଜମି କିଣିବା ଶ୍ରେୟସ୍କର ହେବ ବୋଲି ଡ୍ରେନେଜ ଡିଭିଜନର ଜଣେ ବରିଷ୍ଠ ଯନ୍ତ୍ରୀ ପରିଚୟ ଗୋପନ ରଖି କହିଛନ୍ତି।

# ୨୦୩୬ ବେଳକୁ ଜନସଂଖ୍ୟାରେ ଆଞ୍ଚଳିକ ଅସମାନତା

**ଭୁବନେଶ୍ୱର,୭।୧୨(ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଶାରେ ଜନସଂଖ୍ୟା ପରିବର୍ତ୍ତନ ୧୯୯୨-୯୩ରୁ ଆରମ୍ଭ ହେଲା। ଗତ ଦଶନ୍ଧିରେ ଜନସଂଖ୍ୟା ଅଭିବୃଦ୍ଧି ହାର ଜାତୀୟ ସ୍ତର ତୁଳନାରେ କ୍ରମାଗତ ଭାବେ ହ୍ରାସ ପାଇଛି। ପୂର୍ବରୁ ଓଡ଼ିଶାର ଜନସଂଖ୍ୟା ଭାରତ ଜନସଂଖ୍ୟାର ମୋଟ ୪ ପ୍ରତିଶତ ଥିବା ବେଳେ ବର୍ତ୍ତମାନ ଏହା ୩.୫ ପ୍ରତିଶତକୁ ଖସି ଆସିଛି। ବର୍ତ୍ତମାନ ଓଡ଼ିଶାର ପ୍ରଜନନ ହାର ୧.୮ ପ୍ରତିଶତ ଥିବାବେଳେ ୨୦୩୬ ମସିହା ବେଳକୁ ୧.୨କୁ ଖସି ଆସିବ। ହେଲେ ରାୟଗଡା, ନବରଙ୍ଗପୁର ଏବଂ କନ୍ଧମାଳ ଜିଲାରେ ପ୍ରଜନନ ହାର ଅଧିକ ରହିବ। ଏହା ୨୦୩୬ ସୁଦ୍ଧା ଜନସଂଖ୍ୟା ପରିବର୍ତ୍ତନରେ ଏକ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ଅସମାନତାକୁ ସୂଚାଇ ଦେବ ବୋଲି ପ୍ରଫେସର ଅମିତାଭ କୁଣ୍ଡୁ କହିଛନ୍ତି। ଗୁରୁବାର ଯୁବ ଓ ସାମାଜିକ ବିକାଶ କେନ୍ଦ୍ର(ସିୱାଇଏସ୍‌ଡି) ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଓଡ଼ିଶା ବିକାଶ କନ୍‌କ୍ଲେଭର ଚତୁର୍ଥ ସଂସ୍କରଣରେ ଯୋଗଦେଇ ପ୍ରଫେସର କୁଣ୍ଡୁ '୨୦୩୬ ବେଳକୁ ପରିବର୍ତ୍ତନଶୀଳ ଜନସଂଖ୍ୟା'କୁ ନେଇ ଏଭଳି ମତ ଦେଇଛନ୍ତି।



ସିୱାଇଏସ୍‌ଡିଠାରେ ଅନୁଷ୍ଠିତ ଓଡ଼ିଶା ବିକାଶ କନ୍‌କ୍ଲେଭ୍‌ରେ ଯୋଗଦେଇଥିବା ଅତିଥିମାନେ। (ଫଟୋ- ବିକାଶ ନାୟକ)

ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଡ. ଆର୍. ବାଲକ୍ରିଷ୍ଣନ୍ କହିଲେ, ୧୯୩୬ରେ ଓଡ଼ିଶାର ବଜେଟ୍ ୧କୋଟି ଥିବାବେଳେ ବର୍ତ୍ତମାନ ଏହା ୨ଲକ୍ଷ କୋଟିରେ ପହଞ୍ଚିଲାଣି। ଓଡ଼ିଶାର ବିକାଶ ମଡେଲ ସବୁ କ୍ଷେତ୍ରରେ ସମସ୍ତଙ୍କୁ ସମାନତା ଆଧାରରେ କାମ କରୁଛି। ରାଜ୍ୟ ସରକାର ଏବେଠୁ ୨୦୩୬ ମସିହା ପାଇଁ ଯୋଜନା କରୁଛନ୍ତି। ୟୁଏନ୍‌ଏଫ୍‌ପିଏର ମୁଖ୍ୟ ଆଣ୍ଡ୍ରିଆ ୱାଜ୍‌ନର ଓଡ଼ିଶାରେ ଆଗକୁ ଆସୁଥିବା ବଜେଟ୍‌ରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଫଣ୍ଡ ରଖିବା ସହ ଏହା କେଉଁ ଉପାୟରେ ଖର୍ଚ୍ଚ କରାଯିବ ସେ ନେଇ ଏକ ବ୍ୟବସ୍ଥା କରାଯାଉ ବୋଲି କହିଥିଲେ। ସିୱାଇଏସ୍‌ଡିର ପ୍ରତିଷ୍ଠାତା ଜଗଦାନନ୍ଦ କହିଛନ୍ତି, ୨୦୩୬ ବେଳକୁ ରାଜ୍ୟରେ ବାର୍ଦ୍ଧକ୍ୟ ଜନସଂଖ୍ୟା ୧୭ ପ୍ରତିଶତରେ ପହଞ୍ଚିବ। ବୟସ୍କଙ୍କ ସଂଖ୍ୟା ବୃଦ୍ଧି ପାଇବା କାରଣରୁ ୬୦ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କୁ ରୋଜଗାର ଯୋଗାଇଦେବାକୁ ପଲିସି ଆସିବା ଆବଶ୍ୟକ ବୋଲି ସେ କହିଛନ୍ତି। ସମ୍ମିଳନୀରେ ୟୁଏନ୍‌ଏଫ୍‌ପିଏର ଓଡ଼ିଶା ମୁଖ୍ୟ ଡ. ନାଦିମ୍ ନୁର୍ ଓ ନୀତି ଆୟୋଗର ଡେପୁଟି ଆଡ୍‌ଭାଇଜର୍ ଡ. ମୁନିରାଜୁ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରବାସୀ ଶ୍ରମିକ, ସହରୀକରଣ, ସ୍ୱାସ୍ଥ୍ୟ ଓ ପୁଷ୍ଟି, ବୟସ୍କଙ୍କ ସଂଖ୍ୟା, ବିଦ୍ୟାଳୟ ଶିକ୍ଷା, ଯୁବ ଦକ୍ଷତା ଓ ରୋଜଗାର, ସିଏସ୍‌ଆର୍, ଡିଜିଟାଲ୍ ପ୍ରଯୁକ୍ତି ଓ ବିକାଶକୁ ନେଇ ଦଳଗତ ଆଲୋଚନା କରାଯାଇଥିଲା। ୨୦୦୧ରୁ ୧୧ ମଧ୍ୟରେ ଓଡ଼ିଶାରେ ପ୍ରବାସ ଓ ସହରୀକରଣ ବଢ଼ିଛି। ୨୦୨୦-୨୧ ସର୍ଭେ ତଥ୍ୟ ଅନୁସାରେ ସମୟକାଳୀନ ଶ୍ରମିକ ୦.୭୪ ପ୍ରତିଶତ ବୃଦ୍ଧି ପାଇବ। ସେହିପରି ସ୍କୁଲ ଶିକ୍ଷା ତଥ୍ୟ ଅନୁସାରେ, ୨୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ପିଲାଙ୍କ ତୁଳନାରେ ୬ରୁ ୧୪ବର୍ଷ ପିଲାମାନେ ଅଧିକ ପ୍ରବାସୀ ହୋଇଛନ୍ତି। ତେଣୁ ସେମାନଙ୍କ ପାଇଁ ନୂଆ ସ୍କୁଲ ଖୋଲିବା ସହ ଶିକ୍ଷା ବ୍ୟବସ୍ଥାରେ ଅଧିକ ପୁଞ୍ଜିନିବେଶ କରିବା ଆବଶ୍ୟକ। ଅନ୍ୟପକ୍ଷେ ସ୍ୱାସ୍ଥ୍ୟ ଓ ପୃଷ୍ଟି କ୍ଷେତ୍ରରେ ୨୦୨୦ ଗଣନା ଅନୁଯାୟୀ, ଓଡ଼ଶାରେ ଶିଶୁଜନ୍ମହାର ୨୦୧୧ରେ ୯ ପ୍ରତିଶତ ହ୍ରାସ ପାଇଛି ଓ ୨୦୩୬ ବେଳକୁ ୬ ପ୍ରତିଶତ ହ୍ରାସ ପାଇବ ବୋଲି ଆଲୋଚନାରେ ଏଭଳି ତଥ୍ୟଭିତ୍ତିକ ସୂଚନା ରହିଥିଲା।

**ଓଡ଼ିଶା ବିକାଶ କନ୍‌କ୍ଲେଭ୍‌ର ଚତୁର୍ଥ ସଂସ୍କରଣ**

- ପ୍ରଜନନ ହାର ୧.୨କୁ ଖସିବ, ୩ ଜିଲାରେ ଅଧିକ ରହିବ
- ବଢ଼ିବେ ବୟସ୍କ, ରୋଜଗାର ଦେବାକୁ ପଲିସି ଆସୁ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଯୁବ ଓଡ଼ିଶା ନବୀନ ଓଡ଼ିଶା ସାଂସ୍କୃତିକ ମିଟ୍, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ପୂର୍ବାହ୍ନ ୧୦ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭା, ଓଡ଼ିଶା ଆନୁକୂଲ୍ୟରେ ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ଓଡ଼ିଶା ପ୍ରବାଦ ପୁରୁଷ ଓ ସମାଜ ସଂସ୍କାରକଙ୍କ ଜୀବନୀ ଉପରେ ଆଧାରିତ ନାଟକ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଓଡ଼ିଆ କମେଡି ଫେଷ୍ଟ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**ଟିଗିରିଆ**

- ମାଣ୍ଡିଆ ଅମଳ ଉତ୍ସବ, ପାଞ୍ଚଗାଁ ପଞ୍ଚାୟତ, ମୁଣ୍ଡିପାଗୁଳି ପାଠ, ମଧ୍ୟାହ୍ନ ୧୨ଟା।
- କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସଚେତନତା, ଟିଗିରିଆ କଳିଙ୍ଗ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।



ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ପରିବେଷିତ ନାଟକ 'ଜ୍ଞାନ ତପସ୍ୱୀ'ର ଏକ ଦୃଶ୍ୟ। (ଫଟୋ- ମୌସମ ନନ୍ଦ)

## ନନ୍ଦନକାନନରେ ଚଉଶିଙ୍ଗା ଅସୁସ୍ଥ

**ବାରଙ୍ଗ,୭।୧୨(ଲିଙ୍ଗରାଜ ରାଉତ)**

ନନ୍ଦନକାନନକୁ ପିଛା ଛାଡୁନି ଅଘଟଣ। ଦିନକୁ ଦିନ କିଛି ନା କିଛି ଘଟଣା ଘଟିବାରେ ଲାଗିଛି। କେତେବେଳେ ଜୀବଜନ୍ତୁ ଅସୁସ୍ଥ ତ ଆଉ କେତେବେଳେ ଅସୁସ୍ଥ ହୋଇ ମୃତ୍ୟୁ ଘଟୁଛି। ଯାହାକୁ ନେଇ ଏବେ ଚିନ୍ତାରେ ପଡିଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ। ପୂର୍ବରୁ ଭାଲୁ, ଜଳହସ୍ତୀ, ବାରଶିଙ୍ଗା, ଆନାକୋଣ୍ଡାର ମୃତ୍ୟୁ ହୋଇଥିବାବେଳେ ଗୁରୁବାର ୭୨ ନଂ. ଏନ୍‌କ୍ଲୋଜରରେ ରହୁଥିବା ଗୋଟିଏ ଚଉଶିଙ୍ଗା ଅସୁସ୍ଥ ହୋଇଛି। ସେ ଠିକ୍ ସେ ଖିଆପିଆ କରୁ ନ ଥିବାବେଳେ ତାର ବାନ୍ତି ହେଉଛି। ଏହା ଜାଣିବା ପରେ କର୍ତ୍ତୃପକ୍ଷ ଚଉଶିଙ୍ଗାର ଚିକିତ୍ସା ପାଇଁ ଆଇସୋଲେଶନ ୱାର୍ଡରେ ଭର୍ତ୍ତି କରି ପ୍ରାଣୀ ଚିକିତ୍ସକମାନେ ଚିକିତ୍ସା ଆରମ୍ଭ କରିଛନ୍ତି।

## ଶଙ୍କରାଚାର୍ଯ୍ୟଙ୍କ ସହ ଆଲୋଚନା କରାଯିବ: ମୁଖ୍ୟ ପ୍ରଶାସକ

**ପୁରୀ, ୭।୧୨(ଅଜିତ୍ ମହାନ୍ତି)**

ଗୁଜରାଟର ସୁରଟଠାରେ ଆୟୋଜିତ ଏକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପୁରୀର ଶଙ୍କରାଚାର୍ଯ୍ୟଙ୍କୁ ଶ୍ରୀମନ୍ଦିର ସମ୍ପର୍କିତ କିଛି ପ୍ରଶ୍ନ ପଚରାଯାଇଥିଲା। ତେବେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ କ୍ଷୋଭ ପ୍ରକାଶ କରି ଶାସନତନ୍ତ୍ର ଓ ଶ୍ରୀମନ୍ଦିର ପରିଚାଳନା କମିଟି ତାଙ୍କଠାରୁ ଦୂରତ୍ୱ ରଖୁଥିବା କହିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ କେହି ତାଙ୍କୁ ପଚାରୁନାହାନ୍ତି ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଶଙ୍କରାଚାର୍ଯ୍ୟଙ୍କ ଏହି ବିବୃତି ଉପରେ ଗୁରୁବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ପ୍ରତିକ୍ରିୟା ରଖିଛନ୍ତି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାସ କହିଛନ୍ତି, ସେମିତି କୌଣସି କଥା ନାହିଁ। ସମସ୍ତଙ୍କ ସହଯୋଗରେ କାର୍ଯ୍ୟ କରାଯିବ। ସମସ୍ତ ପୀଠ, ଧାମ ରହିଛି ଓ ସମସ୍ତଙ୍କ ସହଯୋଗରେ କାର୍ଯ୍ୟ ହେବ। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଗୋବର୍ଦ୍ଧନ ମଠର ମୁଖ୍ୟ ଓ ପୁରୀର ଧର୍ମଗୁରୁ। ତାଙ୍କୁ ମଧ୍ୟ ପରିକ୍ରମା ପ୍ରକଳ୍ପ ଉତ୍ସବକୁ ସମ୍ମାନର ସହ ନିମନ୍ତ୍ରଣ କରାଯିବ। ତାଙ୍କ ସହଯୋଗ ଓ ପରାମର୍ଶ ବିନା କୌଣସି କାର୍ଯ୍ୟ ହେବ ନାହିଁ। ତାଙ୍କ ଉପସ୍ଥିତିରେ ତାଙ୍କ ସହିତ ଆଲୋଚନା କରାଯିବ ବୋଲି ଦାସ ପ୍ରକାଶ କରିଛନ୍ତି। ସେହିପରି ବରିଷ୍ଠ ଦଇତାପତି ସେବକ ବିନାୟକ ଦାସ ମହାପାତ୍ର କହିଛନ୍ତି, ଚାରିଧାମ ମଧ୍ୟରେ ଶ୍ରୀକ୍ଷେତ୍ର ସର୍ବଶ୍ରେଷ୍ଠ। ପୁରୀ ଧାମରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ରହିଛନ୍ତି। ଶଙ୍କରାଚାର୍ଯ୍ୟ ଯେଉଁ କ୍ଷୋଭ ପ୍ରକାଶ କରିଛନ୍ତି ତାହା ଯଥାର୍ଥ। କାରଣ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସହ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିଭିନ୍ନ ବର୍ଗଙ୍କ ସହିତ ଆଲୋଚନା କରାଯାଉଥିବା ଓ ସହଯୋଗ ନିଆଯାଉଥିବା ବେଳେ ଶଙ୍କରାଚାର୍ଯ୍ୟଙ୍କ ସହିତ ଆଲୋଚନା କରିବାରେ ସମସ୍ୟା କେଉଁଠି ରହୁଛି। ନୀତିରେ ବିଶୃଙ୍ଖଳା ହେଉ ବା ଧର୍ମ ଉପରେ ସଙ୍କଟ ପଡ଼ିଲେ, ଶଙ୍କରାଚାର୍ଯ୍ୟଙ୍କ ମତ ଲୋଡୁଛ। ତେବେ କାହିଁକି ପ୍ରକଳ୍ପ କାର୍ଯ୍ୟରେ ମତ ଲୋଡ଼ାଯାଉନାହିଁ ବୋଲି ଦାସମହାପାତ୍ର ପ୍ରଶ୍ନ କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ, ପରିଚାଳନା କମିଟି କର୍ମକର୍ତ୍ତା ଶଙ୍କରାଚାର୍ଯ୍ୟଙ୍କ ସହ ଆଲୋଚନା କରିବା ଉଚିତ ବୋଲି ଦାସ ମହାପାତ୍ର ମତ ଦେଇଛନ୍ତି।

**ଶ୍ରୀମନ୍ଦିର ସଂକ୍ରାନ୍ତରେ ଜଗଦ୍‌ଗୁରୁଙ୍କ କ୍ଷୋଭ ପ୍ରସଙ୍ଗ**

## ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

**ବାରଙ୍ଗ,୭।୧୨(ଲିଙ୍ଗରାଜ ରାଉତ)**

ବାରଙ୍ଗ ଥାନା ଅଧୀନ ମଧୁବନ ଗ୍ରାମରେ ଜଣେ ଯୁବକ ଗୁରୁବାର ରାତିରେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବାବୁଲା ମାଝୀଙ୍କ ପୁଅ ତପନ ମାଝୀ (୨୬)। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ସୂଚନା ମୁତାବକ, ଗୁରୁବାର ରାତିରେ ତପନ କୌଣସି କାରଣକୁ ନେଇ ବିଷ ପିଇ ଦେଇଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରିବାର ଲୋକ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବାରଙ୍ଗ ଥାନାରେ କୌଣସି ଅଭିଯୋଗ ହୋଇନଥିବା ସୂଚନା ମିଳିଛି। ତପନ ୭ ବର୍ଷ ତଳେ ନନ୍ଦନକାନନ ଥାନା ଅଧୀନ ଗୋପନପୁର ଗ୍ରାମରେ ପ୍ରେମ ବିବାହ କରିଥିଲେ। ତାଙ୍କର ୨ଟି ସନ୍ତାନ ଅଛନ୍ତି।




୭।୧୨।୨୦୨୩

| | |
|---|---|
| ୨,୩୭,୨୨୩ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୩୩.୨୦୦ ଗ୍ରାମ୍ |

## ଯୁକ୍ତ୨ ଫର୍ମ ପୂରଣ ଅବଧି ବଢ଼ିଲା

**ଭୁବନେଶ୍ୱର, ୭।୧୨(ଅସମାପିକା ସାହୁ)**- ୨୦୨୪ ଯୁକ୍ତ୨ ବିଜ୍ଞାନ, ବାଣିଜ୍ୟ, କଳା ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ନିମନ୍ତେ ଫର୍ମ ପୂରଣ ଅବଧି ବଢ଼ିଛି। ଏ ନେଇ ଗୁରୁବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଚିଠି ଲେଖି ଅବଗତ କରିଛନ୍ତି। ଯୁକ୍ତ୨ ଫର୍ମପୂରଣର ଶେଷ ତାରିଖ ନଭେମ୍ବର ୨୯ ଥିଲା। ୧୦୦ ଟଙ୍କା ଜରିମାନା ଦେଇ ଡିସେମ୍ବର ୧ରୁ ୪ ତାରିଖ ଭିତରେ ଦ୍ୱିତୀୟ ପର୍ଯ୍ୟାୟ ଫର୍ମ ପୂରଣ କରିବାକୁ ସୁଯୋଗ ଦିଆଯାଇଥିଲା। ଶେଷ ତଥା ତୃତୀୟ ପର୍ଯ୍ୟାୟ ଫର୍ମ ପୂରଣ ଡିସେମ୍ବର ୬ ଓ ୭ତାରିଖ ରହିଥିଲା। ଏହି ତୃତୀୟ ପର୍ଯ୍ୟାୟ ଫର୍ମ ପୂରଣ ଲାଗି ଛାତ୍ରୀଛାତ୍ରଙ୍କ ପାଇଁ ୪୫୦ ଟଙ୍କା ଜରିମାନା ରହିଥିଲା। ଏହି ଅବଧିକୁ ବୃଦ୍ଧି କରାଯାଇଛି। ଯେଉଁ ଛାତ୍ରୀଛାତ୍ରମାନେ ଆବେଦନ କରିପାରି ନ ଥିବେ ସେମାନେ ଆସନ୍ତା ୧୧ରୁ ୧୩ ତାରିଖ ମଧ୍ୟରେ ୪୫୦ ଟଙ୍କା ଜରିମାନା ଦେଇ ଆବେଦନ କରିପାରିବେ ବୋଲି ସୂଚନା ଦିଆଯାଇଛି।

## ଆଇଇଏମ୍ ସ୍କ୍ରିନିଂ ଦ୍ୱାରା ସୁସ୍ଥ ହେଉଛନ୍ତି ନବଜାତକ

**କଟକ,୭।୧୨(ଶିଳ୍ପା ପ୍ରିୟଦର୍ଶିନୀ)**

ନବଜାତକଙ୍କ ମୃତ୍ୟୁହାର କମାଇବା ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟକୁ ନଜରରେ ରଖି କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ରେ ଇନ୍‌ବର୍ନ ଏରର୍ସ ମେଟାବଲିଜିମ୍ (ଆଇଇଏମ୍) ସ୍କ୍ରିନିଂ କରାଯାଉଛି। ଏହାଦ୍ୱାରା ନବଜାତ ଶିଶୁଙ୍କ ଶରୀରରେ ଥିବା ସ୍ୱାସ୍ଥ୍ୟଗତ ତ୍ରୁଟି ଚିହ୍ନଟ ହେଉଛି। ୨୦୨୨ ଜୁନ ୨୦ରେ ଏସ୍‌ସିବି ମେଡିକାଲରେ ଏହି ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଥିଲା। ଏସ୍‌ସିବିର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଜନ୍ମଲାଭ କରୁଥିବା ଓ ଏସ୍‌ଏନ୍‌ସିୟୁରେ ଥିବା ଶିଶୁଙ୍କ ଜନ୍ମର ୪୮ଘଣ୍ଟା ପରେ ପାଦରୁ ରକ୍ତ ନମୁନା ସଂଗ୍ରହ କରାଯାଇ ୪ଟି ପରୀକ୍ଷା କରାଯାଇଥାଏ। ଆଇଇଏମ୍ ସ୍କ୍ରିନିଂରେ କଞ୍ଜିନେଟାଲ ହାଇପୋ ଥାଏରଡିଜିମ୍(ଶିଶୁ ଶରୀରରେ ଥାଇରଏଡ ଜନିତ କ'ଣ ସମସ୍ୟା ରହିଛି), ଆଡେନାଲ୍ ହାପର୍ ପ୍ଲାସିଆ, ଫେନିଲକେଟୁନ୍ୟୁରିଆ(ପିକେୟୁ), ଜିଓପିଡି(ଶିଶୁ ଶରୀରରେ ଗ୍ଲୁକୋଜ ମାତ୍ରା ଜାଣିବା) ଭଳି ଚାରିଟି ପରୀକ୍ଷା ରହିଛି। ପୂର୍ବରୁ ଏହି ପରୀକ୍ଷା ନବଜାତକଙ୍କ କରାଯାଉ ନ ଥିବାରୁ ଜନ୍ମର କିଛି ଦିନ ମଧ୍ୟରେ ଶିଶୁ ପ୍ରାଣ ହରାଉଥିଲେ। ହେଲେ ଏବେ ଏହି ପରୀକ୍ଷା ଏସ୍‌ସିବି ଓ ଏବଂ ପ୍ରତ୍ୟେକ ଜିଲାରେ ଡିଷ୍ଟ୍ରିକ୍ଟ ଆର୍ଲି ଇଣ୍ଟରଭେନ୍‌ଶନ୍ ସେଣ୍ଟର (ଡିଇଆଇସି)ରେ କରାଯାଉଛି। ଯାହାଫଳରେ ଶିଶୁଙ୍କ ପରୀକ୍ଷା ସହ ଉନ୍ନତମାନର ଚିକିତ୍ସା କରାଯାଇ ସୁସ୍ଥ କରାଯାଇପାରୁଛି।

ଏସ୍‌ସିବି ମେଡିକାଲ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ(ଆର୍‌ବିଏସ୍‌କେ) ପରିଚାଳକ ସତ୍ୟନାରାୟଣ ତ୍ରିପାଠୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୨୨ ଜୁନ ୨୦ରୁ ୨୦୨୩ ନଭେମ୍ବର ୩୦ ମଧ୍ୟରେ ଏସ୍‌ସିବି ମେଡିକାଲ ଓ ଡିଇଆଇସିରେ ମୋଟ ୧୮୬୫ ନବଜାତ ଶିଶୁଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ସ୍କ୍ରିନିଂ କରାଯାଇଛି। ସେଥିମଧ୍ୟରୁ ୫୪ ନବଜାତକଙ୍କ ସ୍କ୍ରିନିଂ ପଜିଟିଭ ଆସିଛି। ସେଥିମଧ୍ୟରୁ ଜିଡିପିଡିରେ ୪୭, ଆଡେନାଲ୍ ହାପର୍ ପ୍ଲାସିଆରେ ୫ଜଣ, ପିକେୟୁରେ ଜଣେ ଓ କଞ୍ଜିନେଟାଲ ହାଇପୋ ଥାଏରଡିଜିମ୍‌ରେ ଜଣେ ଆକ୍ରାନ୍ତ। ଏହି ନବଜାତ ଶିଶୁଙ୍କୁ ଏସ୍‌ସିବି ଓ ଡିଇଆଇସିରେ ଚିକିତ୍ସା କରାଯାଉଛି। ଅନ୍ୟରାଜ୍ୟ ତୁଳନାରେ ଓଡ଼ିଶାର ସ୍ଥାନ ନବଜାତକଙ୍କ ମୃତ୍ୟହାର ତୁଳନାରେ କମ୍ ରହିଛି। ରାଜ୍ୟରେ ଏସ୍‌ସିବିରେ ପ୍ରଥମକରି ବାୟୋକେମେଷ୍ଟ୍ରି ବିଭାଗରେ ଇନ୍‌ବର୍ନ ଏରର୍ସ ଅଫ୍ ମେଟାବଲିଜିମ୍ ସ୍କ୍ରିନିଂ ସେଣ୍ଟର ଖୋଲାଯାଇଥିଲା। ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍‌ଏଚ୍‌ଏମ୍) ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଏହି ସେଣ୍ଟର କାର୍ଯ୍ୟ କରୁଛି। ତ୍ରିପାଠୀ କହିଛନ୍ତି ଯେ, ଶିଶୁଙ୍କ ଜୀବନ ବଞ୍ଚାଇବା ଲକ୍ଷ୍ୟ ରହିଛି। ଏହାସହ ଯେପରି ଶିଶୁ ଆଜୀବନ ସୁସ୍ଥ ରହିବ ସେନେଇ ଏହି ସ୍କ୍ରିନିଂ ବ୍ୟବସ୍ଥା କରାଯାଇଛି। ଏପରି କି ଯେଉଁ ଶିଶୁର ପରିବାର ଲୋକ ରକ୍ତ ନମୁନା ପାଇଁ ମନା କରୁଛନ୍ତି ତାଙ୍କୁ ମେଡିକାଲ ପକ୍ଷରୁ କାଉନ୍‌ସେଲିଂ କରାଯାଉଛି।



- ୧୮ ମାସରେ ୧,୮୬୫ ନବଜାତକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା
- ୫୪ ଚିହ୍ନଟଙ୍କୁ ମିଳିଛି ଉନ୍ନତ ସ୍ୱାସ୍ଥ୍ୟସେବା

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବିଶ୍ୱଜିତ୍



@ ମନମୋହନ



@ ଚିରଞ୍ଜୀବ



@ ପ୍ରିୟବ୍ରତ



@ ଓମ୍‌ପ୍ରକାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ନିର୍ଦ୍ଦିଷ୍ଟ ସମୟସୀମା ଜଣାଇବାକୁ ନିର୍ଦ୍ଦେଶ

**କଟକ,୭।୧୨ (କାର୍ତ୍ତିକ ସାହୁ)**

ଏସ୍‌ସିବି ମେଡିକାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ବିଭିନ୍ନ ବିଭାଗରେ କେବେ ସୁଦ୍ଧା କରାଯିବ ସେନେଇ ନିର୍ଦ୍ଦିଷ୍ଟ ସମୟସୀମା ସତ୍ୟପାଠ ଆକାରରେ ଜଣାଇବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ଅଗ୍ନି ନିରାପତ୍ତା ବ୍ୟବସ୍ଥା କରାଯିବାକୁ ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ଲାଗିବା ନେଇ ଦାଖଲ ସତ୍ୟପାଠ ଉପରେ ହାଇକୋର୍ଟ ବିରକ୍ତ ପ୍ରକାଶ କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି। ଆସନ୍ତା ୧୪ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁସାରେ, ଏସ୍‌ସିବି ମେଡିକାଲର ବିଭିନ୍ନ ବିଭାଗରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରାଯିବା ପାଇଁ ୯୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଏନେଇ ଏସ୍‌ସିବି ମେଡିକାଲ ପକ୍ଷରୁ ୨୦୧୩ରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଚିଠି ଲେଖାଯାଇଥିଲା। ହେଲେ ଏନେଇ କୌଣସି ପଦକ୍ଷେପ ନିଆଯାଉ ନ ଥିଲା। ମୈତ୍ରୀ ସଂସଦ ପକ୍ଷରୁ ଏହି ମର୍ମରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା। ଅଗ୍ନି ନିରାପତ୍ତା ବ୍ୟବସ୍ଥା ସହିତ ସିସିଟିଭି କ୍ୟାମେରା ଲଗାଯିବାକୁ ଆବେଦନରେ ଦର୍ଶାଯାଇଥିଲା। ଏହି ମାମଲାର ପୂର୍ବ ଶୁଣାଣିରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶ ମୁତାବକ ୧ ବର୍ଷ ମଧ୍ୟରେ ଏସ୍‌ସିବି ମେଡିକାଲର ବିଭିନ୍ନ ବିଭାଗରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରାଯିବ ବୋଲି ରାଜ୍ୟ ସରକାର ସତ୍ୟପାଠ ଦାଖଲ କରିଥିଲେ। ତେବେ ସତ୍ୟପାଠ ଦାଖଲ କରିବାର ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ରାଜ୍ୟ ସରକାର କାର୍ଯ୍ୟାନ୍ୱୟନରେ ବିଫଳ ହୋଇଛନ୍ତି। ଫଳରେ ହାଇକୋର୍ଟ ଗୁରୁବାର ମାମଲାର ଶୁଣାଣିବେଳେ ରାଜ୍ୟ ସରକାରଙ୍କୁ କେବେ ସୁଦ୍ଧା ଅଗ୍ନି ନିରାପତ୍ତା ବ୍ୟବସ୍ଥା କରାଯିବ ସେ ନେଇ ନିର୍ଦ୍ଦିଷ୍ଟ ଭାବେ ଜବାବ ରଖିବାକୁ ରାଜ୍ୟ ସରକାରଙ୍କୁ ଆଦେଶରେ ସ୍ପଷ୍ଟ କରିଛନ୍ତି।

**ଏସ୍‌ସିବିରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ମାମଲା**



# ଏବେ ଶିଖିବ 'ଇଣ୍ଡିଆ'

## ୧୦ ଦିନ ପରେ ଆସନ ବୁଝାମଣା

ନୂଆଦିଲ୍ଲୀ,୭।୧୨
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ ନିର୍ବାଚନରେ କଂଗ୍ରେସର ପରାଜୟ ବିରୋଧୀଙ୍କ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଡିସେମ୍ବର ମଧ୍ୟଭାଗରେ ହେବାକୁ ଥିବା ଏହି ମେଣ୍ଟର ମିଳିତ ବୈଠକ ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ସମ୍ଭବତଃ ଆତ୍ମସମୀକ୍ଷା ପାଇଁ ଶେଷ ସୁଯୋଗ। ତେଣୁ କେନ୍ଦ୍ରରେ ଭାଜପାକୁ ହଟାଇବାକୁ ହେଲେ ସଦ୍ୟ ପରାଜୟରୁ ଶିକ୍ଷାଲାଭ କରି ରଣନୀତି ପ୍ରସ୍ତୁତ କରିବା କେତେ ଅନିବାର୍ଯ୍ୟ, ତାହା କଂଗ୍ରେସ ମୁଖିଆ ମଲ୍ଲିକାର୍ଜୁନ ଖାର୍ଗେ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ ବୁଝିସାରିଲେଣି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଦ୍ୱିତୀୟ ବ୍ୟକ୍ତିତ୍ୱର କରିସ୍ମା କୁହନ୍ତୁ ଅଥବା ବିକାଶମୂଳକ କାର୍ଯ୍ୟକ୍ରମକୁ ଲୋକଙ୍କ ସମର୍ଥନ, ଉପରୋକ୍ତ ୩ ରାଜ୍ୟର ଜନାଦେଶ ତାଙ୍କୁ ଦେଶରେ ଏକପ୍ରକାର ଅପରାଜେୟ ନେତାର ମାନ୍ୟତା ଦେଇଛି। ଏହି ପୃଷ୍ଠଭୂମିରେ ୨ ଡଜନରୁ ଊର୍ଦ୍ଧ୍ୱ ଦଳକୁ ନେଇ ଗଠିତ 'ଇଣ୍ଡିଆ' ନେତାମାନେ ବିଶେଷକରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ସଂଯୁକ୍ତ ଜନତା ଦଳ (ଜେଡିୟୁ) ନେତା ନୀତୀଶ କୁମାର କଂଗ୍ରେସ ଉପରେ ଦୋଷ ଲଦିଥିଲେ। ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ ତ ନିର୍ବାଚନ ପୂର୍ବରୁ ହିଁ ମେଣ୍ଟରୁ ଓହରି 'ଏକ୍‌ଲା ଚଲୋ' ନୀତି ଆପଣାଇଥିଲେ। ଫଳରେ ବିଧାନସଭା ନିର୍ବାଚନର ପରିଣାମ ସେମାନଙ୍କୁ ଚେତାଇଦେଲା, ଏକତା ନ ରହିଲେ ପତନ ଅବଶ୍ୟମ୍ଭାବୀ। ଫଳାଫଳ ଆସିବା ପରେ ଖାର୍ଗେ ତାଙ୍କ ନୂଆଦିଲ୍ଲୀ ବାସଭବନରେ ବୁଧବାର (ଡିସେମ୍ବର ୬ରେ) ବୈଠକ ଡାକିଥିଲେ। ଗୁରୁବାର ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କ ଶପଥ ଗ୍ରହଣ ଉତ୍ସବକୁ ମମତାଙ୍କ ସମେତ 'ଇଣ୍ଡିଆ'ର କେତେଜଣ ନେତାଙ୍କୁ ଡକାଯାଇଥିଲା। କିନ୍ତୁ କେହି ଆସିଲେନି। କୁହାଯାଉଛି ଯେ, ଡିସେମ୍ବର ୧୭ରୁ ୨୦ ମଧ୍ୟରେ ବିରୋଧୀ ମେଣ୍ଟର ଆଉ ଏକ ବୈଠକ ହେବ। ଉକ୍ତ ବୈଠକରେ ୨୦୨୪ ନିର୍ବାଚନରେ ଭାଜପା ବିରୋଧରେ ପ୍ରତ୍ୟେକ ଆସନରୁ ମିଳିତ ପ୍ରାର୍ଥୀ ଦେବା ପାଇଁ ଭାଗବଣ୍ଟା ହିସାବ କିତାବ କରାଯିବ। ଯେତେ ଶୀଘ୍ର ସହମତି ପ୍ରକାଶ ପାଇବ, ବିଭିନ୍ନ ରାଜ୍ୟରେ ସ୍ଥାନୀୟ ସ୍ଥିତି ଅନୁଯାୟୀ ଆଗୁଆ ପ୍ରଚାର ପାଇଁ ସେତେ ଅଧିକ ସମୟ ମିଳିବ।

ଡିସେମ୍ବର ୩ ଫଳାଫଳକୁ 'ଇଣ୍ଡିଆ'ର ନୁହେଁ, ବରଂ କଂଗ୍ରେସର ପରାଜୟ ବୋଲି ମମତା ତତ୍କାଳ ଦର୍ଶାଇଥିବବେଳେ ଆଗକୁ ଏଥିରୁ ଶିକ୍ଷାଲାଭ କରି ଆଗାମୀ ବୈଠକରେ ସାମିଲ ହେବାକୁ ସଙ୍କେତ ଦେଇଛନ୍ତି। ସେହିପରି 'ସୁଶାସନ ବାବୁ' ନୀତୀଶ ମଧ୍ୟ ପରବର୍ତ୍ତୀ ବୈଠକରେ ଯୋଗଦେବେ। ହାତରେ କମ୍ ସମୟ ଥିବାରୁ ଯଥାଶୀଘ୍ର ସମ୍ଭବ ଆସନ ବୁଝାମଣା ଚୂଡ଼ାନ୍ତ କରିବା ଗୁରୁତ୍ୱ ସମ୍ପର୍କରେ ମେଣ୍ଟ ନେତାମାନଙ୍କୁ ବୁଝାଇବେ ବୋଲି ସେ କହିଛନ୍ତି। ନୀତୀଶଙ୍କ ମତରେ ୩ ହିନ୍ଦୀଭାଷୀ ରାଜ୍ୟରେ ମଧ୍ୟ କଂଗ୍ରେସର ପ୍ରଦର୍ଶନ ଅତି ନୈରାଶ୍ୟଜନକ ନୁହେଁ। ତେଲଙ୍ଗାନାରେ ବି ସର୍ବ ପୁରାତନ ଦଳ ଭଲ ନମ୍ବର ଆଣିଛି। ନିର୍ବାଚନରେ ଜୟ ପରାଜୟ ଲାଗିରହିଥାଏ। ଯେଉଁ ଦଳ ଭାରତ ରାଷ୍ଟ୍ର ସମିତିର ୧୦ ବର୍ଷର ଦୁର୍ଗକୁ ଭୁଶୁଡ଼ାଇବାରେ ସକ୍ଷମ ହେଲା ତାକୁ ଅଣଦେଖା କରିବା ଭୁଲ୍ ହେବ ବୋଲି ବୋଧେ ନୀତୀଶ ବୁଝିଗଲେ। ତେଲଙ୍ଗାନାରେ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ଏକଚାଟିଆ ପ୍ରଧାନମନ୍ତ୍ରୀ ହେବା ମହତ୍ତ୍ୱାକାଂକ୍ଷା ତାଙ୍କ ପତନର କାରଣ ସାଜିଥିବା ସମ୍ଭବତଃ 'ଇଣ୍ଡିଆ' ଅଂଶୀଦାର ଦଳର ନେତାମାନେ ମର୍ମେ ମର୍ମେ ଅନୁଭବ କରୁଛନ୍ତି।

ଉଲ୍ଲେଖଯୋଗ୍ୟ, ନୀତୀଶଙ୍କ ଦ୍ୱାରା ଆହୂତ ପ୍ରଥମ ବିରୋଧୀ ମେଳି ପାଟନାରେ ହୋଇଥିଲା। ଜୁନ୍ ୨୩ରେ ଅନୁଷ୍ଠିତ ଉକ୍ତ ବୈଠକରେ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା)ର ନୂଆ ସଂସ୍କରଣ ଦେଖିବାକୁ ମିଳିଥିଲା। 'ଇଣ୍ଡିଆ' ବ୍ଲକ୍‌ର ତୃତୀୟ ବଡ଼ ବୈଠକ ମୁମ୍ବାଇରେ ଅଗଷ୍ଟ ୩୧, ସେପ୍ଟେମ୍ବର ୧ରେ ଅନୁଷ୍ଠିତ ହୋଇଥିଲା। ଏହାର ସମନ୍ୱୟ ସମିତି ବୈଠକ ନୂଆଦିଲ୍ଲୀରେ ସେପ୍ଟେମ୍ବର ୧୩ରେ ଅନୁଷ୍ଠିତ ହୋଇଥିଲା। କିନ୍ତୁ ଅକ୍ଟୋବର ୯ରେ ଭାରତର ନିର୍ବାଚନ କମିଶନ ମଧ୍ୟପ୍ରଦେଶ, ରାଜସ୍ଥାନ, ତେଲଙ୍ଗାନା, ଛତିଶଗଡ଼ ଓ ମିଜୋରାମ ଭୋଟ ଗ୍ରହଣ ତାରିଖ ଘୋଷଣା କରିବା ପରେ ବିରୋଧୀ ନେତାମାନେ କେହି କାହାକୁ ଧରାଛୁଆଁ ଦେଇ ନ ଥିଲେ। ଏବେ ସେମାନେ ବୁଦ୍ଧି ଶିଖିଲେଣି। କିନ୍ତୁ ଲଗାତର ଗଡ଼ ଜିତି ଚାଲିଥିବା ମୋଦିଙ୍କ ବ୍ୟକ୍ତିତ୍ୱ ଆଗରେ ବିରୋଧୀଙ୍କ ମିଳିତ ରଣନୀତିକୁ ଭୋଟର କିଭଳି ଦେଖିବେ ତାହା ସମୟ କହିବ।

୨୦୨୩ ଜୁଲାଇ ୧୭-୧୮ରେ ବେଙ୍ଗାଲୁରୁରେ ଅନୁଷ୍ଠିତ ବିରୋଧୀଙ୍କ ମିଳିତ ବୈଠକରେ ସ୍ଲୋଗାନ ରହିଥିଲା 'ଇଣ୍ଡିଆ: ୟୁନାଇଟେଡ୍ ୱି ଷ୍ଟାଣ୍ଡ୍!'

ନଭେମ୍ବର ୭ରୁ ୨୫ ମଧ୍ୟରେ ଅନୁଷ୍ଠିତ ୫୧୯ ବିଧାନସଭା ଆସନ ନିର୍ବାଚନର ପରିଣାମ କେବଳ କଂଗ୍ରେସ ନୁହେଁ, ସବୁ ବିରୋଧୀ ନେତାଙ୍କ ପାଇଁ ଏକ ସତର୍କଘଣ୍ଟି। କାରଣ ଏହି ନେତାମାନେ ମେଣ୍ଟଧର୍ମକୁ ସମ୍ପୂର୍ଣ୍ଣ ଭୁଲିଯାଇ ଭିନ୍ନ ଭିନ୍ନ ବାଟ ବାଛିଥିଲେ।

ଯଦିଓ ୨୦୨୪ ଲୋକ ସଭା ନିର୍ବାଚନକୁ ଆଖି ଆଗରେ ରଖି 'ଇଣ୍ଡିଆ' ଗଢ଼ାଯାଇଥିଲା ତଥାପି ବିଧାନସଭା ଭୋଟରୁ ଏହି ମେଣ୍ଟ ସଫଳତା ହାସଲ କରି ଏକ ସୁଦୂରପ୍ରସାରୀ ସନ୍ଦେଶ ଦେଇପାରିଥାଆନ୍ତା। ତାହା ହିଁ ହୋଇଥାନ୍ତା ମୋଦିଙ୍କ ବିଜୟ ରଥକୁ ରୋକିବା ପାଇଁ ମିଳିତ ସାମର୍ଥ୍ୟର ଆଦ୍ୟ ପ୍ରମାଣ। କିନ୍ତୁ ସ୍ୱକୀୟ ମହତ୍ତ୍ୱାକାଂକ୍ଷା ସେମାନଙ୍କୁ 'ଡିଭାଇଡେଡ୍ ୱି ଫଲ୍' ଆଡ଼କୁ ଟାଣିନେଇଛି।

### ୨୦୨୪: ଏକାଠି ଲଢ଼ିଲେ ଜିତିବ, ବିଭାଜିତ ହେଲେ ହାରିବ




## ସଂକ୍ଷେପରେ

### ପିସିସି ସଭାପତି ପଦରୁ କମଲ ନାଥଙ୍କ ଇସ୍ତଫା



**ଭୋପାଳ,୭।୧୨:** ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ପଦରୁ ବରିଷ୍ଠ ନେତା କମଲ୍ ନାଥ ଗୁରୁବାର ଇସ୍ତଫା ଦେଇଛନ୍ତି। ନୂଆ ପିସିସି ସଭାପତିଙ୍କ ସମ୍ପର୍କରେ କଂଗ୍ରେସ ହାଇକମାଣ୍ଡ ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ। ମଙ୍ଗଳବାର କମଲ ନାଥ ଦିଲ୍ଲୀରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ଅନ୍ୟ ବରିଷ୍ଠ ନେତାମାନଙ୍କୁ ଭେଟିଥିଲେ। ନୂଆ ପିସିସି ସଭାପତି ନିଯୁକ୍ତ କରିବାକୁ ଉକ୍ତ ବୈଠକରେ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଅନ୍ୟପକ୍ଷରେ ଆସନ ବୁଝାମଣାକୁ ନେଇ ଇଣ୍ଡିଆ ବ୍ଲକ୍ ନେତା ତଥା ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଏବଂ ଜେଡିୟୁ ସୁପ୍ରିମୋ ନୀତୀଶ କୁମାରଙ୍କ ପ୍ରତି କମଲ ନାଥଙ୍କ ମନ୍ତବ୍ୟକୁ ନେଇ କଂଗ୍ରେସ ନେତୃତ୍ୱ ଅସନ୍ତୁଷ୍ଟ ଥିଲେ। ସଦ୍ୟସମାପ୍ତ ୨୩୦ ଆସନ ବିଶିଷ୍ଟ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ ଭାଜପାକୁ ୧୬୩ ଆସନ ମିଳିଥିବାବେଳେ କଂଗ୍ରେସ ୬୬ଟିରେ ଜିତିଥିଲା।

### ନିର୍ବାଚନୀ ପ୍ରତିଶ୍ରୁତି ପୂରଣକଲେ ରେଭନ୍ତ

**ହାଇଦ୍ରାବାଦ,୭।୧୨:** ରେଭନ୍ତ ରେଡ୍ଡୀ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବାର ଅଳ୍ପ କେତେ ମିନିଟ୍ ପରେ ନିଜ ସରକାରୀ ବାସଭବନ ସମ୍ମୁଖକୁ ଆସି ନିର୍ବାଚନ ପ୍ରଚାର ବେଳେ ଦିଆଯାଇଥିବା ଅନ୍ୟତମ ମୁଖ୍ୟ ପ୍ରତିଶ୍ରୁତିକୁ ପୂରଣ କରିଛନ୍ତି। ଏପରିକି ଶପଥ ଗ୍ରହଣ ଉତ୍ସବ ଶେଷ ହେବା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ହାଇଦ୍ରାବାଦର ପ୍ରଗତି ଭବନଠାରେ ବ୍ୟଗ୍ରତା ଦେଖିବାକୁ ମିଳିଥିଲା। କେତେକ ବୁଲ୍‌ଡୋଜର, ଟ୍ରାକ୍ଟର ଓ ନିର୍ମାଣ ଶ୍ରମିକ ନିୟୋଜିତ ହୋଇ ସେଠାରେ ଲାଗିଥିବା ଲୁହା ବାରିକେଡ୍‌କୁ ଉଠାଇଥିଲେ। କଂଗ୍ରେସ କ୍ଷମତାକୁ ଆସିଲେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରୁ ବାରିକେଡ୍ ହଟାଇଦିଆଯିବ ବୋଲି ରେଭନ୍ତ ପ୍ରଚାର ବେଳେ କହିଥିଲେ।

### ସହପାଠୀଙ୍କୁ ଗୁଳିକଲେ ରୁଷୀୟ ଛାତ୍ରୀ: ଜଣେ ମୃତ

**ମସ୍କୋ,୭।୧୨:** ରୁଷିଆର ଜଣେ ସ୍କୁଲ୍ ଛାତ୍ରୀ ଗୁରୁବାର ତା'ର କେତେଜଣ ସହପାଠୀଙ୍କୁ ଗୁଳି ଚଳାଇଥିଲେ। ସେମାନଙ୍କ ମଧ୍ୟରୁ ଜଣକର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୫ ଜଣ ଆହତ ହୋଇଛନ୍ତି। ଗୁଳି ଚଳାଇଥିବା ଛାତ୍ରୀ ଜଣକ ନିଜକୁ ମଧ୍ୟ ଗୁଳିକରି ଆତ୍ମହତ୍ୟା କରିଛନ୍ତି। ୟୁକ୍ରେନ୍ ସୀମାରେ ଥିବା ବ୍ର୍ୟାନ୍‌ସ୍କାସ୍ଥିତ ଏକ ସ୍କୁଲ୍‌ରେ ଏହି ଗୁଳିକାଣ୍ଡ ଘଟିଛି। ଆହତଙ୍କ ମଧ୍ୟରୁ ଜଣକ ଅବସ୍ଥା ସଙ୍କଟାପନ୍ନ ରହିଛି। ଛାତ୍ରୀ ଜଣକ ଏକ ଟ୍ୟୁବ୍‌ରେ ବନ୍ଧୁକ ଲୁଚାଇ ସ୍କୁଲ୍‌କୁ ଆଣିଥିଲେ।

### ଅଇଁଠା ପ୍ଲେଟ୍ ଅତିଥିଙ୍କ ଦେହରେ ବାଜିବାରୁ ୱେଟରଙ୍କୁ ହତ୍ୟା

**ନୂଆଦିଲ୍ଲୀ,୭।୧୨:** ଉତ୍ତରପ୍ରଦେଶର ଗାଜିଆବାଦରେ ଅଇଁଠା ପ୍ଲେଟ୍ ଥିବା ଏକ ଟ୍ରେ ଅତିଥିମାନଙ୍କ ଦେହରେ ଲାଗିଯିବାରୁ ଜଣେ ୨୬ ବର୍ଷୀୟ ୱେଟରଙ୍କୁ ହତ୍ୟା କରାଯାଇଛି। ଗତମାସ ୧୭ ସନ୍ଧ୍ୟାରେ ଗାଜିଆବାଦର ପୁଷ୍ଟ ରୋଡରେ ଥିବା ସିଜିଏସ୍ ବାଟିକା ଗେଷ୍ଟ ହାଉସ୍‌ରେ ବିବାହ ଉତ୍ସବ ଚାଲିଥିଲା। ଜଣେ ୱେଟର ଟ୍ରେରେ ଅଇଁଠା ପ୍ଲେଟ୍‌ଗୁଡ଼ିକୁ ନେଉଥିବାବେଳେ ଏହା ସେଠାରେ ଥିବା କେତେଜଣ ଅତିଥିଙ୍କ ଦେହରେ ଲାଗିଥିଲା। ଏହାକୁ ନେଇ ବଚସାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ପଙ୍କଜ ନାମକ ଉକ୍ତ ୱେଟରକୁ କେତେଜଣ ଲୋକ ନିର୍ଘାତ ପିଟିଥିଲେ। ପଙ୍କଜ ମରିଗଲେ ଭାବି ଅଭିଯୁକ୍ତମାନେ ତାଙ୍କୁ ଜଙ୍ଗଲରେ ଫିଙ୍ଗିଦେଇଥିଲେ। ତା' ପରଦିନ ଗଭୀର କ୍ଷତ ଥିବା ପଙ୍କଜଙ୍କ ମୃତଦେହ ମିଳିଥିଲା। ପଙ୍କଜ ଗେଷ୍ଟ ହାଉସ୍‌କୁ କାମ କରିବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ ବୋଲି ତାଙ୍କ ମାଆ ପୋଲିସକୁ କହିଥିଲେ।

## ଏଆଇ ମଡେଲ୍ ଜେମିନି ଲଞ୍ଚ କଲା ଗୁଗଲ

ୱାଶିଂଟନ,୭।୧୨

ବିଶ୍ୱର କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଦୌଡ଼ରେ ଗୁଗଲ୍ ସାମିଲ ହୋଇଛି। ଏହି କମ୍ପାନୀ ଜେମିନି ନାମରେ ଏଆଇ ମଡେଲ ଶୁଭାରମ୍ଭ କରିଛି। ଏହି ମଡେଲ୍ ମାନବ ଭଳି ଆଚରଣ ଦେଖାଇବା ନିମନ୍ତେ ତାଲିମ୍ ପାଇଥିବା କୁହାଯାଉଛି। ଏହା ପର୍ଯ୍ୟାୟକ୍ରମେ ବଜାରକୁ ଆସିବ। ପ୍ରଥମ ପର୍ଯ୍ୟାୟରେ ଜେମିନିର କମ୍ ଆଧୁନିକ ଭର୍ସନ ଗୁଗଲ୍‌ର ଏଆଇ କ୍ଷମତାଯୁକ୍ତ ଚାଟ୍‌ବୋଟ୍ ବାର୍ଡ ଏବଂ ଏହାର ପିକ୍ସେଲ୍ ୮ପ୍ରୋ ସ୍ମାର୍ଟଫୋନ୍‌ରେ ତୁରନ୍ତ ସଂଯୋଗ ହେବାକୁ ଯାଉଛି। ଏଆଇ ବିକାଶରେ ଏହା ଏକ ଉଲ୍ଲେଖନୀୟ ସଫଳତା ଏବଂ ଗୁଗଲରେ ଆମ ପାଇଁ ଏକ ନୂଆ ଯୁଗର ଆରମ୍ଭ ବୋଲି ଗୁଗଲ୍ ଡିପ୍‌ମାଇଣ୍ଡର ସିଇଓ ଡେମିସ୍ ହସାବିସ୍ କହିଛନ୍ତି।

## ଡ. ସମୀର ଶାହ ହେବେ ବିବିସିର ନୂଆ ଅଧ୍ୟକ୍ଷ

ଲଣ୍ଡନ,୭।୧୨



ବ୍ରିଟେନ୍ ବ୍ରଡକାଷ୍ଟିଂରେ ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ମିଡିଆ ଏକ୍ସିକ୍ୟୁଟିଭ୍ ଭାବେ କାର୍ଯ୍ୟରତ ଭାରତ ଜନ୍ମିତ ଡ.ସମୀର ଶାହ ବିବିସି (ବ୍ରିଟିଶ ବ୍ରଡକାଷ୍ଟିଂ କର୍ପୋରେଶନ)ର ନୂଆ ଅଧ୍ୟକ୍ଷ ହେବାକୁ ଯାଉଛନ୍ତି। ବ୍ରିଟେନ୍ ସରକାର ଏହି ପଦବୀ ପାଇଁ ୭୨ ବର୍ଷୀୟ ଡ. ଶାହଙ୍କୁ ମନୋନୀତ କରିଛନ୍ତି। ୨୦୧୯ରେ ତତ୍କାଳୀନ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟ ସମୀରଙ୍କୁ ସିବିଇରେ ସମ୍ମାନିତ କରିଥିଲେ। ସେ ରିଚାର୍ଡ ଶାର୍ପଙ୍କ ସ୍ଥାନରେ ବିବିସି ଅଧ୍ୟକ୍ଷ ହେବାକୁ ଯାଉଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କ ସହ ରିଚାର୍ଡଙ୍କର ଯୋଗାଯୋଗ ଥିବା ଜଣାପଡ଼ିବା ପରେ ତାଙ୍କୁ ଇସ୍ତଫା ଦେବା ପାଇଁ ବାଧ କରାଯାଇଥିଲା। ଡ. ଶାହ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ହାଉସ୍ ଅଫ୍ କମନ୍ସ ମିଡିଆ କଲଚର, ମିଡିଆ ଆଣ୍ଡ ସ୍ପୋର୍ଟ ସିଲେକ୍ସନ କମିଟିର ଏମ୍‌ପିମାନେ ତାଙ୍କୁ ପଚରାଉଚରା କରିବେ।




ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଦୁବାଇରେ ଚାଲିଥିବା କପ୍୨୮ରେ ରେକର୍ଡ ସଂଖ୍ୟକ ୮୪,୦୦୦ ଲୋକ ଯୋଗଦେଇଛନ୍ତି। ସେମାନଙ୍କ ମଧ୍ୟରେ ଅନେକ ହଜାର ଆକ୍ଟିଭିଷ୍ଟ ଓ ସିଭିଲ୍ ସୋସାଇଟି ମେମ୍ବର ରହିଛନ୍ତି। ଜାତିସଂଘର ଏହି ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ ଆୟୋଜନ ସ୍ଥଳ ଏକ୍ସପୋ ସିଟି ନିକଟରେ ଗ୍ଲୋବାଲ୍ ପିପୁଲ୍ସ କାରାଭନ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଗ୍ରାମାଞ୍ଚଳର ଲୋକଙ୍କୁ ସଙ୍ଗଠିତ କରି ଖାଦ୍ୟ, ଭୂମି ଓ ଜଳବାୟୁ ନ୍ୟାୟ ଆଦି ପ୍ରସଙ୍ଗର ସମାଧାନ କରିବା ହେଉଛି ଏହି ମୁଭ୍‌ମେଣ୍ଟର ଉଦ୍ଦେଶ୍ୟ।

## କନ୍‌ସୁଲାର ଆକ୍ସେସ୍ ଅନୁମତି ଦେଲା କାତାର

### ମୃତ୍ୟୁ ଦଣ୍ଡାଦେଶ ପାଇଛନ୍ତି ୮ ପୂର୍ବତନ ନୌସେନା ଅଧିକାରୀ

ନୂଆଦିଲ୍ଲୀ,୭।୧୨

ଗୁପ୍ତଚର ବୃତ୍ତି ଅଭିଯୋଗରେ କାତାରରେ ମୃତ୍ୟୁଦଣ୍ଡାଦେଶ ପାଇଥିବା ଭାରତୀୟ ନୌସେନାର ୮ ପୂର୍ବତନ ଅଧିକାରୀଙ୍କ ପାଇଁ କନ୍‌ସୁଲାର ଆକ୍ସେସ୍ (ଦୂତାବାସ ଜରିଆରେ ଆଇନଗତ ସହାୟତା) ଅନୁମତି ମିଳିଛି। ଗତ ୩ ତାରିଖରେ ଭାରତୀୟ ଦୂତାବାସର ଜଣେ କୂଟନୀତିଜ୍ଞଙ୍କୁ କାତାର କନ୍‌ସୁଲାର ଆକ୍ସେସ୍ ମଞ୍ଜୁର କରିଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। କେନ୍ଦ୍ର ସରକାର ଉକ୍ତ ମାମଲାକୁ ଅନୁଧ୍ୟାନ କରୁଛନ୍ତି ଓ ସମସ୍ତ ଆଇନଗତ କନ୍‌ସୁଲାର ସହାୟତା ଯୋଗାଇଦେବେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚି ଗଣମାଧ୍ୟମକୁ କହିଛନ୍ତି।

## କେଶବାନନ୍ଦ ଭାରତୀ ରାୟ ୧୦ ଭାଷାରେ ଉପଲବ୍ଧ

ନୂଆଦିଲ୍ଲୀ,୭।୧୨(ପି.ଟି.)

ସମ୍ବିଧାନର 'ମୂଳ ଢାଞ୍ଚାର ସିଦ୍ଧାନ୍ତ'କୁ ବ୍ୟାଖ୍ୟା କରିଥିବା କେଶବାନନ୍ଦ ଭାରତୀ ରାୟ ଏବେ ୧୦ଟି ଭାରତୀୟ ଭାଷାରେ ସୁପ୍ରିମକୋର୍ଟ ୱେବ୍‌ସାଇଟ୍‌ରେ ଲପଲବ୍ଧ ବୋଲି ଭାରତର ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଗୁରୁବାର କହିଛନ୍ତି। ଚଳିତ ବର୍ଷ ଦେଶ ଏହି ଐତିହାସିକ ରାୟର ୫୦ ବର୍ଷ ପାଳନ କରୁଥିବାବେଳେ ଏହାକୁ ୧୦ଟି ଭାରତୀୟ ଭାଷାରେ ଉପଲବ୍ଧ କରାଯାଇଛି। ସମ୍ବିଧାନର 'ମୌଳିକ ଢାଞ୍ଚା' ସିଦ୍ଧାନ୍ତ ଉପରେ ୧୯୭୩ର ଏହି ରାୟରେ ସମ୍ବିଧାନ ସଂଶୋଧନ ପାଇଁ ପାର୍ଲାମେଣ୍ଟର ବ୍ୟାପକ କ୍ଷମତାକୁ ସଙ୍କୁଚିତ କରାଯାଇ, ଏହାର ଉଲ୍ଲଂଘନ ହୋଇଥିଲେ ଯେକୌଣସି ସଂଶୋଧନକୁ ନ୍ୟାୟପାଳିକା ତର୍ଜମା କରିପାରିବ ବୋଲି କ୍ଷମତା ଦିଆଯାଇଥିଲା। ଉକ୍ତ ରାୟ ଯେପରି ସମାଜର ବୃହତ୍ତର ବର୍ଗଙ୍କ ନିକଟରେ ପହଞ୍ଚିପାରିବ, ସେଥିପାଇଁ ଏକ ୱେବ୍‌ସାଇଟ୍ ପ୍ରସ୍ତୁତ କରାଯାଇଛି। ଅଦାଲତ କାର୍ଯ୍ୟକୁ ସାଧାରଣ ଲୋକେ ବୁଝିବା କ୍ଷେତ୍ରରେ ରହିଥିବା ଭାଷାଗତ ପ୍ରତିବନ୍ଧକ ଦୂର କରିବା ପାଇଁ ଏହାକୁ ବିଭିନ୍ନ ଭାରତୀୟ ଭାଷାରେ ଅନୁବାଦ କରିବାକୁ ଚିନ୍ତା କରାଯାଇଥିଲା ବୋଲି ସିଜେଆଇ କହିଛନ୍ତି।

## ଯୌତୁକ ପାଇଁ ଭାଙ୍ଗିଲା ବାହାଘର: ଡାକ୍ତରଙ୍କ ଆତ୍ମହତ୍ୟା

ଥିରୁଭାନନ୍ତପୁରମ୍,୭।୧୨

ଯୌତୁକ ପାଇଁ ବିବାହ ଭାଙ୍ଗିଯିବାରୁ କେରଳ ଥିରୁଭାନନ୍ତପୁରମ୍‌ର ୨୬ ବର୍ଷୀୟା ଡାକ୍ତର ଶାହନା ଆତ୍ମହତ୍ୟା କରିଛନ୍ତି। ଯୌତୁକ ଦାବି କରିବା ଏବଂ ଆତ୍ମହତ୍ୟା ପାଇଁ ବାଧ କରିବା ଅଭିଯୋଗରେ ଡାକ୍ତରଙ୍କ ପୁରୁଷ ବନ୍ଧୁଙ୍କୁ ଗିରଫ କରାଯାଇଛି। ଯୌତୁକ ଦାବି ପୂରଣ କରିବାକୁ ଡାକ୍ତରଙ୍କ ପରିବାର ଅକ୍ଷମତା ପ୍ରକାଶ କରିବାରୁ ପୁରୁଷ ବନ୍ଧୁ ବିବାହ ଭାଙ୍ଗିଦେଇଥିଲେ। ଫଳରେ ଥିରୁଭାନନ୍ତପୁରମ୍ ମେଡିକାଲ କଲେଜ ସର୍ଜରି ବିଭାଗର ପିଜି ଛାତ୍ରୀ ଶାହନା ମଙ୍ଗଳବାର ସକାଳେ ତାଙ୍କ ଭଡ଼ାଘରେ ଆତ୍ମହତ୍ୟା କରିଥିଲେ। ଯୌତୁକ ବାବଦରେ ପୁରୁଷ ବନ୍ଧୁ ସୁନା, ଜମି, ବିଏମ୍‌ଡବ୍ଲ୍ୟୁ କାର ଆଦି ମାଗିଥିଲେ ବୋଲି ଶାହନାଙ୍କ ପରିବାର ଅଭିଯୋଗ କରିଛି। ଶାହନାଙ୍କ ବାପା ଯିଏକି ମଧ୍ୟପ୍ରାଚ୍ୟରେ ରହି କାମ କରୁଥିଲେ, ନିକଟରେ ତାଙ୍କର ପରଲୋକ ହୋଇଥିଲା। ତେଣୁ ଯୌତୁକ ଦାବି ପୂରଣ କରିବା ପରିବାରର କ୍ଷମତା ବାହାରେ ଥିଲା। ଫଳରେ ମେଡିକାଲ କଲେଜ ପିଜି ଡାକ୍ତର ଆସୋସିଏଶନର ପ୍ରତିନିଧିତ୍ୱ କରୁଥିବା ବୟଫ୍ରେଣ୍ଡ ଡ. ରୁୱିସେ ଶାହନାଙ୍କ ସହ ସମ୍ପର୍କ ଛିନ୍ନ କରିଥିଲେ। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ରୁୱିସେଙ୍କୁ ଗିରଫ କରି ତଦନ୍ତ ଚଳାଇଛି।



ଶାହନା

## ନାଗରିକତ୍ୱ ଆଇନ ଧାରା ୬ଏ କେବଳ ଆସାମ ପାଇଁ କାହିଁକି

### ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

ନୂଆଦିଲ୍ଲୀ,୭।୧୨

ନାଗରିକତ୍ୱ ଆଇନର ଧାରା ୬ଏ କେବଳ ଆସାମ ପାଇଁ କାହିଁକି ବୋଲି ସୁପ୍ରିମକୋର୍ଟ ଗୁରୁବାର କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ବାଂଲାଦେଶ ସହ ପଶ୍ଚିମବଙ୍ଗର ଅଧିକ ସୀମା ସଂଲଗ୍ନ ଥିବାବେଳେ ଉକ୍ତ ରାଜ୍ୟକୁ ବାଦ୍ ଦେଇ କେବଳ ଆସାମକୁ ବଛାଯିବାର କାରଣ ଅଦାଲତ ପଚାରିଛନ୍ତି। ନାଗରିକତ୍ୱ ଆଇନର ଧାରା ୬ଏ' ଆସାମର ବେଆଇନ ପ୍ରବାସୀଙ୍କ ପାଇଁ ଉଦ୍ଦିଷ୍ଟ। ବେଆଇନ ଆପ୍ରବାସ ଏକ ଗମ୍ଭୀର ସମସ୍ୟା ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଟିପ୍ପଣୀ ଦେଇଛନ୍ତି। ସୀମାର ସୁରକ୍ଷା ପାଇଁ କେନ୍ଦ୍ର ସରକାର କ'ଣ କରୁଛନ୍ତି ବୋଲି ସାମ୍ବିଧାନିକ ପୀଠ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ପ୍ରଶ୍ନ କରିଥିଲେ। ସାମ୍ବିଧାନିକ ପୀଠରେ ଅନ୍ୟମାନଙ୍କ ମଧ୍ୟରେ ଜଷ୍ଟିସ୍ ସୂର୍ଯ୍ୟ କାନ୍ତ, ଏମ୍.ଏମ୍. ସୁନ୍ଦ୍ରେଶ, ଜେ.ପି. ପର୍ଡିୱାଲା ଏବଂ ମନୋଜ ମିଶ୍ରା ରହିଛନ୍ତି। ଶୁଣାଣି ଆରମ୍ଭରେ କେନ୍ଦ୍ର ସ୍ପଷ୍ଟୀକରଣ ଦେଇଥିଲା ଯେ, ନାଗରିକତ୍ୱ ଆଇନ ଧାରା ୬ଏ'ର ସାମ୍ବିଧାନିକ ବୈଧତାର ଯାଞ୍ଚରେ ଉକ୍ତ ଆଇନର ଅନ୍ୟ ସଂଶୋଧନ ସହ କିଛି କରିବାର ନାହିଁ। ଧାରା ୬ଏ'ର କାର୍ଯ୍ୟକାରିତା କେବଳ ନିର୍ଦ୍ଦିଷ୍ଟ ସମୟ ପାଇଁ ସୀମିତ ବୋଲି ମେହେଟ୍ଟା କହିଥିଲେ। ଜଣେ ବ୍ୟକ୍ତିଙ୍କ ଜେଜେମାଆବାପାଙ୍କ ମଧ୍ୟରୁ କେହି ଅବିଭାଜିତ ଭାରତରେ ଜନ୍ମ ହୋଇଥିଲେ, ସମ୍ପୃକ୍ତ ବ୍ୟକ୍ତିଙ୍କୁ ନାଗରିକ ବିବେଚନା କରାଯିବ। ଏହି ବର୍ଗ ଅତ୍ୟନ୍ତ ସୀମିତ ଏବଂ କେବଳ ଆସାମର ଏକ ସୀମିତ ଭୌଗୋଳିକ ଅଞ୍ଚଳ ପାଇଁ ଲାଗୁ ହେଉଛି। ଏହି ବର୍ଗର ଲୋକେ କେବଳ ବାଂଲାଦେଶର ସୀମିତ ଅଞ୍ଚଳରୁ ଅନୁମତି ପାଇଥାନ୍ତି ବୋଲି ମେହେଟ୍ଟା କହିଥିଲେ। ଏକ ସୀମିତ ଅଞ୍ଚଳରୁ ଭାରତକୁ ଆସି ନାଗରିକତ୍ୱ ପାଇ ନ ଥିବା ଲୋକଙ୍କର କ'ଣ ହେବ ବୋଲି ସିଜେଆଇ ପ୍ରଶ୍ନ କରିଥିଲେ। ୧୯୬୬ ଜାନୁୟାରୀ ୧ରୁ ୧୯୭୧ ମାର୍ଚ୍ଚ ୨୫ ମଧ୍ୟରେ ଆସାମରେ କେତେଜଣ ବାଂଲାଦେଶୀଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଯାଇଛି, ତା'ର ସବିଶେଷ ତଥ୍ୟ ଦେବାକୁ ସୁପ୍ରିମକୋର୍ଟ କେନ୍ଦ୍ର ଏବଂ ଆସାମ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



# ଡ. ଇନ୍ଦ୍ରମଣି ଜେନାଙ୍କୁ କବି ପ୍ରସାଦ ସ୍ମୃତି ସମ୍ମାନ

## 'ଶ୍ରୀମନ୍ଦିର ପ୍ରଶାସକଙ୍କ ଅନୁଭୂତିରେ ଶ୍ରୀଜଗନ୍ନାଥ' ଶୀର୍ଷକ ଆଲୋଚନାଚକ୍ର

ଭୁବନେଶ୍ୱର,୭।୧୨(ଶର୍ମିଷ୍ଠା ପାଣିଗ୍ରାହୀ)

ରାଜ୍ୟସ୍ତରୀୟ ପୁସ୍ତକମେଳା ଅକ୍ଷରରେ ଏକାମ୍ର ପୁସ୍ତକ ମହୋତ୍ସବ ଦ୍ୱାରା ଗୁରୁବାର 'ଶ୍ରୀମନ୍ଦିର ପ୍ରଶାସକଙ୍କ ଅନୁଭୂତିରେ ଶ୍ରୀଜଗନ୍ନାଥ' ଶୀର୍ଷକରେ ଆଲୋଚନା ହୋଇଥିଲା। ଡ. ଅଭୟ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସନ୍ଧ୍ୟାରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ଶ୍ରୀଜଗନ୍ନାଥ ହେଉଛନ୍ତି ଭାବର ଠାକୁର। ବାରମାସରେ ତେର ପର୍ବ ପାଳିତ ହେଉଥିବାରୁ ବର୍ଷତମାମ ଭିଡ଼ ଲାଗିରହୁଛି। ଶ୍ରୀମନ୍ଦିର ପ୍ରକଳ୍ପ କାର୍ଯ୍ୟକ୍ରମ ଶେଷ ହେଲେ ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିର ଏକ ନୂତନ ରୂପରେଖ ନେବ। ତାଙ୍କ ମୁଖ୍ୟ ପ୍ରଶାସକ ଭାବେ ଶ୍ରୀଜଗନ୍ନାଥ ମନ୍ଦିରର ପ୍ରଥମ ଦର୍ଶନର ଅନୁଭୂତି ତାଙ୍କ ଜୀବନରେ ଅଭୁଲା ହୋଇ ରହିବ ବୋଲି ସ୍ୱୀକାର କରିଥିଲେ। ସମ୍ମାନିତ ଅତିଥି ଶ୍ରୀମନ୍ଦିରର ପୂର୍ବତନ ପ୍ରଶାସକ ମହୀମୋହନ ତ୍ରିପାଠୀ କହିଥିଲେ, ଶ୍ରୀକ୍ଷେତ୍ର ଭଳି ପ୍ରାଚୀନ କ୍ଷେତ୍ରକୁ ଆକର୍ଷିତ ହୋଇ କେତେ ଯେ ସାଧୁସନ୍ଥ ଓ ସନ୍ନ୍ୟାସୀ ଆସିଛନ୍ତି ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ସର୍ବଧର୍ମର ଠାକୁର ଶ୍ରୀଜଗନ୍ନାଥଙ୍କ ସେବା ସମୟରେ ଓ ନବକଳେବରର ସମୟରେ କିପରି ବହୁ ଅନୁଭୂତି ପ୍ରାପ୍ତ ହୋଇଥିଲେ ତାହା ବର୍ଣ୍ଣନା କରି ଶ୍ରୋତାଗଣଙ୍କୁ ମୁଗ୍ଧ କରିଦେଇଥିଲେ। ମୁଖ୍ୟ ଅତିଥି ଫିଲ୍ମ ନିର୍ମାତା ସବ୍ୟସାଚୀ ମହାପାତ୍ର କହିଥିଲେ, ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱର ବିଚିତ୍ର ବିସ୍ମୟ ଓ ଅବୋଧ ରହସ୍ୟ । ତାଙ୍କ ଜୀବନରେ ଶ୍ରୀଜଗନ୍ନାଥଙ୍କୁ ନେଇ ଚଳଚ୍ଚିତ୍ର ନିର୍ମାଣର ଅନୁଭୂତି ଓ ୧୫ ଭାଷାରେ ଡବିଂ କରିବାର ଅନୁଭୂତି ସେ ବଖାଣିଥିଲେ। ସଭାରେ ପୀତବାସ ରାଉତରାୟଙ୍କ ଦ୍ୱାରା ସଂକଳିତ ପୁସ୍ତକ 'ଶ୍ରୀମନ୍ଦିର ପ୍ରଶାସକଙ୍କ ଅନୁଭୂତିରେ ଶ୍ରୀଜଗନ୍ନାଥ' ପୁସ୍ତକକୁ ମୁଖ୍ୟ ପ୍ରଶାସକ ଦାସ ଲୋକାର୍ପଣ କରିଥିଲେ। ତା' ପରେ ପରେ ନୂତନ ପ୍ରକାଶନ ସଂସ୍ଥା 'ଅନନ୍ୟ ପ୍ରକାଶନ'ର ଲୋଗୋ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଡ. ଇନ୍ଦ୍ରମଣି ଜେନାଙ୍କୁ କବିପ୍ରସାଦ ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷା, ସଂସ୍କୃତି, ଶିଶୁସାହିତ୍ୟ, କବିତା, ସମାଜସେବା ଆଦି କ୍ଷେତ୍ରରେ ମାୟାଧର ବେହେରା, ଅଲେଖ ନାୟକ, ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ, ଗୋଲାପ ମଞ୍ଜରୀ କର, ପଣ୍ଡିତ ପ୍ରଫୁଲ୍ଲ କୁମାର ଦାଶ, ଭାରତୀ ମହାନ୍ତି, ରାମଚନ୍ଦ୍ର ଦେବ, ଯଶୋବନ୍ତ ସେଠୀ, ସବିତା କୁମାରୀ ମହାନ୍ତି, ନୃସିଂହ ନନ୍ଦ ମହାପାତ୍ର ଓ ପ୍ରଶାନ୍ତ କୁମାର ବିଶାଳ ସମ୍ବର୍ଦ୍ଧିତ ହୋଇଥିଲେ। ଭାସ୍କର ଜେନା ଧନ୍ୟବାଦ ଦେଇଥିଲେ।

# ଉତ୍କଳ ବିଶ୍ୱବିଦ୍ୟାଳୟ ବି.ଏଡ୍ ପରୀକ୍ଷାରେ ଅନିୟମିତତା ଅଭିଯୋଗ

ଭୁବନେଶ୍ୱର, ୭ ।୧୨(ଅସମାପିକା ସାହୁ)



■ ୫ ଦିନରେ ତଦନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

■ ୧୦ ବର୍ଷରୁ ଅଧିକ କାର୍ଯ୍ୟ କରିଥିଲେ ବଦଳି ନିର୍ଦ୍ଦେଶ

ଉତ୍କଳ ବିଶ୍ୱବିଦ୍ୟାଳୟ ବି.ଏଡ୍ ପରୀକ୍ଷାରେ ଅନିୟମିତତା ହେଉଥିବା ନେଇ ଗୁରୁତର ଅଭିଯୋଗ ହୋଇଛି। ଭବାନୀ ଚାଲାନ ନାମକ ଜଣେ ବ୍ୟକ୍ତି ଏନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ ହୋଇଛନ୍ତି। ଗତ ଅକ୍ଟୋବର ୨୪ରେ ସେ କରିଥିବା ଅଭିଯୋଗ ଅନୁଯାୟୀ ୧୯୯୫ରୁ ବିଶ୍ୱବିଦ୍ୟାଳୟରେ ହେଉଥିବା ବି.ଏଡ୍ ପରୀକ୍ଷାରେ ବହୁ ସଂଖ୍ୟାରେ ପ୍ରାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ପରୀକ୍ଷାର୍ଥୀଙ୍କ ନମ୍ବର ବୃଦ୍ଧି କରିବାକୁ କର୍ମଚାରୀମାନେ ଟାବୁଲେଶନ ରେଜିଷ୍ଟରକୁ ଏପଟ ସେପଟ କରୁଛନ୍ତି। ଏଥିପାଇଁ ସେମାନେ ବହୁ ପରିମାଣରେ ଲାଞ୍ଚ ନେଉଛନ୍ତି। ଏପରିକି ଏହି ଅନିୟମିତତା କାରଣରୁ ଏଠାରୁ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ର ଚାକିରି ପାଇବା ପରେ ନିଯୁକ୍ତି ସଂସ୍ଥାର ଯାଞ୍ଚ ସମୟରେ ସେମାନଙ୍କ ନାମ ନ ଥିବାରୁ ଅସୁବିଧା ଭୋଗୁଛନ୍ତି। ଏପରିକି ୧୫ ବର୍ଷରୁ ଅଧିକ ସମୟ ଧରି ଏହି କର୍ମଚାରୀମାନେ ଏଠାରେ ଥିବାରୁ ଏପରି ଅସଙ୍ଗତି କରୁଥିବା ଚାଲାନ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏହି ଅଭିଯୋଗକୁ ଭିତ୍ତିକରି ଉଚ୍ଚ ଶିକ୍ଷା ବିଭାଗ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛି। ଏ ନେଇ ବିଭାଗ ପକ୍ଷରୁ ଗୁରୁବାର ବିଶ୍ୱବିଦ୍ୟାଳୟ କୁଳସଚିବଙ୍କୁ ଚିଠି ଲେଖାଯାଇ ୫ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦେବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏହାସହ ୧୦ ବର୍ଷରୁ ଅଧିକ ସମୟ ଧରି ଏଠାରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନି।

# ବେନାମି ବ୍ୟାଙ୍କ ଆକାଉଣ୍ଟ ର୍‍ୟାକେଟ୍‌ର ଆଉଜଣେ ଗିରଫ

ଭୁବନେଶ୍ୱର,୭।୧୦(ସତ୍ୟଜିତ୍ ରାଉତ)

**ପଶ୍ଚିମବଙ୍ଗରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣିଲା ଏସ୍‌ଟିଏଫ୍**


ସମିମ୍ ଇସ୍‌ଲାମ୍

ନିରୀହ ଗାଁ ଲୋକଙ୍କୁ ଫସାଇ ସେମାନଙ୍କ ନାଁରେ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ପରେ ଏହାକୁ ସାଇବର ଅପରାଧୀଙ୍କୁ ବିକ୍ରି କରିବା ମାମଲାରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଅଧିକ ତଦନ୍ତ ଜାରି ରଖିଛି। ଏପରିସ୍ଥିତିରେ ଏସ୍‌ଟିଏଫ୍ ଏହି ବେନାମି ବ୍ୟାଙ୍କ ଆକାଉଣ୍ଟ ର୍‍ୟାକେଟରେ ସମ୍ପୃକ୍ତ ଆଉଜଣଙ୍କୁ ପଶ୍ଚିମବଙ୍ଗ ମର୍ଷିଦାବାଦ୍‌ରୁ ଧରିଛି। ସେ ହେଲେ ମୁର୍ଷିଦାବାଦ୍ ଜିଲା ଗୁଡ଼ିଆ ଅଞ୍ଚଳର ସମିମ୍ ଇସ୍‌ଲାମ୍। ଅଭିଯୁକ୍ତ ସମିମ୍‌ଙ୍କୁ ସୋମବାର ଏସ୍‌ଟିଏଫ୍ ଗିରଫ କରିବା ପରେ ମୁର୍ଷିଦାବାଦ୍ ଲାଲବାଗ୍ ଆଡିଶନାଲ୍ ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ହାଜର କରିଥିଲା। ତେବେ ସେଠାରୁ ସମିମ୍‌ଙ୍କୁ ୩ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣି ଏସ୍‌ଟିଏଫ୍ ଟିମ୍ ତାଙ୍କୁ ଗୁରୁବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ସମିମଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଗତ ଅକ୍ଟୋବର ତୃତୀୟ ସପ୍ତାହରେ ଏସ୍‌ଟିଏଫ୍ ପଶ୍ଚିମବଙ୍ଗ ପଶ୍ଚିମ ମେଦିନାପୁର ଜିଲା ମୋହନପୁର ଥାନା ରାମପୁରା ଅଞ୍ଚଳର ଏସ୍.କେ. ଜମିରଉଦ୍ଦିନ୍, ବାଲେଶ୍ୱର ଜିଲା ରାଇବଣିଆ ଥାନା ଅନ୍ତର୍ଗତ ବରହମ୍‌ପୁର ଅଞ୍ଚଳର ଏସ୍.କେ. ଜାହାଙ୍ଗିର୍ ଓ ଏସ୍.କେ. ହାପିଜୁଲ୍‌ଙ୍କୁ ଗିରଫ କରି ଜେଲ ପଠାଇଛି। ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମଙ୍ଗର ତ୍ରିକୋଣୀୟ ଅଞ୍ଚଳରେ ଏହି ର୍‍ୟାକେଟ୍ ସକ୍ରିୟ ରହିଥିଲା। ର୍‍ୟାକେଟର ସଦସ୍ୟମାନେ ବିଶେଷକରି ବାଲେଶ୍ୱର, ମୟୂରଭଞ୍ଜ, ପୂର୍ବ ମେଦିନାପୁର, ପଶ୍ଚିମ ମେଦିନାପୁର, ପୂର୍ବ ସିଂହଭୂମି, ପଶ୍ଚିମ ସିଂହଭୂମି ଓ ସରାଇକେଲା ଜିଲାରେ ଏପରି ବେଆଇନ କାରବାର ଚଳାଇଥିଲେ। ଲୋକଙ୍କୁ ମାସକୁ ୧୫ ହଜାର ଟଙ୍କା ଦରମାରେ ନିଯୁକ୍ତି ଦେଇ ସେମାନଙ୍କ ଦ୍ୱାରା ଗ୍ରାମୀଣ ଅଞ୍ଚଳକୁ ଯାଇ ଲୋକଙ୍କୁ ବ୍ୟାଙ୍କ୍ ଆକାଉଣ୍ଟ ଖୋଲିବାକୁ ପ୍ରବର୍ତ୍ତାଉଥିଲେ। ପ୍ରତି ଲୋକଙ୍କୁ ଆକାଉଣ୍ଟ ପିଛା ୨ ହଜାର ଟଙ୍କା ଦିଆଯାଉଥିଲା। ବ୍ୟାଙ୍କ ଆକାଉଣ୍ଟରେ ଗ୍ୟାଙ୍ଗର ସଦସ୍ୟମାନେ ଦେଉଥିବା ମୋବାଇଲ୍ ନମ୍ବର ହିଁ ଲିଙ୍କ୍ କରାଯାଉଥିଲା। ଏସବୁ ବ୍ୟାଙ୍କ୍ ଆକାଉଣ୍ଟ ଓ ଲିଙ୍କ୍ ଥିବା ମୋବାଇଲ ନମ୍ବରକୁ ଏହି ର୍‍ୟାକେଟ୍ ବିଭିନ୍ନ ସାଇବର ଠକମାନଙ୍କୁ ବିକ୍ରି କରୁଥିଲେ।

# ଫାଇନାଲରେ ଜଗା ୟୁନାଇଟେଡ୍


ବିଧାୟକ ସୁଶାନ୍ତ କୁମାର ରାଉତ ଖେଳାଳିଙ୍କୁ ଉତ୍ସାହିତ କରୁଛନ୍ତି।

ବାରଙ୍ଗ,୭।୧୨(ଲିଙ୍ଗରାଜ ରାଉତ)

**ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ**

କଲ୍ୟାଣପୁର ଗ୍ରାମ ପଞ୍ଚାୟତର ଗଣ୍ଡରପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍‌ରେ ଚାଲୁଥିବା ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ୪ର୍ଥ ଦିନରେ ପହଞ୍ଚିଛି। ୪ର୍ଥ ଦିନରେ ମୋଟ ୬ଟି ମ୍ୟାଚ ଖେଳାଯାଇଥିଲା। ଗ୍ରାମାଞ୍ଚଳ ବିଭାଗର ପ୍ରଥମ ମ୍ୟାଚରେ ଟାଇ ବ୍ରେକର ଜରିଆରେ ନିଷ୍ପତ୍ତି ହୋଇଥିଲା। ଏଥିରେ ନରଣପୁର ଦଳ ୫-୪ ଗୋଲରେ ବିଜୟୀ ହୋଇ କ୍ୱାର୍ଟରରେ ପ୍ରବେଶ କରିଥିଲା। ସେହିଭଳି ଦ୍ୱିତୀୟ ମ୍ୟାଚରେ ଜୟପୁର ଦଳ ୪-୩ ଟାଇ ବ୍ରେକରରେ ଉଷୁମାକୁ ପରାସ୍ତ କରି କ୍ୱାର୍ଟରରେ ପ୍ରବେଶ କରିଥିଲା। ତୃତୀୟ ମ୍ୟାଚରେ ସ୍ୱର୍ଣ୍ଣଦେବୀ କ୍ଲବ, ବଉଳକୁଦ ୩-୦ ଗୋଲରେ ସାଇଁସକୁ ପରାସ୍ତ କରି କ୍ୱାର୍ଟରରେ ପ୍ରବେଶ କରିଥିଲା। ଦଳ ପକ୍ଷରୁ ଦୀନବନ୍ଧୁ ଦାସ ୩ଟିଯାକ ଗୋଲ କରିଥିଲେ। ସେ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଚତୁର୍ଥ ମ୍ୟାଚରେ ବଜରଙ୍ଗବାଲି କ୍ଲବ ଘାଟିକିଆ ଦଳ ୫-୪ ଗୋଲରେ ଜଗତ୍‌ସିଂହପୁର ମଇନ୍ଦପୁର କ୍ଲବକୁ ହରାଇ କ୍ୱାର୍ଟରରେ ପ୍ରବେଶ କରିଥିଲା। ସେହିପରି ସହରାଞ୍ଚଳର ପ୍ରଥମ ସେମିଫାଇନାଲ ଜଗା ୟୁନାଇଟେଡ୍ ଓ ସଂଘର୍ଷ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଗା ୟୁନାଇଟେଡ୍ ପକ୍ଷରୁ ୧୬ ନମ୍ବର ନିଜେରିଆନ ଖେଳାଳି ୩୧ତମ ମିନିଟ୍‌ରେ ଏକ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିବାବେଳେ ଖେଳର ଦ୍ୱିତୀୟାର୍ଦ୍ଧରେ ସଂଘର୍ଷ ସ୍ପୋର୍ଟିଂ ପକ୍ଷରୁ ୯ ନମ୍ବର ଜର୍ସିରେ କ୍ରିସ୍ ୬୧ତମ ମିନିଟ୍‌ରେ ଏହାକୁ ପରିଶୋଧ କରିଥିଲେ। ଫଳରେ ଏହି ମ୍ୟାଚ୍‌କୁ ଟାଇ ବ୍ରେକର ପଦ୍ଧତିରେ ନିଷ୍ପତ୍ତି କରାଯାଇଥିଲା। ଏଥିରେ ୫-୪ ଗୋଲରେ ଜଗା ୟୁନାଇଟେଡ୍ ସଂଘର୍ଷ କ୍ଲବକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ମ୍ୟାଚର ପ୍ରଥମାର୍ଦ୍ଧ ଖେଳକୁ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଓ ଦ୍ୱିତୀୟାର୍ଦ୍ଧ ଖେଳକୁ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଉଦ୍‌ଘାଟନ କରିଥିଲେ। ଶୁକ୍ରବାରର ପ୍ରଥମ ମ୍ୟାଚ ତିନିଘରିଆ ସହିତ ନରଣପୁର, ଗୋଠପୁର ସହିତ ଜୟପୁର, ସହରାଞ୍ଚଳର ବରଗଡ଼ ୟୁନାଇଟେଡ୍ ସହିତ ତାମିଲନାଡୁ ପୋଲିସ ମଧ୍ୟରେ ମୁକାବିଲା ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ କୁହାଯାଇଛି।

# ଶ୍ରୀମନ୍ଦିର ଐଶାନ୍ୟ କୋଣରେ ହେବ ଯଜ୍ଞ

ପୁରୀ, ୭।୧୨(ଅଜିତ୍ ମହାନ୍ତି)

ଆସନ୍ତା ଜାନୁୟାରୀ ୧୭ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ପ୍ରଶାସନ ପକ୍ଷରୁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋକାର୍ପଣ ଉତ୍ସବରେ କେଉଁ ଅତିଥିମାନେ ଆସିବେ, କେଉଁଠାରେ ବସିବେ, କିପରି ଆଧ୍ୟାତ୍ମିକ ପରିବେଶରେ ପୂଜାବିଧି ଅନୁଷ୍ଠିତ ହେବ ଏବଂ ଉତ୍ସବକୁ ଆକର୍ଷଣୀୟ କରାଯିବ ସେନେଇ ଆଲୋଚନା ହୋଇଛି। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା, ପୋଲିସ ଅଧିକାରୀ, ଟାଟା ଏବଂ ଓବିସିସିର ଅଧିକାରୀ, ଆଚାର୍ଯ୍ୟ ଓ ବ୍ରାହ୍ମଣମାନେ ଉପସ୍ଥିତ ଥିଲେ। ପରେ ପ୍ରତିନିଧି ମଣ୍ଡଳୀ ଶ୍ରୀମନ୍ଦିର ଐଶାନ୍ୟ କୋଣକୁ ଯାଇ ଯଜ୍ଞସ୍ଥଳ ଓ ଚାରିଦ୍ୱାରରେ ବେଦପାଠ କାର୍ଯ୍ୟକ୍ରମ ପାଇଁ ସ୍ଥାନ ଚିହ୍ନଟ କରିଥିଲେ। ଜାନୁୟାରୀ ୧୨ରୁ ପୂଜାବିଧି ଆରମ୍ଭ ହେବ। ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ଅଙ୍କୁରାରୋପଣ ପୂଜା, ୧୫ରୁ ୧୭ ତାରିଖଯାଏ ମହାଯଜ୍ଞ ଅନୁଷ୍ଠିତ ହେବ। ୧୭ରେ ଗଜପତି ମହାରାଜା ପୂର୍ଣ୍ଣାହୂତି ଦେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରିକ୍ରମା ପ୍ରକଳ୍ପକୁ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି।

# ବନମାଳିପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ବାଲିପାଟଣା,୭।୧୨(ଅଭିମନ୍ୟୁ ନାୟକ)

ବନମାଳିପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଅଧ୍ୟକ୍ଷ କଲ୍ୟାଣ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏଥିରେ ଅତିଥିଭାବେ ଜିଲା ପରିଷଦ ସଭ୍ୟ ପବିତ୍ର ମୋହନ ପଟେଲ, ସମିତି ସଭ୍ୟ ସନାତନ ବୈଶାଖ, ଅବସରପ୍ରାପ୍ତ ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ, ଯୁବନେତା କଳିଙ୍ଗ କେଶରୀ ପାତ୍ର ପ୍ରମୁଖ ଯୋଗଦେଇ ସରକାରଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରିବା ସହିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ପ୍ରତିଭା ବିକାଶରେ ଏହା ସହାୟକ ହେବ ବୋଲି କହିଛନ୍ତି। ପ୍ରାରମ୍ଭରେ ଅଧ୍ୟାପକ ରଞ୍ଜନ ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରଥମ ଦିବସରେ ଏକକ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟର ଅଧ୍ୟାପକ ଅଜିତ ମହାନ୍ତି, ବିଶ୍ୱରଞ୍ଜନ ଦାସ, ରଶ୍ମିରଞ୍ଜନ ବାରିକ, ରଶ୍ମି ରେଖା ରଥ, ବାମଦେବ ସାହୁ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟରେ 'ପ୍ରକଳ୍ପ' ପ୍ରତିଯୋଗିତା

ବାଲିଅନ୍ତା,୭।୧୨(ନୀଳମାଧବ ସାହୁ)



ଅତିଥିମାନେ ବିଜେତାଙ୍କୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରୁଛନ୍ତି।

ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଏକ ରାଜ୍ୟସ୍ତରୀୟ ସମର ଇଣ୍ଟର୍ନଶିପ ପ୍ରୋଗ୍ରାମ ପ୍ରତିଯୋଗିତା 'ପ୍ରକଳ୍ପ -୨୦୨୩' ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ରାଜ୍ୟ ଓ ରାଜ୍ୟ ବାହାରୁ ୬୦ରୁ ଉର୍ଦ୍ଧ୍ୱ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଯୋଗଦେଇଥିଲେ। ଛାତ୍ରୀଛାତ୍ର ତାଙ୍କର ବିଷୟବସ୍ତୁ ସନ୍ଦର୍ଭ ଜୁରୀ ମେମ୍ବର କ୍ୟାପଟେନ କେଏସ୍‌ଭି ସୁବ୍ରମନିୟନ (ଭେଟେରାନ), ସଞ୍ଜୟ ଆଦଲାଖା (ଏଫ୍‌ସିଏ) ଓ ପ୍ରଫେସର ଡ. ଶର୍ମିଳା ସୁବ୍ରମନିୟନ ଉପସ୍ଥାପନ କରିଥିଲେ। ଏଥିରେ ପ୍ରଫେସର ଡ. ଆର୍‌କେଏସ୍ ମଙ୍ଗେସ ଦାଶ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଶ୍ରୀ ପଞ୍ଚମୁଖୀ ଏଜୁକେଶନାଲ ଟ୍ରଷ୍ଟର ଚେୟାରମ୍ୟାନ ରୋଟାରିୟାନ ବିଜୟ ପାତ୍ର ଓ ସମ୍ପାଦକ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବଙ୍କିମ ମହାନ୍ତି ଓ ଅନ୍ୟ ଟ୍ରଷ୍ଟିମାନେ ପ୍ରତିଯୋଗିତାରେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆମିଟି ବିଶ୍ୱବିଦ୍ୟାଳୟର ଉଦିତାଂଶୁ ପରିଡ଼ା ବିଜେତା ଓ ଆଇଆଇଟିଏମର ଛାତ୍ରୀ ସାଇପ୍ରୀତି ଦାସ ଉପ -ବିଜେତା ରୂପେ ଘୋଷିତ ହୋଇ ଯଥାକ୍ରମେ ନଗଦ ୧୦ହଜାର ଓ ୫ହଜାର ଟଙ୍କା ସହ ଟ୍ରଫି, ମାନପତ୍ର ପୁରସ୍କାର ପାଇଥିଲେ। ମଧ୍ୟପ୍ରଦେଶର ଇନ୍ଦିରା ଗାନ୍ଧୀ ନ୍ୟାଶନାଲ ଟ୍ରାଇବାଲ ୟୁନିଭର୍ସିଟି ଛାତ୍ରୀ ମୃଦୁଳାଇଙ୍କୁ ସାନ୍ତ୍ୱନାମୂଳକ ଭାବେ ୨୫୦୦ଟଙ୍କା ସହ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଡ. ଅଶୋକ ପଣ୍ଡା ପ୍ରଫେସର ପ୍ରାରମ୍ଭିକ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଫେସର ମନୋରଞ୍ଜନ ନାୟକ ସଂଯୋଜନା କରିଥିଲେ। ପ୍ରଫେସର ଜୀନାଶିଷ ମହାନ୍ତି, ପ୍ରଫେସର ସତ୍ୟନାଥ ମହାପାତ୍ର ଓ ପ୍ରଫେସର ଅଭୀପ୍ସା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ. ସ୍ଥିତପ୍ରଜ୍ଞା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ବସ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁକୁ ନେଇ ରାସ୍ତାରୋକୋ

ପିପିଲି,୭।୧୨(ଦୁର୍ଗାମାଧବ ମିଶ୍ର/ପ୍ରଭାତ ମହାପାତ୍ର)

ପୁରୀ- ଭୁବନେଶ୍ୱର ୩୧୬ ନଂ ଜାତୀୟ ରାଜପଥ ମଙ୍ଗଳପୁର ବଜାର ଉପରେ ବସ୍ ଧକ୍କାରେ ଗୁରୁବାର ଜଣଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପିପିଲି ଥାନା ଅଧୀନ ମାଳିକପାଳି ଗ୍ରାମର ଫଗୁନାଥ ବେହେରା (୬୫)। ପ୍ରକାଶ ଯେ, ପ୍ରାତଃ ସମୟରେ ଫଗୁନାଥ ଚା' ପିଇବାକୁ ମଙ୍ଗଳପୁର ବଜାରକୁ ଯାଇଥିଲେ। ସେଠାରୁ ଫେରିବା ସମୟରେ ପଦ୍ମାବତୀ ନାମକ ଏକ ପାସେଞ୍ଜର ବସ୍ ଭୁବନେଶ୍ୱରରୁ ପୁରୀ ଯାଉଥିବାବେଳେ ନିୟନ୍ତ୍ରଣ ହରାଇ ବୃଦ୍ଧଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବେହେରାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। କିଛି ସମୟ ପାଇଁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ। ପିପିଲି ଥାନା ଆଇଆଇସି ଦୀପକ ଖଣ୍ଡାୟତ ରାୟ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବାରୁ ରାସ୍ତା ଅବରୋଧ ହଟିଥିଲା। ତେବେ ଘଟଣାସ୍ଥଳରୁ ଫେରାର ବସ୍ ସାତଶଙ୍ଖ ପାଣ୍ଡିରେ ଆତ୍ମସମର୍ପଣ କରିଥିଲା। ବସ୍‌କୁ ପୋଲିସ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ମେଲାଣି ନେଲେ ପ୍ରଭୁ କାର୍ତ୍ତିକେଶ୍ୱର

ବାରଙ୍ଗ, ୭।୧୨ (ଲିଙ୍ଗରାଜ ରାଉତ)

**ଘଣ୍ଟଘଣ୍ଟା, ସାଂସ୍କୃତିକ ବାଦ୍ୟରେ ଦୁଲୁକିଲା ଅଞ୍ଚଳ**



ବାରଙ୍ଗ ଗଣପର୍ବ ପ୍ରଭୁ କାର୍ତ୍ତିକେଶ୍ୱରଙ୍କ ଭସାଣି ଉତ୍ସବ ବୁଧବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଭସାଣି ଉତ୍ସବକୁ ଆକର୍ଷଣୀୟ କରିବାକୁ ପ୍ରାୟ ସବୁ ପୂଜା କମିଟି ପକ୍ଷରୁ ଜୋରଦାର ଉଦ୍ୟମ କରାଯାଇଥିବାର ଦେଖିବାକୁ ମିଳିଛି। ପାରମ୍ପରିକ ବାଦ୍ୟ, ଆକର୍ଷଣୀୟ ଲାଇଟ ଗେଟ୍, ସିଂହ ଗର୍ଜନ, କଳାକାରଙ୍କ ଦ୍ୱାରା ବିଭିନ୍ନ ଦେବଦେବୀ ନାଚ, ଘୋଡ଼ା ନାଚ, କଣ୍ଢେଇ ନାଚ, ଘଣ୍ଟ, ପଞ୍ଜାବୀ ବାଜା, ଶିଙ୍ଘ, ଶଙ୍ଖ, ହଳିଦି କାଠ, ଆଦିବାସୀ ନାଚ ସମେତ ବହୁ ପାରମ୍ପରିକ ଓ ଆଧୁନିକ ବାଦ୍ୟକୁ ଏଥର ଶୋଭାଯାତ୍ରାରେ ଦେଖିବାକୁ ମିଳିଥିଲା। ଏଥିସହ ଗୀତର ତାଳେ ତାଳେ ଯୁବକଙ୍କ ନୃତ୍ୟ ଦେଖଣାହାରିଙ୍କୁ ବେଶ ମୋହିତ କରିଥିଲା। ଝିପିଝିପି ବର୍ଷା ମଝିରେ ମଝିରେ ଲାଗି ରହିଥିଲେ ମଧ୍ୟ ଭସାଣି ଦେଖିବାକୁ ସନ୍ଧ୍ୟା ପରଠାରୁ ବାରଙ୍ଗ ମୁଖ୍ୟରାସ୍ତା କଡ଼ରେ ନାହିଁ ନ ଥିବା ଭିଡ଼ ଲାଗି ରହିଥିଲା। ଶୋଭଯାତ୍ରାରେ ୨୫ଟି ମେଢ ସାମିଲ ହୋଇଥିଲା। ସମସ୍ତ ମେଢ଼ ବାରଙ୍ଗ ଥାନାଠାରୁ ଭୋଗହାଣ୍ଡି ନେଇ ଶାନ୍ତି କମିଟିର ଅଭ୍ୟର୍ଥନା କକ୍ଷରେ ସଭାପତି ପ୍ରତାପଚନ୍ଦ୍ର ପାଣି, ସମ୍ପାଦକ ସୁରେଶ ମହାନ୍ତି, ବିଜୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଦେବା ପରେ ସବୁ ମେଢକୁ ବ୍ଲକ ପାଖ ପୁରୀ ମୁଖ୍ୟ କେନାଲରେ ହୋଇଥିବା କୃତ୍ରିମ ପୋଖରୀରେ ବିସର୍ଜନ କରାଯାଇଥିଲା। ବାରଙ୍ଗ ଥାନା ଅଧିକାରୀ ଆକାଶଚନ୍ଦ୍ର ରଣାଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳାର ସହ ଭସାଣି ଉତ୍ସବ ସମ୍ପର୍ଣ୍ଣ ହୋଇଥିଲା।


ଏକାଗ୍ରତା ଡ୍ୟାନ୍ସ ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଗୁରୁବାର ଅନୁଷ୍ଠିତ ପ୍ରଥମ ଏକାଗ୍ରତା ଡ୍ୟାନ୍ସ ଓ ମ୍ୟୁଜିକ୍ ଫେଷ୍ଟିଭାଲରେ ଅତିଥିମାନେ ସମ୍ମାନିତ କରୁଛନ୍ତି। (ଫଟୋ: ମନୋରଞ୍ଜନ ମିଶ୍ର)

# ରାସ୍ତା ସଙ୍କୁଚିତ, ଯାତାୟାତରେ ସମସ୍ୟା ଆଶଙ୍କା

ପୁରୀ, ୭।୧୨(ଅଜିତ୍ ମହାନ୍ତି)

**ଏସି ଟନେଲ ନିର୍ମାଣ ପ୍ରସଙ୍ଗ**

ଭକ୍ତଙ୍କ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ବଡ଼ଦାଣ୍ଡରେ ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରଣ ବ୍ୟାରିକେଡ ବା ଏସି ଟନେଲ ନିର୍ମାଣ କରାଯିବ। ଏଥିଲାଗି ଶ୍ରୀମନ୍ଦିର କାର୍ଯ୍ୟାଳୟ ଠାରୁ ମରିଚିକୋଟ ଛକ ପର୍ଯ୍ୟନ୍ତ ବଡ଼ଦାଣ୍ଡ ଉଭୟ ପାର୍ଶ୍ୱରୁ ଉଠାଦୋକାନୀମାନଙ୍କୁ ହଟାଯିବା ପରେ ପ୍ରଶାସନ ପକ୍ଷରୁ ମାପଚୁପ କରାଯାଇଥିଲା। ପରେ ବାଉଁଶରେ ବ୍ୟାରିକେଡ ନିର୍ମାଣ ଆରମ୍ଭ ହୋଇଛି। ଅପରପକ୍ଷରେ ବିସ୍ଥାପିତ ହୋଇଥିବା ଦୋକାନୀମାନେ ସେମାନଙ୍କୁ ପ୍ରଥମେ ଥଇଥାନ କରିବା ପାଇଁ ଦାବି କରିଛନ୍ତି। ସେହିପରି ଟନେଲ ନିର୍ମାଣ ପୂର୍ବରୁ ସମ୍ପୃକ୍ତ ସ୍ଥାନରେ ବାଉଁଶ ଘେରା ଦିଆଯାଇଥିବାରୁ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନର ପ୍ରସ୍ଥାନ ବ୍ୟବସ୍ଥା ସଙ୍କୁଚିତ ହେବା ସହ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଏନେଇ ଦଇତାପତି ସେବକ ବିନାୟକ ଦାସ ମହାପାତ୍ର କହିଛନ୍ତି, ଭକ୍ତଙ୍କ ପାଇଁ ବ୍ୟବସ୍ଥା କରାଯାଉ, ମାତ୍ର ସମସ୍ତ ଦିଗକୁ ଧ୍ୟାନ ଦିଆଯାଉ। କାରଣ ବର୍ତ୍ତମାନ ଯେଉଁ ନିର୍ମାଣ ଚାଲିଛି ତାହାଫଳରେ ରାସ୍ତା ସଙ୍କୁଚିତ ହେବ। ଯିବା ଆସିବାରେ ସମସ୍ୟା ପରିଲକ୍ଷିତ ହେବ। ସେହିପରି ଦୋକାନୀ ଲୋକନାଥ ବେହେରା କହିଛନ୍ତି, ପ୍ରଶାସନ ଉଠାଦୋକାନକୁ ହଟାଇବା ଭାରି ଦୁଃଖ ଲାଗୁଛି। ୩୦ରୁ ୪୦ ବର୍ଷ ହେବ ବଡ଼ଦାଣ୍ଡରେ ତାଙ୍କ ବାପାଜେଜେ ଅମଳରୁ ଦୋକାନ ରହିଥିଲା। ପ୍ରଶାସନ ବର୍ତ୍ତମାନ ଉଠାଇଦେଲା, ଫଳରେ ପରିବାର ପ୍ରତିପୋଷଣ ନେଇ ଚିନ୍ତାରେ ପଡ଼ିଛି। ଅନ୍ୟ ଜଣେ ଦୋକାନୀ ରାଜା ସାହୁ କହିଛନ୍ତି, ଥଇଥାନ ପାଇଁ ଦାବି କରିଛି। କିନ୍ତୁ ଦାବିପୂରଣ ହେବ କି ନାହିଁ ଜାଣିନାହିଁ। ବଡ଼ଦାଣ୍ଡରେ ବ୍ୟବସାୟ କରିବା ପାଇଁ ପ୍ରଶାସନ ଅନୁମତି ନ ଦେଲେ ଭୋକ ଉପାସରେ ମରିଯିବୁ। ଅନଶନ କରିବୁ ନ ହେଲେ ଆତ୍ମହତ୍ୟା କରିବା ଛଡ଼ା ଅନ୍ୟ ଉପାୟ ନାହିଁ ବୋଲି ରାଜାଙ୍କ ସମେତ ବହୁ ଦୋକାନୀ ପ୍ରକାଶ କରିଛନ୍ତି। ଏସି ବ୍ୟାରିକେଡ ନିର୍ମାଣକୁ ବିରୋଧ କରି ସାମାଜିକ କର୍ମୀ ଦିଲୀପ ବରାଳ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ବିନାନୁମତିରେ ବଡ଼ଦାଣ୍ଡ ଖୋଳାଯାଇ କାର୍ଯ୍ୟ କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବ୍ୟାରିକେଡ୍ ନିର୍ମାଣ ଫଳରେ ଦୋକାନଗୁଡ଼ିକ ପାଇଁ ରାସ୍ତା ସଙ୍କୁଚିତ ହେଉଥିବା ଅଭିଯୋଗକୁ ଉପଜିଲାପାଳ ଭବତାରଣ ସାହୁ ଖଣ୍ଡନ କରିଛନ୍ତି। ଲୋକ ଯିବା ଆସିବା ପାଇଁ ପର୍ଯ୍ୟାପ୍ତ ସ୍ଥାନ ରହିଛି, କୌଣସି ସମସ୍ୟା ହେବ ନାହିଁ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ପରିତ୍ୟକ୍ତ ଟୋଲ୍‌ଗେଟ୍ ନିକଟରେ ଆଲୋକ ବ୍ୟବସ୍ଥା କରାଯାଉ

କଟକ ସଦର,୭।୧୨(ସୁଶାନ୍ତ କୁମାର ଜେନା)

କଟକ-ପାରାଦୀପ ୧୨ନଂ. ରାଜ୍ୟ ରାଜପଥର କନ୍ଦରପୁର ଟୋଲ୍‌ଗେଟ୍ ପ୍ରାୟ ୩ ମାସ ହେବ ବନ୍ଦ ହୋଇଯାଇଛି। ଫଳରେ ସେଠାରେ ଆଲୋକ ବ୍ୟବସ୍ଥା କରାଯାଇନାହିଁ। ଏବେ ସୂର୍ଯ୍ୟାଲୋକ ଲାଇଟ୍ ଲାଗିଛି। ହେଲେ ଏହି ଲାଇଟ୍ ୨/୩ ଘଣ୍ଟା ଜଳିବା ପରେ ଲିଭିଯାଉଛି। ଫଳରେ ବିଳମ୍ବିତ ରାତିରେ ଦୁର୍ଘଟଣା ଘଟୁଛି। ଏହି ସ୍ଥାନରେ ଉଚ୍ଚ ଡିଭାଇଡର ସହ ବଡ଼ ହମ୍ପ ରହିଛି। ଯାହା ଅନ୍ଧାରରେ ଦୁର୍ଘଟଣାର କାରଣ ହେଉଛି। ଏହାଛଡା ବିଳମ୍ବିତ ରାତିରେ ଆନ୍ତଃ ରାଜ୍ୟ ଟ୍ରକ୍ ଚାଳକଙ୍କଠାରୁ ଅସାମାଜିକ ବ୍ୟକ୍ତିମାନେ ଜବରଦସ୍ତ ଚାନ୍ଦା ଆଦାୟ କରୁଥିବା ଅଭିଯୋଗ ହେଉଛି। ଯଥାଶୀଘ୍ର ଏଠାରେ ବିଦ୍ୟୁତ୍ ଆଲୋକ ସହ ହମ୍ପଗୁଡ଼ିକ ଭାଙ୍ଗିବା ପାଇଁ ସାଧାରଣରେ ଦାବି ହେଉଛି। ଅଭିଯୋଗ ସମ୍ପର୍କରେ ଜଗତ୍‌ସିଂହପୁର ପୂର୍ତ୍ତ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ନିମାଇଁ ଚରଣ ଦାସ କହିଛନ୍ତି, ଖୁବ୍‌ଶୀଘ୍ର ଟୋଲ୍‌ଗେଟ୍‌ର ହମ୍ପ ଭାଙ୍ଗି ଦେବା ପାଇଁ ବ୍ୟବସ୍ଥା କରାଯାଉଛି। ରାସ୍ତାରେ ଉଜ୍ଜ୍ୱଳ ଆଲୋକର ବ୍ୟବସ୍ଥା ଦାୟିତ୍ୱ ପଞ୍ଚାୟତର କ୍ଷମତା ପରିସରଭୁକ୍ତ ବୋଲି ସେ କହିଥିଲେ।

### ଫାଇନାଲରେ ଜଗା ୟୁନାଇଟେଡ୍

ବାରଙ୍ଗ,୭।୧୨(ଲିଙ୍ଗରାଜ ରାଉତ)

କଲ୍ୟାଣପୁର ଗ୍ରାମ ପଞ୍ଚାୟତର ଗଣ୍ଡରପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍‌ରେ ଚାଲୁଥିବା ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ୪ର୍ଥ ଦିନରେ ପହଞ୍ଚିଛି। ୪ର୍ଥ ଦିନରେ ମୋଟ ୬ଟି ମ୍ୟାଚ ଖେଳାଯାଇଥିଲା। ଗ୍ରାମାଞ୍ଚଳ ବିଭାଗର ପ୍ରଥମ ମ୍ୟାଚରେ ଟାଇ ବ୍ରେକର ଜରିଆରେ ନିଷ୍ପତ୍ତି ହୋଇଥିଲା। ଏଥିରେ ନରଣପୁର ଦଳ ୫-୪ ଗୋଲରେ ବିଜୟୀ ହୋଇ କ୍ୱାର୍ଟରରେ ପ୍ରବେଶ କରିଥିଲା। ଦ୍ୱିତୀୟ ମ୍ୟାଚରେ ଜୟପୁର ଦଳ ୪-୩ ଟାଇ ବ୍ରେକରରେ ଉଖୁମାକୁ ପରାସ୍ତ କରି କ୍ୱାର୍ଟରରେ ପ୍ରବେଶ କରିଥିଲା। ତୃତୀୟ ମ୍ୟାଚରେ ସ୍ୱର୍ଣ୍ଣଦେବୀ କ୍ଲବ, ବଉଳକୁଦ ୩-୦ ଗୋଲରେ ସାଇଁସକୁ ପରାସ୍ତ କରି କ୍ୱାର୍ଟରରେ ପ୍ରବେଶ କରିଥିଲା। ଦଳ ପକ୍ଷରୁ ଦୀନବନ୍ଧୁ ଦାସ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଚତୁର୍ଥ ମ୍ୟାଚରେ ବଜରଙ୍ଗବାଲି କ୍ଲବ ଘାଟିକିଆ ଦଳ ୫-୪ ଗୋଲରେ ଜଗତ୍‌ସିଂହପୁର ମଇନ୍ଦପୁର କ୍ଲବକୁ ହରାଇ କ୍ୱାର୍ଟରରେ ପ୍ରବେଶ କରିଥିଲା। ସେହିପରି ସହରାଞ୍ଚଳର ପ୍ରଥମ ସେମିଫାଇନାଲ ଜଗା ୟୁନାଇଟେଡ୍ ଓ ସଂଘର୍ଷ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଗା ୟୁନାଇଟେଡ୍ ପକ୍ଷରୁ ୧୬ ନମ୍ବର ନିଜେରିଆନ ଖେଳାଳି ଏକ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିବାବେଳେ ଖେଳର ଦ୍ୱିତୀୟାର୍ଦ୍ଧରେ ସଂଘର୍ଷ ସ୍ପୋର୍ଟିଂ ପକ୍ଷରୁ ୯ ନମ୍ବର ଜର୍ସିରେ କ୍ରିସ୍ ଗୋଲସ୍କୋର କରିଥିଲେ। ଫଳରେ ଏହି ମ୍ୟାଚ୍‌କୁ ଟାଇ ବ୍ରେକର ପଦ୍ଧତିରେ ନିଷ୍ପତ୍ତି କରାଯାଇଥିଲା। ଏଥିରେ ୫-୪ ଗୋଲରେ ଜଗା ୟୁନାଇଟେଡ୍ ସଂଘର୍ଷ କ୍ଲବକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଶୁକ୍ରବାରର ପ୍ରଥମ ମ୍ୟାଚ ତିନିଘରିଆ ସହିତ ନରଣପୁର, ଗୋଠପୁର ସହିତ ଜୟପୁର, ସହରାଞ୍ଚଳର ବରଗଡ଼ ୟୁନାଇଟେଡ୍ ସହିତ ତାମିଲନାଡୁ ପୋଲିସ ମଧ୍ୟରେ ମୁକାବିଲା ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ କୁହାଯାଇଛି।

# ଜିଲା ଦାବିରେ ୧୨ ଘଣ୍ଟିଆ ଆଠଗଡ଼ ବନ୍ଦ



ଜିଲା ମାନ୍ୟତା ଦାବିରେ ଆଠଗଡ଼ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବନ୍ଦ ପାଳନ।


ଆଠଗଡ଼ରେ ଦୋକାନ ବଜାର ବନ୍ଦ ରହିଛି।

ଆଠଗଡ଼,୭।୧୨( ସତ୍ୟପ୍ରସାଦ ରଥ)

- ଦୋକାନ ବଜାର, ବ୍ୟବସାୟିକ ଅନୁଷ୍ଠାନ ବନ୍ଦ ରହିଲା
- ରାସ୍ତାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ

ଆଠଗଡ଼ ଉପଖଣ୍ଡକୁ ଜିଲା ଘୋଷଣା କରିବା ଦାବିରେ୧୨ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗୁରୁବାର ୧୨ ଘଣ୍ଟିଆ ବନ୍ଦ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଠଗଡ଼ରେ ଅନେକ ଦୋକାନ ବଜାର, ବ୍ୟବସାୟିକ ଅନୁଷ୍ଠାନ ବନ୍ଦ ରହିଥିଲା। ରାସ୍ତାରେ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଜିଲା ସମର୍ଥକମାନେ ବିଭିନ୍ନ ବ୍ୟାଙ୍କକୁ ପିକେଟିଂ କରି ବନ୍ଦ କରି ଦେଇଥିଲେ। ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟଗୁଡ଼ିକରେ ଉପସ୍ଥାନ କମ୍ ରହିଥିଲା। କ୍ରିୟାନୁଷ୍ଠାନ କମିଟି ସଭାପତି ବରିଷ୍ଠ ଆଇନଜୀବୀ ପ୍ରାଣକୃଷ୍ଣ ଦାଶ, ସଂଯୋଜକ ଫଣୀଭୂଷଣ ରଥ, ସମ୍ପାଦକ ଲଲାଟେନ୍ଦୁ ସେନାପତି ଏହାର ନେତୃତ୍ୱ ନେଇଥିଲେ। ଆଠଗଡ ଓକିଲ ସଂଘ ସଭାପତି ଜଗଦାନନ୍ଦ ତ୍ରିପାଠୀ, ଭାଜପା ନେତା ଅଭୟ ବାରିକ, ଶଙ୍କର୍ଷଣ ମହାନ୍ତି, କଂଗ୍ରେସ ନେତା ପ୍ରଭାକର ପଟ୍ଟନାୟକ, ସୁଦର୍ଶନ ସାହୁ, ବିଜୟ ପରିଡା, ସରୋଜ ଦାସ, ପ୍ରକାଶ ସେଠୀ, ତପନ ଲେଙ୍କା ପ୍ରମୁଖ ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ସହର ପରିକ୍ରମା କରି ଆଠଗଡ଼କୁ ଜିଲା ଘୋଷଣା କରିବା ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ।

ସେମାନଙ୍କ ଦାବି ଅନୁଯାୟୀ, ଆଠଗଡ, ଟିଗିରିଆ, ବଡ଼ମ୍ବା, ନରସିଂହପୁର ଆଦି ୪ ବ୍ଲକ ଓ ଆଠଗଡ ଏନ୍‌ଏସିକୁ ନେଇ ଆଠଗଡ ଉପଖଣ୍ଡ ଗଠିତ। ଏଥିରେ ୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ସମେତ ୪ ତହସିଲ, ୭ ଥାନା ରହିଛି। ଏହାଛଡ଼ା ଆଠଗଡ଼ରେ ଅତିରିକ୍ତ ଜିଲା ଦୌରାଜଜ୍ ଅଦାଲତ ସହ ସମସ୍ତ ବ୍ଲକରେ ଦେୱାନୀ ଓ ଫୌଜଦାରପ୍ର ଅଦାଲତ ରହିଛି। ଏଥିରେ ପ୍ରାୟ ୫ଲକ୍ଷ ମତଦାତା ୭ ଲକ୍ଷ ଜନସଂଖ୍ୟା ରହିଛି। ଆଠଗଡ, ବଡ଼ମ୍ବା, ନରସିଂହପୁର ଆଦି ବ୍ଲକରେ ଜନସଂଖ୍ୟା, ଭୌଗୋଳିକସ୍ଥିତି ଓ ଆୟତନ ଦୃଷ୍ଟି କୋଣରୁ କଟକ ଜିଲା ସଦର ମହକୁମାଠାରୁ ଏହି ବ୍ଲକଗୁଡ଼ିକର ଦୂରତ୍ୱ ୧୦୦କି.ମି.ରୁ ଅଧିକ ରହିଛି। ଫଳରେ ପୋଲିସ ପ୍ରଶାସନିକ କାର୍ଯ୍ୟରେ ଅସୁବିଧା ପରିଲକ୍ଷିତ ହୋଇଥାଏ। ବ୍ୟାପକ ଶିଳ୍ପାୟନ, ପର୍ଯ୍ୟଟନ ସ୍ଥଳୀର ବିକାଶ ସାଙ୍ଗକୁ ଗମନାଗମନ ସୁବିଧା ଯୋଗୁ ଏହା ରାଜ୍ୟ ଉପକୂଳ ଓ ଦକ୍ଷିଣ ଭାଗର ପ୍ରବେଶ ପଥ ହୋଇ ଟ୍ରାଫିକ, ଆଇନଶୃଙ୍ଖଳା ପରିସ୍ଥିତି ପରି ସମସ୍ୟା ସୃଷ୍ଟି କରୁଛି। ଆଠଗଡ ସହର କଟକ ଭୁବନେଶ୍ୱର ଓ ଢେଙ୍କାନାଳ ସହର ନିକଟବର୍ତ୍ତୀ ହୋଇଥିବାରୁ ପନିପରିବା ବ୍ୟବସାୟ ଓ ଭୌଗୋଳିକ ସ୍ଥିତି ପାଇଁ ବହୁ ସଂଖ୍ୟାରେ ଜନବସତି ବୃଦ୍ଧି ପାଇଛି। ଏସବୁ ଯୋଗ୍ୟତା ଥାଇ ମଧ୍ୟ ସରକାରଙ୍କ ଉଦାସୀନତା ଯୋଗୁ ଅଞ୍ଚଳବାସୀ ନ୍ୟାଯ୍ୟ ଦାବିରୁ ବଞ୍ଚିତ ହେଉଛନ୍ତି। ଏଣୁ ସରକାର ତୁରନ୍ତ ପଦକ୍ଷେପ ନେବା ପାଇଁ କ୍ରିୟାନୁଷ୍ଠାନ କମିଟି ଆନ୍ଦୋଳନ ଅବ୍ୟାହତ ରଖିଛି ବୋଲି ସଂଯୋଜକ ରଥ କହିଛନ୍ତି।

# 'ବିଶ୍ୱରେ ସଂସ୍କୃତ ଭାଷାରେ ଲିଖିତ ତଥ୍ୟର ଗବେଷଣା ଚାଲିଛି'

ବାଙ୍କୀ,୭।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସଂସ୍କୃତ ବିଭାଗ ଆନୁକୂଲ୍ୟରେ ସଂସ୍କୃତ ଏକ ପ୍ରାଚୀନ ଭାଷା ଓ ଏହାର ବିଶେଷତ୍ୱ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ ଭାବେ ଯୋଗଦେଇଥିବା ପ୍ରଥମ ବର୍ଷ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ରମାନଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସ୍ୱାଗତ କରାଯାଇଥିଲା। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ତ୍ରୈଲୋକ୍ୟନାଥ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ଯୋଗଦେଇ ସଂସ୍କୃତ ଭାଷା ଏକ ପ୍ରାଚୀନ ଓ ଆଦି ଭାଷା ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ସଂସ୍କୃତ ଭାଷା ପୋଥି ଓ ପୁରାଣରେ ବର୍ଣ୍ଣନା କରାଯାଇଛି, ଯେଉଁଥିରେ ସାହିତ୍ୟ,ଦର୍ଶନ ଓ ବିଜ୍ଞାନ ସମ୍ବନ୍ଧରେ ବହୁ ମୂଲ୍ୟବାନ ତଥ୍ୟ ରହିଛି ବୋଲି କହିଥିଲେ। ଏହି ଭାଷାରେ ଲିଖିତ ତଥ୍ୟକୁ ନେଇ ସାରା ବିଶ୍ୱରେ ଗବେଷଣା ଚାଲିଛି ବୋଲି ପ୍ରାଧ୍ୟାପକ ମହାପାତ୍ର ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ସଚଳା ଦେଇ, ଅଧ୍ୟାପକ ମନୋରଞ୍ଜନ ମିଶ୍ର, ଡ. ଅଭିମନ୍ୟୁ ରଣା, ଅଧ୍ୟାପିକା ଶୁଭଶ୍ରୀ ସୁଚରିତା ଇନ୍ଦୁରେଖା ନାୟକ ଓ ଅଧ୍ୟାପିକା ସ୍ନେହାଞ୍ଜଳି ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶୁଭଜିତ୍ ସାହୁ ଓ ଚିତ୍ତରଞ୍ଜନ ବେହେରା ପରିଚାଳନା କରିଥିଲେ।



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

# କ୍ୱାର୍ଟରରେ ଏସ୍‌ଏସ୍ ଲୁଟୁ ୱାରିୟର୍ସ


ଅତିଥିଙ୍କ ଗହଣରେ ଖେଳାଳିମାନେ।

ବଡ଼ମ୍ବା,୭।୧୨(ମାୟାଧର ମଲ୍ଲିକ)

## ସର୍ବଭାରତୀୟ ପ୍ରିମିୟର ଲିଗ୍

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀସ୍ଥିତ ବାପୁଜୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଶଙ୍ଖାମେରୀ ପଡ଼ିଆରେ ତୃତୀୟ ବାର୍ଷିକ ସର୍ବ ଭାରତୀୟ ବାପୁଜୀ ପ୍ରିମିୟର ଲିଗ୍‌ର ଗୁରୁବାର ଦ୍ୱିତୀୟ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨ ଲିଗ୍ ମ୍ୟାଚ ଖେଳାଯାଇଥିଲା। ଉଭୟ ମ୍ୟାଚର ବିଜୟୀ ଦଳଙ୍କ ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳାଯାଇଥିଲା। ପ୍ରଥମେ ଜଗଦୀଶ ୱାରିୟର୍ସ ବନାମ ଷ୍ଟାର ୧୧(କଟକ) ମଧ୍ୟରେ ମ୍ୟାଚ ଖେଳାଯାଇଥିଲା। ଏଥିରେ ଷ୍ଟାର ୧୧, କଟକ ବିଜୟୀ ହୋଇଥିଲା। ଖେଳାଳି ଆଲୋକ ପ୍ରଧାନଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ସେହିପରି ଏସ୍‌ଏସ୍. ଲୁଟୁ ୱାରିୟର୍ସ (ଅନୁଗୋଳ ) ବନାମ ବାଲିଅନ୍ତା ଫାଇଟର୍ସ (ଭୁବନେଶ୍ୱର) ମଧ୍ୟରେ ଦ୍ୱିତୀୟ ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍‌ଏସ୍ ଲୁଟୁ ବିଜୟୀ ହୋଇଥିଲେ। ବିଜୟୀ ଦଳର ହିମାଂଶୁ ଶେଖର ଧଳଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଏହାପରେ ଷ୍ଟାର ୧୧ ଓ ଏସ୍‌ଏସ୍ ଲୁଟ ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଷ୍ଟାର ୧୧ ଦଳ ପ୍ରଥମେ ବ୍ୟାଟିଂ କରି ୬ ଓଭରରେ ୫ ଉଇକେଟ ବିନିମୟରେ ୪୬ ରନ ସଂଗ୍ରହ କରିଥିଲା। ଜବାବରେ ଏସ୍‌ଏସ୍ ଲୁଟୁ, ୩.୨ ଓଭରରେ ୨ ଉଇକେଟ ହରାଇ ୪୮ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଏହି ଦଳର ସିଙ୍ଗଲ ଦାସଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ପ୍ରଥମ ଲିଗ୍ ମ୍ୟାଚରେ ମୁଖ୍ୟ ଅତିଥିଭାବେ ବଡ଼ମ୍ବା ତହସିଲଦାର ଶାଶ୍ୱତ ରଞ୍ଜନ ଦାଶ ଯୋଗ ଦେଇଥିବାବେଳେ ପରବର୍ତ୍ତୀ ମ୍ୟାଚରେ ମୁଖ୍ୟ ଅତିଥିଭାବେ ବଡ଼ମ୍ବା ବିଡିଓ ରମେଶ କୁମାର ଜେନା ଓ ସମ୍ମାନିତ ଅତିଥିଭାବେ ଏବିଡିଓ ଅଭିପ୍ସା ସ୍ୱାଇଁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ ଦଳ ସଙ୍ଗଠକ ସନ୍ତୋଷ ବିଶ୍ୱାଳ, ଶଙ୍ଖାମେରୀ ଗ୍ରାମ ସରପଞ୍ଚଙ୍କ ପ୍ରତିନିଧି ମାନସ ମୁଦୁଲି ଓ ନାଏବ ସରପଞ୍ଚ ରବୀନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ବବୁଲ ଓ ଚିତ୍ତରଞ୍ଜନ ସେଠୀ ମ୍ୟାଚ ପରିଚାଳନା କରିଥିବା ବେଳେ ବୁଦ୍ଧଦେବ ଓ ପବିତ୍ର ଭାଷ୍ୟକାରଭାବେ ଯୋଗ ଦେଇଥିଲେ।

### ମହିଳାଙ୍କୁ ଋଣ ପ୍ରଦାନ ଉପରେ ଗୁରୁତ୍ୱାରୋପ

#### ବ୍ଲକସ୍ତରୀୟ ସ୍ୱତନ୍ତ୍ର ବ୍ୟାଙ୍କ କାର୍ଯ୍ୟକ୍ରମ

ବାଙ୍କୀ,୭।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ସ୍ୱତନ୍ତ୍ର ବ୍ୟାଙ୍କର କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏନେଇ ଆୟୋଜିତ ବୈଠକରେ ଏଲ୍‌ଡିଏମ୍ ରାଜେଶ କୁମାର ବେହେରା, ବିଏଲ୍‌ଏଫ୍ ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ବେହେରା, କେନ୍ଦ୍ରୀୟ ଜୋନ୍ ଜିଲାପରିଷଦ ସଭ୍ୟା ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ଏଫ୍‌ଏଲ୍.ସି ସତ୍ୟନାରାୟଣ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜୀବିକା ମିଶନ୍ ଓ ମିଶନ୍ ଶକ୍ତି ଅଧୀନରେ ଥିବା ସ୍ୱୟଂସହାୟକ ଗୋଷ୍ଠୀର ସଭ୍ୟାମାନେ କିପରି ସ୍ୱାବଲମ୍ବି ହୋଇପାରିବେ ଓ ବ୍ୟାଙ୍କ ପକ୍ଷରୁ ଋଣ ପ୍ରଦାନରେ କୌଣସି ଅସୁବିଧା ନ ହେବ ତାହା ମେଳାର ମୂଳଲକ୍ଷ୍ୟ ବୋଲି କହିଥିଲେ। ମେଳାରେ ଉପସ୍ଥାପିତ ପ୍ରସ୍ତାବଗୁଡ଼ିକ ଅନୁମୋଦନ କରିବା ପାଇଁ ଆଲୋଚନା କରାଯାଇଥିଲା। ଏଥିରେ ଡମପଡ଼ା ବ୍ଲକ ସିଡିପିଓ ସଂଯୁକ୍ତା ସାହୁଙ୍କ ସମେତ ବାଙ୍କୀ ଓ ଡମପଡ଼ା ବ୍ଲକ ଅଧିନରେ ଥିବା ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ମିଶନ୍ ଶକ୍ତିର ହରିପ୍ରିୟା ସାହୁ ସ୍ୱାଗତ ଭାଷଣ ଜୀବିକା ମିଶନ୍ ପ୍ରକଳ୍ପ ଅଧିକାରୀ ଅକ୍ଷୟ ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକସ୍ତରୀୟ ରିଟେଲର ବୈଠକ

କଟକ ସଦର,୭।୧୨
(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ରିଟେଲର ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗାଣ ନିରୀକ୍ଷକ କେଦାର ନାଥ ପ୍ରଧାନୀ ଯୋଗଦେଇ ସମସ୍ତ କାର୍ଡଧାରୀଙ୍କୁ ଚାଉଳ ଯୋଗାଣ, ଶତ ପ୍ରତିଶତ ବାୟୋମେଟ୍ରିକ ଛାପ ନେବା, ମୁଦ୍ରିତ ରସିଦ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଯେଉଁ କାର୍ଡଧାରୀଙ୍କର ମାତ୍ରାଧିକ ବୟସ କାରଣରୁ ବାୟୋମେଟ୍ରିକ ଛାପ ନେଇହେଉନି, ସେମାନଙ୍କ ପାଇଁ ସ୍ୱତନ୍ତ୍ର ଫର୍ମରେ ଆବେଦନ ପାଇଁ କୁହାଯାଇଥିଲା। ଅନ୍ୟପକ୍ଷରେ କୋଭିଡ୍ ସମୟରେ କାର୍ଡଧାରୀଙ୍କୁ ମୁଦ୍ରିତ ରସିଦ୍ ଦିଆ ନ ଯିବା ସଂକ୍ରାନ୍ତରେ ସାମାଜିକ ସମୀକ୍ଷକମାନଙ୍କ ରିପୋର୍ଟ ଉପରେ ରିଟେଲର୍‌ମାନେ ଉତ୍ତର ଦେଇଥିଲେ। ଠିକ୍ ସମୟରେ ପାରିଶ୍ରମିକ ନ ମିଳିବା, ଏକାଥରକେ ଗହମ, ଚାଉଳ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ନ ମିଳିବା ଯୋଗୁ ରସିଦ୍ ଦେବା ସମ୍ଭବ ହୋଇ ନ ଥିଲା। ଲେଜର ପ୍ରିଣ୍ଟ ଯୋଗୁ ଅତି କମ୍ ସମୟରେ ରସିଦ୍‌ର ଲେଖା ଲିଭିଯାଉଛି। ସେଥିପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ରିଟେଲରମାନେ ଦାବି କରିଥିଲେ। ବିବାହିତା ଝିଅମାନଙ୍କ ସମ୍ବନ୍ଧରେ ପରିବାର ଲୋକମାନେ ଅଦ୍ୟାବଧି ତଥ୍ୟ ଦେଉ ନ ଥିବାରୁ ସେମାନଙ୍କ ନାମ କଟାଯାଇ ପାରିନାହିଁ। ପରବର୍ତ୍ତୀ ବୈଠକ ପୂର୍ବରୁ ସବୁ ସମସ୍ୟାର ସମାଧାନ ହେବା ଦରକାର ବୋଲି ଯୋଗାଣ ନିରୀକ୍ଷକ ସମସ୍ତଙ୍କୁ ତାଗିଦ କରିଥିଲେ।

# ହାତ ପାହାନ୍ତାରେ ଗୋସେବା ପାଇବେ ୪୧ ପଞ୍ଚାୟତବାସୀ

## ପ୍ରାଣୀ ଚିକିତ୍ସାଳୟ ନୂତନ ଗୃହ ଉଦ୍‌ଘାଟନ

ନିଶ୍ଚିନ୍ତକୋଇଲି,୭।୧୨
(ଅଶୋକ କୁମାର ମହାପାତ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକର ୪୧ ପଞ୍ଚାୟତର ଗୋଚାଷୀମାନେ ହାତ ପାହାନ୍ତାରେ ଗୋ ସ୍ୱାସ୍ଥ୍ୟସେବା ପାଇପାରିବେ। ଗୋରୁ, ଛେଳି, ମେଣ୍ଢା ଓ ମଇଁଷି ଆଦି ଗୃହପାଳିତ ପ୍ରାଣୀଙ୍କ ରକ୍ତ ନମୁନା ପରୀକ୍ଷାଠାରୁ ଆରମ୍ଭ କରି ଅସ୍ତ୍ରୋପଚାର ପର୍ଯ୍ୟନ୍ତ ସବୁ କାର୍ଯ୍ୟ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ ହେବ। ଫଳରେ ଅଞ୍ଚଳର ଲୋକେ ଗୋପାଳନ ପାଇଁ ମନ ବଳାଇବେ। ରାଜ୍ୟ ସରକାର ଗୋପାଳନ ଓ ପ୍ରାଣୀ ସମ୍ପଦର ସୁରକ୍ଷା ପାଇଁ ବିଭିନ୍ନ ଜନକଲ୍ୟାଣ ଯୋଜନା ହାତକୁ ନେଇଛନ୍ତି। ମହିଳାମାନେ ଏବେ ଗୋପାଳନ କରି ସ୍ୱାବଲମ୍ବୀ ହୋଇଥିବା ନିଶ୍ଚିନ୍ତକୋଇଲି ମଣ୍ଡଳ ପ୍ରାଣୀ ଚିକିତ୍ସାଳୟର ନୂତନ ଗୃହ ଉଦ୍‌ଘାଟନ କରି ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା କହିଛନ୍ତି। ଏଥିରେ ମୁଖ୍ୟ ଅତିଥିଭାବେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା, ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପ୍ରକାଶ କୁମାର ବେଉରା, ଡା. ସୁଦିପ୍ତା ସାହୁ, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗିରିଶ ମହାପାତ୍ର, ସରପଞ୍ଚ ଲଳିତେନ୍ଦୁ ବିଶୋଇ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜି ସେଠୀ, ଅଚ୍ୟୁତାନନ୍ଦ ଦାସ ପ୍ରମୁଖ ଯୋଗଦେଇଥିଲେ।



ପ୍ରାଣୀ ଚିକିତ୍ସାଳୟ ଗୃହ ଉଦ୍‌ଘାଟନ ଅବସରରେ ବିଧାୟକ ପ୍ରତାପ ଜେନା ଏବଂ ଅନ୍ୟମାନେ।

# ମେଲାଣି ନେଲେ କାର୍ତ୍ତିକେଶ୍ୱର

ବାରଙ୍ଗ,୭।୧୨(ଲିଙ୍ଗରାଜ ରାଉତ):

ବାରଙ୍ଗ ଗଣପର୍ବ ପ୍ରଭୁ କାର୍ତ୍ତିକେଶ୍ୱରଙ୍କ ଭସାଣି ଉତ୍ସବ ବୁଧବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଭସାଣି ଉତ୍ସବକୁ ଆକର୍ଷଣୀୟ କରିବାକୁ ପ୍ରାୟ ସବୁ ପୂଜା କମିଟି ପକ୍ଷରୁ ଜୋରଦାର ଉଦ୍ୟମ କରାଯାଇଥିବାର ଦେଖିବାକୁ ମିଳିଛି। ପାରମ୍ପରିକ ବାଦ୍ୟ, ଆକର୍ଷଣୀୟ ଲାଇଟ ଗେଟ୍, ସିଂହ ଗର୍ଜନ, କଳାକାରଙ୍କ ଦ୍ୱାରା ବିଭିନ୍ନ ଦେବଦେବୀ ନାଚ, ଘୋଡ଼ା ନାଚ, କଣ୍ଢେଇ ନାଚ, ଘଣ୍ଟ, ପଞ୍ଜାବୀ ବାଜା, ଶିଙ୍ଘ, ଶଙ୍ଖ, ହଳିଦି କାଠ, ଆଦିବାସୀ ନାଚ ସମେତ ବହୁ ପାରମ୍ପରିକ ଓ ଆଧୁନିକ ବାଦ୍ୟକୁ ଏଥର ଶୋଭାଯାତ୍ରାରେ ଦେଖିବାକୁ ମିଳିଥିଲା। ଏଥିସହ ଗୀତର ତାଳେ ତାଳେ ଯୁବକଙ୍କ ନୃତ୍ୟ ଦେଖଣାହାରିଙ୍କୁ ବେଶ ମୋହିତ କରିଥିଲା। ଝିପିଝିପି ବର୍ଷା ମଝିରେ ମଝିରେ ଲାଗି ରହିଥିଲେ ମଧ୍ୟ ଭସାଣି ଦେଖିବାକୁ ସନ୍ଧ୍ୟା ପରଠାରୁ ବାରଙ୍ଗ ମୁଖ୍ୟରାସ୍ତା କଡ଼ରେ ନାହିଁ ନ ଥିବା ଭିଡ଼ ଲାଗି ରହିଥିଲା।


କାର୍ତ୍ତିକେଶ୍ୱର ମେଢ଼କୁ ଭସାଣି ପାଇଁ ନିଆଯାଉଛି।

ଶୋଭଯାତ୍ରାରେ ୨୫ଟି ମେଢ ସାମିଲ ହୋଇଥିଲା। ସମସ୍ତ ମେଢ଼ ବାରଙ୍ଗ ଥାନାଠାରୁ ଭୋଗହାଣ୍ଡି ନେଇ ଶାନ୍ତି କମିଟିର ଅଭ୍ୟର୍ଥନା କକ୍ଷରେ ସଭାପତି ପ୍ରତାପଚନ୍ଦ୍ର ପାଣି, ସମ୍ପାଦକ ସୁରେଶ ମହାନ୍ତି, ବିଜୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଦେବା ପରେ ସବୁ ମେଢକୁ ବ୍ଲକ ପାଖ ପୁରୀ ମୁଖ୍ୟ କେନାଲରେ ହୋଇଥିବା କୃତ୍ରିମ ପୋଖରୀରେ ବିସର୍ଜନ କରାଯାଇଥିଲା। ବାରଙ୍ଗ ଥାନା ଅଧିକାରୀ ଆକାଶଚନ୍ଦ୍ର ରଣାଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳାର ସହ ଭସାଣି ଉତ୍ସବ ସମ୍ପର୍ଣ୍ଣ ହୋଇଥିଲା।

# ଆବାସ ଯୋଜନାରୁ ହିତାଧିକାରୀ ବଞ୍ଚିତ

## ଜରି ପାଲ ତଳେ ଦିନ କାଟୁଛନ୍ତି ରମେଶଙ୍କ ପରିବାର

ନିଶ୍ଚିନ୍ତକୋଇଲି, ୭।୧୨(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ କୋଲଣପୁର ପଞ୍ଚାୟତର ଅନେକ ବ୍ୟକ୍ତି ଆବାସ ଯୋଜନାରେ ଘର ଖଣ୍ଡେ ପାଇଁ ବଞ୍ଚିତ ହୋଇଛନ୍ତି। ଏନେଇ ସରକାରୀ କାର୍ଯ୍ୟାଳୟ ଓ ଅଧିକାରୀମାନଙ୍କ ପାଖକୁ ବାରମ୍ବାର ଯାଇ ହତାଶ ହୋଇଛନ୍ତି। ହେଲେ ଗୃହ ମିଳିବାର ଆଶା ସାତ ସପନପାଲଟିଛି। ଖରା, ବର୍ଷା ଆସିଲେ ଜୀବନ ବିକଳରେ ଚାଳ ଉପରେ ଜରି ପକାଇ ଭାଗ୍ୟକୁ ଆଦରି ଆଶ୍ରୟ ନେବାକୁ ବାଧ ହେଉଛନ୍ତି ବୋଲି ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ପଞ୍ଚାୟତର ବହୁ ହିତାଧିକାରୀ କହିଛନ୍ତି।

ଏହାର ଉଦାହରଣ କୋଲଣପୁର ପଞ୍ଚାୟତ ଅନ୍ତର୍ଗତ କୁଳିଆ ଗାଁ ୧୦ ନଂ. ୱାର୍ଡରେ ଦେଖିବାକୁ ମିଳିଛି। ଏଠାରେ ବସବାସ କରୁଥିବା ରମେଶ ଚନ୍ଦ୍ର ପୃଷ୍ଟି (୫୨)ଙ୍କ ପରିବାର ଏହି ଯୋଜନାରେ ଘର ଖଣ୍ଡେ ପାଇଁ ସମସ୍ତଙ୍କୁ ଗୁହାରି କରି ନିରାଶ ହୋଇଥିବା କହିଛନ୍ତି। ସେ ଦିନ ମଜୁରିଆ ଭାବେ ଯେତିକି ରୋଜଗାର କରନ୍ତି ସେଥିରେ ବିଧବା ମା' ରଙ୍ଗଲତା(୭୦), ସ୍ତ୍ରୀ କବିତା(୪୫) ଓ ୧୮ ବର୍ଷର ଝିଅ ସୀମା ଓ ପୁଅ ସାରଦାଙ୍କୁ ଚଳାଇବା କଷ୍ଟକର ହୋଇପଡୁଛି ବୋଲି କହିଛନ୍ତି। ବର୍ଷା ହେଲେ ଘରେ ପାଣି ଲହଡି ମାରି ଥାଏ। ଘର ଉପରେ ପୁରୁଣା ଟାୟାର, ଛିଣ୍ଡା ଜରି ପାଲ ପକାଇ ପରିବାର ସଦସ୍ୟ ରହୁଛନ୍ତି। ଆବାସ ଯୋଜନାରେ ଗୃହଟିଏ ପାଇଁ ସରପଞ୍ଚଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ନିକଟରେ ବହୁବାର ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏଥିପ୍ରତି କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ସେ ଦୁଃଖର ସହ କହିଛନ୍ତି। ଏହି ପଞ୍ଚାୟତରେ ଅଢ଼ଙ୍ଗା ଗାଁର ଅବଜର ଅଲ୍ଲୀ, ଶିଲୁ ମଲିକ, ନରହରି ପୃଷ୍ଟି, ଅନ୍ନପୂର୍ଣ୍ଣ ନାୟକ, କୁନ୍ତୀ କାଣ୍ଡି, ବବି ସାମଲ ଓ ଛବି ସାମଲ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ରାଉତଙ୍କୁ ଅନ୍‌ଲାଇନରେ ତର ନାମ କଟି ଯାଇଥିବାରୁ ତାଙ୍କୁ ଗୃହ ଯୋଗାଇ ଦେବା ସମ୍ଭବପର ହୋଇପାରିନାହିଁ। ବିଡିଓ ଧର୍ମରଞ୍ଜନ ପଣ୍ଡାଙ୍କୁ ପଚାରିବାରେ ଏହାର ତଦନ୍ତ କରାଯିବ, ଯଦି ସେ ଯୋଗ୍ୟ ବିବେଚିତ ତେବେ ତାଙ୍କୁ ଯୋଜନାରେ ସାମିଲ କରାଯିବ। ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ଜେନା କହିଛନ୍ତି, କୋଲଣପୁର ପଞ୍ଚାୟତରେ ବହୁ ଯୋଗ୍ୟ ହିତାଧିକାରୀ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି।


ପରିବାର ସଦସ୍ୟଙ୍କ ସହ ରମେଶ।

## ସଂକ୍ଷେପରେ

### ସଡ଼କ ସୁରକ୍ଷା ସପ୍ତାହ ସଚେତନତା ଅଭିଯାନ

ଟାଙ୍ଗୀ,୭ା୧୨(ରଘୁନାଥ ସାହୁ)

ଚିଲିକା ବ୍ଲକ ଅନ୍ତର୍ଗତ ବିରିବାଡି ସ୍ଥିତ ଶ୍ରୀଲୋକନାଥ ଦେବ ମାନସିଂହ ବିଦ୍ୟାପୀଠ ପକ୍ଷରୁ ଗୁରୁବାର ସଡକ ସୁରକ୍ଷା ସପ୍ତାହ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କୁନା ମହନ୍ତଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଓ ସଚେତନତା ବ୍ୟାନର ଧରି ବିଭିନ୍ନ ସ୍ଲୋଗାନ ଦେବାସହ ଗ୍ରାମ ପରିକ୍ରମା କରିଥିଲେ। ଏହାପରେ ବିଦ୍ୟାଳୟ ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବା ସହ ରାସ୍ତା ନିରାପତ୍ତା ସମ୍ପର୍କରେ ଆଲୋଚନା ହୋଇଥିଲା। ଅବସରପ୍ରାପ୍ତ ଆରକ୍ଷୀ ଅଧିକାରୀ ବସନ୍ତ କୁମାର ହରିଚନ୍ଦନ ମୁଖ୍ୟ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ସମସ୍ତ ସହକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ୧୨ ଜାଗା ଆଖଡ଼ାର ବିକାଶ ପାଇଁ ଭୂମିପୂଜା

ପୁରୀ,୭ା୧୨(ଅଜିତ୍ ମହାନ୍ତି)

ପୁରୀ ସହରରେ ଥିବା ୩୫ଟି ଜାଗା ଆଖଡ଼ାର ବିକାଶ ନିମନ୍ତେ ବହୁମୁଖୀ ବ୍ୟାୟାମଶାଳା ଓ ଭିତ୍ତିଭୂମି ଉନ୍ନୟନ ପାଇଁ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ଜିଲା ପ୍ରଶାସନ ପଦକ୍ଷେପ ନେଇଛି। ଏହି ପରିପ୍ରେକ୍ଷୀରେ ଜାଗା ଆଖଡ଼ାର ଭିତ୍ତିଭୂମି ପୂଜନ କରାଯାଉଛି। ଦ୍ୱିତୀୟ ଦିନରେ ଗୁରୁବାର ପୁରୀ ସହରର ୧୨ଟି ଜାଗାର ବିକାଶ ପାଇଁ ଭୂମି ପୂଜା କରାଯାଇଛି। ପୁରୀ ପୌର ନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ନୂଆ ତୋଟା ଜାଗା, ଜଗୁ ତିଆଡ଼ି ଜାଗା, ଅଡ଼ଙ୍ଗ ତିଆଡ଼ି, ଖାସ୍ ଜାଗା, କୁଶନ ଖୁଣ୍ଟିଆ ଜାଗା, ମୁଦୁଲି ଜାଗା, ଧ୍ୱଜଗଡ଼ ଜାଗା, ଜମି ଖୁଣ୍ଟିଆ ଜାଗା, ବାରବାଟୀ ଜାଗା, ନୃସିଂହ ବଲ୍ଲଭ ଜାଗା ଓ ଶଙ୍ଖତୋଟା ଜାଗାରେ ପହଞ୍ଚି ଭୂମିପୂଜା କରିଥିଲେ।

### ଶୋଇବା ଘରେ ବୃଦ୍ଧାଙ୍କୁ ହତ୍ୟା ଘଟଣାରେ ୩ ଅଟକ

ବାରଙ୍ଗ,୭ା୧୨(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅଧୀନ ମଧୁପୁର ଗ୍ରାମର ବୃଦ୍ଧା ସୁଚିତ୍ରାଙ୍କୁ ମଙ୍ଗଳବାର ରାତିରେ ଶୋଇବା ଘରେ ହତ୍ୟା କରାଯାଇଥିବା ଘଟଣାରେ ପୋଲିସ ଗୁରୁବାର ୩ ଜଣଙ୍କୁ ଅଟକ ରଖି ପଚରାଉଚରା ଆରମ୍ଭ କରିଛି। ପୋଲିସ ୪୬୬/୨୩ରେ ଏକ ମାମଲା ରୁଜୁ କରି ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହ ତଦନ୍ତ କରୁଛି। ପ୍ରକାଶ ଯେ, ଗ୍ରାମର ଚତୁର୍ଭୁଜ ସାହୁଙ୍କ ପୁଅ ସରୋଜ ମଙ୍ଗଳବାର ରାତିରେ ଘରେ ନ ଥିବାରୁ ସୁଚିତ୍ରା ତାଙ୍କ ବୋହୂଙ୍କୁ ତାଙ୍କ ପାଖରେ ଶୋଇବାକୁ ଡାକିଥିଲେ। ପରେ ବୋହୂ ସେଠାରୁ ପଳାଇଥିଲେ। ଶ୍ୱଶୁର ଦାଣ୍ଡପଟ ଘରେ ଶୋଇଥିଲେ। ସକାଳେ ଶାଶୁଙ୍କର ରକ୍ତ ଜୁଡୁବୁଡୁ ଅବସ୍ଥାରେ ଶୋଇବା ଘରୁ ମୃତଦେହ ମିଳିଥିଲା। ପୋଲିସ ସନ୍ଦେହରେ ବୋହୂ, ବୋହୂଙ୍କ ଭିଣୋଇ ଓ ଅନ୍ୟ ଜଣଙ୍କୁ ସକାଳୁ ଥାନାକୁ ଆଣି ପଚରାଉଚରା କରୁଥିବା ଜଣାପଡ଼ିଛି।

# ଗଙ୍ଗୁଆ, ଦୟାର ସଂଯୋଗ ସ୍ଥଳରେ ହେବ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ

ଭୁବନେଶ୍ୱର,୭ା୧୨(ଅନିଲ ଦାସ)

**୫-ଟି ଅଧ୍ୟକ୍ଷଙ୍କ ସମୀକ୍ଷା**

- ସବୁ ଘର ସହ ସଂଯୁକ୍ତ ହେବ ସ୍ୱେରେଜ
- ପ୍ରଦୂଷଣ ଉପରେ ନଜର ରଖିବେ ବିଏମ୍‌ସି, ଏସ୍‌ପିସିବି, ୱାଟ୍‌କୋ
- ଭୁବନେଶ୍ୱର ନର୍ଦ୍ଦମା ପାଣିର ବୈଷୟିକ ଯାଞ୍ଚ ହେବ

ଦୟାନଦୀ ପାଣିକୁ ପ୍ରଦୂଷଣମୁକ୍ତ ରଖାଯିବା ଉପରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଗୁରୁତ୍ୱାରୋପ କରିଛନ୍ତି। ଏ ସମ୍ପର୍କରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ସେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ନଗର ଉନ୍ନୟନ ବିଭାଗ ଏବଂ ଭୁବନେଶ୍ୱର ମହାନଗର ନିଗମକୁ ନିର୍ଦ୍ଦେଶ ଦେଇଛନ୍ତି। ଦୟା ନଦୀର ଜଳକୁ ବିଶୁଦ୍ଧ ରଖିବା ସଂକ୍ରାନ୍ତରେ ଗୁରୁବାର ପାଣ୍ଡିଆନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ଭୁବନେଶ୍ୱର ସହର ନର୍ଦ୍ଦମା ପାଣିର ନିୟମିତ ବୈଷୟିକ ଯାଞ୍ଚ ହେବ । ମହାନଗର ନିଗମ ଅଞ୍ଚଳରେ ଥିବା ବିଭିନ୍ନ ପ୍ରତିଷ୍ଠାନର ଦୂଷିତ ଜଳକୁ ସ୍ୱେରେଜ ଲାଇନ୍ ସହିତ ସଂଯୋଗ କରିବା ପାଇଁ ବାଧ୍ୟତାମୂଳକ କରାଯାଇଛି। ଏଥିସହିତ ବିଏମ୍‌ସିର ସବୁ ଘର ଯେପରି ସ୍ୱେରେଜ ଲାଇନ୍ ସହିତ ଶୀଘ୍ର ସଂଯୁକ୍ତ ହୋଇପାରିବ ସେ ଦିଗରେ ମଧ୍ୟ ସଚେତନତା ସୃଷ୍ଟି କରିବା ପାଇଁ ପାଣ୍ଡିଆନ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱରରେ ୱାଟ୍‌କୋ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ସ୍ୱେରେଜ କାମ ଚାଲିଛି। ବିଭିନ୍ନ ଏଜେନ୍ସି ସହ ସମନ୍ୱୟ ରକ୍ଷାକରି କାମ କଲେ ଜନସାଧାରଣଙ୍କ ବିଶେଷ ଅସୁବିଧା ହେବ ନାହିଁ ବୋଲି ପାଣ୍ଡିଆନ କହିଛନ୍ତି। ସ୍ୱେରେଜ କାମ ତ୍ୱରାନ୍ୱିତ କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବା ଏବଂ ବସ୍ତି ସମେତ ସହରର ସବୁ ଅଞ୍ଚଳ ଯେପରି ସ୍ୱେରେଜ ବ୍ୟବସ୍ଥା ସହିତ ସଂଯୁକ୍ତ ହେବ ସେଦିଗରେ ପଦକ୍ଷେପ ନେବା ପାଇଁ ସେ ୱାଟ୍‌କୋକୁ ନିର୍ଦ୍ଦେଶ ଦେଇଛନ୍ତି। ଦୟା ନଦୀର ଜଳକୁ ବିଶୁଦ୍ଧ କରିବା ପାଇଁ ଦୟା ଓ ଗଙ୍ଗୁଆର ସଂଯୋଗ ସ୍ଥଳରେ ୱାଟ୍‌କୋ ପକ୍ଷରୁ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳଯୁକ୍ତ ଏକ ବିଶୋଧନ ପ୍ଲାଣ୍ଟ ନିର୍ମାଣ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି।

ଭୁବନେଶ୍ୱର ସହରରେ ବିଭିନ୍ନ ଶିଳ୍ପାନୁଷ୍ଠାନ ମଧ୍ୟ ରହିଛି। ସେମାନଙ୍କର ବର୍ଜ୍ୟବସ୍ତୁ ଓ ଜଳର କିପରି ଉପଯୁକ୍ତ ବିଶୋଧନ କରାଯାଇପାରିବ ସେଥିପାଇଁ ଇଡ୍‌କୋ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ଓ ବିଏମ୍‌ସି ପକ୍ଷରୁ ନିୟମିତ ଯାଞ୍ଚ କରାଯିବ। ଭୁବନେଶ୍ୱର ସହରର ବିଭିନ୍ନ ନର୍ଦ୍ଦମା ଜଳ ବିଶୋଧନ ପ୍ଲାଣ୍ଟରେ ପହଞ୍ଚିବା ପୂର୍ବରୁ ସେଗୁଡ଼ିକର ୱାଟ୍‌କୋ ଏବଂ ଏସ୍‌ପିସିବି ପକ୍ଷରୁ ନିୟମିତ ବୈଷୟିକ ଯାଞ୍ଚ ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଦୟା ନଦୀର ଜଳକୁ ବିଶୁଦ୍ଧ ରଖିବା ପାଇଁ ବିଏମ୍‌ସି ଅଞ୍ଚଳର ବର୍ଜ୍ୟବସ୍ତୁ ସୃଷ୍ଟିକାରୀ ଶିଳ୍ପ ତଥା ଅନ୍ୟ ପ୍ରତିଷ୍ଠାନଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖି ଏହାର ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବାକୁ ବିଏମ୍‌ସିକୁ ପାଣ୍ଡିଆନ ନିର୍ଦ୍ଦେଶ ଦେଇଛନ୍ତି। ବିଡିଏ ଉପାଧ୍ୟକ୍ଷ ବଳୱନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଗଠିତ ଦୟା ଟାସ୍କଫୋର୍ସ ଦୟା ନଦୀ ପାଣିକୁ ବିଶୁଦ୍ଧ ରଖିବା ପାଇଁ ବିଭିନ୍ନ ଏଜେନ୍ସି ସହିତ ସମନ୍ୱୟ ରଖି ପଦକ୍ଷେପ ନେଇଛି । ବୈଠକରେ ବଳବନ୍ତ ସିଂ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଏକ ରିପୋର୍ଟ ଉପସ୍ଥାପନ କରିଥିଲେ।

# ଟାଙ୍ଗୀ ପୂର୍ବତନ ଶିକ୍ଷା ଅଧିକାରୀ ମହେଶ୍ୱରଙ୍କୁ ଜାତୀୟ ପୁରସ୍କାର



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କଠାରୁ ମହେଶ୍ୱର ସାହୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଟାଙ୍ଗୀ,୭ା୧୨(ରଘୁନାଥ ସାହୁ)

ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ବିଭିନ୍ନ ସ୍ତରରେ କାର୍ଯ୍ୟରତ ୪ ଜଣ ଶିକ୍ଷା ଅଧିକାରୀଙ୍କୁ ଶିକ୍ଷା ପ୍ରଶାସନ କ୍ଷେତ୍ରରେ ଅଭିନବ ପ୍ରୟାସ ପାଇଁ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି। ତନ୍ମଧ୍ୟରେ ଟାଙ୍ଗୀ ବ୍ଲକର ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଓସେପା ଉପନିର୍ଦ୍ଦେଶକ ମହେଶ୍ୱର ସାହୁ ସୁନ୍ଦର ବିଦ୍ୟାଳୟ ପରିବେଶରେ ଆନନ୍ଦଦାୟକ ଶିକ୍ଷା ଦିଗରେ ଅଭିନବ ପ୍ରୟାସ ପାଇଁ ନୂଆଦିଲ୍ଲୀ ଠାରେ ଜାତୀୟ ଶୈକ୍ଷିକ ଯୋଜନା ଓ ପ୍ରଶାସନ ଅନୁଷ୍ଠାନ ଦ୍ୱାରା ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଠାରୁ ଏହି ଜାତୀୟ ପୁରସ୍କାର ଗ୍ରହଣ କରିଛନ୍ତି। ଏହି ପୁରସ୍କାର ପାଇଁ ମହେଶ୍ୱରଙ୍କୁ ଟାଙ୍ଗୀ ଅଞ୍ଚଳର ଶତାଧିକ ବୁଦ୍ଧିଜୀବୀ, ଶିକ୍ଷୟିତ୍ରୀଶିକ୍ଷକ ଶୁଭେଚ୍ଛା ଜଣାଇଛନ୍ତି। ପ୍ରାଥମିକ ଶିକ୍ଷକ ସଂଘ ଜିଲା ସମ୍ପାଦକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ବ୍ଲକ ସଭାପତି ସଲିଳ କୁମାର ସ୍ୱାଇଁ, ସମ୍ପାଦକ ସନ୍ତୋଷ କୁମାର ବେହେରା, ସଙ୍ଗଠନ ସମ୍ପାଦକ ସମରେଶ ବେହେରା, ରବୀନ୍ଦ୍ର କୁମାର ବେହେରା, ବଳରାମ ବେହେରା, ସିଦ୍ଧାର୍ଥ ମିଶ୍ର, ନୀଳାଦ୍ରି ସିଂ, ବିଜୟ ସେଠୀ, ଦୁର୍ଗା ଚରଣ ଚିଲିକା କଲେଜ ପରିଚାଳନା କମିଟି ପୂର୍ବତନ ସଭାପତି ରଘୁନାଥ ସାହୁ, ପୂର୍ବତନ ବିଆରସିସି ପ୍ରଶାନ୍ତ କୁମାର ବିଶ୍ୱାଳ ପ୍ରମୁଖ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି। ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଥିବା ସମୟରେ ବିଦ୍ୟାଳୟର ଶୈକ୍ଷିକ ବାତାବରଣରେ ପରିବର୍ତ୍ତନ ଆଣିବା ସହ ମହେଶ୍ୱରଙ୍କ କାର୍ଯ୍ୟଶୈଳୀ ପ୍ରଶଂସନୀୟ ଥିଲା।

# ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକାଶ କରିବ 'ନୂଆ-ଓ'




ବୋଲଗଡ଼,୭ା୧୨(ଦେବବ୍ରତ ହୋତା)

ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ଦେଉଳିସ୍ଥିତ ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ, ବିଦ୍ୟାର୍ଥୀମାନେ ଏଥିରେ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ଡ.ତପନ କୁମାର ଜେନା ଅଧ୍ୟକ୍ଷତା କରିଥିବା ବେଳେ ଅତିଥିଭାବେ ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ଜିଲାପରିଷଦ ସଭ୍ୟ ପ୍ରଦୀପ୍ତ ଛୋଟରାୟ, ବ୍ଲକ ଉପାଧ୍ୟକ୍ଷ ରମେଶ ସାହୁ, ମଣ୍ଡଳ ଉନ୍ନୟନ ଅଧିକାରୀ ଶରତ ଚନ୍ଦ୍ର ମଲ୍ଲିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅମୂଲ୍ୟ ବାହିନୀପତି, ଅନୁଷ୍ଠାନର ପ୍ରତିଷ୍ଠାତା ଭାଗୀରଥି ସାହୁ, ସରପଞ୍ଚ ପ୍ରଦୀପ କୁମାର ବାରିକ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ତ୍ରିଲୋଚନ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ କେଦାର ନାଥ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ପଦ୍ମାଳୟା ମହାରଣାଙ୍କ ନିର୍ଦ୍ଦେଶିତ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଯୁବ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ଅନ୍ତର୍ଗତ ଏହି କାର୍ଯ୍ୟକ୍ରମ ୮ଦିନ ଧରି ଚାଲିବାକୁ ଥିବାବେଳେ କ୍ରୀଡା, ସାଂସ୍କୃତିକ ଓ ସାମାଜିକ ସଚେତନତା ଆଦି ବିଭାଗରେ ବିଦ୍ୟାର୍ଥୀମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଦୌଡ଼କୁଦ, ଜାଭେଲିନ, ସଟପୁଟ, ହାଇଜମ୍ପ, ଲଙ୍ଗଜମ୍ପ, କ୍ରିକେଟ, ଭଲିବଲ, ଖୋଖୋ ଓ କବାଡି ଆଦି ସହ ସାଂସ୍କୃତିକ ବିଭାଗରେ ସଙ୍ଗୀତ, ବକ୍ତୃତା, ନୃତ୍ୟ, ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ ଓ ସାମାଜିକ ସଚେତନତାରେ ମାଦକ ଦ୍ରବ୍ୟ, ଯୌତୁକ ଓ ପ୍ଲାଷ୍ଟିକ ଆଦିକୁ 'ନା' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମର ଶେଷ ଦିବସରେ କତୀ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯିବ। ଅଧ୍ୟାପିକା ଅମୀୟବାଳା ନନ୍ଦ, ଗାୟତ୍ରୀ ଦାସ, ଚାରୁଲତା ନାୟକ, ଅଧ୍ୟାପକ ରାମଚନ୍ଦ୍ର ଜେନା, ଉମାକାନ୍ତ ଓଝା, ପ୍ରତାପ ବେହେରା, ସମୀର ଦାସ ଓ ସେକ୍ ଅବଦୁଲ ବରଖତୁଲ୍ଲା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ଅଧ୍ୟାପକ ଭଗବାନ ଜେନା ଧନ୍ୟବାଦ ଦେଇଥିଲେ।

### ଆଜି କେସିଓର ଷ୍ଟାଣ୍ଡ୍ ଅପ୍ କମେଡ଼ି ଶୋ

ଭୁବନେଶ୍ୱର,୭ା୧୨(ଶର୍ମିଷ୍ଠା ପାଣିଗ୍ରାହୀ)

ଦିନକୁ ଦିନ ଷ୍ଟାଣ୍ଡ୍ ଅପ୍ କମେଡ଼ି ଶୋ' ଲୋକପ୍ରିୟତା ହାସଲ କରୁଛି। ବିଶେଷକରି ଏ କ୍ଷେତ୍ରରେ ଯୁବପିଢ଼ିଙ୍କର ଅଧିକ ଆଗ୍ରହ ଦେଖିବାକୁ ମିଳୁଛି। ଫଳରେ ଅନେକ ମଧ୍ୟ ସୋସିଆଲ ମିଡିଆରେ ଷ୍ଟାଣ୍ଡଅପ୍ କମେଡ଼ି କରି ଲୋକଙ୍କୁ ହସାଉଛନ୍ତି। ହସି ହସାଇବାରେ ନୂଆ ପରିକଳ୍ପନା ଷ୍ଟାଣ୍ଡ୍ ଅପ୍ କମେଡ଼ିକୁ ନେଇ ପ୍ରଥମଥର ପାଇଁ କମେଡ଼ି କ୍ଲବ ଅଫ୍ ଓଡ଼ିଶା(କେସିଓ)ପକ୍ଷରୁ ଶୁକ୍ରବାର ସନ୍ଧ୍ୟା ୬ଟା ୩୦ରେ ଭଞ୍ଜକଳା ମଣ୍ଡପରେ ଏକ ସ୍ୱତନ୍ତ୍ର ଶୋ 'ଓଡ଼ିଆ କମେଡି ଫେଷ୍ଟ' ଅନୁଷ୍ଠିତ ହେବ। ଲୋକଙ୍କୁ ପାରମ୍ପରିକ ଜୀବନ ଶୈଳୀ ଭିତରୁ ବାହାର କରି ସେମାନଙ୍କ ମୁହଁରେ ହସ ଭରିବା ଏହି କ୍ଲବର ଉଦ୍ଦେଶ୍ୟ ବୋଲି ଏହାର ସମ୍ପାଦକ ରିତେନ ପଟ୍ଟନାୟକ କହିଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶାର ବଛା ବଛା ଷ୍ଟାଣ୍ଡ୍ ଅପ୍ କମେଡ଼ି କରୁଥିବା କଳାକାରଙ୍କ ଦ୍ୱାରା ପରିଚାଳିତ ହେବ। ରିତେନ ପଟ୍ଟନାୟକ, ବିଶାଳ ମହାନ୍ତି, ମଳୟ ରଞ୍ଜନ ପରିଡ଼ା, ଚିରଞ୍ଜୀବୀ, ସୁଜିତ, ଷ୍ଟାଲିନ, ଅଭିଜିତ ପ୍ରମୁଖ କମେଡି କରିବେ।

**ବହୁଚର୍ଚ୍ଚିତ ଚନ୍ଦୁ ହତ୍ୟା ମାମଲା**

# ଅଭିଯୁକ୍ତ କାହ୍ନା ନାୟକଙ୍କୁ ଆଜୀବନ ଜେଲ

ଭୁବନେଶ୍ୱର,୭ା୧୨
(ସୂର୍ଯ୍ୟକାନ୍ତ ବେହେରା)



କ୍ୟାପିଟାଲ ଥାନା ଅଞ୍ଚଳରେ ଘଟିଥିବା ବହୁଚର୍ଚ୍ଚିତ ପି. ସୁବ୍ରତ ରାଓ ଓରଫ ଚନ୍ଦୁ ହତ୍ୟା ମାମଲାର ଗୁରୁବାର ଭୁବନେଶ୍ୱର ଅତିରିକ୍ତ ଜିଲା ଦୌରାଜଜ୍-୨ କୋର୍ଟରେ ରାୟ ପ୍ରକାଶ ପାଇଛି। ମାମଲାର ଶୁଣାଣି କରି ବିଚାରପତି ବନ୍ଦନା କର ଅଭିଯୁକ୍ତ କାହ୍ନା ନାୟକଙ୍କୁ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଅପରପକ୍ଷେ ସହଯୋଗୀ ରଞ୍ଜୁ ନାୟକ ଉଚ୍ଚ ନ୍ୟାୟାଳୟରୁ ଜାମିନ ପାଇ ଜେଲରୁ ମୁକୁଳିଥିଲେ ମଧ୍ୟ ଶୁଣାଣି ବେଳେ କୋର୍ଟରେ ହାଜର ନ ହେବାରୁ ତାଙ୍କ ବିରୋଧରେ ଦଣ୍ଡ ବିଧାନ ଶୁଣାଣି ସ୍ଥଗିତ ରଖାଯାଇଛି। ତେବେ ୩୩ଜଣ ସାକ୍ଷୀଙ୍କ ବୟାନ ଓ ବିଭିନ୍ନ ଦସ୍ତାବିଜକୁ ଆଧାର କରି ଅଦାଲତ ଏହି ରାୟ ଶୁଣାଇଛନ୍ତି।

ସୂଚନାନୁସାରେ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଭୁବନେଶ୍ୱର ୟୁନିଟ-୮ ନାରାୟଣ ବସ୍ତିରେ ଚନ୍ଦୁ ଓରଫ ପି ସୁବ୍ରତ ରାଓଙ୍କୁ ସେହି ବସ୍ତିରେ ରହୁଥିବା ରଞ୍ଜୁ ଓ ତାଙ୍କ ସ୍ୱାମୀ କାହ୍ନା ଗତବର୍ଷ ସେପ୍ଟେମ୍ବର ୯ ରାତିରେ ବିଭିନ୍ନ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଚନ୍ଦୁଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ପଡ଼ୋଶୀମାନେ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଚନ୍ଦୁଙ୍କ ଭାଇ ଶିବାନନ୍ଦ ରାଓ କ୍ୟାପିଟାଲ ଥାନାରେ ଅଭିଯୋଗ କରିବାରୁ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣାର ୫ ଦିନ ପରେ ରଞ୍ଜୁ ଓ ତାଙ୍କ ସ୍ୱାମୀ କାହ୍ନାଙ୍କୁ ପୋଲିସ ଗିରଫ କରିବା ସହ ଅପରାଧରେ ବ୍ୟବହୃତ ବହ୍ଲା (କାଠ)କୁ ମଧ୍ୟ ଜବତ କରିଥିଲା। ତଦନ୍ତ ପରେ ପୋଲିସ ଗତ ଫେବୃୟାରୀରେ ଉଭୟଙ୍କ ବିରୋଧରେ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ସଲିଳ ପ୍ରଧାନ ମାମଲା ପରିଚାଳନା କରିଥିଲେ।

# ମେୟର, କମିଶନରଙ୍କୁ ଭେଟିଲେ ୟୁଏସ୍ କନ୍‌ସଲ ଜେନେରାଲ

ଭୁବନେଶ୍ୱର, ୭ା୧୨(ଅନୁରାଧା ମହାରଣା)

ହାଇଦ୍ରାବାଦ୍‌ରେ ଅବସ୍ଥାପିତ ୟୁନାଇଟେଡ୍ ଷ୍ଟେଟ୍‌ସର କନ୍‌ସଲ୍ ଜେନେରାଲ ଜେନିଫର ଲାର୍ସନଙ୍କ ନେତୃତ୍ୱରେ ଓଡ଼ିଶା ଆସିଥିବା ୫ ଜଣିଆ ପ୍ରତିନିଧି ଦଳ ଗୁରୁବାର ମେୟର ସୁଲୋଚନା ଦାସ ଓ କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟିଛନ୍ତି। ସେମାନେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ପରିଚାଳନା ଅଭ୍ୟାସ, ପ୍ରାକୃତିକ ସମ୍ବଳର ସୁବିନିଯୋଗ, ସ୍ମାର୍ଟ ସିଟିକୁ ରୂପାନ୍ତରୀକରଣ ପାଇଁ ପଦକ୍ଷେପ ଏବଂ ୟୁନାଇଟେଡ୍ ଷ୍ଟେଟ୍‌ସର ବିଭିନ୍ନ ସହର ସହିତ ବିଏମ୍‌ସିର ପୁରୁଣା ଅଂଶୀଦାରିତା ସଂପର୍କରେ ପ୍ରତିନିଧିମାନେ ଆଲୋଚନା କରିଥିଲେ। ମେୟର ଉକ୍ତ ପ୍ରତିନିଧି ଦଳକୁ କୃତଜ୍ଞତା ଜଣାଇବା ସହ ବିଏମ୍‌ସି ସହରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରିବା ପାଇଁ ନେଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ବିଏମ୍‌ସି ପକ୍ଷରୁ ପ୍ରାକୃତିକ ସମ୍ବଳର ସୁବିନିଯୋଗ ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ସମ୍ପର୍କରେ ୟୁଏସ୍ ଜେନେରାଲ ଜେନିଫର ଓ ତାଙ୍କ ଟିମ୍ ଜାଣିବା ସହ ବିଏମ୍‌ସିର ଦୂରଦର୍ଶିତା ଓ ଗୋଷ୍ଠୀ ସହଭାଗିତା ନୀତିକୁ ଉଚ୍ଚ ପ୍ରଶଂସା କରିଥିଲେ। ଭୁବନେଶ୍ୱର ମହାନଗର ନିଗମ ପ୍ରାଚୀନ ଐତିହ୍ୟ ଓ ଆଧୁନିକ ଭିତ୍ତିଭୂମି ମହାମିଳନର ଏକ ନିଦର୍ଶନ ବୋଲି ଜେନିଫର କହିଛନ୍ତି। ଏହି ଆଲୋଚନା ସମୟରେ ଉକ୍ତ ପ୍ରତିନିଧି ଦଳ ଓ ବିଏମ୍‌ସି ମଧ୍ୟରେ ବିଭିନ୍ନ ସହରୀକରଣ ବିକାଶ ବାବଦରେ ଭାବର ଆଦାନ ପ୍ରଦାନ ହୋଇଥିଲା। ଏହି ପ୍ରତିନିଧି ଦଳରେ ୟୁଏସ୍‌ର ପଲିଟିକାଲ ଆଣ୍ଡ୍ ଇକୋନୋମିକ୍ ଅଫିସର ଫ୍ରାଙ୍କ ତାଲୁଟୋ, ପ୍ରମୁଖ ବାଣିଜ୍ୟିକ ଅଧିକାରୀ ରାଘବନ ଶ୍ରୀନିବାସନ, ଆର୍ଥିକ ଉପଦେଷ୍ଟା ଶିବପ୍ରସାଦ ତ୍ରିପାଠୀ, ୟୁଏସ୍‌ଏଆଇଡି ଉପଦେଷ୍ଟା ଅମ୍ରିତା ଗୋସ୍ୱାମୀ ପ୍ରମୁଖ ରହିଥିଲେ। ବିଏମ୍‌ସି ପକ୍ଷରୁ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ ଉପସ୍ଥିତ ଥିଲେ ।

# ରାସ୍ତା ସଙ୍କୁଚିତ, ଯାତାୟାତରେ ସମସ୍ୟା ଆଶଙ୍କା

ପୁରୀ, ୭ା୧୨(ଅଜିତ୍ ମହାନ୍ତି):



ଭକ୍ତଙ୍କ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ବଡ଼ଦାଣ୍ଡରେ ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରଣ ବ୍ୟାରିକେଡ ବା ଏସି ଟନେଲ ନିର୍ମାଣ କରାଯିବ। ଏଥିଲାଗି ଶ୍ରୀମନ୍ଦିର କାର୍ଯ୍ୟାଳୟଠାରୁ ମରିଚିକୋଟ ଛକ ପର୍ଯ୍ୟନ୍ତ ବଡ଼ଦାଣ୍ଡ ଉଭୟ ପାର୍ଶ୍ୱରୁ ଉଠାଦୋକାନୀମାନଙ୍କୁ ହଟାଯିବା ପରେ ପ୍ରଶାସନ ପକ୍ଷରୁ ମାପଚୁପ କରାଯାଇଥିଲା। ପରେ ମାପ ଅନୁସାରେ ବାଉଁଶରେ ବ୍ୟାରିକେଡ ନିର୍ମାଣ ଆରମ୍ଭ ହୋଇଛି। ନୂତନବର୍ଷଠାରୁ ଭକ୍ତମାନେ ନୂଆ ଅନୁଭୂତି ନେଇ ପୁରୀରୁ ଫେରିବେ। ଭକ୍ତମାନେ ମରିଚକୋଟ ଛକସ୍ଥିତ ଧର୍ମଜ୍ୟୋତି ଲଜିଂ ନିକଟରୁ ଶ୍ରୀମନ୍ଦିରକୁ ଏହି ସ୍ୱତନ୍ତ୍ର ଏସି ବ୍ୟାରିକେଡ ଦେଇ ଯିବେ। ଟନେଲ୍ ସଦୃଶ ଷ୍ଟେନଲେସ୍ ଷ୍ଟିଲ୍ ଟେନସାଇଲ୍ ଫେବ୍ରିକ କଭରରେ ନିର୍ମିତ ସ୍ୱତନ୍ତ୍ର ଟନେଲ୍‌ର ଲମ୍ବ ୮୪ ମିଟର ଓ ଚଉଡ଼ା ୧୬ ମିଟର ରହିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି। ଅପରପକ୍ଷରେ ବିସ୍ଥାପିତ ହୋଇଥିବା ଦୋକାନୀମାନେ ସେମାନଙ୍କୁ ପ୍ରଥମେ ଥଇଥାନ କରିବା ପାଇଁ ଦାବି କରିଛନ୍ତି। ସେହିପରି ଟନେଲ ନିର୍ମାଣ ପୂର୍ବରୁ ସମ୍ପୃକ୍ତ ସ୍ଥାନରେ ବାଉଁଶ ଘେରାଇ ଦିଆଯାଇଥିବାରୁ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନର ପ୍ରସ୍ଥାନ ବ୍ୟବସ୍ଥା ସଙ୍କୁଚିତ ହେବା ସହ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଏପରିକି ଯାତ୍ରୀଙ୍କ ନେଇ ପ୍ରଶ୍ନ ଉଠିଛି। ଅତୀତରେ ବଡ଼ଦାଣ୍ଡଠାରେ ଥିବା ହୋଟେଲ୍ ସମ୍ରାଟରେ ନିଆଁ ଲାଗିଯିବାରୁ ଦୀର୍ଘ ସମୟ ଧରି ଏହାକୁ ଆୟତ୍ତ କରିବା କଷ୍ଟକର ହୋଇପଡ଼ିଥିଲା। ବର୍ତ୍ତମାନ ସେଠାରେ ରାସ୍ତା ସଙ୍କୁଚିତ କରାଗଲେ ଜରୁରୀକାଳୀନ ଗାଡ଼ି ଚଳାଚଳ କରିବା ନେଇ ସମସ୍ୟା ଉପୁଜିପାରେ।

**ଏସି ଟନେଲ ନିର୍ମାଣ ପ୍ରସଙ୍ଗ**

ଟନେଲ ନିର୍ମାଣ ପାଇଁ ଦୋକାନଗୁଡ଼ିକୁ ଉଚ୍ଛେଦ କରାଯାଇଥିବାରୁ ବର୍ତ୍ତମାନ ଶ୍ରୀମନ୍ଦିର କାର୍ଯ୍ୟାଳୟଠାରୁ ମରିଚକୋଟ ଛକ ଯାଏ ବଡ଼ଦାଣ୍ଡ ପ୍ରାୟ ଜନଶୂନ୍ୟ ପରି ପ୍ରତ୍ୟୟମାନ ହେଉଛି। ଭକ୍ତଙ୍କ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାରିକେଡ ନିର୍ମାଣ କରାଯାଉଛି। ଶ୍ରୀମନ୍ଦିର ଯାତ୍ରୀ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପୂର୍ବରୁ ପୁରୀ ବଡ଼ଦାଣ୍ଡକୁ ଭେଣ୍ଡିଂମୁକ୍ତ କରି ଏହି ଶେଡ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ହେବ। ଶ୍ରଦ୍ଧାଳୁଙ୍କ ସୁଖଦ ଓ ଶୃଙ୍ଖଳିତ ଯାତାୟାତ ନିମନ୍ତେ ଏସି ଟେନସିଲ୍ ଫେବ୍ରିକ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏନେଇ ଦଇତାପତି ସେବକ ବିନାୟକ ଦାସ ମହାପାତ୍ର କହିଛନ୍ତି, ଭକ୍ତଙ୍କ ପାଇଁ ବ୍ୟବସ୍ଥା କରାଯାଉ, ମାତ୍ର ସମସ୍ତ ଦିଗକୁ ଧ୍ୟାନ ଦିଆଯାଉ। କାରଣ ବର୍ତ୍ତମାନ ଯେଉଁ ନିର୍ମାଣ ଚାଲିଛି ତାହାଫଳରେ ରାସ୍ତା ସଙ୍କୁଚିତ ହେବ।

# ଶ୍ରୀମନ୍ଦିର ଐଶାନ୍ୟ କୋଣରେ ହେବ ଯଜ୍ଞ

ପୁରୀ, ୭ା୧୨(ଅଜିତ୍ ମହାନ୍ତି):

**ପରିକ୍ରମା ପ୍ରକଳ୍ପ ନେଇ ସମୀକ୍ଷା ବୈଠକ**

- ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ସ୍ଥାନ ନିରୂପଣ ହେଲା
- ଭିଡିଓ ଡିସ୍ ପ୍ଲେରେ ହେବ ଉତ୍ସବର ସିଧା ପ୍ରସାରଣ


ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଏବଂ ଅନ୍ୟମାନେ କାର୍ଯ୍ୟକ୍ରମ ସ୍ଥଳ ଅନୁଧ୍ୟାନ କରୁଛନ୍ତି।

ଆସନ୍ତା ଜାନୁୟାରୀ ୧୭ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଉତ୍ସବକୁ ସଫଳ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଏବଂ ପୁରୀ ଜିଲା ପ୍ରଶାସନ ପକ୍ଷରୁ ବାରମ୍ବାର ସମୀକ୍ଷା ବୈଠକ କରାଯାଉଛି। ଏହି ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗୁରୁବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋକାର୍ପଣ ଉତ୍ସବରେ କେଉଁ କେଉଁ ଅତିଥି ଆସିବେ, କେଉଁଠାରେ ବସିବେ, କିପରି ଆଧ୍ୟାତ୍ମିକ ପରିବେଶରେ ପୂଜାବିଧି ଅନୁଷ୍ଠିତ ହେବ ଏବଂ ଉତ୍ସବକୁ ଆକର୍ଷଣୀୟ କରାଯିବ ସେନେଇ ବୈଠକରେ ଆଲୋଚନା ହୋଇଛି। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା, ପୋଲିସ ଅଧିକାରୀ, ଟାଟା ଏବଂ ଓବିସିସିର ଅଧିକାରୀ, ପୂଜାବିଧିରେ ଯୋଗଦେବାକୁ ଥିବା ଆଚାର୍ଯ୍ୟ ଓ ବ୍ରାହ୍ମଣମାନେ ଉପସ୍ଥିତ ଥିଲେ। ପରେ ପ୍ରତିନିଧି ମଣ୍ଡଳୀ ଶ୍ରୀମନ୍ଦିର ଐଶାନ୍ୟ କୋଣକୁ ଯାଇ ପ୍ରସ୍ତୁତି ଦେଖିଥିଲେ। ସେହିପରି କେଉଁ ସ୍ଥାନରେ ଯଜ୍ଞ ହେବ, ଅତିଥି ଓ ସାଧୁସନ୍ଥମାନେ ବସିବେ ଏବଂ ଶ୍ରୀମନ୍ଦିର ଚାରିଦ୍ୱାରରେ କିଭଳି ବେଦପାଠ କାର୍ଯ୍ୟକ୍ରମ ହେବ ସେନେଇ ସ୍ଥାନ ଚିହ୍ନଟ କରିଥିଲେ।

ସୂଚନାଯୋଗ୍ୟ, ଜାନୁୟାରୀ ୧୨ତାରିଖରୁ ପୂଜାବିଧି ଆରମ୍ଭ ହେବ। ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ଅଙ୍କୁରାରୋପଣ ପୂଜା, ୧୫ରୁ ୧୭ ତାରିଖ ଯାଏ ତିନିଦିନ ଧରି ମହାଯଜ୍ଞ ଅନୁଷ୍ଠିତ ହେବ। ୧୭ ତାରିଖରେ ଗଜପତି ମହାରାଜା ପୂର୍ଣ୍ଣାହୂତି ଦେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଭକ୍ତଙ୍କ ଉଦ୍ଦେଶ୍ୟରେ ପରିକ୍ରମା ପ୍ରକଳ୍ପକୁ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ୨୦୨୧ ନଭେମ୍ବର ୨୪ରେ ଯେଉଁଭଳି ଭବ୍ୟ ସମାରୋହରେ ଶିଳାନ୍ୟାସ ହୋଇଥିଲା, ସେହିପରି ପ୍ରତିଷ୍ଠା ଉତ୍ସବ ଆୟୋଜନ କରାଯିବ। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ସମୀକ୍ଷା ବୈଠକରେ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ପରେ ଯଜ୍ଞସ୍ଥଳ ଅନୁଧ୍ୟାନ ସହ ଶ୍ରୀମନ୍ଦିର ଚାରିଦ୍ୱାରରେ ବେଦପାଠ ପାଇଁ ସ୍ଥାନ ନିରୂପଣ ହୋଇଛି। ଶ୍ରୀମନ୍ଦିର ଐଶାନ୍ୟ କୋଣରେ ଯଜ୍ଞସ୍ଥଳ ହେବ। ସେହିପରି ପୂର୍ବଦ୍ୱାରରେ ଋକ୍‌ବେଦ ମଣ୍ଡପ, ପଶ୍ଚିମ ଦ୍ୱାରରେ ଶ୍ୟାମବେଦ ମଣ୍ଡପ, ଉତ୍ତର ଦ୍ୱାରରେ ଅଥର୍ବ ବେଦ ମଣ୍ଡପ ଓ ଦକ୍ଷିଣ ଦ୍ୱାରରେ ଯଜୁର୍ବେଦ ପାରାୟଣ ମଣ୍ଡପ କରାଯିବ। ନିମନ୍ତ୍ରିତ ଅତିଥି ଓ ସାଧୁସନ୍ଥଙ୍କ ରହଣି ପାଇଁ ବ୍ୟବସ୍ଥା ହେଉଛି। ଏହି ଅବସରରେ ପ୍ରକଳ୍ପ ପାଇଁ ଭୂମିଦାନ କରିଥିବା ବ୍ୟକ୍ତି, ବିଭିନ୍ନ ନିଯୋଗର କର୍ମକର୍ତ୍ତା, ସହଯୋଗ କରିଥିବା ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିବେ। ସେଥିପାଇଁ ମଙ୍ଗୁମଠ ନିକଟରେ ଏକ ମଣ୍ଡପ ନିର୍ମାଣ କରାଯିବ। କାର୍ଯ୍ୟକ୍ରମକୁ ବିଭିନ୍ନ ପୀଠ ଓ ଚାରିଧାମକୁ ନିମନ୍ତ୍ରଣ କରାଯାଇଛି। ଭିଡିଓ ଡିସ୍ ପ୍ଲେ ଜରିଆରେ ଉତ୍ସବର ସିଧା ପ୍ରସାରଣ କରାଯିବ। ଫଳରେ ଅତିଥିମାନେ ଏହି କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ପାଇପାରିବେ। କେଉଁମାନେ କେଉଁ ଦାୟିତ୍ୱରେ ରହିବେ ସେ ନେଇ ଆଲୋଚନା କରାଯାଇଛି। ନିୟମିତ ବ୍ୟବଧାନରେ ଏଭଳି ବୈଠକ ଅନୁଷ୍ଠିତ ହେବ ବୋଲି ଦାସ କହିଛନ୍ତି।

# ରାସ୍ତା ସଙ୍କୁଚିତ, ଯାତାୟାତରେ ସମସ୍ୟା ଆଶଙ୍କା

**ପୁରୀ, ୭।୧୨(ଅଜିତ୍ ମହାନ୍ତି):**

ଭକ୍ତଙ୍କ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ବଡ଼ଦାଣ୍ଡରେ ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରଣ ବ୍ୟାରିକେଡ ବା ଏସି ଟନେଲ ନିର୍ମାଣ କରାଯିବ। ଏଥିଲାଗି ଶ୍ରୀମନ୍ଦିର କାର୍ଯ୍ୟାଳୟଠାରୁ ମରିଚିକୋଟ ଛକ ପର୍ଯ୍ୟନ୍ତ ବଡ଼ଦାଣ୍ଡ ଉଭୟ ପାର୍ଶ୍ୱରୁ ଉଠାଦୋକାନୀମାନଙ୍କୁ ହଟାଯିବା ପରେ ପ୍ରଶାସନ ପକ୍ଷରୁ ମାପଚୁପ କରାଯାଇଥିଲା। ପରେ ମାପ ଅନୁସାରେ ବାଉଁଶରେ ବ୍ୟାରିକେଡ ନିର୍ମାଣ ଆରମ୍ଭ ହୋଇଛି। ନୂତନବର୍ଷଠାରୁ ଭକ୍ତମାନେ ନୂଆ ଅନୁଭୂତି ନେଇ ପୁରୀରୁ ଫେରିବେ। ଭକ୍ତମାନେ ମରିଚିକୋଟ ଛକସ୍ଥିତ ଧର୍ମଜ୍ୟୋତି ଲଜିଂ ନିକଟରୁ ଶ୍ରୀମନ୍ଦିରକୁ ଏହି ସ୍ୱତନ୍ତ୍ର ଏସି ବ୍ୟାରିକେଡ ଦେଇ ଯିବେ। ଟନେଲ୍ ସଦୃଶ ଷ୍ଟେନଲେସ୍ ଷ୍ଟିଲ୍ ଟେନସାଇଲ୍ ଫେବ୍ରିକ କଭରରେ ନିର୍ମିତ ସ୍ୱତନ୍ତ୍ର ଟନେଲ୍‌ର ଲମ୍ବ ୮୪ ମିଟର ଓ ଚଉଡ଼ା ୧୬ ମିଟର ରହିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି। ଅପରପକ୍ଷରେ ବିସ୍ଥାପିତ ହୋଇଥିବା ଦୋକାନୀମାନେ ସେମାନଙ୍କୁ ପ୍ରଥମେ ଥଇଥାନ କରିବା ପାଇଁ ଦାବି କରିଛନ୍ତି। ସେହିପରି ଟନେଲ ନିର୍ମାଣ ପୂର୍ବରୁ ସମ୍ପୃକ୍ତ ସ୍ଥାନରେ ବାଉଁଶ ଘେରା ଦିଆଯାଇଥିବାରୁ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନର ପ୍ରସ୍ଥାନ ବ୍ୟବସ୍ଥା ସଙ୍କୁଚିତ ହେବା ସହ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଏପରିକି ଯାତ୍ରୀଙ୍କ ନେଇ ପ୍ରଶ୍ନ ଉଠିଛି। ଅତୀତରେ ବଡ଼ଦାଣ୍ଡଠାରେ ଥିବା ହୋଟେଲ୍ ସମ୍ରାଟରେ ନିଆଁ ଲାଗିଯିବାରୁ ଦୀର୍ଘ ସମୟ ଧରି ଏହାକୁ ଆୟତ୍ତ କରିବା କଷ୍ଟକର ହୋଇପଡ଼ିଥିଲା। ବର୍ତ୍ତମାନ ସେଠାରେ ରାସ୍ତା ସଙ୍କୁଚିତ କରାଗଲେ ଜରୁରୀକାଳୀନ ଗାଡ଼ି ଚଳାଚଳ କରିବା ନେଇ ସମସ୍ୟା ଉପୁଜିପାରେ।

ଟନେଲ ନିର୍ମାଣ ପାଇଁ ଦୋକାନଗୁଡ଼ିକୁ ଉଚ୍ଛେଦ କରାଯାଇଥିବାରୁ ବର୍ତ୍ତମାନ ଶ୍ରୀମନ୍ଦିର କାର୍ଯ୍ୟାଳୟଠାରୁ ମରିଚିକୋଟ ଛକ ଯାଏ ବଡ଼ଦାଣ୍ଡ ପ୍ରାୟ ଜନଶୂନ୍ୟ ପରି ପ୍ରତ୍ୟୟମାନ ହେଉଛି। ଭକ୍ତଙ୍କ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାରିକେଡ ନିର୍ମାଣ କରାଯାଉଛି। ଶ୍ରୀମନ୍ଦିର ଯାତ୍ରୀ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପୂର୍ବରୁ ପୁରୀ ବଡ଼ଦାଣ୍ଡକୁ ଭେଣ୍ଡିଂମୁକ୍ତ କରି ଏହି ଶେଡ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ହେବ। ଶ୍ରଦ୍ଧାଳୁଙ୍କ ସୁଖଦ ଓ ଶୃଙ୍ଖଳିତ ଯାତାୟାତ ନିମନ୍ତେ ଏସି ଟେନସିଲ୍ ଫେବ୍ରିକ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏନେଇ ଦଇତାପତି ସେବକ ବିନାୟକ ଦାସ ମହାପାତ୍ର କହିଛନ୍ତି, ଭକ୍ତଙ୍କ ପାଇଁ ବ୍ୟବସ୍ଥା କରାଯାଉ, ମାତ୍ର ସମସ୍ତ ଦିଗକୁ ଧ୍ୟାନ ଦିଆଯାଉ। କାରଣ ବର୍ତ୍ତମାନ ଯେଉଁ ନିର୍ମାଣ ଚାଲିଛି ତାହାଫଳରେ ରାସ୍ତା ସଙ୍କୁଚିତ ହେବ। ଯିବା ଆସିବାରେ ସମସ୍ୟା ପରିଲକ୍ଷିତ ହେବ। ଦ୍ୱିତୀୟ ବ୍ୟାରିକେଡ ପାଖରେ ଥିବା ଦୋକାନ, ଧର୍ମଶାଳା, ଲଜିଂଗୁଡ଼ିକୁ ଯିବାପାଇଁ ରାସ୍ତା ସଙ୍କୁଚିତ ହେଇଯାଉଛି, ଫଳରେ କୌଣସି ଅଘଟଣ ଘଟିଲେ ସମାଧାନ କରିବା ସମ୍ଭବ ହେବ ନାହିଁ। ଯାହାର ଉଦାହରଣ ହେଉଛି ଅତୀତରେ ସମ୍ରାଟ ହୋଟେଲରେ ଅଗ୍ନିକାଣ୍ଡ ଘଟଣା। ନିଆଁ ଲିଭାଇବା ପାଇଁ ୩ଦିନ ଲାଗିଲା। ତେଣୁ ସମସ୍ତ ଘଟଣାକୁ ଚିନ୍ତାକରି ଆଲୋଚନା କରାଯାଇ ପଦକ୍ଷେପ ଗ୍ରହଣ କରାଯାଉ। ସେହିପରି ଦୋକାନ କରି ପେଟ ପୋଷୁଥିବା ଲୋକନାଥ ବେହେରା କହିଛନ୍ତି, ପ୍ରଶାସନ ଉଠାଦୋକାନକୁ ହଟାଇବା ଭାରି ଦୁଃଖ ଲାଗୁଛି। ୩୦ରୁ ୪୦ ବର୍ଷ ହେବ ବଡ଼ଦାଣ୍ଡରେ ତାଙ୍କ ବାପାଜେଜେ ଅମଳରୁ ଦୋକାନ ରହିଥିଲା। ପ୍ରଶାସନ ବର୍ତ୍ତମାନ ଉଠାଇଦେଲା, ଫଳରେ ପରିବାର ପ୍ରତିପୋଷଣ ନେଇ ଚିନ୍ତାରେ ପଡ଼ିଛି। ମାତ୍ର ୫ ଫୁଟ ଯାଗା ଦିଆଗଲେ, ସେ ସେଠାରେ ଦୋକାନ କରି ରହିବେ। ଦୋକାନ ନ ରହିଲେ ପୁରୀକୁ ଆସୁଥିବା ଭକ୍ତମାନେ କ'ଣ ଖାଇବେ ଓ କିଣିବେ। ତେଣୁ ପ୍ରଶାସନ ଆମ କଥା ଚିନ୍ତା କରୁ। ଅନ୍ୟ ଜଣେ ଦୋକାନୀ ରାଜା ସାହୁ କହିଛନ୍ତି, ଏ ନେଇ ଜିଲାପାଳଙ୍କୁ ଭେଟି ଥଇଥାନ ପାଇଁ ଦାବି କରିଛି। କିନ୍ତୁ ଦାବି ପୂରଣ ହେବ କି ନାହିଁ ଜାଣିନାହିଁ। ପ୍ରଶାସନ ଯେଉଁଠି ଥଇଥାନ କରିବାକୁ କହୁଛି, ସେଠାରେ ବେପାର ହେବନାହିଁ। ବଡ଼ଦାଣ୍ଡରେ ବ୍ୟବସାୟ କରିବା ପାଇଁ ପ୍ରଶାସନ ଅନୁମତି ନ ଦେଲେ ଭୋକ ଉପାସରେ ମରିଯିବୁ। ଅନଶନ କରିବୁ ନ ହେଲେ ଆତ୍ମହତ୍ୟା କରିବା ଛଡ଼ା ଅନ୍ୟ ଉପାୟ ନାହିଁ ବୋଲି ରାଜାଙ୍କ ସମେତ ବହୁ ଦୋକାନୀ ପ୍ରକାଶ କରିଛନ୍ତି। ଏସି ବ୍ୟାରିକେଡ ନିର୍ମାଣକୁ ବିରୋଧ କରି ସାମାଜିକ କର୍ମୀ ଦିଲୀପ ବରାଳ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ବିନାନୁମତିରେ ବଡ଼ଦାଣ୍ଡ ଖୋଳାଯାଇ କାର୍ଯ୍ୟ କରାଯାଉଛି ବୋଲି ବରାଳ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବ୍ୟାରିକେଡ୍ ନିର୍ମାଣ ଫଳରେ ଦୋକାନଗୁଡ଼ିକ ପାଇଁ ରାସ୍ତା ସଙ୍କୁଚିତ ହେଉଥିବା ଅଭିଯୋଗକୁ ଉପଜିଲାପାଳ ଭବତାରଣ ସାହୁ ଖଣ୍ଡନ କରିଛନ୍ତି। ଲୋକ ଯିବା ଆସିବା ପାଇଁ ପର୍ଯ୍ୟାପ୍ତ ସ୍ଥାନ ରହିଛି, କୌଣସି ସମସ୍ୟା ହେବ ନାହିଁ ବୋଲି ସେ କହିଛନ୍ତି।



ଏସି ଟନେଲ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ମାପଚୁପ କରାଯାଉଛି ।

**ଏସି ଟନେଲ ନିର୍ମାଣ ପ୍ରସଙ୍ଗ**

## ସଂକ୍ଷେପରେ

### ମତ୍ସ୍ୟଜୀବୀଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ

**କଣାସ, ୭।୧୨(ବିଭୂତି ଭୂଷଣ ତ୍ରିପାଠୀ):** ଚିଲିକା ଉପରେ ନିର୍ଭରକରି ଜୀବିକା ନିର୍ବାହ କରୁଥିବା ମତ୍ସ୍ୟଜୀବୀଙ୍କୁ ସ୍ୱାବଲମ୍ବୀ କରିବା ଏବଂ ଆର୍ଥିକ ସହାୟତା ଯୋଗାଇଦେବା ଲାଗି କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛନ୍ତି। ଏହି ଯୋଜନାଗୁଡ଼ିକ କିପରି ମତ୍ସ୍ୟଜୀବୀ ଓ ସମ୍ପୃକ୍ତ ସଙ୍ଗଠନଗୁଡ଼ିକ ପାଖରେ ପହଞ୍ଚିବ ଏବଂ ସେମାନେ ଏହାର ସୁଫଳ ପାଇପାରିବେ ସେନେଇ ଗୁରୁବାର କଣାସ ବ୍ଲକ କାଦୁଆ ପଞ୍ଚାୟତ କଡଡିଖିଣି ଗ୍ରାମର କୋଠଘରଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୟାବିହାର, ଗଡ଼ିଶାଗୋଡା, ଯାଗୁଲାଇପଦର, ନୂଆଦୋକନ୍ଦା, ନଇକୂଳପାଟଣା, ଗଡ଼ବଳଭଦ୍ରପୁର ଗ୍ରାମସ୍ଥିତ ମତ୍ସ୍ୟଜୀବୀ ସମବାୟ ସମିତିର ସଭାପତି, ସମ୍ପାଦକ ଏବଂ ମତ୍ସ୍ୟଜୀବୀମାନେ ଯୋଗ ଦେଇଥିଲେ। ସହକାରୀ ମତ୍ସ୍ୟ ଅଧିକାରୀ (ସାତପଡ଼ା ସାମୁଦ୍ରିକ ସମ୍ପ୍ରସାରଣ) ବିଜୟାନନ୍ଦ ସେଟ୍, ମୁଖ୍ୟ ସହକାରୀ ମତ୍ସ୍ୟ ଅଧିକାରୀ ବୀରବର ସେଠୀ, ବରିଷ୍ଠ ମତ୍ସ୍ୟ ପରାମର୍ଶଦାତା ରଜନୀକାନ୍ତ ମଲିକ ଯୋଗଦେଇ ବିଭିନ୍ନ ଯୋଜନା ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ରୂପେଶ ସାହୁ ଏବଂ ଅଜିତ ନାୟକ ପରିଚାଳନା କରିଥିଲେ।

### ୯, ୧୦ରେ ହିପ୍‌ଅପ୍ ଡ୍ୟାନ୍ସ ପ୍ରତିଯୋଗିତା

**ପୁରୀ, ୭।୧୨(ଅଜିତ୍ ମହାନ୍ତି):**

ଆଧୁନିକ ନୃତ୍ୟଭିତ୍ତିକ ଅନୁଷ୍ଠାନ 'ସିନ୍ ସାଇବା' ପକ୍ଷରୁ ଇଣ୍ଡିଆନ ବେଷ୍ଟ ଅଣ୍ଡରଗ୍ରାଉଣ୍ଡ ହିପ୍‌ଅପ୍ ଡ୍ୟାନ ବ୍ୟାଟେଲ ଏବଂ ର୍ୟାମ ସୋକେସ୍ ପ୍ରତିଯୋଗିତା ପୁରୀରେ ଅନୁଷ୍ଠିତ ହେବାକୁ ଯାଉଛି। ଏନେଇ ଗୁରୁବାର ଅନୁଷ୍ଠାନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଆୟୋଜକ ଆଦର୍ଶ ମିଶ୍ର ସୂଚନା ଦେଇଛନ୍ତି। ଆସନ୍ତା ୯ ଓ ୧୦ ତାରିଖ ଦୁଇଦିନ ଧରି ପୁରୀ ନୀଳାଦ୍ରି ବିଚ୍ ପାର୍କଠାରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଦେଶ ଓ ଦେଶ ବାହାରର ୭୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ୬ଟି କ୍ୟାଟେଗୋରିରେ ପ୍ରତିଯୋଗିତା ହେବ। ସେହିପରି ୪୦ରୁ ଅଧିକ ଅତିଥି ଯୋଗଦେବେ। ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀମାନଙ୍କୁ ଦେଢଲକ୍ଷ ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯିବ। ପୁରୀ ଏକ ନିଆରା ସ୍ଥାନ। ସେହି ନିଆରାକୁ ଜାଣିବା ପାଇଁ ପୁରୀରେ ଏପରି ପ୍ରତିଯୋଗିତା ଆୟୋଜନ କରାଯାଉଛି। ଯୁବପିଢିଙ୍କୁ ହିପ୍‌ଅପ୍ ଡ୍ୟାନ୍ସ ପ୍ରତି ଏହି ପ୍ରତିଯୋଗିତା ଆକୃଷ୍ଟ କରିବ। ତେଣୁ ପୁରୀବାସୀ ଉକ୍ତ ପ୍ରତିଯୋଗିତା ଦେଖିବା ପାଇଁ ଆୟୋଜକଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ଖବରଦାତା ସମ୍ମିଳନୀରେ ମହିମାନନ୍ଦ ବେହେରା, ଆଦିତ୍ୟ ଗୁମାନସିଂହ ଏବଂ ସ୍ମୃତି ସ୍ୱରୂପ ପ୍ରମୁଖ ଉପସ୍ଥିତ ଥିଲେ।

### ୨ ଶିଶୁ ଶ୍ରମିକ ଉଦ୍ଧାର

**ସାକ୍ଷୀଗୋପାଳ,୭।୧୨ (କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)**

ଜିଲା ଶ୍ରମ ନିୟୋଜନ ଅଧିକାରୀଙ୍କ ଚଢ଼ାଉରେ ଗୁରୁବାର ସାକ୍ଷୀଗୋପାଳ ଅଞ୍ଚଳରୁ ୨ ଶିଶୁ ଶ୍ରମିକ ଉଦ୍ଧାର ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ସତ୍ୟବାଦୀ ଥାନା ଅଧୀନ ଗବକୁଣ୍ଡ ଅଞ୍ଚଳର ଓ ଅନ୍ୟ ଜଣେ ପୁରୀ ସଦର ଥାନା ଅଧୀନ ମାଟିଆପଡ଼ା ଅଞ୍ଚଳର ବୋଲି ଜଣାପଡ଼ିଛି। ଏହି ଶିଶୁ ଶ୍ରମିକ ଦ୍ୱୟଙ୍କୁ ସେମାନଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ଅଧିକାରୀ କହିଛନ୍ତି। ସୂଚନା ମୁତାବକ, ଜିଲା ଶ୍ରମ ନିୟୋଜନ କାର୍ଯ୍ୟାଳୟ, ପୁରୀ ପକ୍ଷରୁ ସାକ୍ଷୀଗୋପାଳ ବଜାରର ଏକ ଫାଷ୍ଟ ଫୁଡ୍ ଦୋକାନରେ ଚଢ଼ାଉ କରାଯାଇଥିଲା। ଦୋକାନରେ ୨ ଶିଶୁ ଶ୍ରମିକ କାର୍ଯ୍ୟରତ ଥିବାବେଳେ ତାଙ୍କୁ ଅଧିକାରୀ ଉଦ୍ଧାର କରିଥିଲେ। ଜିଲା ଶ୍ରମ ଅଧିକାରୀ ଚୌଧୁରୀ ସୁବ୍ରତ ଜେନା ସଦଳବଳ ଏହି ଚଢ଼ାଉ କରିଥିଲେ। ସତ୍ୟବାଦୀ ଥାନା ଏଏସ୍‌ଆଇ ଦୀପ୍ତି ରଞ୍ଜନ ସାହୁ ଏଥିରେ ସହଯୋଗ କରିଥିଲେ।

## ହୃଦ୍‌ଘାତରେ ଚାଷୀ ମୃତ

**ସାକ୍ଷୀଗୋପାଳ,୭।୧୨(ଭରତ ରାଉତ):**

ପୁରୀ ଜିଲା ସତ୍ୟବାଦୀ ବ୍ଲକ ଅଲଗୁମ ପଞ୍ଚାୟତରେ ହୃଦ୍‌ଘାତରେ ଜଣେ ଚାଷୀଙ୍କ ପରଲୋକ ହୋଇଛି। ସେ ହେଲେ ବାଟୁଲିପଡ଼ା ଗ୍ରାମର ଧନେଶ୍ୱର ପ୍ରଧାନ (୫୨)। ମିଗ୍‌ଜୋମ୍ ପ୍ରଭାବରେ ବୁଧବାର ସକାଳୁ ଲାଗି ରହିଥିବା ବର୍ଷାରେ ଧାନ ଫସଲ ନଷ୍ଟ ହେବା ନେଇ ଧନେଶ୍ୱର ଚିନ୍ତିତ ଥିଲେ। ପୂର୍ବାହ୍ନରେ ବିଲକୁ ଯାଇ କିପରି ଅମଳ କରିବେ ସେହି ଚିନ୍ତାରେ ବ୍ୟସ୍ତ ହୋଇପଡ଼ିଥିଲେ। ଘରକୁ ଫେରି ପରିବାର ଲୋକଙ୍କ ସହ ଆଲୋଚନା କରି ବର୍ଷା ଟିକେ କମିଲେ କିଛି ବ୍ୟବସ୍ଥା କରିବେ ବୋଲି କହିଥିଲେ। ତେବେ ସନ୍ଧ୍ୟାରେ ଅଧିକ ବର୍ଷା ହେବାରୁ କିପରି ଫସଲ ଅମଳ କରିବେ, ଫସଲ ନଷ୍ଟ ହେଲେ ଧାର କରଜ କରିଥିବା ଅର୍ଥ କିପରି ଶୁଝିବେ ତାହା ଚିନ୍ତା କରି ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ତୁରନ୍ତ ସାକ୍ଷୀଗୋପାଳ ଡାକ୍ତରଖାନାକୁ ପରିବାର ଲୋକ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଫସଲ ନଷ୍ଟ ଆଶଙ୍କାରେ ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକ କହିଛନ୍ତି। ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଛି। ସେ ଘରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିବାବେଳେ ଏବେ ତାଙ୍କ ପରିବାର ସମ୍ପୂର୍ଣ୍ଣ ବେସାହାରା ହୋଇପଡ଼ିଛି। ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

## ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ





କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

**କଣାସ,୭।୧୨(ବିଭୂତି ଭୂଷଣ ତ୍ରିପାଠୀ):**

କଣାସ ବ୍ଲକ ଗଡ଼ସାନପୁଟ ପଞ୍ଚାୟତର ଚଉଦମୌଜା ବିଦ୍ୟୁତ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର 'ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୨୨ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ କ୍ରୀଡା, ସାଂସ୍କୃତିକ ଓ ସଚେତନତାମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। କାର୍ଯ୍ୟକ୍ରମକୁ ସାହିତ୍ୟିକ କୃପାସିନ୍ଧୁ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ବିଷ୍ଣୁପ୍ରସାଦ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଶର୍ମିଷ୍ଠା ଛୁଆଳସିଂହ, ନାଏବ ସରପଞ୍ଚ କନକଲତା ଖଣ୍ଡାୟତରାୟ, ପ୍ରଧାନଶିକ୍ଷକ ରାଜକିଶୋର ଜେନା, ସମାଜସେବୀ ନୀଳକଣ୍ଠ ଛୁଆଳସିଂହ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ା କ୍ଷେତ୍ରରେ ସଫଳତା ପାଇଁ ଉତ୍ସାହିତ କରିଥିଲେ। ଅଧ୍ୟାପକ ରବିନ୍ଦ୍ର କୁମାର ସୁନ୍ଦରାୟ ଅତିଥି ପରିଚୟ, ନୋଡାଲ ଅଫିସର ଅଧ୍ୟାପକ କାର୍ତ୍ତିକ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଏବଂ ଅଧ୍ୟାପିକା ଡ. ଦିପ୍ତିମୟୀ ରାୟ ଧନ୍ୟବାଦ ଦେଇଥିଲେ। କ୍ରୀଡାଶିକ୍ଷକ ରଜନୀକାନ୍ତ ବଡଜେନା, ସଂସଦ କୁମାର ପ୍ରଧାନ, ଜଗନ୍ନାଥ ଅଧିକାରୀ, ବୀରବର ଭଞ୍ଜ ପ୍ରମୁଖ କ୍ରୀଡା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

## ୧୦ରେ ନୟାସବେରା ୟୁଥ୍ ଟ୍ରଷ୍ଟର ୪ର୍ଥ ବାର୍ଷିକୋତ୍ସବ

**ନିମାପଡ଼ା,୭।୧୨(ବିଚିତ୍ରାନନ୍ଦ ସାହୁ)–** ନୟାସବେରା ୟୁଥ୍ ଟ୍ରଷ୍ଟର ୪ର୍ଥ ବାର୍ଷିକୋତ୍ସବ, ସାଂସ୍କୃତିକ ଧମାକା, ସମ୍ବର୍ଦ୍ଧନା ସମାରୋହ, ପୁରସ୍କାର ବିତରଣ ଉତ୍ସବ ନିମାପଡ଼ାର ପୁରୁଣା ବସ୍‌ଷ୍ଟାଣ୍ଡ ଗଜଲକ୍ଷ୍ମୀ ମଣ୍ଡପଠାରେ ଏକ ବର୍ଣ୍ଣାଢ୍ୟ ରଙ୍ଗାରଙ୍ଗ ସନ୍ଧ୍ୟାରେ ଅନୁଷ୍ଠିତ ହେବ। ଏହି ନିଆରା ଉତ୍ସବ ନିମନ୍ତେ ଟ୍ରଷ୍ଟ ପକ୍ଷରୁ ଜୋରଦାର ଭାବେ ପ୍ରସ୍ତୁତି ପର୍ବ ଚାଲିଛି। ଏହି ସମାରୋହରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ପ୍ରତିଷ୍ଠିତ ପ୍ରଶାସନିକ ଅଧିକାରୀମାନେ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ଟ୍ରଷ୍ଟ କର୍ମକର୍ତ୍ତାଙ୍କଠାରୁ ଜଣାପଡ଼ିଛି। ଏହି ଉତ୍ସବରେ ଜିଲାସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରିଥିବା ୩୬ତମ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯିବା ସହ ୧୭ଜଣ ସାମାଜିକ କର୍ମୀ ଓ ବରିଷ୍ଠ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯିବ ବୋଲି ଟ୍ରଷ୍ଟ ସମ୍ପାଦକ ନିର୍ମଳ ପରିଜା, ଉପଦେଷ୍ଟା ଶିକ୍ଷାବିତ୍ ପ୍ରତାପ ଚନ୍ଦ୍ର ସାବୁତ୍, ଜୀବନଜ୍ୟୋତି ଶତପଥୀ, ସଭାପତି ବିଶ୍ୱରଞ୍ଜନ ତ୍ରିପାଠୀ, କୋଷାଧ୍ୟକ୍ଷ ପ୍ରଦୀପ ସ୍ୱାଇଁ ପ୍ରମୁଖ ଜଣାଇଛନ୍ତି। ଆୟୋଜିତ ହେବାକୁ ଥିବା ସାଂସ୍କୃତିକ ଧମାକାରେ ବହୁ ଖ୍ୟାତନାମା ନୃତ୍ୟ ସଙ୍ଗୀତ ଶିଳ୍ପୀମାନେ ଯୋଗଦେଇ କଳା ନୃତ୍ୟପ୍ରେମୀମାନେ ଯୋଗଦେଇ ଏହି ଉତ୍ସବକୁ ସାଫଲ୍ୟମଣ୍ଡିତ କରିବାକୁ ଟ୍ରଷ୍ଟ ପକ୍ଷରୁ ନିବେଦନ କରାଯାଇଛି।

## ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ପିପିଲି,୭।୧୨(ଦୁର୍ଗାମାଧବ ମିଶ୍ର/ପ୍ରଭାତ ମହାପାତ୍ର):**



ପିପିଲି ଆମ୍ବେଡକର ସ୍ମୃତି କମିଟି ପକ୍ଷରୁ ପିପିଲିସ୍ଥିତ ତରାକାଜ ବାଇପାସ୍‌ଠାରେ ସମ୍ବିଧାନ ପ୍ରଣେତା ଡକ୍ଟର ଭୀମ ରାଓ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ବୁଧବାର ଉନ୍ମୋଚନ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ମାନବିକ ଅଧିକାର କମିଶନ ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାରୀ, ପଶ୍ଚିମବଙ୍ଗ ଜିଲା ଜଜ୍ ଜଷ୍ଟିସ୍ ଡକ୍ଟର ତାପସୀ ମିଶ୍ର, ପିପିଲି ତହସିଲଦାର ପୁନମ୍ ମହାପାତ୍ର, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ଉଚ୍ଚ ନ୍ୟାୟାଳୟ ବରିଷ୍ଠ ଆଇନଜୀବୀ କବିରାଜ ସ୍ୱାଇଁ, ସାମାଜିକ କର୍ମୀ ସେକ୍ ଅବଦୁଲ ୱାଲି, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ଆମ୍ବେଡକରଙ୍କ ପୂର୍ଣ୍ଣ ଅବୟବ ମୂର୍ତ୍ତି ଉନ୍ମୋଚନ କରିଯାଇଥିଲା। ପରେ ସ୍ମୃତି କମିଟି ସଭାପତି ଗଙ୍ଗାଧର ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସମସ୍ତ ଅତିଥି ସମ୍ବିଧାନ ପ୍ରଣେତା ଆମ୍ବେଡକରଙ୍କ ସ୍ମୃତିଚାରଣ କରି ତାଙ୍କ ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ମୃତି କମିଟି ସମ୍ପାଦକ ବିଜୟ ସେଠୀ ସ୍ୱାଗତ ଭାଷଣ ଦେଇଥିଲେ। ବାମପନ୍ଥୀ ଯୁବନେତା ସର୍ବେଶ୍ୱର ଭାରତୀ ଅତିଥି ପରିଚୟ ପ୍ରଦାନ ସହିତ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ବିଜୟ ସେଠୀଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ପିପିଲି ପେଟ୍ରୋଲ ପମ୍ପ ଠାରୁ ବାହାରି ସଭା ସ୍ଥଳ ପର୍ଯ୍ୟନ୍ତ ଯାଇଥିଲା। କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ, ସାମାଜିକ କର୍ମୀଙ୍କ ସମେତ ୫ଶହରୁ ଅଧିକ ମହିଳା ଯୋଗଦେଇଥିଲେ।

## ଡିଲର କେନ୍ଦ୍ରରେ କାଗଜପତ୍ର ଯାଞ୍ଚ

**ଗୋପ,୭।୧୨(ଭାରତୀ ଭୂଷଣ ଉପାଧ୍ୟାୟ)**

- ୩୭,୭୯୬ ରାଶନ କାର୍ଡରେ ୧ ଲକ୍ଷ ୩୩ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ
- ଚାଉଳ ବଣ୍ଟନରେ ହେରଫେର ଅଭିଯୋଗ ଭିତ୍ତିହୀନ: ବ୍ଲକ ଯୋଗାଣ ଅଧିକାରୀ

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ମାଧ୍ୟମରେ ଗୋପ ବ୍ଲକର ୩୭ ହଜାର ୭୯୬ ରାଶନ କାର୍ଡରେ ପ୍ରତ୍ୟେକ ମାସରେ ୧ ଲକ୍ଷ ୩୩ ହଜାର ୫୪ ଜଣ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ ହେଉଛି। ଏଥିପାଇଁ ୩୧ଟି ପଞ୍ଚାୟତରେ ୭୭ ଜଣରୁ ଊର୍ଦ୍ଧ୍ୱ ଡିଲର ରହିଛନ୍ତି ବୋଲି ବ୍ଲକ ଯୋଗାଣ ଅଧିକାରୀ ପ୍ରଦୀପ ସେଠୀ ସୂଚନା ଦେଇଛନ୍ତି। ବ୍ଲକ ପକ୍ଷରୁ ନିଯୁକ୍ତିପ୍ରାପ୍ତ ଡିଲରମାନେ ଡିଲର କେନ୍ଦ୍ରରେ ଏହି ଚାଉଳ ମୁଣ୍ଡ ପିଛା ୫ କିଲୋଗ୍ରାମ ଦେଉଛନ୍ତି। ମାତ୍ର କେତେକ ବ୍ୟକ୍ତିବିଶେଷ ଚାଉଳ ବଣ୍ଟନ ପ୍ରକ୍ରିୟା ଠିକ୍ ଭାବେ ହେଉନଥିବା ଅଭିଯୋଗ କରୁଥିବାରୁ ଗୁରୁବାର ବ୍ଲକ ଯୋଗାଣ ଅଧିକାରୀ ହଠାତ୍ କେତେକ ଡିଲର କେନ୍ଦ୍ରରେ ପହଞ୍ଚି କାଗଜପତ୍ର ଯାଞ୍ଚ କରିଥିଲେ। ହିତାଧିକାରୀମାନେ କିପରି ଚାଉଳ ନେଉଛନ୍ତି ତାହା ଜାଣିବା ପାଇଁ ଡିଲର କେନ୍ଦ୍ରରେ ଥିବା ସ୍ୱାବ୍ ମେଶିନନକୁ ମଧ୍ୟ ସେ ଯାଞ୍ଚ କରିଥିବା ଜଣାପଡ଼ିଛି।

ଗୋପ ବ୍ଲକରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୩୧ ହଜାର ୧୬୧ଟି ରାଶନ କାର୍ଡରେ ୧ ଲକ୍ଷ ୧୧ ହଜାର ୨୫୧ ଜଣ ଚାଉଳ ନେଉଛନ୍ତି। ସେହିପରି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୪ ହଜାର ୭୦୩ଟି ଅନ୍ତ୍ୟୋଦୟ କାର୍ଡରେ ୧୫ ହଜାର ୮୧୮ ଜଣଙ୍କୁ ଏହି ଚାଉଳ ମିଳୁଛି। ଏସ୍‌ଏଫ୍‌ସି ଖାଦ୍ୟ ସୁରକ୍ଷା ଯୋଜନାରେ ୧ ହଜାର ୯୩୨ଟି ରାଶନ କାର୍ଡରେ ୫ ହଜାର ୯୮୫ ଜଣ ହିତାଧିକାରୀଙ୍କୁ ଚାଉଳ ବଣ୍ଟାଯାଉଛି। ଯେଉଁ ସମୟରେ ଏହିସବୁ ଯୋଜନାରେ ଚାଉଳ ବଣ୍ଟନ ହେରଫେର ନେଇ ଅଭିଯୋଗ ଆସୁଛି, ତୁରନ୍ତ ଜିଲା ଯୋଗାଣ ବିଭାଗ ଅଧିକାରୀଙ୍କ ନିର୍ଦ୍ଦେଶରେ କେନ୍ଦ୍ରଗୁଡ଼ିକ ଉପରେ ଚଢ଼ାଉ କରାଯାଉଛି। ଅଭିଯୋଗର ସତ୍ୟାସତ୍ୟ ଜଣାପଡ଼ିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଠିକ୍ ସମୟରେ ଚାଉଳ ବଣ୍ଟନ ନ ହେବା, ପିସି କାରବାର ହେବା ସହିତ ଅନ୍ୟାନ୍ୟ ଅଭିଯୋଗର ଅଭିଯୋଗ ଭିତ୍ତିହୀନ ବୋଲି ଯୋଗାଣ ଅଧିକାରୀ କହିଛନ୍ତି। ଏପରି ଅଭିଯୋଗ ଉପରେ ବ୍ଲକ ଯୋଗାଣ ଅଧିକାରୀ ସେଠୀଙ୍କୁ ପଚାରିବାରେ, ଅଭିଯୋଗ ଆସିବା ପରେ ଡିଲର କେନ୍ଦ୍ରଗୁଡ଼ିକର ଖାତାପତ୍ର ଯାଞ୍ଚ କରାଯାଇଛି। ଚାଉଳ ବଣ୍ଟନରେ ସେପରି କିଛି ଅଭିଯୋଗ ନାହିଁ ବୋଲି ସେ କହିଛନ୍ତି।

## ବ୍ରାଉନସୁଗାର ଜବତ ମାମଲା: ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

**ନିମାପଡ଼ା,୭।୧୨(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)**

ବ୍ରାଉନସୁଗାର ଜବତ ମାମଲାର ବିଚାର କରି ଅତିରିକ୍ତ ଦୌରାଜଜ୍ (ଏଡିଜେ) ଲୋକନାଥ ସାହୁ ଗୁରୁବାର ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୧ଲକ୍ଷ ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୨ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଅଭିଯୁକ୍ତ ହେଲେ ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଞ୍ଚଳର ମିରରୋଶନ ଅଲ୍ଲୀ। କାକଟପୁର ଥାନା କେସ ନଂ. ୨୧୫/୨୦, ଏସ୍‌ଜିଆର୍ କେସ୍ ନଂ. ୬୯/୨୦, ଟିଆର୍ କେସ ନଂ. ୩୧/୨୧ର ବିଚାର କରି ବିଚାରପତି ସାହୁ ଏହି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ପ୍ରାପ୍ତ ଖବରରୁ ପ୍ରକାଶ ଯେ, ଗତ ୨୦୨୦ ନଭେମ୍ବର ୮ରେ କାକଟପୁର ଥାନା ପୋଲିସ ପାଟ୍ରୋଲିଂ ଓ ଏମ୍‌ଭି ଚେକିଂ କରୁଥିଲେ। ଜଣେ ଯୁବକଙ୍କଠାରୁ ୨୯୮ ଗ୍ରାମ ବ୍ରାଉନସୁଗାର ଜବତ କରି ପୋଲିସ ମିରରୋଶନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏନେଇ ଅଭିଯୁକ୍ତ ମିରରୋଶନ ଓ ତାଙ୍କ ବାପାଙ୍କ ସମେତ ମୋଟ ୬ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ବିଚାର କୋର୍ଟରେ ଚାଲିଥିବାବେଳେ ଗୁରୁବାର ଏହାର ରାୟ ପ୍ରକାଶ ପାଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣ ଓ ରେକର୍ଡ ପତ୍ରକୁ ଆଧାର କରି ବିଚାରପତି ସାହୁ ମିରରୋଶନଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ରାୟ ପ୍ରକାଶ ବେଳଏ ମିରରୋଶନ କୋର୍ଟରେ ହାଜର ହୋଇଥିଲେ। ମିରରୋଶନଙ୍କୁ ଜେଲକୁ ପଠାଇ ଦିଆଯାଇଥି। ଆଡିସନାଲ ପିପି ତଥା ସରକାରୀ ଆଇନଜୀବୀ ସୀତାକାନ୍ତ ଦାଶ ଏହି ମାମଲା ପରିଚାଳନା କରୁଥିଲେ।

## ସାକ୍ଷୀଗୋପାଳ କଲେଜରେ 'ନୂଆ-ଓ' ଉଦ୍‌ଘାଟିତ

**ସାକ୍ଷୀଗୋପାଳ,୭।୧୨ (କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)**

ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ପରିସରରେ 'ନୂଆ-ଓ' କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ୩୦ ତାରିଖ ପର୍ଯ୍ୟନ୍ତ ୨୪ ଦିନ ଧରି ଚାଲିବ। ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସାମାଜିକ କାର୍ଯ୍ୟକ୍ରମ ମଧ୍ୟରେ ରକ୍ତଦାନ ଶିବିର, ନିଶା ନିବାରଣ ସଚେତନତା, ପରିବେଶ ସଫେଇ ପ୍ରଭୃତି କାର୍ଯ୍ୟକ୍ରମ ଆୟୋଜିତ ହେବ। ମହାବିଦ୍ୟାଳୟ ଅଧ୍ୟାପକ ପ୍ରଫେସର ସତ୍ୟଶିବସୁନ୍ଦର ମିଶ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ ପଣ୍ଡା, ସତ୍ୟବାଦୀ ବିଡିଓ ଲିପ୍ସା ରାୟ ଏବଂ ତହସିଲଦାର ଜୟନ୍ତ ଜୟସିଂ ତଥା ମହାବିଦ୍ୟାଳୟ ଅବସରପ୍ରାପ୍ତ ବଡ଼ବାବୁ ରାଜକିଶୋର ପତି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଯୁକ୍ତ ୨ ନୋଡାଲ ଅଫିସର ପ୍ରଫେସର ଧନୁର୍ଦ୍ଧର ମୁଦୁଲି ଏବଂ ଯୁକ୍ତ ୩ ନୋଡାଲ ଅଫିସର ପ୍ରଫେସର ଚନ୍ଦ୍ରଶେଖର ତ୍ରିପାଠୀ 'ନୂଆ-ଓ' କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସମ୍ୟକ ଧାରଣା ଦେଇଥିଲେ। କାର୍ଯ୍ୟକ୍ରମକୁ ସଂସ୍କୃତ ବିଭାଗର ମୁଖ୍ୟ ପ୍ରଫେସର ସୁଜାତା ମହାପାତ୍ର ପରିଚାଳନା କରିଥିଲେ। ଶିକ୍ଷା ବିଭାଗର ମୁଖ୍ୟ ପ୍ରଫେସର ଶୁଭ୍ରଦୀପ୍ତା ପଟ୍ଟନାୟକ ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ପ୍ରଫେସର ବିଜୟଲକ୍ଷ୍ମୀ ମିଶ୍ର ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ନିମପୁରକୁ ହରାଇ ଫାଇନାଲରେ ପ୍ରଗତି ସ୍ପୋର୍ଟିଂ

**ନିମାପଡ଼ା,୭।୧୨ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)**

**ଅଲ୍ ଓଡ଼ିଶା ବାରବାଟୀ କପ୍ ତଥା ୩ୟ ଟୁବୁଲି ମେମୋରିଆଲ କ୍ରିକେଟ୍ ପ୍ରତିଯୋଗିତା**

ନିମାପଡ଼ା ଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ରାଜ୍ୟସ୍ତରୀୟ ଅଲ୍ ଓଡ଼ିଶା ବାରବାଟୀ କପ୍ ତଥା ୩ୟ ଟୁବୁଲି ମେମୋରିଆଲ କ୍ରିକେଟ୍ ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚରେ କଟକ ନିମପୁରକୁ ହରାଇ ପ୍ରଗତି ସ୍ପୋର୍ଟିଂ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିମପୁର ନିର୍ଦ୍ଧାରିତ ୨୦ ଓଭରରେ ୭ଟି ଉଇକେଟ୍ ହରାଇ ୧୩୪ ରନ୍ କରିଥିଲା। ପ୍ରତିପକ୍ଷ ପ୍ରଗତି ସ୍ପୋର୍ଟିଂ ୭ ଉଇକେଟ୍ ହରାଇ ୧୩୮ ରନ୍ ସଂଗ୍ରହ କରି ବିଜୟୀ ହୋଇଛି। ଗୁରୁବାର ମ୍ୟାଚରେ ବିଜୟୀ ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂ ଖେଳାଳି ସାଇ ସୁବ୍ରତ ଜେନା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇ ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଥିଲେ। ଅମ୍ପାୟାର ଭାବେ ଅୟସ୍କାନ୍ତ ମିଶ୍ର ଓ ସମ୍ବିତ ପଟ୍ଟନାୟକ ମ୍ୟାଚ ପରିଚାଳନା କରିଥିଲେ। ଅତିଥି ଭାବେ ପୋଲିସ ଏସ୍‌ଡିପିଓ ପ୍ରଭାତ ମଲ୍ଲିକ ମ୍ୟାନ ଅଫ୍ ଦି ମ୍ୟାଚ୍ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶୁକ୍ରବାର ପ୍ରଥମାର୍ଦ୍ଧରେ ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚରେ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ, ଭୁବନେଶ୍ୱର ପାରାମାଉଣ୍ଟ ସ୍ପୋର୍ଟିଂକୁ ଭେଟିବ। ଦ୍ୱିତୀୟାର୍ଦ୍ଧରେ ୨ୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ଜଣାପଡ଼ିଛି।



ଅତିଥି ଏସ୍‌ଡିପିଓ ମ୍ୟାନ ଅଫ୍ ଦି ମ୍ୟାଚ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

**ଏସ୍ମା ଲାଗୁ ସରକାରଙ୍କ ଅଜଣା ଡର: ଭାଜପା**

ଭୁବନେଶ୍ୱର, (ସୁନୀତି ମିଶ୍ର): ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ସେବିକା, ଫାର୍ମାସିଷ୍ଟ, ଅନ୍ୟାନ୍ୟ ବୈଷୟିକ କର୍ମଚାରୀ, ୩ୟ ଶ୍ରେଣୀ, ୪ର୍ଥ ଶ୍ରେଣୀ ବର୍ଗର କର୍ମଚାରୀ ନିଜର ଆବଶ୍ୟକତା ପୂରଣ ପାଇଁ ଧାରଣା ଦେଇଥାନ୍ତି। କିନ୍ତୁ ଏବେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ନ ଥିବାବେଳେ 'ଏସ୍ମା' ଲାଗୁ କରିବା ରାଜ୍ୟ ସରକାରଙ୍କ ଅଜଣା ଡରକୁ ପ୍ରକାଶ କରୁଛି ବୋଲି ଭାଜପା ମୁଖପାତ୍ର ଦିଲୀପ ମଲିକ ଗୁରୁବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ କହିଛନ୍ତି।

# ନାରୀ ନିର୍ଯାତନା, ଅପରାଧୀଙ୍କୁ ସୁରକ୍ଷା ଦେବାରେ ବିଜେଡି ଆଗରେ: କଂଗ୍ରେସ

ଭୁବନେଶ୍ୱର, ୭।୧୨(ସୁନୀତି ମିଶ୍ର)

ନାରୀ ନିର୍ଯାତନା ଏବଂ ଅପରାଧୀଙ୍କୁ ସୁରକ୍ଷା ଦେବାରେ ବିଜେଡି ସରକାର ସବୁବେଳେ ଆଗରେ। ବେବିନା, କୁନ୍ଦୁଲି, ଟିଂକିରି ଶିକ୍ଷୟିତ୍ରୀ, ପରୀ, ପିହ୍ଲୁ, ମମିତା ମେହେର, ସୁଜାତା ଏବଂ ମାହାଙ୍ଗା ଡବଲ ମର୍ଡର ମାମଲାରେ ରାଜ୍ୟ ସରକାରଙ୍କ ବିଧାୟକ ଓ ମନ୍ତ୍ରୀ ସମ୍ପୃକ୍ତ ଥିବାର ଅଭିଯୋଗ ଥାଇ ମଧ୍ୟ ସରକାରଙ୍କ ନୈରାଶ୍ୟ ଦେଖିବାକୁ ମିଳୁଛି। ନାରୀ ଓ ଶିଶୁ ନିର୍ଯାତନାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପରବର୍ତ୍ତୀ ସମୟରେ ଦଳର ଉଚ୍ଚସ୍ତରୀୟ ପଦବୀରେ ବିଜେଡି ଥଇଥାନ କରିଥିବାର ଦେଖିବାକୁ ମିଳିଛି ବୋଲି କଂଗ୍ରେସ ନେତ୍ରୀ ରଶ୍ମି ମହାପାତ୍ର କହିଛନ୍ତି।


ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତ୍ରୀ।

କଂଗ୍ରେସ ଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରଶ୍ମି କହିଛନ୍ତି, ବିଜେଡିର ମା'କୁ ସମ୍ମାନ ଗାଁକୁ କାମ କେବଳ ସ୍ଲୋଗାନ ହୋଇ ରହିଯାଇଛି। ସନ୍ଦେହ ବଳୟରେ ଥିବା ରାଜନେତାଙ୍କୁ ଟିକେଟ ଦିଆଯାଉଛି। ତେଣୁ ଅପରାଧୀମାନଙ୍କୁ ପ୍ରୋତ୍ସାହିତ କରିବାରେ ରାଜ୍ୟ ସରକାର ମାହିର। ସଦ୍ୟ ପ୍ରକାଶିତ ଏନ୍‌ସିଆର୍‌ବି ରିପୋର୍ଟ ଅନୁଯାୟୀ ମହିଳାଙ୍କ ଉପରେ ଅତ୍ୟାଚାର ୨୦୨୧ରେ ୧୩୮୯ ମାମଲା ରୁଜୁ ହୋଇଥିବା ବେଳେ ୨୦୨୨ରେ ୧୪୦୨ ମାମଲା ବୃଦ୍ଧି ପାଇଛି। ସମଗ୍ର ଦେଶରେ ମଧ୍ୟ ଏନ୍‌ସିଆର୍‌ବି ରିପୋର୍ଟ ଅନୁଯାୟୀ ଶିଶୁମାନଙ୍କ ଉପରେ ଅତ୍ୟାଚାର ୮.୭ ବୃଦ୍ଧି ପାଇଛି। ମହିଳାମାନଙ୍କ ଉପରେ ଅତ୍ୟାଚାର କ୍ଷେତ୍ରରେ ଓଡ଼ିଶା ଦେଶରେ ୭ ନମ୍ବରରେ ପହଞ୍ଚିଛି ଏବଂ ଆହୁରି ମଧ୍ୟ ରାଜ୍ୟରେ ଅର୍ଥନୈତିକ ଅପରାଧ, ସାଇବର ଅପରାଧ ୨୪.୪% ବୃଦ୍ଧି ପାଇଛି। ସେହିଭଳି ବିଭିନ୍ନ ଠକେଇ ଅପରାଧରେ ୧୧.୮ ଯାହାକି ରାଜ୍ୟ ସରକାର ନିୟନ୍ତ୍ରଣ ଉପରେ ବିଫଳତା ସୂଚାଉଥିବା ସେ କହିଛନ୍ତି।


ଅଟୋ ଚଲାଉଛନ୍ତି ବିଧାୟକ ଦିବ୍ୟଶଙ୍କର ମିଶ୍ର।

# ଅଟୋ ଚଳାଇଲେ ଜୁନାଗଡ଼ ବିଧାୟକ

ଭବାନୀପାଟଣା,୭।୧୨ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୁନାଗଡ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ହେଲିକେପ୍ଟର, ଉଡାଜାହାଜ ଚଳାଇବା କଥା ସମସ୍ତେ ଜାଣନ୍ତି। ହେଲେ ସେ ଅଟୋରିକ୍ସା ଚଳାଇ ଏବେ ବେଶ ଚର୍ଚ୍ଚାକୁ ଆସିଛନ୍ତି। ଜୁନାଗଡ ବ୍ଲକ ତଲଜାରିଙ୍ଗ ଠାରେ ନିର୍ମାଣ ହୋଇଥିବା ଇଣ୍ଡିଆନ୍ ପଟାସ୍ ଲିମିଟେଡର ଇଥାନଲ୍ ଫାକ୍ଟ୍ରିର ଏକ ସିଏସଆର କାର୍ଯ୍ୟକ୍ରମରେ ବୁଧବାର ଯୋଗଦେଇ କମ୍ପାନୀ ପକ୍ଷରୁ ଇ-ଅଟୋରିକ୍ସାକୁ ସବୁଜ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ପରେ ଉପସ୍ଥିତ ଲୋକଙ୍କୁ ଉତ୍ସାହିତ କରିବା ପାଇଁ ନିଜେ ସେ ଅଟୋରିକ୍ସା ଚଳାଇବା ସହ କାର୍ଯ୍ୟକ୍ରମରେ ଯୋଗଦେଇଥିବା ସହଯୋଗୀଙ୍କୁ ବସାଇ କିଛି ସମୟ ବୁଲାଇଥିଲେ।

## ସରକାର ଯେଉଁ ଇନ୍‌ପୁଟ ସହାୟତା ଦେବେ ତାହା ସମୁଦ୍ରକୁ ଶଙ୍ଖେ: କଂଗ୍ରେସ

ଭୁବନେଶ୍ୱର, ୭।୧୨(ସୁନୀତି ମିଶ୍ର)

ସାମୁଦ୍ରିକ ଝଡ଼ ମିଗ୍‌ଜୋମ ପ୍ରଭାବରେ ଦକ୍ଷିଣ ଓଡ଼ିଶା ସମେତ ଅନ୍ୟ ଜିଲାଗୁଡ଼ିକରେ ଧାନ, କପା ଓ ଅନ୍ୟାନ୍ୟ ପନିପରିବା ଫସଲ ବିପୁଳ ଭାବରେ ପ୍ରଭାବିତ ହୋଇଛି। ବର୍ଷା ଓ ବାତ୍ୟା ପୂର୍ବରୁ ସରକାର କେବଳ ଚାଷୀଙ୍କୁ ସତର୍କତା ସୂଚନା ଆଦେଶାବଳୀ ଜାରି କରିବା ଛଡ଼ା ଫସଲ ସୁରକ୍ଷା ପାଇଁ କୌଣସି ଜରୁରିକାଳୀନ ସହାୟତା ଯୋଗାଇ ନ ଦେବା ଫଳରେ ଫସଲର ପ୍ରଭୂତ କ୍ଷୟକ୍ଷତି ଘଟିଛି। ସବୁଠାରୁ ଧାନ ଫସଲରେ ବ୍ୟାପକ କ୍ଷତି ହୋଇଛି। କଟାହୋଇ ପଡ଼ିଥିବା ଧାନ ବର୍ଷା ଜଳରେ ଭିଜି ଗଜାହେଲାଣି। ହେଲେ ସରକାର ଧର୍ମକୁ ଆଖିଠାର ପରି ଫସଲ କ୍ଷୟକ୍ଷତି ନେଇ ଆସନ୍ତା ୧୨ ସୁଦ୍ଧା ଆକଳନ କରିବା ପରେ ଯେଉଁ କୃଷି ଇନ୍‌ପୁଟ ସହାୟତା ଦେବେ ତାହା ସମୁଦ୍ରକୁ ଶଙ୍ଖେ। ଏହା ଚାଷୀର ତତ୍‌କ୍ଷଣାତ କ୍ଷତିଭରଣାରେ ସହାୟକ ହୋଇପାରିବ ନାହିଁ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) କିଷାନ କଂଗ୍ରେସ ରାଜ୍ୟ ସଭାପତି ଅମିୟ କୁମାର ପଟ୍ଟନାୟକ କହିଛନ୍ତି। କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅମିୟ କହିଛନ୍ତି, ସରକାରଙ୍କୁ ସର୍ତକ କରିବା ସହ ତୁରନ୍ତ ପ୍ରତି କ୍ଷେତ୍ରସ୍ତରରୁ ଚାଷୀଙ୍କ ବାସ୍ତବ ସ୍ଥିତି ଅନୁଧ୍ୟାନକରି କ୍ଷତିଗ୍ରସ୍ତଙ୍କୁ ପ୍ରତି ଏକର ପିଛା ୨୫ ହଜାର ଟଙ୍କା କ୍ଷତିପୂରଣ ସହାୟତା, ଚାଷୀଙ୍କଠାରୁ ସମ୍ପୂର୍ଣ୍ଣ କୃଷି ଋଣ ଛାଡ଼, ପ୍ରଚଳିତ କୃଷି ଇନ୍‌ପୁଟର ସବ୍‌ସିଡର ଦେଢ଼ ଗୁଣା ବୃଦ୍ଧି, ପନିପରିବା କ୍ଷତିଗ୍ରସ୍ତ ଚାଷୀଙ୍କୁ ଶତ ପ୍ରତିଶତ ସହାୟତା ଓ ଚଳିତ ରବି ଚାଷ ପାଇଁ ମାଗଣାରେ ଆଳୁ, ପିଆଜ, ତୈଳବୀଜ ଓ ଡାଲିଜାତୀୟ ବିହନ ୭୦ ପ୍ରତିଶତ ରିହାତିରେ ଯୋଗାଇ ଦେବାକୁ କଂଗ୍ରେସ ପକ୍ଷରୁ ସେ ଦାବି କରିଛନ୍ତି।

# ଭାଜପାରେ ମିଶିଲେ କଂଗ୍ରେସ କର୍ମୀ


ଭାଜପା ନେତାଙ୍କ ସହ ଦଳରେ ଯୋଗଦେଇଥିବା ନୂତନ ସଦସ୍ୟ।

ନିମାପଡ଼ା,୭।୧୨ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ପୁରୀ ଜିଲା ନିମାପଡ଼ା ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ ନିମାପଡ଼ା ଡିହବାରୀ ରାସ୍ତାର ଭାଜପା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ଏଥିରେ ଅତିଥିଭାବେ ଦଳର ବରିଷ୍ଠ ନେତା ଦିଲୀପ ନାୟକ ଯୋଗଦେଇ ଖୁବଶୀଘ୍ର ନିମାପଡ଼ାରେ ଏକଚ୍ଛତ୍ରବାଦୀ ଶାସନର ଅବସାନ ଘଟିବ। ଆଗାମୀ ନିର୍ବାଚନରେ ଭାଜପା ବିଜୟର ଧ୍ୱଜା ଉଡ଼ିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ନିର୍ବାଚନମଣ୍ଡଳୀର ସଂଯୋଜକ ପ୍ରଦୀପ ନାୟକ, ମଣ୍ଡଳ ସଭାପତି ମାନସ ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରମୋଦ ରାୟ, ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ଅଜୟ ଭୋଇ, ନିରଞ୍ଜନ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ସନ୍ତୋଷ ରଥ ପ୍ରମୁଖ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଯୋଜନାକୁ ଗାଁର ଲୋକଙ୍କ ପାଖରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ମିଶ୍ରଣପର୍ବରେ ଗୋପ ବ୍ଲକ ଅଧୀନ ବେଦପୁର ପଞ୍ଚାୟତ ଦଳିତ ସାହିର ୩୦ଟି କଂଗ୍ରେସ ପରିବାର ଦଳତ୍ୟାଗ କରି ସୁଦର୍ଶନ ଭୋଇ, ସମୀର ରାଉତ, ଜିତେନ୍ଦ୍ର ଦାସ, ଦାମୋଦର କାଣ୍ଡି ପ୍ରମୁଖଙ୍କ ନେତୃତ୍ୱରେ ଭାଜପାରେ ସାମିଲ ହୋଇଥିଲେ। ଦଳରେ ଯୋଗ ଦେଇଥିବା ନୂତନ କର୍ମୀଙ୍କୁ ଭାଜପା ନେତୃବୃନ୍ଦ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ।


ନବରଙ୍ଗପୁର ଜିଲାର ବିଜେଡି ନେତାମାନେ ଗୁରୁବାର ନବୀନ ନିବାସଠାରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସାକ୍ଷାତ କରି ନୂତନ ଦାୟିତ୍ୱ ପାଇଁ ଅଭିନନ୍ଦନ ଜଣାଇଛନ୍ତି।

## ଇଲେକ୍ଟ୍ରିକ୍ ରେଳଇଞ୍ଜିନ୍ ୱାର୍କଶପ୍ କାମ ଆରମ୍ଭ ପାଇଁ କେନ୍ଦ୍ରକୁ କହିଲେ ଭାଜପା ଏମ୍‌ପି


ବସନ୍ତ ପଣ୍ଡା

ନୂଆଦିଲ୍ଲୀ,୭।୧୨

ଓଡ଼ିଶାର କଳାହାଣ୍ଡି ଜିଲାରେ ଯଥାଶୀଘ୍ର ବିଦ୍ୟୁତ୍‌ଚାଳିତ ରେଳଇଞ୍ଜିନ୍ ୱାର୍କଶପ୍ ସ୍ଥାପନ କାର୍ଯ୍ୟ ଆରମ୍ଭ କରିବାକୁ ଭାଜପା ଏମ୍‌ପି ବସନ୍ତ ପଣ୍ଡା ଗୁରୁବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ନିବେଦନ କରିଛନ୍ତି। ଏହି ପ୍ରକଳ୍ପ ମଞ୍ଜୁର ହେବା ଇତିମଧ୍ୟରେ ୭ ବର୍ଷ ଅତିକ୍ରମ କରିଥିଲେ ମଧ୍ୟ ଏଯାଏ ପ୍ରକଳ୍ପ କାମ ଆରମ୍ଭ ହୋଇନାହିଁ। ରେଲ୍‌ୱେ ଏଥିପାଇଁ ୬୫ ପ୍ରତିଶତ ଜମି ଅଧିଗ୍ରହଣ କରିସାରିଥିବାରୁ କାମ ଆରମ୍ଭ କରାଯାଉ ବୋଲି କଳାହାଣ୍ଡି ଏମ୍‌ପି କହିଛନ୍ତି। ଏହା ବ୍ୟତୀତ ଅନ୍ୟ କେତେକ ଦାବି ନେଇ ସେ ରେଳମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ଦେଇଥିଲେ। ୩ ଦିନ ପାଇଁ ସମତା ଏକ୍ସପ୍ରେସ୍ ଟ୍ରେନ୍‌କୁ ପ୍ରୟାଗରାଜ ଷ୍ଟେଶନ ଦେଇ ଚଳାଇବାକୁ ମଧ୍ୟ ସେ ନିବେଦନ କରିଛନ୍ତି। ଜୁନାଗଡ଼-ନବରଙ୍ଗପୁର ରେଳଲାଇନକୁ ଅନୁମୋଦନ ଏବଂ ବିଶାଖାପାଟଣା-ରାଇଗଡ଼ ଟ୍ରେନ୍‌କୁ ଭବାନୀପାଟଣା ପର୍ଯ୍ୟନ୍ତ ବଢ଼ାଇବାକୁ ସେ ଦାବି କରିଛନ୍ତି। ତିରୁପତି ଏକ୍ସପ୍ରେସ୍‌କୁ ଚେନ୍ନାଇ ପର୍ଯ୍ୟନ୍ତ ବଢ଼ାଇବା ସହ ନୂଆପଡ଼ାରୁ କୋମନା, ଖରିଆର, ସିନାପଲି, ଧର୍ମଗଡ଼ ଏବଂ ଦେଓଭୋଗ ହୋଇ ଜଗଦଳପୁରକୁ ନୂଆ ରେଳଲାଇନ୍ ସ୍ଥାପନ ଲାଗି କଳାହାଣ୍ଡି ଏମ୍‌ପି ଦାବି କରିଛନ୍ତି।

## ବିଶ୍ୱକର୍ମା ଯୋଜନାରେ 'ପାରମ୍ପରିକ ଓ କୌଳିକ ବୃତ୍ତିଧାରୀ' ସାମିଲ ହୁଅନ୍ତୁ: ଭାଜପା

ଭୁବନେଶ୍ୱର, ୭।୧୨(ସୁନୀତି ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଶ୍ୱକର୍ମା ଯୋଜନାରେ ପାରମ୍ପରିକ ଓ କୌଳିକ ବୃତ୍ତିଧାରୀ ବଢ଼େଇ, କମାର, କୁମ୍ଭକାର, ବଣିଆ, ଭଣ୍ଡାରୀ, ମୃର୍ତ୍ତିକାର ଆଦି ଅନେକ ପଛୁଆବର୍ଗ ବିଶେଷଙ୍କୁ ସାମିଲ କରାଯାଇଛି। ଏହି ଯୋଜନା ଜରିଆରେ ସେମାନେ ତାଙ୍କ ପାରମ୍ପରିକ ଓ କୌଳିକ ବୃତ୍ତିକୁ ଅଭିବୃଦ୍ଧି କରି କୁଶଳୀ ଓ ସମ୍ପନ୍ନ ହେବା ପାଇଁ ବ୍ୟବସ୍ଥା କରାଯାଇଛି। ଏହି ଯୋଜନାରେ ସେମାନଙ୍କ ପାଇଁ କେନ୍ଦ୍ର ସରକାରଙ୍କ ଦକ୍ଷତା ବିକାଶ ବିଭାଗ ତରଫରୁ ପ୍ରଶିକ୍ଷଣ ଦେବା ସହ ଆର୍ଥିକ ସହାୟତା ଏବଂ କମ୍ ସୁଧରେ ଋଣ ବ୍ୟବସ୍ଥା କରାଯାଇଛି। ଏହି ଯୋଜନାରେ ଅଧିକରୁ ଅଧିକ ବୃତ୍ତିଧାରୀଙ୍କୁ ସଚେତନ କରାଇ ତାଲିକାରେ ଅନ୍ତର୍ଭୁକ୍ତ କରିବା ହେଉଛି ପ୍ରାଥମିକତା। ବିଶ୍ୱକର୍ମା ଯୋଜନାରେ 'ପାରମ୍ପରିକ ଓ କୌଳିକ ବୃତ୍ତିଧାରୀ' ସାମିଲ ହୁଅନ୍ତୁ ବୋଲି ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ଆହ୍ୱାନ ଦେଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଓବିସି ମୋର୍ଚ୍ଚାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ସୁରଥ କହିଛନ୍ତି, ବିଶ୍ୱକର୍ମା ଯୋଜନାରେ ଉପକୃତ ହେବାକୁ ଅଧିକାଂଶ ହିତାଧିକାରୀ ଓବିସି ଜାତିବର୍ଗ ଅନ୍ତର୍ଭୁକ୍ତ ହୋଇଥିବା କାରଣରୁ ସେମାନଙ୍କୁ ସଚେତନ କରାଇବାର ଆବଶ୍ୟକତା ରହିଛି। ଏକ ଦାୟିତ୍ୱବାନ ରାଜନୈତିକ ଦଳ ଭାବେ ଭାଜପା ଓବିସି ମୋର୍ଚ୍ଚାର କାର୍ଯ୍ୟକର୍ତାମାନେ ରାଜ୍ୟର ସମସ୍ତ ଅଞ୍ଚଳ ଗସ୍ତ କରି ଓବିସି ବର୍ଗବିଶେଷଙ୍କୁ ଯୋଜନା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଅବଗତ କରିବେ ବୋଲି ସେ କହିଛନ୍ତି।

## ବିଜେଡି ସନାତନ ଧର୍ମ ବିରୋଧୀ: ସମୀର

ଭୁବନେଶ୍ୱର, ୭।୧୨(ସୁନୀତି ମିଶ୍ର)

ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଶ୍ରୀମନ୍ଦିର ପରିଚାଳନା ଓ ନୀତିକାନ୍ତିକୁ ନେଇ କ୍ଷୋଭ ପ୍ରକାଶ କରିବା ଚିନ୍ତାଜନକ। ରାଜ୍ୟ ସରକାର, ଶ୍ରୀମନ୍ଦିର ପ୍ରଶାସନ ଓ ପରିଚାଳନା କମିଟି ଶଙ୍କରାଚାର୍ଯ୍ୟଙ୍କୁ ଅଣଦେଖା କରିବା ଅର୍ଥ ସନାତନ ସଂସ୍କୃତିକୁ ବିରୋଧ କରିବା ସହ ସମାନ ବୋଲି ଭାଜପା ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସମୀର କହିଛନ୍ତି, ଶଙ୍କରାଚାର୍ଯ୍ୟଙ୍କ ନିର୍ଦ୍ଦେଶରେ ଶ୍ରୀମନ୍ଦିର ପରିଚାଳନା କାର୍ଯ୍ୟ ହୋଇଥାଏ ବୋଲି ମାଦଳାପାଞ୍ଜିରେ ଲିପିବଦ୍ଧ ଅଛି। ଏହାକୁ ମଧ୍ୟ ସୁପ୍ରିମକୋର୍ଟ ତର୍ଜମାକରି ସମ୍ମତି ପ୍ରଦାନ କରିଛନ୍ତି। କିନ୍ତୁ ଶଙ୍କରାଚାର୍ଯ୍ୟଙ୍କୁ ରାଜ୍ୟ ସରକାର ଅଣଦେଖା କରିବା ଅର୍ଥ ସନାତନ ସଂସ୍କୃତିକୁ ବିରୋଧ କରିବା। ପୁରୀର ସୌନ୍ଦର୍ଯ୍ୟକରଣକୁ ବିରୋଧ କରାଯାଉନାହିଁ। କିନ୍ତୁ ସୌନ୍ଦର୍ଯ୍ୟ ନାଁରେ ପୁରୀ ଧାମର ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ନଷ୍ଟ ନ କରି ରାଜ୍ୟ ସରକାର ତାହା ବଜାୟ ରଖନ୍ତୁ ବୋଲି ସମୀର କହିଛନ୍ତି।

## ଭୁବନେଶ୍ୱର-ପାଟନା ବିମାନ ଦେଓଘରରେ ରହଣି ପାଇଁ ଭର୍ତ୍ତୃହରିଙ୍କ ଦାବି

**ନୂଆଦିଲ୍ଲୀ,୭।୧୨:** ବୈଦ୍ୟନାଥ ଧାମ ଯାଉଥିବା ତୀର୍ଥଯାତ୍ରୀମାନଙ୍କ ସୁବିଧା ନିମନ୍ତେ ଭୁବନେଶ୍ୱର-ପାଟନା ବିମାନ ଦେଓଘର ଏୟାରପୋର୍ଟରେ ରହଣିକରିବା ପାଇଁ ବିଜେଡି ଏମ୍‌ପି ଭର୍ତ୍ତୃହରି ମହତାବ ଗୁରୁବାର କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ଅନୁରୋଧ କରିଛନ୍ତି। ବୈଦ୍ୟନାଥ ଧାମ ପାଇଁ ଜଣାଶୁଣା ଦେଓଘରକୁ ଓଡ଼ିଶାରୁ ବହୁସଂଖ୍ୟାରେ ତୀର୍ଥଯାତ୍ରୀ ଯାଇଥାନ୍ତି। ଏହି ପବିତ୍ର ସ୍ଥାନରେ ଜ୍ୟୋତିର୍ଲିଙ୍ଗ ଏବଂ ଶକ୍ତିପୀଠ ପାଖାପାଖି ରହିଛି। ଶ୍ରାବଣ ମେଳା ପାଇଁ ମଧ୍ୟ ଉକ୍ତ ସ୍ଥାନ ପ୍ରସିଦ୍ଧ। ଠାକୁର ଅନୁକୂଳଚନ୍ଦ୍ରଙ୍କ ଭକ୍ତମାନେ ମଧ୍ୟ ଦୀର୍ଘଦିନ ହେଲା ଦେଓଘରରେ ଭୁବନେଶ୍ୱର-ପାଟନା ଫ୍ଲାଇଟ୍‌ର ରହଣି ଦାବି କରି ଆସୁଛନ୍ତି। ତେଣୁ ସରକାର ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଲୋକ ସଭାରେ ଶୂନ୍ୟକାଳ ଆଲୋଚନାରେ କଟକ ଏମ୍‌ପି କହିଥିଲେ।

**ରାଜ୍ୟ ଖବର**

# 'ପିଏମ୍-ଉଷା ଯୋଜନା କାର୍ଯ୍ୟକାରୀ କରିବାକୁ ଅନୁରୋଧ'

### ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୭।୧୨ (ସୁନୀତି ମିଶ୍ର)

ଓଡ଼ିଶାରେ ଉଚ୍ଚ ଶିକ୍ଷାନୁଷ୍ଠାନର ସାମଗ୍ରିକ ବିକାଶ ପାଇଁ ପିଏମ୍-ଉଷା ଯୋଜନା କାର୍ଯ୍ୟକାରୀ କରିବା ତଥା ଏହି ଯୋଜନାର ଲାଭ ନେବା ପାଇଁ ନିରନ୍ତର ସମର୍ଥନ ଓ ସହଯୋଗ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି। ଧର୍ମେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ(ରୁସା)କୁ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ(ପିଏମ୍-ଉଷା) ନାମରେ ଶୁଭାରମ୍ଭ କରାଯାଇଛି। ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ଜାରି ରଖିବା ପାଇଁ ୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ କେନ୍ଦ୍ରୀୟ ଅନୁଦାନପ୍ରାପ୍ତ ଯୋଜନା ପିଏମ୍ ଉଷାକୁ ଅନୁମୋଦନ ମିଳିଥିବା ବେଳେ ୧୨ ହଜାର ୯୨୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନୂଆ ଜାତୀୟ ଶିକ୍ଷାନୀତିର କ୍ରିୟାନ୍ୱୟନ ସମୟରେ ରାଜ୍ୟ ଓ କେନ୍ଦ୍ର


ଧର୍ମେନ୍ଦ୍ର ପ୍ରଧାନ

ଶାସିତ ଅଞ୍ଚଳରେ ଉଚ୍ଚଶିକ୍ଷା କ୍ଷେତ୍ରରେ ସର୍ବବ୍ୟାପୀ ଏବଂ ସର୍ବସ୍ପର୍ଶୀ ଶିକ୍ଷା ପ୍ରଦାନ ଦିଗରେ ପିଏମ୍-ଉଷା କେନ୍ଦ୍ର ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ନୂଆ ଶିକ୍ଷାନୁଷ୍ଠାନ ସ୍ଥାପନ କରିବା ଏବଂ ଉଚ୍ଚତର ଶିକ୍ଷାନୁଷ୍ଠାନଗୁଡିକର ସାମଗ୍ରିକ ଉନ୍ନତି ଏହି ଯୋଜନାର ଲକ୍ଷ୍ୟ ରହିଛି। ବିଶେଷ ଭାବେ ଦୁର୍ଗମ, ଜନଜାତି ଅଧ୍ୟୁଷିତ, ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଉଚ୍ଚତର ଶିକ୍ଷା ପାଇଁ ସୁଯୋଗ ସୃଷ୍ଟି କରିବାର ଉଦ୍ଦେଶ୍ୟ ରହିଛି। ସେହିପରି ଉଚ୍ଚତର ଶିକ୍ଷା କ୍ଷେତ୍ରରେ ଆଞ୍ଚଳିକ ବୈଷମ୍ୟ ଦୂରକରିବା ଦିଗରେ ଏହି ଯୋଜନା ସହାୟକ ହେବ। ଯୋଜନାର ଗାଇଡ୍‌ଲାଇନ ଅନୁସାରେ ପିଏମ୍ ଉଷା ଯୋଜନାକୁ କ୍ରିୟାନ୍ୱୟନ କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକ ବୁଝାମଣା ସ୍ୱାକ୍ଷରିତ(ଏମ୍‌ଓୟୁ) କରିବା ଦରକାର।

ସୂଚନାଯୋଗ୍ୟ, ବୁଝାମଣା ପତ୍ରର ଫର୍ମାଟ୍ ଗତବର୍ଷ ଜୁନ ୨୪ରେ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ଦିଆଯାଇସାରିଛି। ପିଏମ୍-ଉଷା ନିର୍ଦ୍ଦେଶାବଳୀ ଅଧୀନରେ ନିର୍ଦ୍ଧାରିତ ବୁଝାମଣାପତ୍ର ସ୍ୱାକ୍ଷର କରିବା ଓଡ଼ିଶା ଭଳି ରାଜ୍ୟ ପାଇଁ ପ୍ରାଥମିକତା। ଏମ୍‌ଓୟୁରେ ପିଏମ୍ ଉଷାର ଠିକ୍ ଯୋଜନା, କାର୍ଯ୍ୟକାରିତା ଏବଂ ତଦାରଖ ସମ୍ପର୍କିତ ବିବରଣୀ ପ୍ରଦାନ କରାଯାଇଛି। ମଲ୍‌ଟିପୁଲ୍ ଏଣ୍ଟ୍ରି-ଏକଜିଟ୍, ଏକାଡେମିକ୍ ବ୍ୟାଙ୍କ ଅଫ୍ କ୍ରେଡିଟ୍, ଏନ୍‌ଏଚ୍‌ଇକ୍ୟୁଏଫ୍, ଭାରତୀୟ ଜ୍ଞାନ ବ୍ୟବସ୍ଥା ଭଳି ସଂସ୍କାର ସହିତ ଯୋଡ଼ି ଓଡ଼ିଶା ରାଜ୍ୟ ଦ୍ୱାରା ପ୍ରସ୍ତାବଗୁଡ଼ିକର ଯୋଜନା ଏବଂ ଡ୍ରାଫ୍ଟ ପ୍ରସ୍ତୁତ କରିବାର ପ୍ରତିବଦ୍ଧତା ଦେଶର ଉଚ୍ଚଶିକ୍ଷାର ଉନ୍ନତି ପାଇଁ ସରକାରଙ୍କ ନୀତି ଏବଂ ଯୋଜନା ମଧ୍ୟରେ ଉତ୍ତମ ସମନ୍ୱୟ ଆଣିବ। ରୁସାର ପୂର୍ବ ପର୍ଯ୍ୟାୟରେ ଓଡ଼ିଶା ସକ୍ରିୟ ଅଂଶଗ୍ରହଣ କରି ରାଜ୍ୟରେ ଉଚ୍ଚଶିକ୍ଷାର ଉନ୍ନତି ପାଇଁ ଯୋଜନା ଅନ୍ତର୍ଗତ ଆସିଥିବା ଆର୍ଥିକ ସହାୟତାକୁ ଉପଯୋଗ କରିବାରେ ସଫଳ ହୋଇଛି। ତେବେ ପିଏମ୍ ଉଷାର ନୂତନ ପର୍ଯ୍ୟାୟରେ ଓଡ଼ିଶା ଏ ପର୍ଯ୍ୟନ୍ତ ଏମ୍‌ଓୟୁ ସ୍ୱାକ୍ଷର କରିନାହିଁ। ଏହି ଯୋଜନାରେ ଅନୁଦାନ ପାଇବା ପାଇଁ ପ୍ରସ୍ତାବଗୁଡିକର ଦାଖଲ ପ୍ରକ୍ରିୟା ଗତ ବର୍ଷ ଅକ୍ଟୋବର ୨୧ରୁ ଆରମ୍ଭ ହୋଇସାରିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ପିଏମ୍ ଉଷା ଯୋଜନାର କ୍ରିୟାନ୍ୱୟନ ପାଇଁ ସହଯୋଗ ଏବଂ ନିରନ୍ତର ସମର୍ଥନ ଦେବା ପାଇଁ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି। ଗତବର୍ଷ ଜୁନ୍ ୧୫ରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ପିଏମ୍-ଉଷା ଯୋଜନାର ଶୁଭାରମ୍ଭ ନେଇ ପତ୍ର ମାଧ୍ୟମରେ ଧର୍ମେନ୍ଦ୍ର ଅବଗତ କରାଇଥିଲେ।

# ଜାହାଜକୁ ପିଆଇସିଟି ବର୍ଥରୁ ସାଉଥ କେ ସ୍ଥାନାନ୍ତର

### ୨୨୦ କୋଟି ଟଙ୍କାର କୋକେନ୍ ଜବତ ଘଟଣା

- ୨୧ ନାବିକ ନଜରବନ୍ଦୀ ରହିଲେ
- ଏନଏଚ୍‌ଆର୍‌ସିରେ ଅଭିଯୋଗ

ପାରାଦୀପ,୭।୧୨ (ଶରତ ରାଉତ)

ପାରାଦୀପ ବନ୍ଦର ପିଆଇସିଟି ବର୍ଥରେ ଲାଗିଥିବା ଜାହାଜ 'ଏମ୍‌ଭି ଦେବୀ'ରୁ ୨୨୦ କୋଟି ଟଙ୍କାର କୋକେନ୍ ଜବତ ଘଟଣା କ୍ରମଶଃ ଜଟିଳ ହେଉଛି। ଗୁରୁବାର ଉକ୍ତ ଜାହାଜ ପିଆଇସିଟି (ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ)ବର୍ଥରୁ ପାରାଦୀପ ବନ୍ଦର ସାଉଥ କେ ବର୍ଥକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ଜାହାଜ ରହିବ। ସେଥିରେ ୨୧ ଜଣ ଭିଏତ୍‌ନାମ ନାବିକ ନଜରବନ୍ଦୀ ହୋଇ ରହିବେ। ତଦନ୍ତ ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ନ ପହଞ୍ଚିବା ପର୍ଯ୍ୟନ୍ତ ସ୍ଥିତି ସେହିଭଳି ରହିବ। ଜାହାଜରେ ବୋଝେଇ



ପାରାଦୀପ ବନ୍ଦର ସାଉଥ କେ ବର୍ଥରେ 'ଏମ୍‌ଭି ଦେବୀ' ଜାହାଜ ରହିଛି।

ହୋଇଥିବା ଜେଏସ୍‌ପିଏଲ୍‌ର ପ୍ରାୟ ୫ହଜାର ମେଟ୍ରିକ୍ ଟନ ଷ୍ଟିଲ କାର୍ଗୋ ସେମିତି ଜାହାଜ ଭିତରେ ରହିଛି। କାର୍ଗୋକୁ ଲାସିଂ (ହଲଚଲ ନହେବା ପାଇଁ ପ୍ୟାକିଂ କରାଯିବା) କରାଯାଇଛି। ଅପରପକ୍ଷେ ଏହି କୋକେନ୍ ଘଟଣାକୁ ନେଇ ନ୍ୟାୟ ପାଇଁ ଲଢ଼େଇ ପରିବାର ସଙ୍ଗଠନର ରାଜ୍ୟ ସଭାପତି ସୁବ୍ରତ କୁମାର ଦାସ ଏନ୍‌ଏଚ୍‌ଆରସି (ଜାତୀୟ ମାନବିକ ଅଧିକାର କମିଶନ)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗ ଆଧାରରେ ଏନ୍‌ଏଚ୍‌ଆରସି ୨୦୨୦୯/୨୦୨୩ ରେ ମାମଲା ରୁଜୁ ହୋଇଛି। ପାରାଦୀପ ବନ୍ଦରରେ ଏତେ ପରିମାଣରେ କୋକେନ୍ ଜବତ ହେବା ଏବଂ ଏଥିରେ ଜାତୀୟ ସ୍ୱାର୍ଥ ଥିବାରୁ ତାକୁ ନିରପେକ୍ଷ ତଦନ୍ତ କରାଯିବା ପାଇଁ ଆବେଦନ କରାଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରିକି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦ୍ରୁତ ଉତ୍ପାଦନ ଯୋଗୁ ରପ୍ତାନିରେ ଅଭିବୃଦ୍ଧି

- ମେକ୍ ଇନ୍ ଇଣ୍ଡିଆ ପ୍ରଧାନମନ୍ତ୍ରୀଙ୍କ ଚିନ୍ତାଧାରାର ଏକ ସଫଳତା-ବୈଷ୍ଣବ
- ଉତ୍ପାଦନ ବୃଦ୍ଧି ଦେଶର ରପ୍ତାନିରେ ଅଭିବୃଦ୍ଧି ଘଟାଇଛି
- ଅଧିକ ଚାକିରି ସୁଯୋଗ ପ୍ରଦାନ କରିବ
- ଖେଳନା ରପ୍ତାନି କ୍ଷେତ୍ରରେ ସର୍ବାଧିକ ବୃଦ୍ଧି
- ଭାରତରେ ମୋବାଇଲ ଫୋନ୍ ଉତ୍ପାଦନ ୪୪ ବିଲିୟନ ଡଲାରକୁ ବୃଦ୍ଧି
- ହ୍ୟାଣ୍ଡସେଟ୍‌ର ରପ୍ତାନି ପ୍ରାୟ ୧୧ ବିଲିୟନ ଡଲାର



**ଭୁବନେଶ୍ୱର, ୭।୧୨ (ଅଭୟ ଦଶ)**

କେନ୍ଦ୍ର ସରକାରଙ୍କ ଦୂରଦୃଷ୍ଟିସମ୍ପନ୍ନ ଯୋଜନା ଓ କାର୍ଯ୍ୟକାରିତା ଯୋଗୁ ଦେଶ ଆଜି ଉତ୍ପାଦନର କେନ୍ଦ୍ରସ୍ଥଳ ପାଲଟିଛି। ଏପରିକି ଗତ କିଛି ବର୍ଷ ମଧ୍ୟରେ ଘରୋଇ ବଜାରର ଉତ୍ପାଦନ ଦ୍ରୁତଗତିରେ ବଢ଼ିଛି। ବିଶେଷକରି ଦ୍ରୁତ ଉତ୍ପାଦନ ଯୋଗୁ ଭାରତ ରପ୍ତାନି କ୍ଷେତ୍ରରେ ଅଭିବୃଦ୍ଧି ହାସଲ କରିଛି ବୋଲି ଗୁରୁବାର ଏକ ସ୍ୱତନ୍ତ୍ର ପ୍ରେସ୍ ବିବୃତିରେ ରେଳ, କେନ୍ଦ୍ର ଯୋଗାଯୋଗ, ଇଲେକ୍ଟ୍ରୋନିକ୍ସ ଏବଂ ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି। ଅପରପକ୍ଷରେ ଭାରତ କେବଳ ଉତ୍ପାଦନ ନୁହେଁ, ଠିକ୍‌ଭାବେ ଜଟିଳ ଉତ୍ପାଦନ ମଧ୍ୟ କରୁଛି। ଏପରିକି ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଆରମ୍ଭ ହେବା ପରଠାରୁ ଭାରତ ଏକ ପ୍ରମୁଖ ଉତ୍ପାଦନ କେନ୍ଦ୍ରସ୍ଥଳ ଭାବେ ଉଭା ହୋଇଛି। ଉତ୍ପାଦନର ଆଧାର ମଧ୍ୟ ରପ୍ତାନିରେ ଅଭିବୃଦ୍ଧି ଘଟାଉଛି ବୋଲି ବୈଷ୍ଣବ ମତପ୍ରକାଶ କରିଛନ୍ତି।

ସେହିଭଳି ୨୦୨୨-୨୩ ଆର୍ଥିକ ବର୍ଷରେ ଦେଶର ସାମଗ୍ରିକ ରପ୍ତାନି ମୂଲ୍ୟ ପ୍ରାୟ ୭୭୫.୮୭ ବିଲିୟନ ଡଲାର ହୋଇଥିଲା ବେଳେ ୨୦୨୧-୨୨ ଆର୍ଥିକ ବର୍ଷ ତୁଳନାରେ ୧୪%ରୁ ଅଧିକ ସହ ପ୍ରାୟ ୧୦୦ ବିଲିୟନ ଡଲାରରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷରେ ଭାରତର ବାଣିଜ୍ୟ ରପ୍ତାନି ୪୫୦.୪୩ ବିଲିୟନ ଡଲାର ଥିଲା, ଯାହା ପୂର୍ବ ଆର୍ଥିକ ବର୍ଷର ଅବଧିଠାରୁ ଢେର ଅଧିକ ବୋଲି କୁହାଯାଉଛି। ବିଶେଷକରି ସେବା ରପ୍ତାନିରେ ଭାରତ ଉନ୍ନତି ଘଟାଇଥିବାବେଳେ ନିକଟ ଅତୀତରେ ବାଣିଜ୍ୟ ରପ୍ତାନିରେ ମଧ୍ୟ ଅଭିବୃଦ୍ଧି କରିପାରିଛି।

ସେହିପରି ଗତ ୯ବର୍ଷ ମଧ୍ୟରେ ଉତ୍ପାଦିତ ସାମଗ୍ରୀର ବିବିଧତା ଯଥେଷ୍ଟ ଉନ୍ନତ ହୋଇଛି। ଏପରିକି ବୈଦ୍ୟୁତିକ ଉପକରଣ, ଯନ୍ତ୍ରପାତି, ମେଶିନ ଉପାଦାନ, ଇଲେକ୍ଟ୍ରୋନିକ୍ ଉପାଦାନ ଏବଂ ଅନ୍ୟାନ୍ୟ ଜଟିଳ ଉତ୍ପାଦନ ପ୍ରକ୍ରିୟାରେ ଭାରତ ଅଭିବୃଦ୍ଧି କରିଛି। ଗୁଣବତ୍ତା ତଥା ମୂଲ୍ୟ ଦୃଷ୍ଟିରୁ ଉକ୍ତ ଶିଳ୍ପଗୁଡ଼ିକରୁ ବିଭିନ୍ନ ସାମଗ୍ରୀର ରପ୍ତାନି ନିୟମିତ ଏବଂ କ୍ରମାଗତ ଭାବେ ବୃଦ୍ଧି ପାଉଛି ବୋଲି ବୈଷ୍ଣବ କହିଛନ୍ତି। ବିଶେଷକରି ମୋବାଇଲ ରପ୍ତାନି ଆଦି ବିଷୟରେ ଉଲ୍ଲେଖକରି ବୈଷ୍ଣବ କହିଛନ୍ତି, ୨୦୨୨-୨୩ରେ ଭାରତରୁ ଟେଲିକମ୍ ସାମଗ୍ରୀ ରପ୍ତାନିରେ ୧୨.୮ ବିଲିୟନ ଡଲାର ମଧ୍ୟରୁ ୧୧ ବିଲିୟନ ଡଲାର ମୋବାଇଲ୍ ଫୋନ୍ ରହିଥିଲାବେଳେ ଚଳିତ ଆର୍ଥିକ ବର୍ଷରେ ମୋବାଇଲ ଫୋନ୍ ରପ୍ତାନି ପ୍ରାୟ ୧୫ ବିଲିୟନ ଡଲାର ହେବା ସମ୍ଭାବନା ରହିଛି। ଭାରତରେ ଉତ୍ପାଦନ ଦ୍ରୁତ ଅଭିବୃଦ୍ଧି ଘଟୁଛି ବୋଲି ବୈଷ୍ଣବ କହିଛନ୍ତି।

ଅପରପକ୍ଷରେ ସରକାର ଉତ୍ପାଦନ କରିଥିବା ବିଭିନ୍ନ ପଦକ୍ଷେପ ମଧ୍ୟରେ ଇଲେକ୍ଟ୍ରୋନିକ୍ ସାମଗ୍ରୀ ସମେତ ବିଭିନ୍ନ କ୍ଷେତ୍ରରେ ଉତ୍ପାଦନ-ସଂଯୁକ୍ତ ପ୍ରୋତ୍ସାହନ (ପିଏଲ୍‌ଆଇ) ଯୋଜନା ଆରମ୍ଭ କରିବା, ଭାରତୀୟ ଉତ୍ପାଦକମାନଙ୍କୁ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ କରିବା, ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବା, ରପ୍ତାନିକୁ ବୃଦ୍ଧି କରିବା, ଭାରତକୁ ବିଶ୍ୱ ଯୋଗାଣ ଶୃଙ୍ଖଳରେ ଯୋଡିବା ଏବଂ ନିର୍ଭରଶୀଳତା ଓ ଆମଦାନୀ ଆଦି ଉପରେ ହ୍ରାସ ହୋଇପାରିଛି ବୋଲି ବୈଷ୍ଣବ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

## ଏସ୍‌ଏଏମ୍‌ପିଏଲ୍‌ର ନୂତନ ଉତ୍ପାଦ

**ଭୁବନେଶ୍ୱର, ୭।୧୨**

ସାମ୍‌କୋ ଆସେଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ (ଏସ୍‌ଏଏମ୍‌ପିଏଲ୍)ର ବହୁ ପ୍ରତୀକ୍ଷିତ ତଥା ନୂତନ ଉତ୍ପାଦ 'ଡାଇନାମିକ ଆସେଟ ଆଲୋକେଶନ ଫଣ୍ଡ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବିଶିଷ୍ଟ ପୁଞ୍ଜିନିବେଶ ପାଇଁ ଏହା ସୁଯୋଗ ପ୍ରଦାନ କରୁଛି, ଏପରିକି ଆଜିର ଗତିଶୀଳ ବଜାର ପରିପ୍ରେକ୍ଷୀରେ ନିବେଶକମାନଙ୍କୁ ସ୍ଥିରତା, ଅଭିବୃଦ୍ଧି ସମ୍ଭାବନା, ବଜାର ଅସ୍ଥିରତାରୁ ସୁରକ୍ଷା ପାଇଁ ଏକ ଅନନ୍ୟ ପାଣ୍ଠି ପରିକଳ୍ପନା କରାଯାଇଛି। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ଡିସେମ୍ବର ୭ ରେ ଏହି ଏନ୍‌ଏଫ୍‌ଓ ଖୋଲାଯାଇଥିବାବେଳେ ୨୦୨୩ ଡିସେମ୍ବର ୨୧ରେ ଡିଏଏଫ୍ ସହିତ ନିବେଶକମାନେ ଇକ୍ୟୁଟି ନିବେଶ ସୁବିଧା ଉପଭୋଗ କରିପାରିବେ ଓ ଆବଶ୍ୟକ ସମୟରେ ସେମାନଙ୍କ ପୁଞ୍ଜି ପ୍ରତ୍ୟାହାର କରିପାରିବେ। ଏ ସମ୍ପର୍କରେ ଏସ୍‌ଏଏମ୍‌ପିଏଲ୍‌ର ମୁଖ୍ୟ ବିନିଯୋଗ ଅଧିକାରୀ ଉମେଶ କୁମାର ମେହେଟା କହିଛନ୍ତି, ଆମେ ଆମର ନୂତନ ଉତ୍ପାଦ 'ଡାଇନାମିକ ଆସେଟ ଆବଣ୍ଟନ ପାଣ୍ଠି'ର ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ବିଶେଷକରି ଭାରତରେ ନିବେଶକଙ୍କ ଚିନ୍ତା ଓ ଆବଶ୍ୟକତାକୁ ସମାଧାନ କରିବା ପାଇଁ ଏହା ଆମର ପ୍ରତିବଦ୍ଧତାର ଫଳାଫଳ ଭାବେ ଉଭା ହୋଇଛି।

## ଆଜିଠୁ ୨ ଦିନିଆ ଗ୍ଲୋବାଲ ଇନ୍‌ଭେଷ୍ଟର ସମ୍ମିଟ୍

**ଉତ୍ତରାଖଣ୍ଡ,୭।୧୨**




ଉତ୍ତରାଖଣ୍ଡ ସରକାରଙ୍କ ବହୁ ପ୍ରତୀକ୍ଷିତ ନିବେଶକ ସମ୍ମିଳନୀ 'ଉତ୍ତରାଖଣ୍ଡ ଗ୍ଲୋବାଲ ଇନ୍‌ଭେଷ୍ଟର ସମ୍ମିଟ୍ (ୟୁକେଜିଆଇଏସ୍)-୨୦୨୩'ର ଆନୁଷ୍ଠାନିକ ଶୁଭାରମ୍ଭ ଚଳିତ ବର୍ଷ ଡିସେମ୍ବର ୮ରେ ହେବ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ଏହି ୨ ଦିନିଆ ନିବେଶକ ସମ୍ମିଳନୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡିସେମ୍ବର ୮ରେ ଉଦ୍‌ଘାଟନ କରିବେ ବୋଲି ଉତ୍ତରାଖଣ୍ଡ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୩ ଡିସେମ୍ବର ୮ ଓ ୯ରେ ଉତ୍ତରାଖଣ୍ଡର ବନ ଅନୁସନ୍ଧାନ ପ୍ରତିଷ୍ଠାନ ଡେରାଡୁନ୍‌ଠାରେ ଆୟୋଜନ ହେବାକୁ ଯାଉଛି। ଏହି ସମ୍ମିଳନୀରେ ଦେଶ ତଥା ବିଶ୍ୱରୁ ୧ ହଜାରରୁ ଅଧିକ ନିବେଶକ ଏବଂ ପ୍ରତିନିଧି ଅଂଶଗ୍ରହଣ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ଏ ସମ୍ପର୍କରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି କହିଛନ୍ତି, ଉକ୍ତ ନିବେଶକ ସମ୍ମିଳନୀ ପାଇଁ ସମସ୍ତ ପ୍ରସ୍ତୁତି ରାଜ୍ୟ ସରକାର ଶେଷ କରିଛନ୍ତି। ଏପରିକି ଉତ୍ତରାଖଣ୍ଡକୁ ଏକ ନୂତନ ବିନିଯୋଗ ଲକ୍ଷ୍ୟସ୍ଥଳ ଭାବେ ପ୍ରତିଷ୍ଠା କରିବା ଲକ୍ଷ୍ୟରେ ସରକାର ଏଭଳି ଏକ ମେଗା ନିବେଶକ ସମ୍ମିଳନୀର ଆୟୋଜନ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ଗ୍ଲୋବାଲ ଇନ୍‌ଭେଷ୍ଟର୍ସ ସମ୍ମିଟ୍‌ରେ ରାଜ୍ୟ ସରକାର ପ୍ରାୟ ୨.୫ ଲକ୍ଷ କୋଟି ଟଙ୍କା ବିନିଯୋଗ ଲକ୍ଷ୍ୟ ଧାର୍ଯ୍ୟ କରିଥିବାବେଳେ ବିଭିନ୍ନ ଶିଳ୍ପ ଗୋଷ୍ଠୀ ସହ ମଧ୍ୟ ଏମ୍‌ଓୟୁ ସ୍ୱାକ୍ଷର କାର୍ଯ୍ୟକ୍ରମ ରହିଛି।


## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ବିଜୟ କୁମାର ପଟ୍ଟନାୟକ**

ସ୍ଥାନ- ବରମୁଣ୍ଡା, ଭୁବନେଶ୍ୱର
ଆବିର୍ଭାବ- ୦୪।୦୭।୧୯୪୬
ତିରୋଧାନ- ୨୮।୧୧।୨୦୨୩

ତୁମର ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମର ଚିରପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନ୍‌ଙ୍କଠାରେ ପ୍ରାର୍ଥନା କରୁଛୁ।

ହତଭାଗ୍ୟ ପୁତ୍ର- ମଳୟ କୁମାର ପଟ୍ଟନାୟକ, ସମୟ କୁମାର ପଟ୍ଟନାୟକ, ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୧୯୭୧

**CLASSIFIED DISPLAY**
MORE SPACE • SAME PRICE
TARIFF | GST 5%

SC/ST ଛାତ୍ରୀ ମାନଙ୍କ ପାଇଁ
Course Fee ସଂପୂର୍ଣ୍ଣ ମାଗଣା
ନାମଲେଖା ଚାଲୁଅଛି !
ଶିକ୍ଷାବର୍ଷ: ୨୦୨୩-୨୪
SAI STITI INSTITUTE OF MEDICAL SCIENCE
Recognised by Govt. of Odisha, H & FW Dept. and Odisha Nursing Council, India Nursing Council, New Delhi
**ANM**
Duration 2 yrs, Qualification +2 (Any Stream)
Practical at DHH KHORDHA and CAPITAL HOSPITAL
Hanspal Bhubaneswar
Mob.: 8249091700, 8455975825, 9692613134


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଟାଟା ପାୱାରର ନୂତନ ମାଇଲଖୁଣ୍ଟ

**ଭୁବନେଶ୍ୱର, ୭।୧୨**

ଟାଟା ପାୱାରର ଓଡ଼ିଶା ଡିସ୍‌କମ୍ ନିକଟରେ ଆଉ ଏକ ନୂତନ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ଅଧିଗ୍ରହଣ ପରଠାରୁ ଡିସ୍‌କମ୍‌ଗୁଡିକର ଉନ୍ନତ ପ୍ରକ୍ରିୟା ଓ ସରଳୀକରଣ ପଦକ୍ଷେପ ଯୋଗୁ କମ୍ପାନୀ ରାଜ୍ୟରେ ମୋଟ ୧୦,୦୪୦,୨୨ ନୂଆ ବିଦ୍ୟୁତ୍ ସଂଯୋଗ ପ୍ରଦାନ କରିଛି। ବିଶେଷକରି ସମ୍ଭାବ୍ୟ ଗ୍ରାହକମାନେ ୱେବ୍‌ସାଇଟ୍, କଲ୍, ଏସ୍‌ଏମ୍‌ଏସ୍, ହ୍ୱାଟ୍ସଆପ୍, ଇ-ମେଲ୍ ଏବଂ ଗ୍ରାହକ ସେବା କେନ୍ଦ୍ର ଭଳି ବିଭିନ୍ନ ଟଚ୍ ପଏଣ୍ଟ ଜରିଆରେ ଆବେଦନ କରିପାରିବେ। ସେହିଭଳି ସର୍ବନିମ୍ନ ଦସ୍ତାବିଜ ଆବଶ୍ୟକତା ସହ ଡିସ୍‌କମ୍‌ଗୁଡିକ ନୂଆ ସଂଯୋଗ ପ୍ରକ୍ରିୟାରେ ସମ୍ପୃକ୍ତ ପଦକ୍ଷେପଗୁଡ଼ିକୁ ଯଥେଷ୍ଟ ହ୍ରାସ କରିବା ସହ ସେଗୁଡ଼ିକୁ ଡିଜିଟାଇଜ୍ ମଧ୍ୟ କରିଛନ୍ତି, ଯାହା ଗ୍ରାହକଙ୍କ ସୁବିଧା ପାଇଁ ପ୍ରକ୍ରିୟାକୁ ବେଶ୍ ସରଳ କରିଛି। ଉକ୍ତ ପ୍ରକ୍ରିୟାରେ କେବଳ ୪ଟି ପଦକ୍ଷେପ ଅନ୍ତର୍ଭୁକ୍ତ ରହିଛି। ତାହା ହେଉଛି ପଞ୍ଜୀକରଣ, ଦସ୍ତାବିଜ ଦାଖଲ, ଦେୟ ଏବଂ ଯାଞ୍ଚ ଓ ମିଟର ସ୍ଥାପନା ଇତ୍ୟାଦି। ଉଲ୍ଲେଖଯୋଗ୍ୟ, ଟାଟା ପାୱାରର ଓଡ଼ିଶା ଡିସ୍‌କମ୍‌ଗୁଡ଼ିକ ଦ୍ୱାରା ନୂଆ ସଂଯୋଗ (୨୦୨୩ ନଭେମ୍ବର ୩୦ସୁଦ୍ଧା) ଓ ଡିସ୍‌କମ୍ ଅବଧି ବିଦ୍ୟୁତ୍ ସଂଯୋଗ ସଂଖ୍ୟା ଟିପିସିଓଡିଏଲ୍ ୨୦୨୦ଜୁନ୍‌ରୁ ୨୦୨୩ ନଭେମ୍ବର ୩,୭୬,୭୯୯ ସଂଯୋଗ ହୋଇଥିବାବେଳେ ଟିପିଏସ୍‌ଓଡିଏଲ୍ ୨୦୨୧ ଏପ୍ରିଲରୁ ୨୦୨୩ ନଭେମ୍ବର ୧,୭୩,୫୭୩ ସଂଯୋଗ, ଟିପିଏନ୍‌ଓଡିଏଲ୍ ୨୦୨୧ ଜାନୁୟାରୀରୁ ୨୦୨୩ ନଭେମ୍ବର ୧,୬୭,୩୪୬ ସଂଯୋଗ, ଟିପିଡବ୍ଲ୍ୟୁଓଡିଏଲ୍ ୨୦୨୧ ଜାନୁୟାରୀରୁ ୨୦୨୩ ନଭେମ୍ବର ୨,୮୬,୩୦୪ ସଂଯୋଗ ପଞ୍ଜୀକରଣ ହୋଇଛି। ଅପରପକ୍ଷରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବିଦ୍ୟୁତ୍ ସଂଯୋଗ ପାଇବା ସହଜ ହେବା ଫଳରେ ରାଜ୍ୟରେ ଅର୍ଥନୈତିକ କାର୍ଯ୍ୟକଳାପ ଦ୍ରୁତଗତିରେ ବୃଦ୍ଧି ପାଇଛି।

## ରିଲାଏନ୍ସ ଫାଉଣ୍ଡେଶନର ସ୍ୱତନ୍ତ୍ର ଅଭିଯାନ

**ଭୁବନେଶ୍ୱର, ୭।୧୨**



ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରି ଲିମିଟେଡ୍ (ଆର୍‌ଆଇଏଲ୍)ର ସାମାଜିକ ପ୍ରତିଷ୍ଠାନ 'ରିଲାଏନ୍ସ ଫାଉଣ୍ଡେଶନ' ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲା ବାହାନଗା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଫାଉଣ୍ଡେଶନ ପକ୍ଷରୁ କାହାଣୀ ପ୍ରସ୍ତୁତ କରିବା, କଳାକୁ ପ୍ରେରଣା ଦେବା ଏବଂ ଛାତ୍ରୀଛାତ୍ରଙ୍କ ସହ ଖୁସି ସୃଷ୍ଟି କରିବା ଭଳି ପ୍ରମୁଖ କାର୍ଯ୍ୟକ୍ରମ 'କାହାଣୀ, କଳା ଓ ଖୁସି' ନିକଟରେ ପାଳିତ ହୋଇଯାଇଛି। ଅପରପକ୍ଷରେ ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କୁ ଆକର୍ଷଣୀୟ ସ୍କୁଲ ବ୍ୟାଗ୍, କଲର ବକ୍ସ, କ୍ରେୟନ, ଆର୍ଟ ବ୍ରସ୍ ଆଦି କଳା (ଚିତ୍ରାଙ୍କନ) ସାମଗ୍ରୀ ଏବଂ ଆଉ କିଛି ଉପହାର ମଧ୍ୟ ବଣ୍ଟନ କରାଯାଇଛି। ଏହି ଅବସରରେ ବାହାନଗା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯଦୁନାଥ ସିଆଲଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଶିକ୍ଷକଶିକ୍ଷୟିତ୍ରୀ, ରିଲାଏନ୍ସ ଫାଉଣ୍ଡେଶନ ଅଧିକାରୀ ଏବଂ ରିଲାଏନ୍ସ ଜିଓ, ରିଲାଏନ୍ସ ରିଟେଲ, ଜିଓ-ବିପି ଭଳି ଅନ୍ୟ ଆର୍‌ଆଇଏଲ୍ ଗ୍ରୁପ୍ ଅଫ୍ କମ୍ପାନିଜର କର୍ମଚାରୀ ଓ ସ୍ୱେଚ୍ଛାସେବୀମାନଙ୍କ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


# Classified Everyday
**0674-2580101, 2549949**




**REAL ESTATE**

**SALE**

Book 3BHK, 4BHK premium flat at Saubhagya Nagar, OUAT square, Near Khimji & Narula Sweets, Handover Aug-2024. 7978584549. D-75506

**Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 7008459987.** D-75272

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919

**Twincity ମଧ୍ୟଭାଗରେ Grand Bazar (Nakhara NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି Plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ - 8249310759.** D-75276

**Commercial plot: 3 sides road, facing to NH Nakhara to Niali road. Frontage 60 foot facing to South 10000 Sft. 8 Km. from Nakhara, 13 Km. from BBSR. 8249851363, 7809525452.** D-75072




1st Floor (1300 Sqft.) at Puri Bypass Road for Office Purpose. 9861061007, 9439917937. D-1962

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




**Ashirvaad Salon and SPA get good massage for your health tha best therapy. 7077181074.** D-75069

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75073

**Newly Healthcare benefited spa Experience Therapist in Bhubaneswar. Contact: 9938843929** D-75172

**Relax, Refresh your body, Mind at Saikrupa Spa with best therapies. 8984068077.** D-1873

**Full Body massage by experience therapist @999 only-9078484455 (Bhubaneswar).** D-1928

Newly open spa positively Heath benefits with expert therapist. 9040286886. D-75173

**AFFIDAVIT**



By virtue of an affidavit before the Executive Magistrate, Basudevpur on dt. 05.10.2023, I Smt. Madhusmita Sahoo, aged about 27 yrs., W/o- Sek Raju, D/o- Muralidhar Sahoo of Vill/P.O./P.S/ Basudevpur, Dist.- Bhadrak of State Odisha have changed my name from "Madhusmita Sahoo" to "Karishma Bibi" after getting marriage with one Sek Raju, S/o- Sek Baraktulla. Hence, I shall be known as "Karishma Bibi" instead of Madhusmita Sahoo for all purpose in the future. D-1969

By an affidavit before the Notary Public, Sambalpur, We 1- Pasala Babaji, S/o. Pasala Appa Rao and 2- Pasala Krishnaveni, W/o. Pasala Babaji both R/o. Nuagarh, Telitikira, Khandhata, Dist.- Bargarh declare that the actual name of the deponent No.1 is Pasala Babaji. But in PAN bearing No.CMCPB5108E the name has been mentioned as P Babaji. That both the names belongs to one and same person. The actual name of deponent No.2 is Pasala Krishnaveni. But in PAN bearing No. EMRPK1893L the name has been mentioned as P Krishnaveni. That both the names belongs to one and same person. D-1967

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**I, Rakesh Bhura, S/o. Prakash Chand Bhura, resident of Plot No. 502, Sahid Nagar, Bhubaneswar, Dist.- Khordha, Bhubaneswar, PIN-751007, Odisha declare by this Affidavit No. 1970 dtd. 05/12/2023 before the Notary Public, Bhubaneswar that now onwards I shall be known as RAKESH BHURA instead of Rakesh Kumar Bhura for all future purposes.** D-71696

I, Sumitra Rani Sahoo, W/o- Himansu Sekhar Sahoo, Village of Beguniapatna, P.O- Kalikaprasad, P.S./Dist.- Nayagarh, PIN- 752079, Odisha declare by this affidavit No.-778 dtd. 06.12.2023 that now onwards I shall be known as SUMITRA SAHOO for all future purposes. D-1968

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା**



**ଦିବ୍ୟାଂଶୁ ପଟ୍ଟନାୟକ (ରିକି)**
ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।
ଶୁଭେଚ୍ଛା ସହ: ଅଜା, ଡାଡି, ମମି, ଦିଦିବାବା, ଦିଦିମାମା, ସାନବାବା, ସାନମାମା, ବାବା, ମାମା, ମାମୁ, ମାଈଁ, ରିଙ୍କୁଭାଇ, ସୋନୁଭାଇ, ନଙ୍ଗୁଭାଇ, ରିଚାଦିଦି, ରିଷୀଭାଇ, ଆଂସୁ, ଓମୀ, ବନ୍ଧୁ ଓ ପରିବାରବର୍ଗ।
ଧ-୭୫୦୭୪

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**LOST**

ମୁଁ ଦେବୀ ପ୍ରସାଦ କର, ପିତା- ମହେଶ୍ୱର କର, ଧାନମଣ୍ଡଳ ଜଣାଉଅଛିକି ମୁଁ ବାଇକ୍‌ରେ ଯାଉଥିବା ବେଳେ ମୋର 'ବି ଫାର୍ମା' ସାର୍ଟିଫିକେଟ୍ ଗତ ୨୯।୦୬।୨୦୨୨ରେ କେଉଁଠି ହଜିଯାଇଛି ; ଯାହାର ରେଜିଷ୍ଟ୍ରେସନ ନମ୍ବର ୧୫୦୩୨୫୭୦୪୨। ଏଥିପାଇଁ ମୁଁ ୨୬।୦୧।୨୦୨୩ରେ ବଡ଼ଚଣା ଥାନାରେ ଅଭିଯୋଗ କରିଛି।
ଧ-୧୯୬୫

## ଫୁର୍‌ସତ


ରଶ୍ମିକା ମାନ୍ଦାନା

# 'ଦି ଗର୍ଲଫ୍ରେଣ୍ଡ'ର ଶୁଟିଂ ଆରମ୍ଭ

**ମୁମ୍ବାଇ:** ବର୍ତ୍ତମାନ ସମୟରେ ଧମାଲ କରୁଛି ଅଭିନେତା ରଣବୀର କପୁରଙ୍କ ଫିଲ୍ମ 'ଆନିମଲ'। କେବଳ ଭାରତରେ ନୁହେଁ ବିଦେଶରେ ମଧ୍ୟ ଏହି ଫିଲ୍ମ ବେଶ୍ ଭଲ ପ୍ରଦର୍ଶନ କରିଛି। ସିନେମା ରିଲିଜ୍‌ର ମାତ୍ର ୩ ଦିନରେ ବକ୍ସ ଅଫିସରେ ୩୪୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରିସାରିଛି। ଚଳଚ୍ଚିତ୍ରରେ ରଣବୀରଙ୍କ ସହିତ ଅଭିନେତ୍ରୀ ରଶ୍ମିକା ମାନ୍ଦାନାଙ୍କ ଅଭିନୟକୁ ଦର୍ଶକେ ବେଶ୍ ପସନ୍ଦ କରୁଛନ୍ତି। ଫିଲ୍ମର ସଫଳତାକୁ ନେଇ ତାଙ୍କୁ ମଧ୍ୟ ଅନେକ ଶୁଭେଚ୍ଛା ମିଳୁଛି। ତେବେ ରଶ୍ମିକା ଏବେ ତାଙ୍କ ଆଗାମୀ ଫିଲ୍ମ 'ଦି ଗର୍ଲଫ୍ରେଣ୍ଡ'ର ଶୁଟିଂ ଆରମ୍ଭ କରିଥିବା ଜଣାପଡ଼ିଛି। ଆସନ୍ତା ୨୦ ଦିନ ପର୍ଯ୍ୟନ୍ତ ସେ ହାଇଦ୍ରାବାଦ୍‌ରେ ଶୁଟିଂ କରିବେ। ରାହୁଲ ରବୀନ୍ଦ୍ରନ ଏଥିରେ ନିର୍ଦ୍ଦେଶନା ଦେଇଛନ୍ତି। ନିକଟରେ ରଶ୍ମିକା ଫିଲ୍ମ 'ଦି ଗର୍ଲଫ୍ରେଣ୍ଡ'ର ଫାଷ୍ଟଲୁକ୍ ଶେୟାର କରିଛନ୍ତି। ରଶ୍ମିକା ୨୦୧୬ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ଅନେକ ଫିଲ୍ମ ଜରିଆରେ ତାଙ୍କ ଅଭିନୟର ଯାଦୁ ଦେଖାଇଛନ୍ତି। ଆଗକୁ ତାଙ୍କ ପାଖରେ ଆଉ ୩ଟି ଫିଲ୍ମ ରହିଛି।

# ପବନବୃକ୍ଷରେ ବିଦ୍ୟୁତ୍ ଉତ୍ପାଦନ

**ନୂଆଦିଲ୍ଲୀ:** ବେଳକୁ ବେଳ ଶୁଦ୍ଧ ପବନର ଚାହିଦା ବଢ଼ିବାକୁ ଲାଗିଛି। ଏଭଳି ପରିସ୍ଥିତିରେ ଇକୋ ଉଦ୍ୟୋଗୀମାନେ ଘରେ ଅକ୍ଷୟଶକ୍ତି ଉତ୍ସକୁ ବ୍ୟବହାର କରିବାର ନୂତନ ଉପାୟ ମଧ୍ୟ ପ୍ରସ୍ତୁତ କରିଛନ୍ତି। ଏହି ଉଦ୍ଭାବନଗୁଡ଼ିକ ମଧ୍ୟରେ ଗୋଟିଏ ହେଉଛି ମାଇକ୍ରୋ ପବନ ଟର୍ବାଇନ, ଯାହା ଦେଖିବାକୁ ବୃକ୍ଷ ଆକୃତିର। ଏହା ଗତିକୁ ଅନୁକରଣ କରିଥାଏ। ଫ୍ରେଞ୍ଚ, ଷ୍ଟାର୍ଟଅପ୍, ନ୍ୟୁ ୱାର୍ଲ୍ଡ ପବନ ଦ୍ୱାରା ବିକଶିତ ଏହି ପବନବୃକ୍ଷ ସେମାନଙ୍କ ଶାଖାଗୁଡ଼ିକରେ ବହୁମୁଖୀ ସବୁଜ 'ଏରୋଲିଫ୍ସ' ଥାଏ, ଯାହା ଛୋଟ, ଭୂଲମ୍ବ-ଅକ୍ଷ ପବନ ଟର୍ବାଇନ। ଏକ ଡାଟା ଅନୁସାରେ, ପବନବୃକ୍ଷ ହେଉଛି ଏକ ଷ୍ଟିଲ୍ ଆକୃତିର, ଯାହାର ଉଚ୍ଚତା ୯.୮ ମିଟର ଏବଂ ଚଉଡ଼ା ୭.୨ ମିଟର। ଏଥିରେ ମୋଟ ୩୬ଟି ଏରୋଲିଫ ସ୍ଥାପିତ କରାଯାଇଛି। ପ୍ରତ୍ୟେକ ଏରୋଲିଫ ପ୍ରାୟ ୩ ଫୁଟ ଉଚ୍ଚ ଏବଂ



ଏଥିରେ ଡବଲ ବ୍ଲେଡ୍ ରହିଥିବାବେଳେ ଭୂଲମ୍ବ ଅକ୍ଷ ସହିତ ପତ୍ର ପରି ଆକୃତିର। ଏଥିରେ ସ୍ଥାୟୀ ଚୁମ୍ବକ ସହିତ ଏକ ସନ୍ତୁଳିତ ମାଇକ୍ରୋ- ଜେନେରେଟର ରହିଛି। ଏହି ଜେନେରେଟରଗୁଡ଼ିକ ବିଦ୍ୟୁତ୍ ଉତ୍ପନ୍ନ କରେ, ଯାହା ପରେ ସିଧାସଳଖ ବିଦ୍ୟୁତ୍‌ରେ ପରିଣତ ହୁଏ। ପ୍ରତ୍ୟେକ ଗଛର କ୍ଷମତା ୧୦,୮୦୦ ୱାଟ୍ ଏବଂ ୩୬ଟି ପତ୍ରଥିବା ପ୍ରତି ଏରୋଲିଫର କ୍ଷମତା ୩୦୦ ୱାଟ୍ ରହିଛି। ସହରାଞ୍ଚଳଗୁଡ଼ିକରେ ଯେପରି ଏହି ଗଛ ଯେକୌଣସି ସ୍ଥାନରେ ଲଗାଯାଇପାରିବ ସେଥିପାଇଁ ଏହାକୁ ଏପରି ଆକୃତି କରାଯାଇଛି। ଏରୋଲିଫର ଘୂର୍ଣ୍ଣନ ବିନା କୌଣସି ବାଧକରେ ଶବ୍ଦ ସୃଷ୍ଟି କରେନାହିଁ। ଯାହା ଦୁର୍ବଳ ଏବଂ ଅଶାନ୍ତ ପବନକୁ କାବୁ କରିବାରେ ବିଶେଷ ଭାବେ ଅନୁକୂଳ ହୋଇଥାଏ। ଏରୋଲିଫକୁ ସବୁଜ ଶକ୍ତିର ଦ୍ୱିତୀୟ ଉତ୍ସ ଭାବେ ଯୋଡ଼ିବାକୁ ପତ୍ରର ତଳ ଭାଗରେ ଛୋଟ ସୌର ପ୍ୟାନେଲ ମଧ୍ୟ ଲଗାଯାଇଛି। ଏହି ଗଛକୁ ସହଜରେ ପାହାଡ଼, ଘରର ଛାତ, ବାଲକୋନିରେ ମଧ୍ୟ ସ୍ଥାପିତ କରାଯାଇପାରିବ, ଯେପରି ଗଛ ସୂର୍ଯ୍ୟକିରଣ ପାଇପାରିବ। ଏହି ଟର୍ବାଇନ ସପ୍ତାହେ ଧରି ଶକ୍ତି ଯୋଗାଇବ। ଏହି ଶକ୍ତିକୁ ମଧ୍ୟ ବ୍ୟାଟେରିରେ ଷ୍ଟୋର କରାଯାଇପାରିବ। ନ୍ୟୁ ୱାର୍ଲ୍ଡ ଆସନ୍ତା ବର୍ଷ ଜାନୁୟାରୀରେ ଏହାକୁ ଲଞ୍ଚ କରିବ।

# ଚାଇନାର ଷ୍ଟ୍ରିଟ୍ ଫୁଡ୍: ବରଫ ମସଲା



**ବେଜିଂ:** ବିଶ୍ୱରେ ଏପରି ବହୁତ ଦେଶ ରହିଛି, ଯେଉଁଠାରେ ଲୋକେ ଅନେକ ଅଜବ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରିଥାନ୍ତି। ତେବେ ଚାଇନା କଥା କହିବାକୁ ଗଲେ, ସେଠାରେ ଏପରି ଖାଦ୍ୟ ପ୍ରସ୍ତୁତ ହୋଇଥାଏ, ଯାହାକୁ ଆମେ କେବେ କଳ୍ପନା ବି କରି ନ ଥିବା। ଆମେ କିଛି ପାନୀୟ ପିଉଥିବାବେଳେ ସେଥିରେ ବରଫ ଖଣ୍ଡକୁ ପକାଇଥାଉ। ହେଲେ ଚାଇନାରେ ସେହି ବରଫଖଣ୍ଡ ସେଠାକାର ଷ୍ଟ୍ରିଟ୍ ଫୁଡ୍ ଭାବେ ଗଣାଯାଏ। ତେବେ ପୂର୍ବରୁ ଚାଇନାରେ ଛୋଟ ପଥର ଖଣ୍ଡକୁ ମସଲାରେ କଷି ଖାଦ୍ୟ ପ୍ରସ୍ତୁତ ହେଉଥିବା ନଜରକୁ ଆସିଥିଲା। ହେଲେ ଏହି ଖାଦ୍ୟରେ ବଡ଼ ବଡ଼ ବରଫକୁ ଖଣ୍ଡ ଖଣ୍ଡ କରାଯାଇ ସେଥିରେ ବିଭିନ୍ନ ପ୍ରକାର ମସଲା ପକାଯାଇଥାଏ। ସେହି ବରଫରେ ତେଲ ଲଗାଯାଇ ଲଙ୍କା, ଜିରା ଏବଂ ଅନେକ ମସଲା ପକାଯାଏ। ପରେ ଏହାକୁ ନିଆଁରେ ରୋଷେଇ କରାଯାଇଥାଏ। ଏହି ଖାଦ୍ୟ ବିଶେଷକରି ଉତ୍ତର-ପୂର୍ବ ଚାଇନାରେ ମିଳିଥାଏ। ପ୍ରତି ପ୍ଲେଟ୍ ପିଛା ଏହାର ମୂଲ୍ୟ ୧୭୦ ଟଙ୍କା ରଖାଯାଇଛି। ରିପୋର୍ଟ ମୁତାବକ, ୨୦୨୧ରେ ପ୍ରଥମ ଥର ଏହି ଡିସ୍‌କୁ ଆଇସ୍ ଫେଷ୍ଟିଭାଲରେ ପ୍ରସ୍ତୁତ କରାଯାଇଥିଲା। ବରଫ ଶୀଘ୍ର ତରଳୁଥିବାରୁ ଏହାକୁ କେବଳ ଅଳ୍ପ ସମୟ ପାଇଁ ରୋଷେଇ କରି ଖାଇବାକୁ ଦିଆଯାଏ।
































ନିର୍ମଳ କୁମାର ମିଶ୍ର

# ଟିମ୍ ଇଣ୍ଡିଆର ବ୍ୟସ୍ତବହୁଳ କାର୍ଯ୍ୟସୂଚୀ

**ଆସନ୍ତା ବର୍ଷ ଭାରତୀୟ କ୍ରିକେଟ ଦଳର ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ରହିଛି। ଏହି ବର୍ଷ ୫୨ଟି ଅନ୍ତର୍ଜାତୀୟ ମ୍ୟାଚ ସହ ଟି୨୦ ବିଶ୍ୱକପ ଖେଳିବ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଚକ୍ରରେ ମୋଟ ୧୦ଟି ମ୍ୟାଚ ଖେଳିବ ଟିମ୍ ଇଣ୍ଡିଆ। ଦକ୍ଷିଣ ଆଫ୍ରିକା ଗସ୍ତର ୨ ଟେଷ୍ଟ ସହ ଟିମ୍ ଇଣ୍ଡିଆର ୨୦୨୪ ଟେଷ୍ଟ ଚାମ୍ପିୟନଶିପ୍ ଚକ୍ର ଆରମ୍ଭ ହେବ...**



ରୋହିତ ଶର୍ମା

ଭାରତୀୟ ଦଳର ଦୁଇ ଦୁଇଟି ବିଶ୍ୱକପର ପରାଜୟର କାରଣ ଖୋଜୁଛି ବିସିସିଆଇ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପରେ ଭଲ ପ୍ରଦର୍ଶନ କରି ଫାଇନାଲରେ ପ୍ରବେଶ କରିଥିଲା ଟିମ୍ ଇଣ୍ଡିଆ। ୨୦୨୧ରୁ ୨୦୨୩ ପର୍ଯ୍ୟନ୍ତ ଖେଳାଯାଇଥିବା ମୋଟ ୭୦ଟି ଟେଷ୍ଟ ମ୍ୟାଚରେ ୯ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲରେ ଶକ୍ତିଶାଳୀ ଅଷ୍ଟ୍ରେଲିଆ ୨୦୯ ରନ୍‌ରେ ଟିମ୍ ଇଣ୍ଡିଆକୁ ପରାସ୍ତ କରି ଚାମ୍ପିୟନ ହେବା ସହ ଏକମାତ୍ର ଦଳ ରୂପେ ଆଇସିସିର ସମସ୍ତ ଟ୍ରଫିରେ ବିଜୟ ହାସଲ କରି ରେକର୍ଡ କରିଥିଲା। ଏହି ଟ୍ରଫିରେ ଆଫଗାନିସ୍ତାନ, ଆୟର୍ଲାଣ୍ଡ ଏବଂ ଜିମ୍ବାୱେ ଭାଗ ନେଇଥିଲେ। ଅଷ୍ଟ୍ରେଲିଆ ମୋଟ ୧୯ଟି ଏବଂ ଭାରତ ୧୮ଟି ଟେଷ୍ଟମ୍ୟାଚ ଖେଳିଥିଲା। ଅଷ୍ଟ୍ରେଲିଆ ୧୯ଟିରୁ ୧୧ଟି ବିଜୟ ଏବଂ ୩ଟି ପରାଜୟ ଏବଂ ୩ଟି ମ୍ୟାଚ ଡ୍ର ରଖିଥିଲା। ଭଲ ପ୍ରଦର୍ଶନ କରି ମଧ୍ୟ ଟିମ୍ ଇଣ୍ଡିଆ ଫାଇନାଲରେ ବଡ ବ୍ୟବଧାନରେ ପରାସ୍ତ ହୋଇଥିଲା। ଆଗାମୀ ଟି୨୦ ବିଶ୍ୱକପ୍‌ରେ ଭାରତ ଟ୍ରଫି ଜିତିବା ଆଶା ରଖିଛି। ତେବେ ଗତ ଏକଦିବସୀୟ ବିଶ୍ୱକପ୍‌ରେ ଗ୍ରୁପ୍ ପର୍ଯ୍ୟାୟରେ ଚମତ୍କାର ପ୍ରଦର୍ଶନ କରି କ୍ରମାଗତ ୧୦ ମ୍ୟାଚ ଜିତିବା ସହିତ ଫାଇନାଲରେ ପୁଣି ଥରେ ଅଷ୍ଟ୍ରେଲିଆଠାରୁ ପରାଜିତ ହେବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିପାଇଁ ବିସିସିଆଇ ଏବଂ ଚୟନ କମିଟି ଆଗାମୀ ଟି୨୦ ବିଶ୍ୱକପ୍ ଯାହାକି ୱେଷ୍ଟଇଣ୍ଡିଜ ଏବଂ ୟୁଏସ୍‌ରେ ଆଗାମୀ ଜୁନ୍ ଏବଂ ଜୁଲାଇ ମାସରେ ଖେଳାଯିବ ସେଥିପାଇଁ ଏବେଠାରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଛି। ୩ଟି ଫର୍ମାଟ୍ ପାଇଁ ତିନି ଜଣ ଅଧିନାୟକ ଫର୍ମୁଲାରେ ବିଶ୍ୱାସ ରଖି ପରୀକ୍ଷା ନିରୀକ୍ଷା କରିଛି। ଅନ୍ୟ ପକ୍ଷରେ ୫ଟି ଟି୨୦ ମ୍ୟାଚ ପାଇଁ ସୂର୍ଯ୍ୟକୁମାର ଯାଦବଙ୍କୁ ଅଧିନାୟକ ମନୋନୀତ କରି ଘରୋଇ ସିରିଜରେ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ୪-୧ରେ ପରାସ୍ତ କରି ମଧୁର ପ୍ରତିଶୋଧ ନେଇଛି। ସମସ୍ତ ସିନିୟର ଖେଳାଳିଙ୍କୁ ବିଶ୍ରାମ ଦେଇ ଏହି ସଫଳତା ହାସଲ କରିଥିବା ବେଳେ ଯଶସ୍ୱୀ ଜୟସ୍ୱାଲ, ଋତୁରାଜ ଗାଏକ୍ୱାଡ୍, ଜିତେଶ ଶର୍ମା, ଶ୍ରେୟସ ଆୟାର, ସୂର୍ଯ୍ୟକୁମାର ଯାଦବ, ରବି ବିଷ୍ଣୋଇ, ମୁକେଶ କୁମାର ଏବଂ ଅକ୍ଷର ପଟେଲ ଚମତ୍କାର ପ୍ରଦର୍ଶନ କରି ଭାରତର ସମ୍ମାନ ରକ୍ଷା କରିଛନ୍ତି।

ଇତି ମଧ୍ୟରେ ବିଦେଶ ମାଟିରେ ଆଉ ଏକ ୩ ଫର୍ମାଟ୍ ବିଶିଷ୍ଟ ଗୁରୁତ୍ୱପୂର୍ଣ୍ଣ ସିରିଜ ଖେଳିବା ପାଇଁ ଦକ୍ଷିଣ ଆଫ୍ରିକା ଗସ୍ତ କରିଛି ଟିମ୍ ଇଣ୍ଡିଆ।

ମୋଟାମୋଟି ଦେଖିବାକୁ ଗଲେ ୨୦୨୩ ଦୁଇଟି ଫାଇନାଲ ବିଫଳତାକୁ ଛାଡିଦେଲେ ସମସ୍ତ ଫର୍ମାଟ୍‌ରେ ଦଳ ଭଲ ପ୍ରଦର୍ଶନ କରିଛି। ୨୦୨୩ ଶେଷ ହେବାକୁ ଯାଉଛି। ଆସନ୍ତା ବର୍ଷ ଦଳର ବ୍ୟସ୍ତବହୁଳ କ୍ରିକେଟ ସିଜନ୍ ରହିଛି। ଇତି ମଧ୍ୟରେ ଆଇପିଏଲ୍‌ର ୧୭ ତମ ସଂସ୍କରଣ ପାଇଁ ଖେଳାଳି ନିଲାମ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ଏହି ଲିଗ୍ ସମ୍ଭବତଃ ମାର୍ଚ୍ଚ ୨୩ରୁ ଆରମ୍ଭ ହୋଇ ମେ ୧୯ ପର୍ଯ୍ୟନ୍ତ ଚାଲିବ। ୨୦୨୪ରେ ଭାରତ ୫୨ଟି ଅନ୍ତର୍ଜାତୀୟ ମ୍ୟାଚ ସହିତ ଟି ୨୦ ବିଶ୍ୱକପ ଖେଳିବ। ଆସନ୍ତା ବର୍ଷ ଭାରତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଚକ୍ରରେ ମୋଟ ୧୦ଟି ମ୍ୟାଚ ଖେଳିବାକୁ ରହିଛି। ଦକ୍ଷିଣ ଆଫ୍ରିକା ଗସ୍ତର ୨ ଟେଷ୍ଟ ସହ ଟିମ୍ ଇଣ୍ଡିଆର ୨୦୨୪ ସିଜନ୍ ଚକ୍ର ଆରମ୍ଭ ହେବ। ଜାନୁୟାରୀ ୩ରୁ ୭ ତାରିଖ ୨ୟ ଟେଷ୍ଟ ଖେଳିସାରି ଭାରତୀୟ ଦଳ ସ୍ୱଦେଶ ଫେରିବ। ଏହି ଗସ୍ତ ପାଇଁ ଟେଷ୍ଟ ଦଳରେ ସିନିୟର ଖେଳାଳି ଭାବରେ ରୋହିତ ଶର୍ମା, ବିରାଟ କୋହଲି, କେ.ଏଲ. ରାହୁଲ, ରବିଚନ୍ଦ୍ରନ ଅଶ୍ୱିନ, ରବିନ୍ଦ୍ର ଜାଡେଜା, ମହମ୍ମଦ ସିରାଜ, ଯଶପ୍ରୀତ ବୁମରା ରହିଥିବା ବେଳେ କେତେକ ଯୁବ ଖେଳାଳି ମଧ୍ୟ ସ୍ଥାନ ପାଇଛନ୍ତି।

ଟିମ୍ ଇଣ୍ଡିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି୨୦ ମ୍ୟାଚ ଡିସେମ୍ବର ୧୦, ୧୨ ଏବଂ ୧୪ରେ ଖେଳାଯିବାକୁ ଥିବା ବେଳେ ଡିସେମ୍ବର ୧୭ରୁ ଏକଦିବସୀୟ ସିରିଜ ଆରମ୍ଭ ହେବ। ୨ୟ ଏକଦିବସୀୟ ମ୍ୟାଚ ୧୯ ଓ ତୃତୀୟ ମ୍ୟାଚ ୨୧ ତାରିଖରେ ଖେଳାଯିବ। ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ ୨୬ ଡିସେମ୍ବରରୁ ଆରମ୍ଭ ହୋଇ ୩୦ ପର୍ଯ୍ୟନ୍ତ ଚାଲିବ। ଏଥି ନିମନ୍ତେ ଟେଷ୍ଟ ପାଇଁ ରୋହିତ ଶର୍ମା ଓ ଏକଦିବସୀୟ ଲାଗି ଲୋକେଶ ରାହୁଲ ଏବଂ ଟି୨୦ ସିରିଜ ପାଇଁ ସୂର୍ଯ୍ୟକୁମାର ଯାଦବଙ୍କୁ ଅଧିନାୟକ ମନୋନୀତ କରାଯାଇଛି। ସମସ୍ତ ଫର୍ମାଟ୍ ପାଇଁ ଋତୁରାଜ ଗାଏକ୍ୱାଡ୍, ଯଶସ୍ୱୀ ଜୟସ୍ୱାଲ, ଶୁବମନ ଗିଲ୍, ଶ୍ରେୟାସ ଆୟାର, ମୁକେଶ କୁମାରଙ୍କ ପରି ଅଭିଜ୍ଞ ଖେଳାଳି ସ୍ଥାନ ପାଇଥିବା ବେଳେ ସଞ୍ଜୁ ସାମସନଙ୍କ ପରି ଅଣଦେଖା ଖେଳାଳିଙ୍କୁ କେବଳ ଏକଦିବସୀୟ ପାଇଁ ଦଳରେ ମନୋନୀତ କରାଯାଇଛି। ମାତ୍ର ଅଶ୍ଚର୍ଯ୍ୟର କଥା ଚେତେଶ୍ୱର ପୂଜାରା ଏବଂ ଅଜିଙ୍କ୍ୟ ରାହାନେଙ୍କୁ ସ୍ଥାନ ମିଳିନାହିଁ। ଏଥିରୁ ପ୍ରମାଣିତ ହେଉଛି ଯୁବ ଖେଳାଳିମାନଙ୍କୁ ଅଧିକ ସୁଯୋଗ ଦେବା ସହିତ ଟି୨୦ ବିଶ୍ୱକପ ଏବଂ ଆଗାମୀ ୨୦୨୩ରୁ ୨୦୨୫ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଛି ଟିମ୍ ଇଣ୍ଡିଆ।



ଆସନ୍ତା ବର୍ଷ ଇଂଲଣ୍ଡ କ୍ରିକେଟ ଦଳ ମଧ୍ୟ ଭାରତ ଗସ୍ତରେ ଆସି ୫ଟି ଟେଷ୍ଟ ମ୍ୟାଚ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହା ବ୍ୟତୀତ ବର୍ଷ ଶେଷ ବେଳକୁ ଭାରତର ଅଷ୍ଟ୍ରେଲିଆ ଗସ୍ତ ରହିଛି, ଯେଉଁଥିରେ ବର୍ଡର-ଗାଭାସ୍କର ଟ୍ରଫିରେ ଭାରତ ୫ଟି ଟେଷ୍ଟ ମ୍ୟାଚ ମଧ୍ୟ ଖେଳିବ। ନଭେମ୍ବରରେ ଭାରତ ଅଷ୍ଟ୍ରେଲିଆ ଗସ୍ତରେ ଯିବ। ବାଂଲାଦେଶ ଦଳ ମଧ୍ୟ ଆସନ୍ତା ବର୍ଷ ସେପ୍ଟେମ୍ବର, ଅକ୍ଟୋବରରେ ଭାରତ ଗସ୍ତରେ ଆସି ୨ଟି ଟେଷ୍ଟ ଏବଂ ୩ଟି ଟି୨୦ ମ୍ୟାଚ ଖେଳିବ। ଅକ୍ଟୋବର-ନଭେମ୍ବରରେ ମଧ୍ୟ ନ୍ୟୁଜିଲାଣ୍ଡ କ୍ରିକେଟ ଦଳ ୩ଟି ଫର୍ମାଟ୍ ପାଇଁ ଭାରତ ଗସ୍ତରେ ଆସିବ। ଟେଷ୍ଟ ସିରିଜ ବ୍ୟତୀତ ଭାରତ ୨୧ଟି ଏକଦିବସୀୟ ଏବଂ ସମାନ ସଂଖ୍ୟକ ଟି୨୦ ମ୍ୟାଚ ଖେଳିବ। ଜାନୁୟାରୀ ୨୦୨୪ରେ ଆଫଗାନିସ୍ଥାନ ଭାରତ ଗସ୍ତରେ ଆସି ୩ଟି ଟି୨୦ ମ୍ୟାଚ ଖେଳିବ। ଆଇପିଏଲ୍ ପରେ ଜୁଲାଇ-ଅଗଷ୍ଟରେ ଭାରତୀୟ ଦଳ ଶ୍ରୀଲଙ୍କା ଗସ୍ତରେ ଯାଇ ୩ଟି ଏକଦିବସୀୟ ଓ ୩ଟି ଟି୨୦ ଖେଳିବ। ୨୦୨୫ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ଭାରତ ମୋଟ ୧୯ଟି ଟେଷ୍ଟ ଖେଳିବା କାର୍ଯ୍ୟସୂଚୀ ରହିଛି। ତେବେ ପାକିସ୍ତାନ ଏବଂ ଶ୍ରୀଲଙ୍କା ସହ କୌଣସି ଟେଷ୍ଟ ମ୍ୟାଚ ଖେଳିବାର ନାହିଁ। ଘରୋଇ ମାଟିରେ ୧୦ଟି ଟେଷ୍ଟ ମ୍ୟାଚ ଥିବା ବେଳେ ୯ଟି ମ୍ୟାଚ ବିଦେଶ ମାଟିରେ ରହିଛି। ରୋହିତ, ବିରାଟ, ଅଶ୍ୱିନ, ଶାମି, ପୂଜାରା, ରାହାନେ, ଜାଡେଜାଙ୍କ ପରି ଖେଳାଳି କ୍ୟାରିୟରର ଶେଷ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ତେବେ ସେମାନଙ୍କ ଫିଟନେସ୍ ଭଲ ଥିଲେ ଯୁବ ଖେଳାଳିଙ୍କ ସହ ଅଭିଜ୍ଞଙ୍କୁ ସାମିଲ କରାଗଲେ ସୁଫଳ ମିଳିବ ବୋଲି ଆଶା କରାଯାଉଛି।

**ନିଜ ଖେଳରେ ଉତ୍କର୍ଷ ପାଇଁ ଅନେକ ସମୟରେ ଆଲୋଚନା ପରିସରକୁ ଆସୁଥିବା ଭାରତୀୟ ଚେସ୍‌ର ଦୁଇ ପରିଚିତ ନାମ ଆର୍. ପ୍ରଜ୍ଞାନନ୍ଦ ଓ ଆର୍. ବୈଶାଳୀ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ଭଉଣୀ-ଭାଇଭାବେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରି ଦୁହେଁ ସ୍ୱତନ୍ତ୍ର ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି, ଯାହାକି ବିଶ୍ୱରେ ପ୍ରଥମ।**

# ଗ୍ରାଣ୍ଡମାଷ୍ଟର ଭଉଣୀ-ଭାଇ

**ବିସ୍ମୟ ବାଳକ ପ୍ରଜ୍ଞାନନ୍ଦ:** ଚେସ୍‌ର ୬୪ ଘର ମଧ୍ୟରେ ନିଜ ଜୀବନ ଅତିବାହିତ କରନ୍ତି ଗ୍ରାଣ୍ଡମାଷ୍ଟର ଆର. ପ୍ରଜ୍ଞାନନ୍ଦ। ୧୮ ବର୍ଷୀୟ ଏହି ଭାରତୀୟ ଖେଳାଳି ଚେସ୍ ବିଶ୍ୱକପରେ ଅବିଶ୍ୱସନୀୟ ପ୍ରଦର୍ଶନ କରିଛନ୍ତି। ନିକଟରେ ଆର. ବୈଶାଳୀ ଗ୍ରାଣ୍ଡମାଷ୍ଟର ହେବା ସହିତ ବିଶ୍ୱର ପ୍ରଥମ ଭାଇ ଭଉଣୀ ଯୋଡି ଭାବେ ଇତିହାସ ରଚିଛନ୍ତି। ଉଭୟଙ୍କ ପିତା ରମେଶ ବାବୁ ଜଣେ ବ୍ୟାଙ୍କ ଅଫିସର ଭାବରେ କାମ କରନ୍ତି। ତେବେ ଉଭୟଙ୍କ ଚେସ୍ ଖେଳ ସଂଯୋଗ ବଶତଃ ହୋଇଥିଲା। ପିଲାବେଳୁ ବୈଶାଳୀ ଅଧିକ ଟିଭି ଦେଖୁଥିଲେ। ତାଙ୍କ ଅଭ୍ୟାସ ଛଡ଼ାଇବା ପାଇଁ ଚେସ୍ ଖେଳାଇବା ଆରମ୍ଭ କରିଥିଲେ ରମେଶ ବାବୁ। ଉଭୟ ପ୍ରଜ୍ଞାନନ୍ଦ ଓ ବୈଶାଳୀଙ୍କୁ ଚେସ୍ ଖେଳ ପସନ୍ଦ ଆସିଥିବା ବେଳେ ବର୍ତ୍ତମାନ ଉଭୟ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଛନ୍ତି। ପ୍ରଜ୍ଞାନନ୍ଦଙ୍କ କ୍ୟାରିୟରର ପ୍ରଥମ କୋଚ୍ ଏସ୍. ତ୍ୟାଗରାଜନଙ୍କ ବ୍ଲୁମ୍ ଚେସ୍ ଏକାଡେମୀରେ ଉଭୟ ବୈଶାଳୀ ଓ ପ୍ରଜ୍ଞାନନ୍ଦ ପ୍ରଶିକ୍ଷଣ ନେଉଥିଲେ। ପ୍ରଜ୍ଞାନନ୍ଦ ସାଢେ ୪ ବର୍ଷ ଓ ବୈଶାଳୀ ୭ ବର୍ଷର ଥିଲେ। ସେ ସମୟରେ ହିଁ ଉଭୟଙ୍କ ସ୍ୱତନ୍ତ୍ର ଦକ୍ଷତା ସମ୍ପର୍କରେ ଜଣାପଡିଥିଲା। ତେବେ ତୁଳସୀ ଦୁଇ ପତ୍ରରୁ ବାସିବା ପରି ଉଭୟ ନିଜ ପ୍ରତିଭା ଜରିଆରେ ସମସ୍ତଙ୍କୁ ପ୍ରଭାବିତ କରିଥିଲେ।

ପ୍ରଜ୍ଞାନନ୍ଦ ୧୦ ବର୍ଷ ବୟସରେ ସେ ସମୟର ସର୍ବକନିଷ୍ଠ ଖେଳାଳି ଭାବରେ ଇଣ୍ଟରନ୍ୟାଶନାଲ ମାଷ୍ଟର (ଆଇଏମ୍) ଟାଇଟଲ୍ ହାସଲ କରିଥିଲେ। ଏହାର ଦୁଇ ବର୍ଷ ପରେ ସର୍ବ କନିଷ୍ଠ ଖେଳାଳି ଭାବରେ ଗ୍ରାଣ୍ଡମାଷ୍ଟର ଟାଇଟଲ ମଧ୍ୟ ହାସଲ କରିଥିଲେ। ଫେବୃୟାରୀ ୨୦୨୨ରେ ୧୬ ବର୍ଷୀୟ ପ୍ରଜ୍ଞାନନ୍ଦ ଏକ ର୍‍ୟାପିଡ୍ ଚେସ୍ ଇଭେଣ୍ଟରେ ବିଶ୍ୱର ନମ୍ବର ୱାନ ଖେଳାଳି ମାଗ୍ନସ୍ କାର୍ଲସେନଙ୍କୁ ପରାସ୍ତ କରି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଏହା କେବଳ ଆରମ୍ଭ ହିଁ ଥିଲା। ୨୦୨୩ରେ ଚେସ୍ ବିଶ୍ୱକପ୍‌ର ଫାଇନାଲରେ କାର୍ଲସେନଙ୍କୁ ଭେଟିଥିଲେ। ବିଶ୍ୱନାଥନ ଆନନ୍ଦଙ୍କ ପରେ ଦ୍ୱିତୀୟ ଭାରତୀୟ ତଥା ବିଶ୍ୱର ସର୍ବକନିଷ୍ଠ ଖେଳାଳି ଭାବେ ଚେସ୍ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିବାର ରେକର୍ଡ କରିଥିଲେ ପ୍ରଜ୍ଞାନନ୍ଦ। ଫାଇନାଲରେ ପରାଜିତ ହୋଇଥିଲେ ହେଁ ସେ ୨୦୨୪ କ୍ୟାଣ୍ଡିଡେଟ୍ସ ଟୁର୍ଣ୍ଣାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପ୍ରଜ୍ଞାନନ୍ଦଙ୍କ ସର୍ବୋଚ୍ଚ ଫିଡେ ରେଟିଂ ୨୭୪୧ ତାଙ୍କୁ ନଭେମ୍ବର ୨୦୨୩ରେ ମିଳିଥିଲା।

**ହମ୍ପି ଓ ହାରିକାଙ୍କ ପରେ ବୈଶାଳୀ:** ୭ ବର୍ଷ ବୟସରୁ ଚେସ୍ ଖେଳିବା ଆରମ୍ଭ କରିଥିଲେ ବୈଶାଳୀ। ୨୨ ବର୍ଷ ବୟସରେ ଭାରତର ତୃତୀୟ ମହିଳା ଖେଳାଳି ଭାବରେ ସେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଥିଲେ। ତାଙ୍କ ପୂର୍ବରୁ କୋନେରୁ ହମ୍ପି ଓ ଡି. ହାରିକା ଏହି ଗୌରବ ପାଇଥିଲେ। ବିଶ୍ୱର ପ୍ରଥମ ଭାଇ-ଭଉଣୀ ଯୋଡି ଭାବରେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରି ଇତିହାସ ରଚିଥିବା ବେଳେ ପ୍ରଥମ ଭାଇ-ଭଉଣୀ ଯୋଡି ଭାବରେ ୨୦୨୪ କ୍ୟାଣ୍ଡିଡେଟ୍ସ ଟୁର୍ଣ୍ଣାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ବୈଶାଳୀ ୧୨ ବର୍ଷରୁ କମ୍ ଓ ୧୪ ବର୍ଷରୁ କମ୍ ବୟସ ବର୍ଗରେ ବିଶ୍ୱ ଚାମ୍ପିୟନ ହୋଇଥିଲେ। ୨୦୧୩ରେ ଚେନ୍ନାଇରେ ବିଶ୍ୱ ଚେସ୍ ଚାମ୍ପିୟନଶିପ୍ ଆୟୋଜନ ହୋଇଥିଲା। ଏଥିରେ ସିମୁଲ୍ କମ୍ପିଟେସନରେ ମାଗ୍ନସ୍ କାର୍ଲସେନଙ୍କୁ ପରାସ୍ତ କରିଥିଲେ ବୈଶାଳୀ। ୨୦୧୬ରେ ୨୩୦୦ ରେଟିଂ ପଏଣ୍ଟ ଅତିକ୍ରମ କରିବା ସହିତ ଇଣ୍ଟରନ୍ୟାଶନାଲ ମାଷ୍ଟର (ଆଇଏମ୍) ହୋଇଥିଲେ। ୨୦୧୮ରେ ଲାଟଭିଆରେ ଅନୁଷ୍ଠିତ ରିଗା ଟେକ୍ନିକାଲ ୟୁନିଭରସିଟି ଓପନ ଟାଇଟଲ ବିଜୟୀ ହେବା ସହିତ ମହିଳା ଗ୍ରାଣ୍ଡମାଷ୍ଟର (ଡବ୍ଲ୍ୟୁଜିଏମ୍) ହୋଇଥିଲେ। ଆଇଲ୍ ଅଫ୍ ମ୍ୟାନ୍‌ରେ ଅନୁଷ୍ଠିତ ଫିଡେ ମହିଳା ଗ୍ରାଣ୍ଡ ସ୍ୱିସ୍ ଟୁର୍ଣ୍ଣାମେଣ୍ଟ ଜିତିବା ସହ ୨୫୦୦ ଇଲୋ ରେଟିଂ ଅତିକ୍ରମ କରିଥିଲେ। ଏହା ସହ ୨୦୨୪ କ୍ୟାଣ୍ଡିଡେଟ୍ସ ଟୁର୍ଣ୍ଣାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଡିସେମ୍ବରରେ ଏଲ୍ ଲିଓବ୍ରେଗାଟ ଓପନରେ ବୈଶାଳୀ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କଲେ।



ପ୍ରଜ୍ଞାନନ୍ଦ ଓ ବୈଶାଳୀ

## ପରଫର୍ମାନ୍ସ

ଉଗାଣ୍ଡା ଟ୍ୱେଣ୍ଟି ଟ୍ୱେଣ୍ଟି ବିଶ୍ୱକପ
କ୍ୱାଲିଫାଏ କରି ଷଣ୍ଢ
ର୍‍ୱାଣ୍ଡା ବିପକ୍ଷରେ ମ୍ୟାଚ ୱିନ୍ କରି
ଏ ଟିମ୍ ପଞ୍ଚମ ମୁଣ୍ଡ
ଆଫ୍ରିକୀୟ ରାଷ୍ଟ୍ର ଧଣ୍ଡ
ୟୁଏସ୍‌ଏ, ନାମ୍ବିଆ, ଓମାନ ପରିକା
ଟ୍ୱେଣ୍ଟି ଦେଶ ହେବେ ରୁଣ୍ଡ।

କ୍ରିକେଟ ପରି କ୍ରୀଡ଼ା
ଇଭେଣ୍ଟରେ ଏବେ
ବ୍ରେକ୍ ଡ୍ୟାନ୍ସ ହେବ ଗଣା
ପ୍ୟାରିସ ଅଲିମ୍ପିକ୍ସରେ ବ୍ରେକିଂ ସାମିଲ
ଶୁଣି କିଏ ବାଟ ବଣା
କିଏ ପିଏ ଭାଙ୍ଗ ପଣା
ନାଚି ନାଚି ଅଲିମ୍ପିଆନ ବନିବା
ଏ ଇଜି ଉପାୟ ବୀଣା।

ଫାଷ୍ଟ ଏସୀୟ ଡ୍ରାଇଭିଂ
ଲାଇସେନ୍ସଧାରୀ
ଥିରୁଭାନନ୍ତପୁରମ ବେଟି
ହାତ ନ ଥାଇ କାର୍ ଚଳାଇ ରେକର୍ଡ
ଗୋଡ ତା’ର ହାତ ଏଠି
ଧନ୍ୟ ମାରିଏଟ୍ ଦୃଷ୍ଟି
ଆମ ଲେଜି ୟଙ୍ଗ୍ ସମୟ ବିତାନ୍ତି
ଖେଳି ଲୁଡୁ ଗେମ୍, ବାଟି।

-ସୁବାସ ଚନ୍ଦ୍ର ପ୍ରଧାନ

# ଲକ୍ଷ୍ୟ ପଥରେ ନୀରଜ

**ଜାଭେଲିନ ଥ୍ରୋ ସର୍କିଟ୍‌ର ଚର୍ଚ୍ଚିତ ଚେହେରା ନୀରଜ ଚୋପ୍ରା ଚଳିତ ବର୍ଷ ବିଶ୍ୱ ଚାମ୍ପିୟନ ହେବା ସହ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ତେବେ ୯୦ମିଟର ଛୁଇଁବା ତାଙ୍କ ପାଇଁ ଏକ ଚାଲେଞ୍ଜ ହୋଇପଡ଼ିଛି। ୨୦୨୪ରେ ସେ ଏହା ହାସଲ କରିବେ ବୋଲି ଲକ୍ଷ୍ୟ ରଖିଛନ୍ତି।**

ସ୍ୱାଗତ ସମ୍ବାଦ

୨୦୨୧ ଟୋକିଓ ଅଲିମ୍ପିକ୍ସ ଜାଭେଲିନ୍ ଥ୍ରୋ ଚାମ୍ପିୟନ ନୀରଜ ଚୋପ୍ରା ଚଳିତ ସିଜନ୍‌ରେ ତାଙ୍କ ପ୍ରଦର୍ଶନକୁ ନେଇ ସନ୍ତୁଷ୍ଟ ନୁହନ୍ତି। ଚଳିତ ବର୍ଷ ସେ ବିଶ୍ୱ ଚାମ୍ପିୟନ ହେବା ସହ ହାଙ୍ଗଝୋ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବଜାୟ ରଖିଥିଲେ। ସେହିପରି ଡାଇମଣ୍ଡ ଲିଗ୍ ଫାଇନାଲ୍ସରେ ରୌପ୍ୟ ପଦକ ଜିଣିଥିଲେ। ହାଙ୍ଗ୍‌ଝୋ ଏସୀୟ କ୍ରୀଡ଼ାରେ ସେ ୮୬. ୭୭ମିଟର ଦୂରତା ହାସଲ କରିଥିଲେ। ବୁଦାପେଷ୍ଟ ବିଶ୍ୱ ଆଥଲେଟିକ୍ ଚାମ୍ପିୟନଶିପ ଜାଭେଲିନ୍ ଥ୍ରୋରେ ସେ ୮୮. ୧୭ମିଟର ସହ ଚାମ୍ପିୟନ ହୋଇଥିଲେ। ଯୋଗ୍ୟତା ପର୍ଯ୍ୟାୟରେ କିନ୍ତୁ ୮୮. ୭୭ମିଟର ଦୂରତା ହାସଲ କରିଥିଲେ। ତେଣୁ ହାଙ୍ଗ୍‌ଝୋରେ ପାଇଥିବା ଦୂରତା ନୀରଜଙ୍କ ପାଇଁ ଉତ୍ସାହଜନକ ନ ଥିଲା। ଏହାଥିଲା ନୀରଜଙ୍କ ଶ୍ରେଷ୍ଠ ପ୍ରଦର୍ଶନଠାରୁ ବେଶ୍ ପଛରେ। ଜୁରିଚ୍ ଡାଇମଣ୍ଡ ଲିଗ୍ ମିଟ୍‌ରେ ମଧ୍ୟ ନୀରଜ ପୂର୍ଣ୍ଣଦକ୍ଷତା ପ୍ରଦର୍ଶନରେ ବିଫଳ ହୋଇଥିଲେ। ତାଙ୍କ ଥ୍ରୋ ଦୂରତା ଥିଲା ୮୫. ୭୧ମିଟର। ସେ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ମିଟ୍ ଚାମ୍ପିୟନ ହୋଇଥିଲେ ଚେକ୍ ରିପବ୍ଲିକର ଜାକୁବ୍ ଭାଦଲେକ୍। ସେ ମଧ୍ୟ ତାଙ୍କ ଶ୍ରେଷ୍ଠ ଦୂରତାରୁ ପଛରେ ରହି ୮୫. ୮୬ମିଟର ହାସଲ କରିଥିଲେ। ଭାରତରେ ନୀରଜଙ୍କର ଜାତୀୟ ରେକର୍ଡ ଥିଲା ୮୯. ୩୦ମିଟର। ଏହାକୁ ସେ ୨୦୨୨ ଷ୍ଟକହାମ୍ ଡାଇମଣ୍ଡ ଲିଗ୍‌ରେ ଅତିକ୍ରମ କରିଥିଲେ। ଷ୍ଟକହାମ୍‌ରେ ନୀରଜ କ୍ୟାରିୟରର ସର୍ବାଧିକ ୮୯. ୯୪ମିଟର ଦୂରକୁ ଜାଭେଲିନ୍ ଫିଙ୍ଗି ବିଜେତା ହୋଇଥିଲେ। ୯୦ମିଟର ଛୁଇଁବା ତାଙ୍କ ପାଇଁ ଏକ ଚାଲେଞ୍ଜ ହୋଇପଡ଼ିଛି। ଚଳିତ ବର୍ଷ ଏହି ଦୂରତା ହାସଲ କରିବେ ବୋଲି ଆଶା କରାଯାଉଥିଲା, ହେଲେ ତାହା ସମ୍ଭବ ହୋଇନାହିଁ। ୨୦୨୪ସିଜନ୍‌ରେ ଏହା ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି।

ନୀରଜ ତାଙ୍କ ପ୍ରସ୍ତୁତି ପ୍ରକ୍ରିୟାରେ ପରିବର୍ତ୍ତନ ଆଣିଛନ୍ତି। ଜର୍ମାନୀ ପ୍ରଶିକ୍ଷକ କ୍ଲଜ୍ ବାର୍ତୋନିଜ୍‌ଙ୍କ ପରାମର୍ଶ ଅନୁସାରେ ସେ ଗତି କରୁଛନ୍ତି। ଏବେ ନୀରଜ ଦକ୍ଷିଣ ଆଫ୍ରିକାରେ ଅଛନ୍ତି। ଜର୍ମାନୀ ପରେ ଏହା ତାଙ୍କର ଅନ୍ୟତମ ପ୍ରିୟ ପ୍ରଶିକ୍ଷଣ ସ୍ଥଳ। ଏବେ ନୀରଜଙ୍କ ଟାର୍ଗେଟ୍ କେବଳ ପ୍ୟାରିସ ଅଲିମ୍ପିକ୍। ୨୦୨୪ଡାଇମଣ୍ଡ ଲିଗ୍ ପେସାଦାର ସର୍କିଟ୍ ମଧ୍ୟ ତାଙ୍କର ଲକ୍ଷ୍ୟ। ନୀରଜ କନିଷ୍ଠ ବିଶ୍ୱକପ୍, ଅଲିମ୍ପିକ୍ ଓ ବିଶ୍ୱ ଚାମ୍ପିୟନ ହୋଇ ଗୋଲଡେନ୍ ଗ୍ରାଣ୍ଡସ୍ଲାମ୍ ହାସଲ କରିବାରେ ଭାରତ ସମେତ ଏସିଆ ମହାଦେଶର ପ୍ରଥମ ଖେଳାଳି। ତଥାପି ପୂର୍ବ ବିଶ୍ୱ ଚାମ୍ପିୟନମାନେ ଯେଉଁ ଦୂରତା ହାସଲ କରିଥିଲେ ତାହା ନିଶ୍ଚିତ ଭାବେ ସ୍ତମ୍ଭକାରୀ। ଜାଭେଲିନ୍ ଇଭେଣ୍ଟର ସେହି ୩ଜଣ ଜଣେ ଜଣେ କିମ୍ବଦନ୍ତୀ ଖେଳାଳି। ଶୀର୍ଷରେ ଅଛନ୍ତି ଜର୍ମାନୀର ଜନାଥନ୍ ଭିଟର୍। ତାଙ୍କ ଥ୍ରୋ ଦୂରତା ୯୭. ୭୬ମିଟର। ଏହି ବିଶ୍ୱ ରେକର୍ଡ ଅଦ୍ୟାବଧି ଅତୁଟ ରହିଛି। ଜର୍ମାନୀର ଥୋମାସ ରୋଲର ଓ ଫ୍ରାନ୍ସର ଜାନ୍ ଜାଲେନୀ ଯଥାକ୍ରମେ ୯୩. ୯୦ମିଟର ଓ ୯୪. ୭୪ମିଟର ଦୂରକୁ ଜାଭେଲିନ୍ ଫିଙ୍ଗିବାକୁ ସକ୍ଷମ ହୋଇଥିଲେ। ଥୋମାସ ରୋଲର ୨୦୧୭ ଦୋହା ଡାଇମଣ୍ଡ ଲିଗ୍‌ରେ ୯୩. ୯୦ମିଟର ସହ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଜାନ୍ ଜାଲେନୀ ୧୯୯୨ ବାର୍ସେଲୋନା ଅଲିମ୍ପିକ୍‌ରେ ୯୪. ୭୪ମିଟର ଦୂରତା ପାଇ ଚାମ୍ପିୟନ୍ ହୋଇଥିଲେ। ନୀରଜ ଭାରତର ମିଶନ ଅଲିମ୍ପିକ୍ ସେଲ୍ ଅଧୀନରେ ଅଛନ୍ତି। ୨୦୧୮ରେ ଅର୍ଜୁନ ପୁରସ୍କାର ଓ ୨୦୨୨ରେ ଖେଳରତ୍ନ ପୁରସ୍କାର ଜିଣିଥିଲେ। ନୀରଜଙ୍କର ପ୍ରଶିକ୍ଷକ କ୍ଲଜ୍ ବାର୍ତୋନିଜ୍ ହେଉଛନ୍ତି ଜଣେ ଶରୀର ବିଶେଷଜ୍ଞ। ୨୦୧୯ରେ ଅନ୍ୟତମ ଜର୍ମାନୀ ପ୍ରଶିକ୍ଷକ ୱେ ହନ୍‌ଙ୍କୁ ବିଦାୟ ଦେଇ ବାର୍ତୋନୀଜ୍‌ଙ୍କୁ ଗ୍ରହଣ କରିଥିଲେ। ୱେ ହନ୍ ମଧ୍ୟ ଜଣେ ବିଶ୍ୱ ଶ୍ରେଷ୍ଠ ଜାଭେଲିନ୍ ଥ୍ରୋୟର୍। ତାଙ୍କ ଅଧୀନରେ ରହି ନୀରଜ କନିଷ୍ଠ ବିଶ୍ୱକପ୍ ଚାମ୍ପିୟନ ହୋଇଥିଲେ। ତେବେ ବାର୍ତୋନୀଜ୍ ନୀରଜଙ୍କ କ୍ୟାରିୟରର ପ୍ରକୃତ ବିନ୍ଧାଣୀ ସାବ୍ୟସ୍ତ ହୋଇଛନ୍ତି।



# କମିଟି ଗଠନ କଲା ଓସିଏ

**କଟକ,୭ା୧୨ (ସୁପ୍ରିୟା ପ୍ରିୟଦର୍ଶିନୀ)** ଓଡ଼ିଶାକ୍ରିକେଟଆସୋସିଏସନ(ଓସିଏ)ର ପକ୍ଷରୁ କ୍ରିକେଟର ଉନ୍ନତି ଓ ସୁପରିଚାଳନା ପାଇଁ ଗୁରୁବାର ବିଭିନ୍ନ କମିଟି ଗଠନ କରାଯାଇଛି। ଗୁରୁବାର ଅର୍ଥ, ସମ୍ବିଧାନ ଓ ଅନୁବନ୍ଧନ, ଟୁର୍, ମ୍ୟାଚ୍ ସୂଚୀ ଓ ବୈଷୟିକ କମିଟି, କ୍ରିକେଟ ପରାମର୍ଶଦାତା କମିଟି, ଟୁର୍ନାମେଣ୍ଟ କମିଟି, ଶୃଙ୍ଖଳାଗତ କମିଟି ଓ ଆର୍ବିଟେସନ୍ କମିଟି ଗଠନ କରାଯାଇଛି। ଏହା ବ୍ୟତିତ କ୍ରିକେଟର ସୁପରିଚାଳନା ନିମନ୍ତେ ଓସିଏ କ୍ଲବ କମିଟି, ଏକାଡେମୀ କମିଟି, ଭିତ୍ତିଭୂମି କମିଟି ଓ କ୍ୟାମ୍ପ ଆଡମିନ କମିଟି ମଧ୍ୟ ଗଠନ କରାଯାଇଛି। ଓସିଏର ଅର୍ଥ କମିଟିରେ ଉପେନ୍ଦ୍ର ଦାସ, ସୌର୍ଯ୍ୟ ରଞ୍ଜନ ପରିଜା, ରବି ଶଙ୍କର ପ୍ରତିହାରୀ, ସରୋଜ କୁମାର ସାହୁ, ଶୁଭାଶିଷ ସାହୁ ରହିଛନ୍ତି । ଟୁର୍ଣ୍ଣାମେଣ୍ଟ କମିଟିରେ ବିରେନ୍ଦ୍ର କୁମାର ବେହେରା, ସୁଶାନ୍ତ ମହାନ୍ତି, ପ୍ରଦୀପ ସେଠୀ, ଶିବବ୍ରତ ମଲ୍ଲିକ, ଗୌତମ ଗଜପତି, ସମ୍ବିଧାନ ଓ ଅନୁବନ୍ଧନ କମିଟିରେ ଜନାର୍ଦ୍ଦନ ଦାସ, ନଳିନୀକାନ୍ତ ଦାସ, ଦୁଲାଲ ଚନ୍ଦ୍ର ପ୍ରଧାନ, ବିଜୟ ଦାସ, ସଚ୍ଚିଦାନନ୍ଦ ଖାଡାଙ୍ଗା, ଶୃଙ୍ଖଳା କମିଟିରେ ଜଗମୋହନ ପଟ୍ଟନାୟକ, ମେହତାବ ଖାନ, ଯୁଗଳ କିଶୋର ସାମଲ, ସଂଗ୍ରାମ କିଶୋର ଗୁମାନସିଂ, ସୁଧାଂଶୁ ଭୂଷଣ ମିଶ୍ର ରହିଛନ୍ତି । ସେହିପରି ଟୁର୍, ମ୍ୟାଚ୍ ସୂଚୀ ଓ ବୈଷୟିକ କମିଟିରେ ଶୁଭାଶିଷ ସେନାପତି, ରବୀନ୍ଦ୍ର କୁମାର ଦାସ, ଗଗନେନ୍ଦୁ ଦାଶ, ସୁଜିତ କୁମାର ପ୍ରଧାନ, ସତବୀର ସିଂହ ରହିଛନ୍ତି । ଆର୍ବିଟେସନ କମିଟିରେ ବଙ୍କିମ ଦାସ, ଶିବ ପ୍ରସାଦ ତ୍ରିପାଠୀ, ତଡିତ କୁମାର ରାଉତ, ଅର୍ଜ୍ଜୁନ ତ୍ରିପାଠୀ, ରଘୁନନ୍ଦନ ପାଢ଼ୀ, କ୍ରିକେଟ ପରାମର୍ଶଦାତା କମିଟିରେ କିଶୋର ମାଣିଆ, ଅଜିତ ଜୟପ୍ରକାଶ, ଚିନ୍ମୟାନନ୍ଦ ଜେନା ରହିଛନ୍ତି । ଟୁର୍ନାମେଣ୍ଟ କମିଟିରେ ବୀରେନ୍ଦ୍ର କୁମାର ବେହେରା, ସୁଶାନ୍ତ ମହାନ୍ତି, ପ୍ରଦୀପ ସେଠୀ, ଶିବବ୍ରତ ମଲିକ ଓ ଗୌତମ ଗଜପତି ରହିଛନ୍ତି। ଶୃଙ୍ଖଳାଗତ କମିଟିରେ ଜଗମୋହନ ପଟ୍ଟନାୟକ, ମେହତାବ ଖାନ୍, ଯୁଗଳ କିଶୋର ସାମଲ, ସଂଗ୍ରାମ କିଶୋର ଗୁମାନ ସିଂ ଓ ସୁଧାଂଶୁ ଭୂଷଣ ମିଶ୍ର ରହିଛନ୍ତି। ସେହିପରି ଆର୍ବିଟ୍ରେସନ୍ କମିଟିରେ ବଙ୍କିମ ଦାସ, ଶିବ ପ୍ରସାଦ ତ୍ରିପାଠୀ, ତଡିତ୍ ରାଉତ, ଅର୍ଜ୍ଜୁନ୍ ତ୍ରିପାଠୀ ଓ ରଘୁନନ୍ଦନ ପାଢୀ ସ୍ଥାନ ପାଇଛନ୍ତି।

ଓସିଏ କ୍ଲବ କମିଟିରେ ଆଶୀର୍ବାଦ ବେହେରା, ଅଧୀପ ଦାସ, ଧୀରେନ ପଲାଇ, ଅନୂପ ପାତ୍ର, ଓସିଏ ଏକାଡେମୀ କମିଟିରେ ବିଜୟ ଦାସ, ନିର୍ବାଣ ରାୟ, ନୃସିଂହ ଚରଣ ଚୌଧୁରୀ, ସନ୍ତୋଷ ଦାସ, ଭିତ୍ତିଭୂମି କମିଟିରେ ଧୀରେନ ପଲାଇ, ରବି ନାରାୟଣ ପଣ୍ଡା, ଅମିତ ବେହେରା, କ୍ୟାମ୍ପ ଆଡମିନ ମ୍ୟାନେଜମେଣ୍ଟ କମିଟିରେ ଦେବାଶିଷ ପାଢ଼ୀ, ଅନୀଲ ବିଶ୍ୱାଳ ଓ ବିସିସିଆଇ ଟୁର୍ ଏବଂ ଫିକ୍ସଚର କମିଟିରେ ହରି ନାରାୟଣ ପୂଜାରୀ ରହିଛନ୍ତି । ସଂଘର ଗତ ସାଧାରଣ ପରିଷଦ ବୈଠକରେ ସଭାପତି ପ୍ରଣବ ପ୍ରକାଶ ଦାସ ଏବଂ ସମ୍ପାଦକ ସଞ୍ଜୟ ବେହେରା କମିଟି ଗଠନ ନେଇ ଘୋଷଣା କରିଥିଲେ। ଏ ସମ୍ପର୍କରେ ଗୁରୁବାର ଓସିଏ ପକ୍ଷରୁ ଏକ ପ୍ରେସ୍ ଇସ୍ତାହାର ମାଧ୍ୟମରେ ସୂଚନା ଦିଆଯାଇଛି।



ଓଜିପି ଫୁଟବଲ୍ କ୍ଲବ୍ ଓ ସ୍ପୋର୍ଟ୍ସ ଓଡ଼ିଶା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ବାଲିଗୁଡ଼ାରେ ପୁରୀ, ଖୋର୍ଦ୍ଧା ବିଜୟୀ



ଅତିଥି ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

### ୭୦ ତମ ସିନିୟର ଓ ୨ୟ ଆନ୍ତଃ କ୍ଲବ ଭଲିବଲ୍

**ଫୁଲବାଣୀ,୭ା୧୨(ରାକେଶ କୁମାର ରାଉତ)** ୭୦ତମ ସିନିୟର ଓ ୨ୟ ଆନ୍ତଃ କ୍ଲବ ଭଲିବଲ୍ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଛି। ବୌଦ୍ଧ-କନ୍ଧମାଳ ଜିଲା କ୍ରୀଡା ସଂଘ ଓ ଓଡ଼ିଶା ଭଲିବଲ ଆସୋସିଏଶନ(ଓଭିଏ) ମିଳିତ ଭାବରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଛି। ଫୁଲବାଣୀ, ବାଲିଗୁଡା, ରାଇକିଆ, ଦାରିଙ୍ଗିବାଡି ଓ ବୌଦ୍ଧ ପରି ୫ ଭେନ୍ୟୁରେ ସମସ୍ତ ମ୍ୟାଚ୍ ଖେଳାଯିବ। ସମୁଦାୟ ୬୮ ଦଳ ଏହି ଟୁର୍ନାମେଣ୍ଟରେ ଭାଗ ନେଉଥିବା ବେଳେ ୧୦୦୦ରୁ ଅଧିକ ପୁରୁଷ ଓ ମହିଳା ଖେଳାଳି ଅଂଶଗ୍ରହଣ କରିବେ। ଫୁଲବାଣୀର କୋରୋନେଶନ ଗ୍ରାଉଣ୍ଡରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଓଭିଏ କାର୍ଯ୍ୟକାରୀ ସଭାପତି କମଳାକାନ୍ତ ପାଣ୍ଡେ, କନ୍ଧମାଳା ଆଥଲେଟିକ୍ ଆସୋସିଏନ ସାଧାରଣ ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ, ଓଭିଏର ସାଧାରଣ ସମ୍ପାଦକ ତଥା କିଟ୍ ଓ କିସ୍‌ର କ୍ରୀଡା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାସ ପ୍ରମୁଖ ଯୋଗ ଦେଇଥିଲେ।

ପ୍ରଥମ ଦିନରେ ୩ଟି ଭେନ୍ୟୁରେ ୧୨ ମ୍ୟାଚ୍ ଖେଳା ଯାଇଥିଲା। ଫୁଲବାଣୀରେ ୬, ରାଇକିଆରେ ୪ ଓ ବାଲିଗୁଡାରେ ୨ଟି ମ୍ୟାଚ୍ ଖେଳା ଯାଇଥିଲା। ବାଲିଗୁଡାରେ ଖେଳା ଯାଇଥିବା ମ୍ୟାଚ୍‌ରେ ଖୋର୍ଦ୍ଧା ୨-୦ରେ ସମ୍ବଲପୁରକୁ ଓ ପୁରୀ ୨-୦ରେ କଳାହାଣ୍ଡିକୁ ପରାସ୍ତ କରିଥିଲା। ରାଇକିଆରେ ଖେଳା ଯାଇଥିବା ୪ ମ୍ୟାଚରେ କୋରାପୁଟ ୨-୧ରେ କେନ୍ଦ୍ରାପଡା, ଢେଙ୍କାନାଳ ୨-୦ରେ ଝାରସୁଗୁଡା, ନୟାଗଡ ୨-୦ରେ ବଲାଙ୍ଗୀର ଓ ଢେଙ୍କାନାଳ ୨-୦ରେ କେନ୍ଦ୍ରାପଡାକୁ ହରାଇଛି। ଅନ୍ୟ ପକ୍ଷରେ ଫୁଲବାଣୀରେ ଖେଳା ଯାଇଥିବା ୬ ମ୍ୟାଚ୍‌ରେ କିଟ୍ ୨-୦ରେ ଓଡ଼ିଶା ପୋଲିସ୍, କେନ୍ଦୁଝର ୨-୦ରେ ଭଦ୍ରକ, ଦେବଗଡ ୨-୦ରେ କନ୍ଧମାଳ, ସମ୍ବଲପୁର ୨-୦ରେ ବରଗଡ, ସୁନ୍ଦରଗଡ ୨-୦ରେ ବୌଦ୍ଧ ଓ ଜଗତସିଂହପୁର ୨-୦ରେ କଟକକୁ ପରାସ୍ତ କରିଛି।

# କ୍ଲବ-୭୩ ଫାଇନାଲରେ

**ଭୁବନେଶ୍ୱର, ୭ା୧୨ (ବିଜୟ ରଣା):** ସ୍ଥାନୀୟ ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ପଣ୍ଡା ମେମୋରିଆଲ ଭୁବନେଶ୍ୱର 'ଏ' ଡିଭିଜନ ଫୁଟ୍‌ବଲ ଲିଗ୍‌ର ପ୍ରଥମ ସେମିଫାଇନାଲରେ କ୍ଲବ-୭୩ ୧-୦ ଗୋଲ୍‌ରେ ୟୁନିଟ୍-୬ ଆଥଲେଟିକ୍ ଆସୋସିଏଶନକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ଏହି ମ୍ୟାଚର ପ୍ରଥମାର୍ଦ୍ଧ ଖେଳ ସଂଘର୍ଷପୂର୍ଣ୍ଣ ଥିଲା। ଫିନିସିଂ ଅଭାବରୁ ଉଭୟ ଦଳ ଗୋଲ ସ୍କୋର କରି ବାରେ ସଫଳ ହୋଇ ନ ଥିଲେ। ଫଳରେ ପ୍ରଥମାର୍ଦ୍ଧ ଖେଳ ଗୋଲ୍ ଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧ ଖେଳର ୬୮ତମ ମିନିଟ୍‌ରେ ଚିଣ୍ଟୁ ସାମଲଙ୍କ ଗୋଲ୍ ସହାୟତାରେ କ୍ଲବ -୭୩ ମ୍ୟାଚକୁ ୧-୦ରେ ଜିତି ନେଇଥିଲା। ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ଚିଣ୍ଟୁ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ (ବା)ର ବରିଷ୍ଠ କାର୍ଯ୍ୟକାରୀ ସମିତି ସଦସ୍ୟ ପ୍ରିୟନାଥ ମିଶ୍ରଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଚନ୍ଦ୍ରକାନ୍ତ ବାରିକ ମ୍ୟାଚ ପରିଚାଳନା କରିଥିଲେ। ବିଜୟ ମଙ୍ଗରାଜ ଓ ଶିବ ସାମନ୍ତରାୟ ସହକାରୀ ରେଫରି ଭାବେ ଦାୟିତ୍ୱ ତୁଲାଇଥିଲେ। ସୁଜିତ କୁମାର ପାତ୍ର ଚତୁର୍ଥ ରେଫରି ରହିଥିଲେ। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ କିଶୋର କ୍ଲବ ଓ ଏଜି ରିକ୍ରିଏଶନ କ୍ଲବ ମଧ୍ୟରେ ଖେଳାଯିବ।

# ଓଡ଼ିଶା ଓମେନ୍ସ ଫୁଟ୍‌ବଲ ଲିଗ୍: ଓଜିପି କ୍ଲବ ବିଜୟୀ

**ଭୁବନେଶ୍ୱର, ୭ା୧୨ (ବିଜୟ ରଣା)** ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଚାଲିଥିବା ଓଡ଼ିଶା ଓମେନ୍ସ ଲିଗ୍ ଫୁଟବଲ ପ୍ରତିଯୋଗିତାରେ ଗୁରୁବାର ଓଜିପି କ୍ଲବ ୨-୦ ଗୋଲ୍‌ରେ ସ୍ପୋର୍ଟ୍ସ ଓଡ଼ିଶାକୁ ହରାଇ ଦେଇଛି। ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ଗ୍ରାଉଣ୍ଡରେ ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚରେ ବିଜୟୀ ଦଳ ପକ୍ଷରୁ ସୁନୀତା ସୋରେନ (୪୩ତମ ମିନିଟ) ଓ ଶ୍ରୀଜାନ ତମାଙ୍ଗ (୫୮ତମ) ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରିଥିଲେ।

# ଫାଓ ଏକାଡେମୀକୁ ହରାଇଲା ରାଇଜିଂ ଷ୍ଟାର



ଆର୍ଡୋର ଫୁଟ୍‌ବଲ ଏକାଡେମୀ ଏବଂ କିଟ୍/କିସ୍ ମଧ୍ୟରେ ମ୍ୟାଚ୍‌ର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ଭୁବନେଶ୍ୱର, ୭ା୧୨ (ବିଜୟ ରଣା)** ଫାଓ ୟୁଥ୍ ଲିଗ୍-୨୦୨୩ର ୫ମ ଦିବସରେ ୩ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ତନ୍ମଧ୍ୟରୁ ଦୁଇଟି ମ୍ୟାଚରେ ଆଡୋର ଫୁଟ୍‌ବଲ ଏକାଡେମୀ ବିଜୟ ଲାଭ କରିଛି। ୧୫ବର୍ଷରୁ କମ୍ କାଟେଗୋରିରେ ଆର୍ଡୋର ଫୁଟ୍‌ବଲ ଏକାଡେମୀ ଏବଂ କିଟ୍/କିସ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ଗୋଲ୍ ଶୂନ୍ୟ ଡ୍ର ଭାବେ ଶେଷ ହୋଇଛି। ସେହିପରି ୧୩ ବର୍ଷରୁ କମ୍ କାଟେଗୋରୀରେ ଖେଳାଯାଇଥିବା ଗୋଟିଏ ମ୍ୟାଚରେ ରାଇଜିଂ ଷ୍ଟାର କ୍ଲବ ୨-୦ ଗୋଲ୍‌ରେ ଫାଓ ଏକାଡେମୀକୁ ପରାସ୍ତ କରିଛି। ଦଳ ପକ୍ଷରୁ ଶୁଭମ ଦାସ ୧୦ମ ମିନିଟ୍‌ରେ ଏବଂ ସୁନୀଲ କୁମାର ଦାସ ୫୬ତମ ମିନିଟ୍‌ରେ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଏହି କାଟେଗୋରିରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ଆର୍ଡୋର ଫୁଟ୍‌ବଲ ଏକାଡେମୀ ୪-୦ ଗୋଲ୍‌ରେ କିଟ୍/କିସ୍‌କୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ଅଧିନାୟକ ଶ୍ରୀଜଲ କିସ୍‌କୁ (୧୭ତମ, ୪୪ତମ ଓ୫୦ତମ ମିନିଟ) ତିନୋଟି ଗୋଲ୍ ସ୍କୋର କରିଥିବା ବେଳେ ମେହୁଲ ଭରଦ୍ୱାଜ ୪୧ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ।

# ପେନାଙ୍ଗ ଇଣ୍ଟରନ୍ୟାଶନାଲ ଚେସ୍‌ରେ ଭାଗନେବେ ସୌମ୍ୟ

**ଭୁବନେଶ୍ୱର, ୭ା୧୨ (ତପନ ସ୍ୱାଇଁ)** ଓଡ଼ିଶା ଚେସ୍‌ର ଚର୍ଚ୍ଚିତ ଚେହେରା ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ରଙ୍କ ପାଇଁ ଆସିଛି ଏକ ବଡ଼ ସୁଯୋଗ। ମାଲେସିଆରେ ଚଳିତ ମାସ ୧୭ରୁ ୨୩ ପର୍ଯ୍ୟନ୍ତ ହେବାକୁ ଯାଉଥିବା ପେନାଙ୍ଗ ଇଣ୍ଟରନ୍ୟାଶନାଲ ଚେସ୍ ଟୁର୍ନାମେଣ୍ଟରେ ସେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଛନ୍ତି। ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଭାରତ ବ୍ୟତୀତ ବିଭିନ୍ନ ଦେଶରୁ ଗ୍ରାଣ୍ଡମାଷ୍ଟର, ଅନ୍ତର୍ଜାତୀୟ ମାଷ୍ଟର ଓ ଅନ୍ୟ ଟାଇଟଲଧାରୀ



ଅଂଶଗ୍ରହଣ କରିବେ। ତେଣୁ ଅନ୍ତର୍ଜାତୀୟ ସ୍ତରରେ ଉଚ୍ଚ ର୍‌ୟାଙ୍କପ୍ରାପ୍ତ ଖେଳାଳିଙ୍କ ବିପକ୍ଷରେ ନିଜ ଅଭିଜ୍ଞତାକୁ ଅଧିକ ପରିପକ୍ୱ କରିବାର ସୁଯୋଗ ପାଇବେ ସୌମ୍ୟ। ରାଜ୍ୟରେ ୭୯ଟି ଓପନ ଟାଇଟଲ ହାସଲ କରି ରେକର୍ଡ ପଥରେ ଥିବା ସୌମ୍ୟ ଆଗାମୀ ପ୍ରତିଯୋଗିତାର ଓପନ ବିଭାଗରେ ଅଂଶଗ୍ରହଣ କରିବେ। ଏପରି ଏକ ସମ୍ମାନଜନକ ଟୁର୍ନାମେଣ୍ଟ ଖେଳିବାକୁ ସୁଯୋଗ ପାଇଥିବାରୁ ସେ ସ୍ୱାଭାବିକ ଭାବେ ଖୁସି ପ୍ରକାଶ କରିଛନ୍ତି। ଏଥିପାଇଁ ସେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଏବଂ ତାଙ୍କ ନିଯୁକ୍ତି ସଂସ୍ଥା ପୋଷ୍ଟାଲ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି।

# ସ୍ପେନ୍ ନିକଟରୁ ହାରିଲା ଭାରତ

**କୁଆଲାଲାମ୍ପୁର,୭ା୧୨(ପି.ଟି.)** ଏଫ୍‌ଆଇଏଚ୍ ପୁରୁଷ ଜୁନିୟର ହକି ବିଶ୍ୱକପରେ ଭାରତ ୧-୪ରେ ସ୍ପେନ୍ ନିକଟରୁପରାଜିତ ହୋଇଛି। ପ୍ରଥମ ମ୍ୟାଚ୍‌ରେ କୋରିଆକୁ ପରାସ୍ତ କରିଥିବା ଭାରତୀୟ ଦଳ ପରାଜୟ ସହ ପୁଲ୍ ସିରେ ୩ ନମ୍ବର ସ୍ଥାନରେ ରହିଛି। ସ୍ପେନ୍ ପ୍ରଥମ ସ୍ଥାନରେ ରହିଥିବା ବେଳେ ଗୋଲ ବ୍ୟବଧାନରେ ଆଗୁଆ ରହି କୋରିଆ ଦ୍ୱିତୀୟ ସ୍ଥାନରେ ରହିଛି। ଶନିବାର ଭାରତ ଏହାର ଅନ୍ତିମ ମ୍ୟାଚ କାନାଡା ସହିତ ଖେଳିବ। ସ୍ପେନ୍ ପକ୍ଷରୁ କାବ୍ରେ ଭେର୍ଡିଏଲ(୧ ଓ ୪୧) ମିନିଟ ଏବଂ ରାଫି ଆଣ୍ଡ୍ରିଏସ୍(୧୮ ଓ ୬୦) ମିନିଟରେ ଦୁଇଟି ଲେଖାଏ ଗୋଲ ସ୍କୋର କରିଥିଲେ। ଭାରତ ପକ୍ଷରୁ ୩୩ ତମ ମିନିଟରେ ରୋହିତ ଏକମାତ୍ର ଗୋଲ ଦେଇଥିଲେ।

# ଗମ୍ଭୀର-ଶ୍ରୀସନ୍ଥ ବିବାଦ: ତଦନ୍ତ କରିବ ଏଲଏଲ୍‌ସି

**ସୁରଟ, ୭ା୧୨ (ପି.ଟି.):** ଚଳିତ ଲିଜେଣ୍ଡ ଲିଗ୍ କ୍ରିକେଟ (ଏଲ୍‌ଏଲ୍‌ସି)ରେ ବୁଧବାର ଇଣ୍ଡିଆନ କ୍ୟାପିଟାଲ୍ସ ବନାମ ଗୁଜରାଟ ଜାଏଣ୍ଟ୍ସ ମ୍ୟାଚ ବେଳେ ଭାରତୀୟ କ୍ରିକେଟ ଦଳର ଦୁଇ ପୂର୍ବତନ ସାଥୀ ଖେଳାଳି ଗୌତମ ଗମ୍ଭୀର ଓ ଏସ୍. ଶ୍ରୀସନ୍ଥଙ୍କ ମଧ୍ୟରେ ବାକ୍‌ବିତଣ୍ଡା ହୋଇଛି। ଅମ୍ପାୟରଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଗମ୍ଭୀର ଉତ୍ତେଜିତ ହୋଇ ତାଙ୍କୁ 'ଫିକ୍ସର' କହି ଆକ୍ଷେପ କରିଥିବା ଶ୍ରୀସନ୍ଥ ଗୁରୁବାର ଅଭିଯୋଗ କରିଛନ୍ତି। ଏନେଇ ଅଭ୍ୟନ୍ତରୀଣ ତଦନ୍ତ କରିବା ଲାଗି ଏଲ୍‌ଏଲ୍‌ସି ତରଫରୁ ନିଷ୍ପତ୍ତି ନିଆଯାଇଛି। ଯଦି କୌଣସି ଖେଳାଳି ବିଶୃଙ୍ଖଳା କରିଥିବା ପ୍ରମାଣ ମିଳେ ତେବେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏଲ୍‌ଏଲ୍‌ସି କୋଡ୍ ଅଫ୍ କଣ୍ଡକ୍ଟ ଆଣ୍ଡ ଏଥିକ୍ସ କମିଟି ମୁଖ୍ୟ ସୟଦ କିରମାନୀ କହିଛନ୍ତି। ସୂଚନାଯୋଗ୍ୟ, ଆଇପିଏଲ୍ ୨୦୧୩ ସ୍ପଟ ଫିକ୍ସିଂ ସ୍କାଣ୍ଡାଲରେ ସମ୍ପୃକ୍ତି ଅଭିଯୋଗରେ ଶ୍ରୀସନ୍ଥ ଆଜୀବନ ବାସନ୍ଦ ହୋଇଥିଲେ। ୨୦୧୯ରେ ବାସନ୍ଦ ମିଆଦ ୭ ବର୍ଷକୁ ହ୍ରାସ କରିଦିଆଯାଇଥିଲା। ଶ୍ରୀସନ୍ଥ କହିଛନ୍ତି ସେ କୌଣସି ଖରାପ ଶବ୍ଦ ପ୍ରୟୋଗ କରି ନ ଥିବାବେଳେ ଗମ୍ଭୀର କାହିଁକି 'ଫିକ୍ସର' ବୋଲି କହିଲେ ସେ ବୁଝିପାରୁ ନାହାନ୍ତି। ଲିଜେଣ୍ଡ ଲିଗ୍ କ୍ରିକେଟରେ ଗମ୍ଭୀର ଇଣ୍ଡିଆ କ୍ୟାପିଟାଲ୍ସ ଦଳର ଅଧିନାୟକ ରହିଥିବା ବେଳେ ଶ୍ରୀସନ୍ଥ ଗୁଜରାଟ ଜାଏଣ୍ଟ୍ସ ତରଫରୁ ବୋଲର ଭାବେ ପ୍ରତିନିଧିତ୍ୱ କରୁଛନ୍ତି।

# ବିନ୍ନି ହେଲେ ଡବ୍ଲ୍ୟୁପିଏଲ୍ କମିଟି ମୁଖ୍ୟ

**ନୂଆଦିଲ୍ଲୀ, ୭ା୧୨ (ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଗୁରୁବାର ୮ଜଣ ସଦସ୍ୟ ବିଶିଷ୍ଟ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) କମିଟି ଗଠନ କରିଛି। ବିସିସିଆଇ ସଭାପତି ରୋଜର ବିନ୍ନିଙ୍କୁ ଏହାର ଅଧକ୍ଷ କରାଯାଇଛି। ବିସିସିଆଇ ସମ୍ପାଦକ ଜୟ ଶାହାଙ୍କୁ ଏହାର ଆବାହକ କରାଯାଇଛି। କମିଟିରେ ଅନ୍ୟ ସଦସ୍ୟମାନେ ହେଲେ ଅରୁଣ ଧୂମଲ (ଆଇପିଏଲ୍ ଅଧକ୍ଷ), ରାଜୀବ ଶୁକ୍ଳା (ବିସିସିଆଇ ଉପସଭାପତି), ଆଶିଷ ଶେଲାର (ବିସିସିଆଇ କୋଷାଧ୍ୟକ୍ଷ), ଦେବଜିତ ସାଇକିଆ (ବିସିସିଆଇ ଯୁଗ୍ମ ସମ୍ପାଦକ), ମଧୁମତୀ ଲେଲେ ଓ ପ୍ରଭତେଜ ଭାଟିଆ। ଏହି କମିଟି ଡବ୍ଲ୍ୟୁପିଏଲରେ ଅଂଶୀଦାର, ଖେଳାଳି ଏବଂ ପ୍ରଶଂସକଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ପ୍ରତିଯୋଗିତାମୂଳକ ପରିବେଶ ସୃଷ୍ଟି କରିବ। ଡବ୍ଲ୍ୟୁପିଏଲ୍-୨୪ ପାଇଁ ନିଲାମି ଡିସେମ୍ବର ୯ରେ ମୁମ୍ବାଇରେ ହେବ। ଲିଗ୍‌ର ତାରିଖ ଓ ଭେନ୍ୟୁ ଶୀଘ୍ର ଘୋଷଣା କରାଯିବ ବୋଲି ଆଶା କରାଯାଉଛି।

# ସ୍ୱାଧୀନ ରୌପ୍ୟ, ଜୟନ୍ତୀ ବ୍ରୋଞ୍ଜ

### ୱାର୍ଲ୍ଡ ଆବିଲିଟିସ୍ପୋର୍ଟ ଗେମ୍ସ



ସ୍ୱାଧୀନ ମାହାର



ଜୟନ୍ତୀ ବେହେରା

**ଭୁବନେଶ୍ୱର, ୭ା୧୨ (ସରୋଜ ଜେନା)** ଥାଇଲାଣ୍ଡର ନାଖୋନ ରାଚାସିମାରେ ଚାଲିଥିବା ୱାର୍ଲ୍ଡଆବିଲିଟି ସ୍ପୋର୍ଟଗେମ୍ସରେ ଜୟନ୍ତୀ ବେହେରା ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ସ୍ୱାଧୀନ ମାହାର ରୌପ୍ୟ ପଦକ ହାସଲ କରିଛନ୍ତି। ପୂର୍ବରୁ ୧୦୦ ମିଟର ଟି-୪୭ ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଥିବା ଜୟନ୍ତୀ ଗୁରୁବାର ଦ୍ୱିତୀୟ ବ୍ରୋଞ୍ଜ ହାସଲ କରିଛନ୍ତି। ଥାଇଲାଣ୍ଡର ସାସିରାୱାନ ଇଥାଚୋଟ ୨୬.୦୧ ସେକେଣ୍ଡ ସହ ସ୍ୱର୍ଣ୍ଣ ଓ ଇଣ୍ଡୋନେସିଆର ନନ୍ଦାମେଇ ଶୋଲିହା ୨୭.୦୫ ସେକେଣ୍ଡ ସହ ରୌପ୍ୟ ପଦକ ହାସଲ କରିଥିଲେ। ଅନ୍ୟ ପକ୍ଷରେ ଜୟନ୍ତୀ ବେହେରା ୨୭.୨୨ ସେକେଣ୍ଡର ଟାଇମିଂ ସହ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଲଙ୍ଗ ଜମ୍ପର ସ୍ୱାଧୀନ ଟି-୪୨/୪୪/୪୬/୪୭ ବର୍ଗରେ ରୌପ୍ୟ ପଦକ ହାସଲ କରିଥିଲେ। ସ୍ୱାଧୀନ ୫.୯୩ ମିଟରର ଦୂରକୁ ଜମ୍ପ କରିଥିଲେ। ଥାଇଲାଣ୍ଡର ସିରିମୋଙ୍ଗଖୋଲ ଚାଇୱାଟ ୬.୦୩ ମି. ଓ ଇଣ୍ଡୋନେସିଆର ପାର୍ଟିନ ୫.୬୭ ମିଟରର ଜମ୍ପ ସହ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ।


# ଜନ୍ମଦିନ ବିଶେଷାଙ୍କ

# ଧରିତ୍ରୀ 50

ଧରିତ୍ରୀର ୫୦ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ। ଏଥିରେ ଧରିତ୍ରୀର ୫୦ ବର୍ଷର ଯାତ୍ରାପଥରେ ବିଭିନ୍ନ ଉଲ୍ଲେଖନୀୟ ଘଟଣାର ଫଟୋଚିତ୍ର ସମେତ ଦାରୁଦିଅଁଙ୍କ ୫୦ ନୀତି, ୫୦ ମିଠାପିଠା, ଅନୁସରଣୀୟ ୫୦ ବ୍ୟକ୍ତିତ୍ୱ, ଓଡ଼ିଶାର ୫୦ ଜନଜାତି, ପର୍ଯ୍ୟଟନର ୫୦ ଆକର୍ଷଣ, ଓଡ଼ିଆ ସାହିତ୍ୟରେ ଛାପ ଛାଡ଼ିଥିବା ୫୦ ବହି, ୫୦ ଆମ ଖେଳ ଓ ଖେଳାଳି, ୫୦ ଲୋକପ୍ରିୟ ଓଡ଼ିଆ ସିନେମା ଗୀତ ସହ ୧୯୭୪ରୁ ୨୦୨୩ ମସିହା ମଧ୍ୟରେ ଧରିତ୍ରୀର ପୃଷ୍ଠା ମଣ୍ଡନ କରିଥିବା ବହୁ ପ୍ରବୀଣ ଲେଖକଙ୍କ ଗୃହୀତ ଗଳ୍ପ, କବିତା ଓ ପ୍ରବନ୍ଧକୁ ନେଇ ଏହି ସଂଖ୍ୟା ସମୃଦ୍ଧ। ଏଥିସହ ବିଶିଷ୍ଟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର କଳାକୃତିରେ ପୁଷ୍ଟ ଏହି ବିଶେଷାଙ୍କର ପ୍ରଚ୍ଛଦ।

**ମୂଲ୍ୟ:୧୦୦**

**ଯୋଗାଯୋଗ- ଭୁବନେଶ୍ୱର:** ସମୀର ରଞ୍ଜନ ପରିଡ଼ା- ୯୮୫୩୯୮୯୮୫୬
**(କଟକ ସହର,ଖୋର୍ଦ୍ଧା,ପୁରୀ):** ଅରବିନ୍ଦ ପାଠୀ -୭୦୦୮୯୫୦୪୨୫
**କଟକ ସଦର:**ପ୍ରମୋଦ ନାୟକ - ୮୨୪୯୨୯୦୩୭୨
**ବାଲେଶ୍ୱର:** ଆଲୋକ କାନୁନ୍‌ଗୋ-୮୨୪୯୫୮୪୦୧୦
**ସମ୍ବଲପୁର:**ନରୋତ୍ତମ ଜେନା- ୯୩୪୮୨୦୯୫୩୪
**ଅନୁଗୋଳ:**ସୌରଭ ତ୍ରିପାଠୀ-୮୮୪୭୮୬୨୦୯୨
**ରାୟଗଡ଼ା:**ବିଶ୍ୱଜିତ୍ ପାଲଟାସିଂ-୭୯୭୮୦୩୮୨୦୩
**ବ୍ରହ୍ମପୁର:**ମଳୟ କୁମାର ସାହୁ-୯୪୩୯୬୮୩୯୯୯




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ।

**ଦୂରଭାଷ:** ୦୬୭୪-୨୫୮୦୧୦୧, ୨୫୪୯୩୦୨


1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ